# ଚୌହାଣବୀର ସୁରେନ୍ଦ୍ର ସାଏ

# ଓଡ଼ିଶା ବୀର ସୁରେନ୍ଦ୍ର ସାଏ

ବିଷୟ — **ସୂଚୀ ପତ୍ର** — ପୃଷ୍ଠା


୧- କୋଶଳ ରାଜ୍ୟ — ୧
୨ ବରଗଡ ରାଜ୍ୟ ୧୦
୩ ସମ୍ବଲପୁର ରାଜ୍ୟ ୧୩
୪ ସମ୍ବଲପୁର ରାଜବଂଶ ୩୨
୫ ରହସ୍ୟ ୪୧
୬ ବିପ୍ଳବ ପ୍ରାରମ୍ଭ ୪୬
୭ ସମ୍ବଲପୁର ରାଜଗାଦି ୪୯
୮ ରାମପୁର ଯୁଦ୍ଧ ୫୨
୯ ଶାସନ ପରିବର୍ତ୍ତନ ୫୪
୧୦ ସିପାହି ବିଦ୍ରୋହ ୫୯
୧୧ ବିପ୍ଳବ ଜଗତର ନୂତନ ଆକାର ୬୧
୧୨ ଜେଲ ଫେରାରୀ ସୁରେନ୍ଦ୍ର ସାଏ ୬୫
୧୩ ଗଡପାଟୀ ଯୁଦ୍ଧ ୬୭
୧୪ ଡେରାଘାଟୀ ଯୁଦ୍ଧ ୭୦
୧୫ ସିଂଗିରିଆ ଘାଟୀ ଯୁଦ୍ଧ ୭୨
୧୬ ଝିଂଝିରା ଘାଟୀ ୭୪
୧୭ ଦେବୀଗଡ଼ ଗଡ଼ ୭୬
୧୮ ଘଣ୍ଟମାଳ ୭୮
୧୯ ଇଂରେଜଙ୍କ ଦମନ ନୀତି ୮୩
୨୦ ଆତ୍ମ ସମର୍ପଣ ୮୭

~~୨୧ ଶିଶୁଙ୍କର ଦ୍ୱିତୀୟ ରୂପ ୮୩~~

୨୨ ନିଳକଣ୍ଠ ସ୍ୱାମୀ ଗାଳ୍ପିକ୍ ୯୮

୨୩ ଶିଶୁର ଓ ପିତାମାତା ସମସ୍ୟା ୧୦୫

୨୪ ସୁରେନ୍ଦ୍ର ସାଏଁ ସ୍ମୃତି ୧୦୮

୨୫ ଦୁଃଖା ମୋଷାଲୋପ ୧୧୫

୨୬ ଭାରତ ମାତାଙ୍କୁ ସ୍ୱାଗତ

× ଗୀତ ବାଣିଜ୍ୟ ରତ୍ନକ ୧୧୭

୨୭ ପରିଶିଷ୍ଟ ୧୨୧

୨୮ ପଣ୍ଡା ପତ୍ରାବଳୀ ୧୨୩

୨୯ କାଗଜ ପତ୍ର ୧୪୪

୩୦ ନେତା ଗଣ (ଆଲୋକଚିତ୍ରେ ସଂପୂର୍ଣ୍ଣ) ୧୫୮

ବନ୍ଧୁସ୍ମରଣ-ମହାଯଜ୍ଞରେ ସମ୍ବଲପୁର ପକ୍ଷରୁ ପ୍ରଥମ ଓ ଶେଷ ଆହୁତି ପ୍ରଦାନ କରି ଭାରତ ଜାତୀୟ-ଇତିହାସରେ ଟିକିଏ ସ୍ଥାନ ପାଇବାରୁ ବଞ୍ଚିତ ହୋଇ ନ ଥାନ୍ତେ । ଯେଉଁ ସମୟରେ ଝାନ୍‌ସୀ-ରାଣୀ ଲକ୍ଷ୍ମୀବାଈ, ମହାରାଷ୍ଟ୍ରୀୟ ନାନାସାହେବ ଓ ତାନ୍ତିଆ ତୋପିଙ୍କ ଜାତୀୟ-ବିପ୍ଳବ-ଯଜ୍ଞାନଳର ଶିଖା ନିର୍ବାପିତ ହୋଇ ଯାଇଥିଲା, ସେଥିର ଅନେକ ବର୍ଷ ପୂର୍ବରୁ ସମ୍ବଲପୁର ରାଜ୍ୟର ବନପର୍ବତ-ସମୂହରେ ସ୍ଥାନେ ସ୍ଥାନେ ବିପ୍ଳବହୋମ ଅନୁଷ୍ଠିତ ହୋଇଥିଲା । ଖ୍ରୀଷ୍ଟୀୟ ୧୮୫୭ ମସିହା ଅର୍ଥାତ୍ ତଥାକଥିତ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ସମ୍ବଲପୁର "ଝାଡ଼ଖଣ୍ଡ" ଅଞ୍ଚଳରେ ସେହି ବିପ୍ଳବ-ଯଜ୍ଞର ଅଙ୍କୁରୋନ୍ମେଷଣ ହୋଇଥିଲା । ସେହି ଯଜ୍ଞର ପଛପୁରୋଧା ଥିଲେ ଆମ୍ଭମାନଙ୍କର ଚୌହାଣବୀର ସୁରେନ୍ଦ୍ର ସାଏ ।

ସୁରେନ୍ଦ୍ର ସାଏ ଖିଣ୍ଡାର ଖରପୋଷଦାର (୧) ଧର୍ମ ସିଂହ ଜ୍ୟେଷ୍ଠପୁତ୍ର । ସମ୍ବଲପୁରର ଚତୁର୍ଥ ରାଜା ମଧୁକର ସାଏଙ୍କ ଦ୍ୱିତୀୟ ପୁତ୍ର ଅନିରୁଦ୍ଧ ସାଏ ଖିଣ୍ଡା ଖରପୋଷଦାର ବଂଶର ପ୍ରଥମ ପୁରୁଷ । ଅନିରୁଦ୍ଧ ସାଏଙ୍କ ପୁତ୍ର ମାଧସିଂହ, ତାଙ୍କ ପୁତ୍ର ଦୃପସିଂହ, ତାଙ୍କ ପୁତ୍ର ତେଜସିଂହ, ତାଙ୍କ ପୁତ୍ର କଲ୍ୟାଣ ସିଂହ, ବଳରାମ ସିଂହ ଓ ମନୋହର ସିଂହ ଉକ୍ତ ଧର୍ମସିଂହଙ୍କର ସହୋଦରୀୟ ଅନୁଜ । ସେମାନଙ୍କ ମଧ୍ୟରେ ବଳରାମ ସିଂହ ବଳିଷ୍ଠ ଥିଲେ । ଏହି ବଳରାମ ସିଂହ ତାଙ୍କ ଭ୍ରାତୁଷ୍ପୁତ୍ରମାନଙ୍କର ଶିକ୍ଷାଗୁରୁ ଥିଲେ । ଅନିରୁଦ୍ଧ ସାଏ ଓ ତାଙ୍କ ବଂଶଧର ଦୃପ ସିଂହ ପର୍ଯ୍ୟନ୍ତ ସମ୍ବଲପୁର ରାଜଭବନରେ ରାଜାଙ୍କର ଏକାନ୍ନବର୍ତ୍ତୀ ହୋଇ ବାସ କରୁଥିଲେ । ଉକ୍ତ ବଂଶ ତେଜସିଂହଙ୍କଠାରୁ ଖିଣ୍ଡାରେ ଅବସ୍ଥାନ କରିଥିଲେ ।

---

(୧) ଭରଣପୋଷଣ ଭୋଗିମାନଙ୍କୁ ଖରପୋଷଦାର କହନ୍ତି ।

ସୁରେନ୍ଦ୍ର ସାଏ ୧୮୦୯ ମସିହା ଜାନୁଆରୀ ୨୩ ତାରିଖରେ ଖିଣ୍ଡାରେ ଜନ୍ମପରିଗ୍ରହ କରିଥିଲେ । ତାଙ୍କର ଛଅଭାଇ (ଉଦନ୍ତ, ଧ୍ରୁବ, ଉଜ୍ଜ୍ୱଳ, ଛବିଳ, ଜାଜ୍ୱଲ ଓ ମେଦ୍ଧନୀ ) ପ୍ରତ୍ୟେକେ ଦୁଇ ଦୁଇ ବର୍ଷରେ ସାନ । ଏକମାତ୍ର ଭଗ୍ନୀ ଅଞ୍ଜନା ସବାସାନ ଥିଲେ । ସେ ଆଜୀବନ ଅବିବାହିତା ରହିଥିଲେ ।

ଇଂରେଜ ସରକାରଙ୍କର କାଗଜପତ୍ରରେ ସୁରେନ୍ଦ୍ର ସାଏ ସୁରନ୍ଦର ସାଏ ନାମରେ ଉଲ୍ଲିଖିତ । ତାଙ୍କର ଡାକ ନାମ ସୁନ୍ଦରସାଏ ଥିଲା । ଏହି ପୁସ୍ତକର ଲେଖକ ତାଙ୍କୁ ସୁରେନ୍ଦ୍ର ସାଏ ନାମରେ ଏହି ଅଭିନୟପୂର୍ଣ୍ଣକୁ ସ୍ୱାଗତ କରୁଅଛି । ସେ ଚୌହାଣ ରାଜବଂଶୀୟ ବୀର ଥିଲେ ବୋଲି ତାଙ୍କୁ "ଚୌହାଣବୀର" ବିଶେଷଣରେ ବିଶିଷ୍ଟ କରିଅଛି ।

ସୁରେନ୍ଦ୍ର ସାଏ ସ୍ଲିଟ୍‌ନାଗପୁର ଅନ୍ତର୍ଗତ ବୀରୁ-ରାଜକନ୍ୟାଙ୍କର ପାଣିଗ୍ରହଣ କରିଥିଲେ । ମିତ୍ରଭାନୁ ସାଏ, (୧) ସୁରେନ୍ଦ୍ର ସାଏଙ୍କ ଏକମାତ୍ର ପୁତ୍ର । ତା'ଛଡ଼ା ସୁରେନ୍ଦ୍ର ସାଏଙ୍କ ଏକ କନ୍ୟା ଥିଲେ । ସେ ମଧ୍ୟ ଆଜୀବନ ଅବିବାହିତା ରହିଥିଲେ । ମିତ୍ରଭାନୁ ସାଏ ୧୮୩୯ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ।

ସୁରେନ୍ଦ୍ର ସାଏଙ୍କ ପିତା ଧର୍ମସିଂହ ଶାନ୍ତପ୍ରକୃତିକ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ସେ ନିରୀହ ଭାବରେ ରହିବାକୁ ସୁଖବୋଧ କରୁଥିଲେ । ପୁତ୍ରମାନଙ୍କୁ ତାତ୍କାଳୀନ ଶିକ୍ଷାସରଣୀରେ ପଥିକ କରାଇବାରେ ଧର୍ମସିଂହ ତ୍ରୁଟି କରି ନ ଥିଲେ । ପୁତ୍ରମାନେ ଅଧିକ ଶିକ୍ଷିତ ହୋଇ ନ ପାରିଥିଲେହେଁ ରାମାୟଣ, ମହାଭାରତ ପ୍ରଭୃତି ପଢ଼ିବା ଏବଂ ଚିଠିପତ୍ର ଲେଖି ପଢ଼ି ପାରିବାରେ ଅକ୍ଷମ ନ ଥିଲେ । ରାମ ଆଦିଙ୍କର ଭ୍ରାତୃବାତ୍ସଲ୍ୟ ଓ ଯୁଧିଷ୍ଠିର ଆଦିଙ୍କ ସୌହାର୍ଦ୍ଦ୍ୟ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇମାନଙ୍କୁ ପ୍ରଭାବିତ କରିଥିଲା ।

---

(୧) ସରକାରୀ କାଗଜପତ୍ରରେ "ମିତ୍ରଭାନୋ ସାଏ" ଲିଖିତ ।

ଔଦ୍ଧତ୍ୟ ଓ ଆତ୍ମାଭିମାନ ସୁରେନ୍ଦ୍ର ସାଏଙ୍କ ବାଲ୍ୟଜୀବନରୁ ଦେଖା ଯାଇଥିଲା । ବିଦ୍ୟାର୍ଜ୍ଜନ ଅପେକ୍ଷା ଶାରୀରିକ ବଳ ବର୍ଦ୍ଧନ କରିବା ପାଇଁ ସେ ପିଲାକାଳରୁ ଆଗ୍ରହୀ ହୋଇଥିଲେ । ଅଶ୍ୱାରୋହଣ, ଖଡ୍‌ଗଚାଳନ, ଶରରେ ଲକ୍ଷ୍ୟଭେଦକରଣ ତାଙ୍କର କ୍ରୀଡ଼ା-କୌତୁକର ମୁଖ୍ୟକାର୍ଯ୍ୟ ଥିଲା । ପାଣ୍ଡବମାନଙ୍କର ବନବାସ ଓ ରାମଲକ୍ଷ୍ମଣଙ୍କର ବନବାସ-ଜନିତ କଷ୍ଟ-ସହିଷ୍ଣୁତା ସୁରେନ୍ଦ୍ର-ସାଏଙ୍କୁ ଉଦ୍‌ବୁଦ୍ଧ କରିଥିଲା । ତାଙ୍କର ଭାଇମାନେ ସୁଦ୍ଧା ଅଗ୍ରଜଙ୍କର ଆଜ୍ଞାବହ ଓ ଅନୁଗତ ହେବା ପାଇଁ ଆନ୍ତରିକ ପ୍ରୟାସୀ ହୋଇ-ଥିଲେ । ପାଣ୍ଡବମାନଙ୍କର ବନ-ପର୍ବତ-ପର୍ଯ୍ୟଟନ, ବିରାଟରାଜ୍ୟରେ ଆତ୍ମ-ଗୋପନ ଓ ନ୍ୟାଯ୍ୟ ଭାଗପାଇଁ ଧର୍ମାଭିଯାନ ସୁରେନ୍ଦ୍ର ସାଏଙ୍କୁ ନିଜର ବାଲ୍ୟଜୀବନ ଗଠନରେ ପ୍ରଭାବ ଦେଇଥିଲା । ସେତେ-ବେଳେ ସେ ଘୁଣାକ୍ଷରରେ ସୁଦ୍ଧା ଭାବି ନ ଥିଲେ ଯେ, ଏହି ନ୍ୟାଯ୍ୟ ଦାବି ପାଇଁ ତାଙ୍କର ଦୁର୍ଲ୍ଲଭ ମାନବ ଜୀବନ ଦିନେ ପରିତ୍ୟାଗ କରିବାକୁ ହେବ ।

ସୁରେନ୍ଦ୍ର ସାଏ ଭାଇମାନଙ୍କୁ ନେଇ ବ୍ୟାୟାମ କରିବାରେ ଆନନ୍ଦ ପାଉଥିଲେ । ଦ୍ରୁତଗତିରେ ବନପର୍ବତ ମଧ୍ୟରେ ବିଚରଣ କରିବାରେ ସେ ଅକ୍ଳାନ୍ତ ହୋଇଥିଲେ । ତାଙ୍କର ଅନୁଜମାନେ [ ଉଦନ୍ତ, ଧ୍ରୁବ, ଉଜ୍ଜ୍ୱଳ ଓ ଛବିଲ ] ଅଗ୍ରଜଙ୍କ ସମଧର୍ମୀ । ଆନନ୍ଦ ପାଉଥିଲେ । ଗ୍ରାମର ସମବୟସ୍କ ବାଳକଗଣ ସୁରେନ୍ଦ୍ର ସାଏଙ୍କ ଦଳଭୁକ୍ତ ହୋଇଥିଲେ । ସୁରେନ୍ଦ୍ର ସାଏ ସୁଯୋଗବଶତଃ ଜଣେ ଉପଯୁକ୍ତ ଗୁରୁ ପାଇଥିଲେ । ସେ ହେଉଛନ୍ତି—ତାଙ୍କର ପିତୃବ୍ୟ ବଳରାମ ସିଂହ । ସମ୍ବଲପୁର ରାଣୀ ମୋହନକୁମାରୀଙ୍କ ଦେୱାନ ରୂପେ ଏହି ବଳରାମ ସିଂହ ପରେ ନିଯୁକ୍ତ ହୋଇଥିଲେ ।

ସେହି ସମୟରେ ଇଂରେଜ ସରକାରଙ୍କ ଶାସନ ବଭ୍ରାଟ୍ ଓ ରାଜ୍ୟାଧିକାର କୃଟମାତ ସମଗ୍ର ଭାରତରେ ଇଂରେଜ-ବିଦ୍ୱେଷ-ବହ୍ନିର ପ୍ରାଥମିକ ଧୂମରୂପେ କୁହୁଳୁଥିଲା । ବାଳକ ସୁରେନ୍ଦ୍ରଙ୍କର ଅନ୍ତଃକରଣରୁ ସୁଦ୍ଧା ସେହି ଧୂଆଁ ସହସା ବାହାରି ପଡ଼ିଥିଲା । ଏଣୁ ସେ ବାଲ୍ୟ ଜୀବନରୁ ହିଁ ଏକ ବିପ୍ଳବୀ-କାହିନୀ ଗଢ଼ିବାରେ ଲାଗି ଯାଇଥିଲେ । ସେ ରାଜ୍ୟର ତଦାନୀନ୍ତନ ଅବସ୍ଥା ଦେଖି ଉତ୍ତେଜିତ ହେଉଥିଲେ । ତାଙ୍କର ଜୀବନର ଉଦୟ ପୂର୍ବେ ସମ୍ବଲପୁରର ସ୍ୱାଧୀନ ରାଜା ଜୟନ୍ତସିଂହ ଓ ମହାରାଜ ସାଏ (ଯୁବରାଜ), ମହାରାଷ୍ଟ୍ରମାନଙ୍କର ବନ୍ଦଶାଳରେ ରହିଥିଲେ । ସମ୍ବଲପୁର ରାଜ୍ୟଶାସନ ମରହଟ୍ଟା ରାଜାଙ୍କ ନିଯୁକ୍ତ ଭୂପସିଂହ, ପରେ ତାନ୍ତିଆ ଫର୍ଣ୍ଣୀଙ୍କ ପରିଚାଳନା କରିଥିଲେ । ସେହି ୧୮ ବର୍ଷ କାଳ ବର୍ଗୀ ନାମକ ମରହଟ୍ଟା ଦସ୍ୟୁଦଳ ସମ୍ବଲପୁର ରାଜ୍ୟ ଲୁଣ୍ଠନ କରି ଅକଥନୀୟ ଉତ୍ପୀଡ଼ନ କରିଥିଲେ । ଇଂରେଜ ସରକାର ରାଜା ଓ ଯୁବରାଜଙ୍କୁ ମୁକ୍ତ କରି ଆଣିଥିଲେ । ୧୮୦୩ ଖ୍ରୀ: ରେ ଦିଏଁ ଦେଓଗାଁ ସନ୍ଧି ଅନୁସାରେ ଓଡ଼ିଶାରୁ ମରହଟ୍ଟା ଶାସନ ଲୋପ ପାଇଥିଲା ଏବଂ ସଗଡ଼ଜାତ ସମ୍ବଲପୁର ଓ ସମୁଦ୍ରଉପକୂଳ ଅଞ୍ଚଳ ଇଷ୍ଟଇଣ୍ଡିଆ କୋମ୍ପାନୀଙ୍କ ଅଧିକାରକୁ ଆସିଥିଲା । ସେହି କୁକ୍ଷଣ ହିଁ ସମ୍ବଲପୁରର ସ୍ୱାଧୀନତା-ସୂର୍ଯ୍ୟାସ୍ତର ପ୍ରାକ୍କାଳ ।

ଇଂରେଜମାନେ ସମ୍ବଲପୁର ଅଧିକାର ଲାଭ କରିଥିଲେ ହେଁ ଶାସନ କରି ପାରି ନ ଥିଲେ । କାରଣ ସମ୍ବଲପୁର ଜନସାଧାରଣ ଇଂରେଜମାନଙ୍କୁ ଚାହୁଁ ନ ଥିଲେ, ତେଣୁ ୧୮୦୫ ଖ୍ରୀଷ୍ଟାବ୍ଦରେ ଇଂରେଜ ସରକାର ମରହଟ୍ଟା ରାଜାଙ୍କୁ ସମ୍ବଲପୁର ଫେରାଇ ଦେବା ପାଇଁ ବାଧ୍ୟ ହୋଇଥିଲେ । ସମ୍ବଲପୁର ରାଣୀ ରତ୍ନକୁମାରୀ ସେଥିର ପ୍ରତିରୋଧ କରିଥିଲେ । ଯେହେତୁ ମରହଟ୍ଟା ଶାସକ ଭୂପସିଂହ

ଙ୍କ ରାଣୀ ପଟ୍ଟ ନ ଥିଲେ । ସେଥିର ଫଳରେ ରାଣୀ ...ଳପୁର
ଓ ଇଂରାଜଙ୍କ ଆଶ୍ରୟରେ ମାସିକ ୫୭୦୦୯ ବୃତ୍ତି ପାଇ ହଜାରୀ-
ାଗରେ ରହୁଥିଲେ । ୧୮୧୭ ଖ୍ରୀଷ୍ଟାବ୍ଦରେ ଇଂରେଜ ଓ ମରହଟ୍ଟା-
ାନଙ୍କ ମଧ୍ୟରେ ଶେଷ ସଂଘର୍ଷ ହୋଇଥିଲା । ସେହି ଯୁଦ୍ଧରେ
ରହଟ୍ଟା ଶକ୍ତି ଚିରକାଳ ପାଇଁ ବିଧ୍ୱସ୍ତ ହୋଇଗଲା । ଇଂରେଜ
ରକାର ସମ୍ବଲପୁର ରାଜା ଜୟନ୍ତସିଂହ ଓ ଯୁବରାଜ
ହାରାଜ ସାଏଙ୍କୁ ବନ୍ଧରୁ ମୁକ୍ତ କରି ଜୟନ୍ତ ସିଂହଙ୍କୁ ତାଙ୍କର
ହାସନରେ ପୁଣି ବସାଇଥିଲେ । ଜୟନ୍ତ ସିଂହ ଅପମାନରେ
ଜଭବନରେ ନ ରହି ମଧୁବନ କୋଠାରେ (୧) ରହୁଥିଲେ
ଏବଂ ପ୍ରାୟ ୧ ବର୍ଷ ରାଜତ୍ୱ କରି ମାନବଲୀଳା ସମ୍ବରଣ କରିଥିଲେ ।
ଂରେଜ ସରକାର ଯୁବରାଜ ମହାରାଜ ସାଏଙ୍କୁ ୧୮୧୮ ସାଲରେ
ଜସିଂହାସନ ଦେଇ ତାଙ୍କଠାରୁ "ଝାରଖଣ୍ଡ ସାମ୍ରାଜ୍ୟ"ର ସାର୍ବ-
ଭୌମତ୍ୱ କାଢ଼ିନେଲେ ଏବଂ ପ୍ରଜାମାନଙ୍କ ମନରେ ଶାନ୍ତି ଆଣିବା
ଉଦ୍ଦେଶ୍ୟରେ ୧୮୨୦ ଖ୍ରୀ: ରେ ଏକ ଦରବାର କରି ମହାରାଜ
ଏଙ୍କୁ ୩୪ ଖଣ୍ଡ ଖମାର ଗ୍ରାମ ଦେଇ ନାମମାତ୍ର ରାଜାରୂପେ
ଖିଲେ । ଇଂରେଜମାନେ ସେହିଦିନରୁ ସମ୍ବଲପୁରରେ ପଲଟନ୍
ରଜଭ ପୋଲିସ ରଖିଲେ । କେବଳ କଚେରୀ ଓ ଝାରଖଣିର
ରାଜାଙ୍କ ହାତରେ ରହିଲା । ଫଳତଃ ଅ: ପଲଟିଗଲା
ଜଣ୍ଟ ଗଡ଼ଜାତ ସହିତ ସମ୍ବଲପୁରର ଶାସକରୂପେ ସମ୍ବଲ-
ରେ ଅବସ୍ଥାପିତ ହେଲେ । ମହାରାଜ ସାଏ ନାମମାତ୍ର
ା ରୂପେ ରହିଥିଲେ । ସେ ଚୌହାଣ ରାଜବଂଶର ଗୌରବ
ାଇ ଦେଇଥିଲେ । ବିଶେଷତଃ ସେ ରାଜକର୍ମଚାରୀମାନଙ୍କର

(୧) ବର୍ତ୍ତମାନ ଯେଉଁ ସ୍ଥାନରେ ଡେପୁଟି କମିଶନରଙ୍କ
ଚେରୀ ଅଛି ।

କ୍ରୀଡ଼ାପୁତ୍ତଳିକା ରୂପେ ରହିଥିଲେ । ତାଙ୍କ ସମୟରେ ରାଜ୍ୟରେ ନାନା ଅଶାନ୍ତି ଘଟିଥିଲା । ପ୍ରଜାମାନେ ତାଙ୍କ ପ୍ରତି ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଥିଲେ । "ବର୍ଗୀ" ଆକ୍ରମଣ ବଦଳରେ "ଗଣ୍ଡମାରୁ" ଉପଦ୍ରବ ଆରମ୍ଭ ହୋଇଥିଲା ।

୧୮୨୭ ଖ୍ରୀଷ୍ଟାବ୍ଦରେ ମହାରାଜ ସାଏ ଅପୁତ୍ରକ ଅବସ୍ଥାରେ ପଞ୍ଚତ୍ୱପ୍ରାପ୍ତ ହେଲେ । ଇଂରେଜ ସରକାର ବିଧବା ରାଣୀ ମୋହନକୁମାରୀଙ୍କୁ ରାଜସିଂହାସନରେ ବସାଇଲେ । ତାଙ୍କ ସମୟରେ ରାଜ୍ୟରେ ନାନା ଅତ୍ୟାଚାର ସଂଘଟିତ ହେଲା । ଇଂରେଜ ସରକାର କେତେକ ଗଣ୍ଡଜାତୀୟ ଜମିଦାରଙ୍କ ଭୂମି ଖାର୍ଜ କରି ଦେଇଥିଲେ ଏଣେ ରାଜସ୍ୱର ଚତୁର୍ଥାଂଶ ବଢ଼ାଇ ଦେବାରେ ପ୍ରଜାମାନେ ଉତ୍ତ୍ୟକ୍ତ ହୋଇ ଉଠିଲେ । ଦେବୋତ୍ତର ଓ ବ୍ରହ୍ମୋତ୍ତର ବୃତ୍ତି ଉଚ୍ଛେଦ କରିବା ହେତୁ ରାଜ୍ୟର ସର୍ବତ୍ର ଅଶାନ୍ତି ବଢିଗଲା ।

ସୁରେନ୍ଦ୍ର ସାଏ ଇଂରେଜମାନଙ୍କୁ ତଡ଼ିବା ପାଇଁ ସୁଯୋଗ ଖୋଜୁଥିଲେ । ସେ ସମ୍ବଲପୁର ରାଜସିଂହାସନର ଏକମାତ୍ର ଉତ୍ତରାଧିକାରୀ ରୂପେ ଛିଡ଼ା ହୋଇଥିଲେ । ତେଣୁ ଭିତରେ ଭିତରେ ବିପ୍ଳବୀସେନା ଗଢ଼ୁଥିଲେ । ସେ ଭୂସମ୍ପତ୍ତି-ବଞ୍ଚିତ ଆଦିବାସୀ ଗଣ୍ଡ ବିଂଝାଲ ପ୍ରଭୃତି ସାହସୀ ଜାତି ଘେନି ୧୮୨୭ ଖ୍ରୀଷ୍ଟାବ୍ଦରେ ଅର୍ଥାତ୍ ୧୮ ବର୍ଷ ବୟସରେ ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମ ଆରମ୍ଭ କରିଦେଲେ । ସୁରେନ୍ଦ୍ର ସାଏ ସେହି ସେନାର ନେତୃତ୍ୱ ଗ୍ରହଣ କରି ପ୍ରଥମତଃ ଇଂରେଜଙ୍କ ପ୍ରିୟପାତ୍ର କେତେକ ଗୌନ୍ତିଆଙ୍କ ଗ୍ରାମ ଆକ୍ରମଣ କଲେ । ଏହାହିଁ ସମ୍ବଲପୁରର ଜାତୀୟ ସମର ରୂପେ ପରିଗଣିତ ହେଲା ।

ଚୌହାଣବୀର ସୁରେନ୍ଦ୍ର ସାଏଙ୍କ ଶୌର୍ଯ୍ୟାଭିନୟର ମୋଟା-ାଟି ବୃତ୍ତାନ୍ତ ଏହି କ୍ଷୁଦ୍ର ପୁସ୍ତକର ଉପପାଦ୍ୟ ବିଷୟ । ସେ ମ୍ବଲପୁର ଜାତୀୟ ଜାଗରଣ-ମଞ୍ଚର ପ୍ରଥମ ଅଭିନେତା ଏବଂ ଏହି ୌହାଣଶୌର୍ଯ୍ୟପୂତ କ୍ଷୁଦ୍ର ଖଣ୍ଡିଆ ଜନପଦଟି ଉକ୍ତ ଅଭିନୟର ଙ୍ଗମଞ୍ଚ ହୋଇଥିଲା । କିମ୍ବଦନ୍ତୀ ଓ ଜନଶ୍ରୁତିଗୁଡ଼ିକ ଲେଖକଙ୍କୁ ନେକ ସ୍ଥାନରେ ସାହାଯ୍ୟ କରିଅଛି । ଲେଖକଙ୍କର ମାତାମହ ର୍ଗତ ଦାମୋଦର ଦାଶ ସୁରେନ୍ଦ୍ର ସାଏଙ୍କ ବିଷୟରେ ତଥ୍ୟ ସଂଗ୍ରହ ରିଥିଲେ । ଲେଖକ ତାଙ୍କ ଲେଖା ପାଇ ପାରିଥିଲା ।

ଉପସଂହାରରେ ବକ୍ତବ୍ୟ ଯେ, ସୁରେନ୍ଦ୍ର ସାଏଙ୍କ ଜୀବନ ରିତ ଓ ତାଙ୍କ କର୍ତ୍ତୃକ ଜାତୀୟ ଜାଗରଣର ସମର ବିବରଣର ହୁ ଐତିହାସିକ ତଥ୍ୟ ମୋର ଶ୍ରଦ୍ଧେୟ ବନ୍ଧୁ, କଟକ ରେଭେନ୍ସା ଲେଜର ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ଜିଲ୍ଲାର ପ୍ରଥମ ବିଲାତଫେରନ୍ତା କୃତିପୁରୁଷ ଶ୍ରୀ ଘନଶ୍ୟାମ ଦାଶ ମୋତେ ଯୋଗାଇ ଦଇଥିବା ହେତୁ ମୁଁ ତାଙ୍କଠାରେ ଆଜୀବନ ଋଣୀ ରହିଲି । ଇତି ।

ସମ୍ପାଦକ

# ଚୌହାଣବୀର ସୁରେନ୍ଦ୍ର ସାଏ

## କୋଶଲ ରାଜ୍ୟ

ଖ୍ରୀଷ୍ଟାବ୍ଦ ୧୧୯୩ ମସିହାରେ ଭାରତର ଶେଷ ସ୍ୱଦେଶୀ ସମ୍ରାଟ୍ ଚୌହାଣ ମହାବୀର ପୃଥ୍ୱୀରାଜଙ୍କ ପତନ ସଙ୍ଗେ ଦିଲ୍ଲୀସିଂହାସନ ୭୫୪ ବର୍ଷ ପର୍ଯ୍ୟନ୍ତ ପଠାଣ, ମୋଗଲ ଓ ଇଂରେଜମାନଙ୍କର ଅଧୀନ ହୋଇଥିଲା । ମହମ୍ମଦ ଘୋରିଙ୍କ ପ୍ରଥମ ଭାରତା-କ୍ରମଣ ସମୟ (ଖ୍ରୀ: ୧୧୯୧)ରୁ ଭାରତରେ ମୁସଲମାନମାନଙ୍କର ଉପନିବେଶ ସ୍ଥାପନର ସୂତ୍ରପାତ ହୋଇଥିଲା । ତତ୍‌ପୂର୍ବେ ମହମ୍ମଦ ଗଜନବୀ ପ୍ରଭୃତି ଭାରତ ଆକ୍ରମଣ କରିଥିଲେ, କିନ୍ତୁ ସେମାନେ ଭାରତର ଧନ ସମ୍ପତ୍ତି ଲୁଣ୍ଠନ ଓ କେତେକ ପ୍ରସିଦ୍ଧ ଦେବମନ୍ଦିର ଧ୍ୱଂସ କରି ଫେରି ଯାଇଥିଲେ । ଏକ ସମୟରେ ଆରବୀୟମାନେ ସିନ୍ଧୁ ପ୍ରଦେଶକୁ ଆରବ ସହିତ ମିଶାଇ ଦେଇଥିଲେ ।

ପୃଥ୍ୱୀରାଜ ରାଜପୁତନାର ଚୌହାଣବଂଶୀୟ ଅଜମୀର ରାଜାଙ୍କର ପୁତ୍ର । ସେ ତାଙ୍କର ମାତାମହ ଅନଙ୍ଗପାଳଙ୍କ ପରେ ଦିଲ୍ଲୀ ସିଂହାସନ ଲାଭ କରିଥିଲେ ( ୧୧୭୭ ଖ୍ରୀଷ୍ଟାବ୍ଦ ) * । କାନ୍ୟକୁବ୍‌ଜ (କନୌଜ) ରାଜା ଜୟଚ୍ଚନ୍ଦ୍ର (ଜୟଚନ୍ଦ୍ର) ଅନଙ୍ଗପାଳଙ୍କ ଜ୍ୟେଷ୍ଠ ଦୌହିତ୍ର ହୋଇଥିଲେ ହେଁ, ସେ ଦିଲ୍ଲୀ ସିଂହାସନ ଲାଭରୁ ବଞ୍ଚିତ ହୋଇଥିଲେ । ଏହି ଭ୍ରାତୃବିବାଦ ଭାରତର ସ୍ୱାଧୀନତା ଧ୍ୱଂସର ମୂଳ

---

* ଇତିହାସାନ୍ତରରେ ପୃଥ୍ୱୀରାଜ ଅନଙ୍ଗପାଳଙ୍କ ଜାମାତା ବୋଲି କଥିତ । (Indian History)

କାରଣ ହୋଇଥିଲା । ପୃଥ୍ୱୀରାଜ ଦିଲ୍ଲୀ ରାଜଧାନୀରୁ ୧୧ ମାଇଲ ଦୂରରେ "ରାଇପିଥୋରା" ନାମକ ଏକ ସୁନ୍ଦର ଦୁର୍ଗ ଓ ରାଜଭବନ ନିର୍ମାଣ କରି ସେଠାରେ ରହୁଥିଲେ ।

ଜୟଚନ୍ଦ୍ର ପୁରାଣପ୍ରସିଦ୍ଧ ଦାନବୀର ହରିଶ୍ଚନ୍ଦ୍ରଙ୍କ ବଂଶଧର । ସେ ପୃଥ୍ୱୀରାଜଙ୍କର ଐଶ୍ୱର୍ଯ୍ୟ ଦେଖି ଈର୍ଷ୍ୟାନ୍ୱିତ ହୋଇ ଏକ ରାଜସୂୟ ଯଜ୍ଞାନୁଷ୍ଠାନ କରିଥିଲେ ଏବଂ ଆପଣାକୁ ଭାରତସମ୍ରାଟ୍ ବୋଲି ଘୋଷଣା କରିଥିଲେ । ପୃଥ୍ୱୀରାଜ ତାଙ୍କର ନିମନ୍ତ୍ରଣ ଗ୍ରହଣ କରି ନ ଥିଲେ । ତା' ପରେ ଜୟଚନ୍ଦ୍ର ତାଙ୍କର କନ୍ୟା ସଂଯୁକ୍ତାଙ୍କର ସ୍ୱୟମ୍ୱର ଅନୁଷ୍ଠାନରେ ପୃଥ୍ୱୀରାଜଙ୍କୁ ନିମନ୍ତ୍ରଣ କରି ନ ଥିଲେ । ଜୟଚନ୍ଦ୍ର ପୃଥ୍ୱୀରାଜଙ୍କୁ ଅପମାନ ଦେବା ଉଦ୍ଦେଶ୍ୟରେ ତାଙ୍କର ଗୋଟାଏ ମୃତ୍ତିକା ମୂର୍ତ୍ତି ସ୍ୱୟମ୍ୱର ସଭାର ଦ୍ୱାରଦେଶରେ ଦ୍ୱାରୀବେଶରେ ସ୍ଥାପନ କରିଥିଲେ ।

ସଂଯୁକ୍ତା ବାଲ୍ୟକାଳରେ ତାଙ୍କର ମାତାଙ୍କର ପିତାଳୟ ଦିଲ୍ଲୀ-ରାଜବାଟୀକୁ ଯାତାୟାତ କରୁଥିଲେ । ସେଠାରେ ପୃଥ୍ୱୀରାଜଙ୍କ ସହିତ ତାଙ୍କର ଦେଖାଚାହାଁ ହୋଇଥିଲା ଏବଂ ପୃଥ୍ୱୀରାଜଙ୍କୁ ସେ ଆତ୍ମସମର୍ପଣ କରିଥିଲେ । ସଂଯୁକ୍ତା ତାଙ୍କର ପିତାଙ୍କ କାର୍ଯ୍ୟରେ ବ୍ୟଥିତା ହୋଇ ଭିତରେ ଭିତରେ ପୃଥ୍ୱୀରାଜଙ୍କଠାକୁ ଗୁପ୍ତଦୂତ ପଠାଉଥିଲେ । ପୃଥ୍ୱୀରାଜ ଛଦ୍ମବେଶରେ ଓ ଛଦ୍ମ ଅଶ୍ୱାରୋହୀ ସେନା ସହିତ ସ୍ୱୟମ୍ୱର ସଭା ଗୃହର ବହିର୍ଭାଗରେ ରହିଥିଲେ । ସଂଯୁକ୍ତା ବରମାଳା କରରେ ରାଜସଭାରେ ବୁଲି ସେହି ମୃତ୍ତିକା ମୂର୍ତ୍ତି ଗଳାରେ ବରମାଲ୍ୟ ପିନ୍ଧାଇ ଦେଇଥିଲେ । ଯୁଗପତ୍ ପୃଥ୍ୱୀରାଜ ତାଙ୍କୁ ଅଶ୍ୱପୃଷ୍ଠକୁ ଟାଣିନେଇ ଦିଲ୍ଲୀ ଅଭିମୁଖେ ଅଗ୍ରସର ହୋଇଥିଲେ । ଏ ସମସ୍ୟାରେ ଜୟଚନ୍ଦ୍ରଙ୍କ ଈର୍ଷ୍ୟାଗ୍ନି ଭୟଙ୍କରଭାବରେ ବଢ଼ି ଯାଇଥିଲା । ସେ ପୃଥ୍ୱୀରାଜଙ୍କୁ

ପ୍ରତିଶୋଧଦେବା ଉଦ୍ଦେଶ୍ୟରେ ଦେଶଦ୍ରୋହୀ ଜାତିଦ୍ରୋହୀ ହୋଇଥିଲେ ଏବଂ ଆଫଗାନିସ୍ଥାନର ରାଜା ମହମ୍ମଦ ଘୋରୀଙ୍କୁ ଡକାଇ ଆଣିଥିଲେ ।

ମହମ୍ମଦ ଘୋରୀ ୧୧୯୧ ଖ୍ରୀଷ୍ଟାବ୍ଦରେ ପରାସ୍ତ ହୋଇ ଫେରି ଯାଇଥିଲେ । ୧୧୯୩ ଖ୍ରୀଷ୍ଟାବ୍ଦରେ ପୁଣି ଆକ୍ରମଣ କରି ପୃଥ୍ୱୀରାଜଙ୍କ ସେନା ଦେଖି ଜୟାଶା ଛାଡ଼ିଦେଇ ପୃଥ୍ୱୀରାଜଙ୍କ ସହିତ କପଟ ସଖ୍ୟ ଭାବ ସ୍ଥାପନ କରି ରହିଥିଲେ ଏବଂ ଅକସ୍ମାତ୍ ଆକ୍ରମଣ କରି ପୃଥ୍ୱୀରାଜଙ୍କୁ ବନ୍ଦୀକରି ନେଇ ଯାଇ ହତ୍ୟା କରିଥିଲେ । ପୁଣି ତା' ପରବର୍ଷ ଆସି ଜୟଚନ୍ଦ୍ରଙ୍କୁ ପରାସ୍ତ ଓ ନିହତ କରିଥିଲେ । (ଖ୍ରୀ: ୧୧୯୪)

ମୁସଲମାନମାନଙ୍କର ଭାରତାକ୍ରମଣ ସମୟରେ ରାଜପୁତନା ଅନ୍ତର୍ଗତ ଗଡ଼ସମ୍ବର ଏକ ସମୃଦ୍ଧିଶାଳୀ ହିନ୍ଦୁରାଜ୍ୟ ଥିଲା । ସେଠାରେ ହଛହମ୍ମୀର ଦେବ ନାମକ ଜଣେ ଚୌହାଣବଂଶୀୟ ନରପତି ରାଜତ୍ୱ କରୁଥିଲେ । ଆଫଗାନର ରାଜା ତାଙ୍କ ରାଜ୍ୟ ଆକ୍ରମଣ କରି ତାଙ୍କୁ ବଧ କରିଥିଲେ (୧) । ହଛହମ୍ମୀର ଦେବଙ୍କ ଛ'ରାଣୀଙ୍କ ମଧ୍ୟରେ କନିଷ୍ଠା ରାଣୀ ଅନ୍ତଃସତ୍ତ୍ୱା ଥିଲେ । ସେ ରାଣୀମାନଙ୍କ ପରାମର୍ଶରେ ସ୍ୱାମୀଙ୍କ ଚିତାରେ ସହଗାମିନୀ ନ ହୋଇ ୨।୩ ଜଣ ଭୃତ୍ୟ ସହି ତୀର୍ଥଯାତ୍ରା ଉଦ୍ଦେଶ୍ୟରେ ଓଡ଼ିଶାକୁ ଆସୁଥିଲେ । ଖଡ଼ିଆଲଠାରେ ତାଙ୍କର ଅନୁଚରମାନେ ତାଙ୍କୁ ଓ ତାଙ୍କ ହାତୀକୁ ଛାଡ଼ି ପଳାଇଗଲେ । ରାଣୀ ପଦବ୍ରଜରେ କେତେ ପଥ ଅତିକ୍ରମ କରି ପାଟଣାରାଜ୍ୟସ୍ଥ

---

(୧) ଜନଶ୍ରୁତିରେ ପ୍ରକାଶ, ବଳାସପୁରସ୍ଥ ରତ୍ନପୁର ରାଜା ଖଡ଼ିଆଲ ଆକ୍ରମଣ କରି ସେଠା ଚୌହାଣ ରାଜାଙ୍କୁ ହତ୍ୟା କରିଥିଲେ ; କିନ୍ତୁ ଏହା ଠିକ୍ ନୁହେଁ । ରାଣୀ ଖଡ଼ିଆଲ ଅଞ୍ଚଳରୁ ଆସିଥିବା ହେତୁ ଲୋକେ ଏହା ଅନୁମାନ କରିଥିଲେ ।

ରାମୋଡ଼ଗଡ଼ର ଜମିଦାରଙ୍କ ଗୃହରେ ଆଶ୍ରୟ ନେଇଥିଲେ । ସେହି ସମୟରେ ରାମୋଡ଼ଗଡ଼ରେ ଜଣେ ଆଦିବାସୀ ବିଂଝାଲ ଜାତୀୟ ଜମିଦାର ଥିଲେ । (୧)

ପାଟଣା ରାଜ୍ୟର ସଂକ୍ଷିପ୍ତ ଇତିହାସ ଏଠାରେ ଲେଖିବା ଆବଶ୍ୟକ । ଏହି ରାଜ୍ୟ ପୁରାଣ-ପ୍ରସିଦ୍ଧ ଦକ୍ଷିଣ କୋଶଳର (୨) କେନ୍ଦ୍ରୀୟ ରାଜ୍ୟ ଥିଲା । ଦକ୍ଷିଣରେ ବଂଶଧାରା ନଦୀ ଓ ଉତ୍ତରରେ ମହାନଦୀ ଦକ୍ଷିଣ କୋଶଳର ସୀମାନ୍ତ ଥିଲା । ଦକ୍ଷିଣକୋଶଳ, ମଧ୍ୟକୋଶଳ ଓ ଉତ୍ତର କୋଶଳ ମହାକୋଶଳ ନାମରେ ଅଭିହିତ ହେଉଥିଲା । ଏହି ତ୍ରିକୋଶଳର ନାମ ରାମାୟଣରେ ସୁଦ୍ଧା ରହିଅଛି । ଉତ୍ତରକୋଶଳ ତ୍ରେତାଯୁଗରେ ସୂର୍ଯ୍ୟବଂଶୀୟ ରାଜାମାନଙ୍କର ପୀଠସ୍ଥଳ ହୋଇଥିଲା । ସୂର୍ଯ୍ୟତନୟ ମନୁ ଦେବ ସୃଷ୍ଟିର ଧ୍ୱଂସ ପରେ ହିମାଳୟ ପାର୍ବତ୍ୟ ଅଞ୍ଚଳରେ ତଦୀୟ ସହଧର୍ମିଣୀ ଶ୍ରଦ୍ଧାଙ୍କର ସଂଯୋଗରେ ମାନବ ସୃଷ୍ଟି କରିଥିଲେ । (କାମାୟନୀ) । ନୃପତିବଂଶର ଆଦିପୁରୁଷ ମନୁ । (ରଘୁବଂଶ) । ସେ ସରଯୂକୂଳରେ ଅଯୋଧ୍ୟା ନଗରୀ ପ୍ରତିଷ୍ଠା କରିଥିଲେ । ଉତ୍ତରକୋଶଳ ବା ଅଯୋଧ୍ୟାର ପରବର୍ତ୍ତୀ ରାଜାମାନେ ସସାଗରାଧରା ଅଧିକାର କରିଥିଲେ । ମହାରାଜା ଦଶରଥ ଏହି ବଂଶରେ ଜନ୍ମଗ୍ରହଣ କରିଥିଲେ ।

---

(୧) "ହୀରାଖଣ୍ଡ" ୧ମ ବର୍ଷ, ୧୨ଶ ସଂଖ୍ୟା ।

(୨) କୋଶଳର ଭୌଗୋଳିକ ପରିସ୍ଥିତି ବିଷୟରେ ଐତିହାସିକମାନେ ଏକମତ ନୁହନ୍ତି । ଚୀନ ପରିବ୍ରାଜକ ହୁଏନସାଂଙ୍କ ଭ୍ରମଣ ବୃତ୍ତାନ୍ତରେ ଲେଖାଅଛି ଯେ, କୋଶଳ ରାଜ୍ୟ ଚନ୍ଦ୍ରଭାଗାଠାରୁ ୩୧୭ ମାଇଲ ଓ କୃଷ୍ଣାନଦୀ ତୀରବର୍ତ୍ତୀ ଧରଣୀକୋଟ । ( ଧାନକା କାଢା ) ଠାରୁ ୨୦୦ ମାଇଲ ଦୂରବର୍ତ୍ତୀ ।

ଦକ୍ଷିଣ କୋଶଳ ରାଜକନ୍ୟା କୌଶଲ୍ୟା ଦଶରଥଙ୍କ ବଡ଼ରାଣୀ ଥିଲେ । ହିନ୍ଦୁମାନଙ୍କର ଆରାଧ୍ୟଦେବତା ଶ୍ରୀରାମଚନ୍ଦ୍ର ଉକ୍ତ ରାଜଦମ୍ପତିଙ୍କର ଜ୍ୟେଷ୍ଠପୁତ୍ରରୂପେ ଅବତୀର୍ଣ୍ଣ ହୋଇଥିଲେ । ( ବାଲ୍ମୀକି ରା: ଆ: କା: ୧୬ ପୃଷ୍ଠା ) । ଦକ୍ଷିଣ କୋଶଳ ଓ ଉତ୍କଳ ପରସ୍ପର ସନ୍ନିହିତ ରାଜ୍ୟ । ରଘୁଙ୍କ ଦିଗ୍‌ବିଜୟ ବିବରଣରେ ଏହି କୋଶଳର ନାମ ଚିହ୍ନିତ ହୋଇ ନାହିଁ । ଉତ୍କଳ ଓ କଳିଙ୍ଗର ନାମ କାଳିଦାସ ଉଲ୍ଲେଖ କରିଥିଲେ । ସ୍ମୃତିଶାସ୍ତ୍ରମାନଙ୍କରେ ସୁଦ୍ଧା କୋଶଳ ଓ ଉତ୍କଳର ପାର୍ଥକ୍ୟ ପ୍ରଦର୍ଶିତ ହୋଇନାହିଁ । ପ୍ରାଚୀନ କଳିଙ୍ଗରାଜ୍ୟ ତିନି ଭାଗରେ ବିଭକ୍ତ ହୋଇଥିଲା । ଉତ୍ତର କଳିଙ୍ଗ ବା ଉତ୍କଳିଙ୍ଗ ଶବ୍ଦରୁ ଉତ୍କଳ ନାମର ଉତ୍ପତ୍ତି ହୋଇଥିବା ଅନୁମିତ ହୁଏ । କୋଶଳ ଓ ଉତ୍କଳର ପ୍ରାକୃତିକ ଅବସ୍ଥିତି ଓ ମାନବୀୟ ଆଚାରବ୍ୟବହାର, ଖାଦ୍ୟପାନ ଓ ରୀତିନୀତିର ସାମଞ୍ଜସ୍ୟ ରହିଥିବା ଦେଖାଯାଏ । ସୁତରାଂ କୋଶଳ ଓ ଉତ୍କଳ ଗୋଟିଏ ରାଜ୍ୟ । ଦକ୍ଷିଣ କୋଶଳରେ ଗଙ୍ଗବଂଶୀୟ ରାଜାମାନେ ମଧ୍ୟ ରାଜତ୍ୱ କରିଥିଲେ । ପାଟଣାରାଜ୍ୟର ବିଭିନ୍ନ ସ୍ଥାନରେ ଉକ୍ତ ବଂଶର ରାଜଧାନୀ ପ୍ରତିଷ୍ଠିତ ହୋଇଥିଲା । ଅଦ୍ୟାପି ସେହି ରାଜବଂଶର କୀର୍ତ୍ତିର ଭଗ୍ନାବଶେଷ ଦେଖିବାକୁ ମିଳେ । ଯଶପୁର, ଉଦେପୁର, ସୁରୁଗୁଜା, ଧର୍ମଜୟଗଡ଼, ରାଜନାନ୍ଦଗାଁ, ରତ୍ନପୁର (ବିଲାସପୁର), ରତ୍ନଗିରି, ରାୟଗଡ଼, ଶାରଙ୍ଗଡ଼, ଫୁଲଝର, ବେନ୍ଦ୍ରାନୂଆଁଗଡ଼, ଚନ୍ଦ୍ରପୁର, ଶକ୍ତି, ବରଗଡ଼ (ରାୟଗଡ଼ ଅନ୍ତର୍ଗତ) ଓ ବସ୍ତର ପ୍ରଭୃତି ରାଜ୍ୟ ମଧ୍ୟକୋଶଳର ଅନ୍ତର୍ଗତ ଥିଲା । ଏହି ମଧ୍ୟକୋଶଳକୁ ଗଣ୍ଡୋୟାନ (ଗଣ୍ଡବନ) ପ୍ରଦେଶ କହୁଥିଲେ ।

ଅଷ୍ଟମ ଶତାବ୍ଦୀରେ କୋଶଳର ରାଜା ଜନ୍ମେଜୟ ମହାଭବ ଗୁପ୍ତ ଉତ୍କଳର ରାଜାଙ୍କୁ ଯୁଦ୍ଧରେ ଜିଣି ଉତ୍କଳ ଓ ଦକ୍ଷିଣ କୋଶଳକୁ

ମିଶାଇ ଦେଇଥିଲେ । ଭୁବନେଶ୍ୱରରେ ତାଙ୍କର ରାଜଧାନୀ ପ୍ରତିଷ୍ଠିତ ଥିଲା । (ଖ୍ରୀ : ୭୦୭) । ଉକ୍ତ ରାଜା ଯାଜପୁରରେ ଏକ ବଡ଼ ଯଜ୍ଞ କରିଥିଲେ । ସେ କଳିଙ୍ଗ ରାଜ୍ୟ ଜିଣି "ତ୍ରିକଳିଙ୍ଗାଧିପତି" ଉପାଧି ଧାରଣ କରିଥିଲେ । ସେ ଚୌଦ୍ୱାର ଗଡ଼ ପ୍ରତିଷ୍ଠା କରି ଆଗ୍ରାହାଟରେ ଆଉ ଏକ ଯଜ୍ଞ କରିଥିଲେ । ଉକ୍ତ ରାଜା କାନ୍ୟକୁବ୍ଜରୁ ବ୍ରାହ୍ମଣମାନଙ୍କୁ ଆଣାଇଥିଲେ । ସେହି ବ୍ରାହ୍ମଣମାନଙ୍କ ସଙ୍ଗେ କେତେକ କୃଷିଜୀବୀଜାତି ମଧ୍ୟ ଆସିଥିଲେ । ଓଡ଼ିଶାର ଚଷାଜାତି ଓ ଖଣ୍ଡାୟତ ଜାତି ସେମାନଙ୍କ ବଂଶଧର । ଖୋର୍ଦ୍ଧାର ଉତ୍ତରଜାତି କାନ୍ୟକୁବ୍ଜରୁ ଆଗତ ଜାତିମାନଙ୍କ ମଧ୍ୟରେ ଅଧିକ ସଂଖ୍ୟାରେ ଥିଲେ ।

ରତ୍ନପୁର ଓ ପାଟଣା ରାଜ୍ୟ ଚିରକାଳ ପରସ୍ପର ବିରୋଧୀ ଥିଲେ । ଯେଉଁ ସମୟରେ ଗଡ଼ସମ୍ବର ରାଜ୍ୟର ଚୌହାଣ ରାଜବଂଶୀୟା ବିଧବା ରାଣୀ ପାଟଣା ରାଜ୍ୟରେ ଆଶ୍ରୟ ନେଇଥିଲେ, ସେଥିର କେତେକ ବର୍ଷ ପୂର୍ବେ ରତ୍ନପୁର ରାଜା ପାଟଣା ଆକ୍ରମଣ କରି ପାଟଣାର ଗଙ୍ଗ ରାଜବଂଶର ଉଚ୍ଛେଦ ସାଧନ କରି ଦେଇଥିଲେ । ବାମଣ୍ଡାର ଇତିହାସରୁ ପ୍ରକାଶ, ପାଟଣାଗଡ଼ର ଜଣେ ଆଦିବାସୀ ପ୍ରଜା ଗଙ୍ଗ ରାଜବଂଶର ଶେଷ ଚିହ୍ନସ୍ୱରୂପ ଯୁବରାଜଙ୍କୁ ଲୁଚାଇ ରଖିଥିଲା । ସେହି ଯୁବରାଜଙ୍କୁ ବାମଣ୍ଡାର ଦୁଇଜଣ ଆଦିବାସୀ ନେଇଯାଇ ବାମଣ୍ଡା ରାଜ୍ୟରେ ରାଜା କରିଥିଲେ । ସେ ବାମଣ୍ଡାର ବର୍ତ୍ତମାନ ଗଙ୍ଗ ରାଜବଂଶର ପ୍ରଥମ ପୁରୁଷ । ତାଙ୍କ ନାମ ସରଯୂଦେବ ।

ପାଟଣାରୁ ଗଙ୍ଗ ରାଜବଂଶର ମୂଳୋତ୍ପାଟିତ ହେବା ହେତୁ ପ୍ରଜାମାନଙ୍କ ମଧ୍ୟରୁ ସାତଜଣ ବ୍ୟକ୍ତି ମଲ୍ଲିକ ଉପାଧି ଧାରଣକରି ରାଜପୁରୋହିତ ସହିତ ଆଠ ମଲ୍ଲିକ ରୂପେ ପ୍ରତ୍ୟହ ପାଳିକ୍ରମେ ପାଟଣାରେ ପ୍ରାୟ ୨୦ ବର୍ଷ ରାଜତ୍ୱ କରିଥିଲେ । ରାଜପୁରୋହିତ

ଚନ୍ଦ୍ରଧର ପାଣିଗ୍ରାହୀ ରାମୋଡଗଡ଼ ଜମିଦାରଠାରୁ ସେହି ଆଶ୍ରିତା ଗର୍ଭବତୀ ରମଣୀଙ୍କୁ ଆଣି ଆପଣା ଗୃହରେ ଆଶ୍ରୟ ଦେଇଥିଲେ । ସେହି ରମଣୀଙ୍କ ଗର୍ଭରୁ ରମାଇକୁମାର (ରାମଦେବ ବା ରାମଚନ୍ଦ୍ରଦେବ) ଜନ୍ମ ଗ୍ରହଣ କରିଥିଲେ । ପୁରୋହିତ ଅପୁତ୍ରିକ ଥିଲେ । ସୁତରାଂ ଉକ୍ତ ବାଳକଙ୍କୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରିଥିଲେ । ସେ କେତେକ ଘଟଣାରେ ବାଳକକୁ ରାଜବୀର୍ଯ୍ୟଜାତ ବୋଲି ଜାଣି ତାଙ୍କର ଉପନୟନ ସଂସ୍କାର ଓ ଶିକ୍ଷା କ୍ଷତ୍ରିୟୋଚିତ ଭାବରେ କରିଥିଲେ । ଉକ୍ତ ପୁରୋହିତ ଖୁବ୍ ବଳିଷ୍ଠ ଥିଲେ । ସେ ଗୋଟାଏ ଲୁହା ସାବଳ ଭାଙ୍ଗି ଦେଇଥିବା ହେତୁ ଲୋକେ ତାଙ୍କର ନାମ ସାବଳଭଙ୍ଗା ପାଣିଗ୍ରାହୀ ଦେଇଥିଲେ । ସେ ଯାମୁଲ ନାମକ ଗ୍ରାମ ମାଫି ପାଇଥିଲେ । (କୋ.ଇ.) । ଦିନକରେ ପୁରୋହିତ ଅସୁସ୍ଥ ଥିବା ହେତୁ ରାଜକାର୍ଯ୍ୟ ପରିଚାଳନା ପାଇଁ ରମାଇକୁମାର ପ୍ରେରିତ ହୋଇଥିଲେ । ସେହି ସମୟକୁ ରମାଇକୁମାର ଯୌବନପ୍ରାପ୍ତ ହୋଇଥିଲେ । ସେ ସିଂହାସନ ପୀଠକୁ ଯାଇ ଦେଖିଲେ ଯେ, ଗୋଟାଏ ସୁବର୍ଣ୍ଣ ଲେମ୍ବୁକୁ ସିଂହାସନରେ ସ୍ଥାପନ କରି ସାତଜଣ ମଲ୍ଲିକ (ପୁରୋହିତଙ୍କୁ ନେଇ ଆଠଜଣ, ଯଥେଚ୍ଛା ରାଜତ୍ୱ କରି ଆସୁଛନ୍ତି । ପାଟଣାର ଗଙ୍ଗ ରାଜବଂଶର ବିଧବାରାଣୀ ବିଭିନ୍ନ ଜାତିରୁ ୭ ଜଣ ମଲ୍ଲିକ ନିଯୁକ୍ତ କରିଥିଲେ । ସେ ରାଜବାଟୀରୁ ଗୋଟିଏ ସ୍ୱର୍ଣ୍ଣଲେମ୍ବୁ ଓ ପାଟଖଣ୍ଡା ପଠାଇ ଦେଉଥିଲେ । (କୋଶଳ ଇତିହାସ) । ରମାଇ-କୁମାର ରାଜ୍ୟର ତାତ୍କାଳୀନ ଦୁରବସ୍ଥା ଜାଣି ପାରିଥିଲେ । ସେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱୀର ସୁଯୋଗର ଅପେକ୍ଷାରେ ରହି ଆପଣାକୁ ଯୋଗ୍ୟ କରିବା ସକାଶେ ପ୍ରସ୍ତୁତ ହେଉଥିଲେ । "ଆଠମଲ୍ଲିକରେ ଲେମ୍ବୁଉରଜା" ରାଜତ୍ୱ ପୁରୋହିତ ବ୍ରାହ୍ମଣଙ୍କର ପାଳିତ ପୁତ୍ର ଚୌହାଣ ବୀର ରାମଚନ୍ଦ୍ର ଦେବଙ୍କ ଦ୍ୱାରା ବିଧ୍ୱସ୍ତ ହୋଇଥିଲା । ରମାଇକୁମାର ପାଟଖଣ୍ଡାଟା ଧରି ଲେମ୍ବୁଉରଜାକୁ ଦୁଇଫାଳ କରି

ଦେଇଥିଲେ । ମଲ୍ଲିକ ସାତଜଣ ଯୁବକର ଧୃଷ୍ଟତା ଦେଖି କ୍ରୋଧାନ୍ୱିତ ହୋଇଉଠିଲେ ଏବଂ ଉଦ୍ଧତ ଯୁବକଙ୍କୁ ଶାସ୍ତିଦେବାପାଇଁ ଉଦ୍ୟତ ହେଲେ ; କିନ୍ତୁ ଚାହୁଁ ଚାହୁଁ ସେମାନଙ୍କର ମୁଣ୍ଡ ସାତଟା ଭୂଲୁଣ୍ଠିତ ହୋଇଥିଲା । ତତ୍ପରେ ଉକ୍ତ ବେଦୀର ସାତକୋଣରେ ସାତଟା ମୁଣ୍ଡ ଓ ଗୋଟିଏ କୋଣରେ ସ୍ୱର୍ଣ୍ଣଲେମ୍ବୁ ଦୁଇଫାଳ ପୋତାଇ ସେ ପୁରୋହିତଙ୍କୁ ଡକାଇଥିଲେ । ପୁରୋହିତ ଦମ୍ପତି ପୂର୍ବର ସେହି କାଣ୍ଡ ଶୁଣି ଭୟଭୀତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାଇଥିଲେ । ଦୀର୍ଘ କୋଡ଼ିଏ ବର୍ଷର ଚାକରାଣୀ (ଗଡ଼ସମ୍ବର ରାଜ୍ୟର ବିଧବା ରାଣୀ) (୧) ସ୍ୱୀୟ ପରିଚୟ ଦେଇ ରାଜାଜ୍ଞାପାଳନ ପାଇଁ ପରାମର୍ଶ ଦେଇଥିଲେ ।

ରାମଚନ୍ଦ୍ରଦେବ ଖ୍ରୀଷ୍ଟାବ୍ଦ ୧୧୫୯ ମସିହାରେ କୋଶଳ ରାଜ-ସିଂହାସନରେ ଅଭିଷିକ୍ତ ହୋଇଥିଲେ । ରାଜକୁଳର ବିଧି ଅନୁସାରେ ପୂର୍ବୋକ୍ତ ରାମୋଡ଼ ଗଡ଼ର ଜମିଦାର ରାଜମାତୁଳ ସ୍ଥାନରେ ବରିତ ହୋଇଥିଲେ । ରାଜା ତାଙ୍କୁ ବୁଡ଼ାସମ୍ବର ଜମିଦାରୀ ବେଭାର ସ୍ୱରୂପ ଦେଇଥିଲେ । ଆଗେ ବୁଡ଼ାସମ୍ବର ଜମିଦାରୀ ପାଟଣା ରାଜ୍ୟର ଅନ୍ତର୍ଗତ ଥିଲା । ଉକ୍ତ ଜମିଦାରଙ୍କ ବଂଶଧରଗଣ ଅଦ୍ୟାବଧି ବୁଡ଼ାସମ୍ବର ଜମିଦାରୀ ଭୋଗ କରି ଆସୁଅଛନ୍ତି ଏବଂ ପାଟଣାଗଡ଼ସ୍ଥ ସେହି ବେଦୀରେ ପାଟଣାର ରାଜାମାନେ ଅଭିଷେକକୃତ୍ୟ ପାଳନ କରି ଆସୁଛନ୍ତି । ବୁଡ଼ାସମ୍ବର ଜମିଦାର ମାତୁଳ କାର୍ଯ୍ୟ କରି ଆସୁ ଅଛନ୍ତି ।

ରାମଦେବ ବା ରାମଚନ୍ଦ୍ରଦେବଙ୍କୁ ନାୟକ କରି "କୋଶଳାନନ୍ଦ କାବ୍ୟ" ରଚିତ ହୋଇଥିଲା । ପାଟଣାର ରାଜଗୁରୁ ~~[illegible]~~

(୧) ଏହି ରାଣୀଙ୍କ ନାମ କମଳ କୁମାରୀ (କୋଶଳର ଇତିହାସ

ଉକ୍ତ ସଂସ୍କୃତ କାବ୍ୟର ରଚକ । ସେହି ପୋଥିରେ ପାଟଣା ଚୌହାଣ ରାଜବଂଶାବଳୀ ଓ କୀର୍ତ୍ତି ବର୍ଣ୍ଣିତ ହୋଇଅଛି । ଦିଲ୍ଲୀର ଅଧିଷ୍ଠାତ୍ରୀ ଦେବୀ ଆଶାବତୀ ପାଟଣା ଓ ସୋନପୁରରେ ଅଦ୍ୟାପି ପୂଜା ପାଉଅଛନ୍ତି । କୋଶଳର ଇଷ୍ଟଦେବୀ କୋଶଳେଶ୍ୱରୀ ବା କୋଶଲାଈ ପାଟଣା ଓ ସମ୍ବଲପୁରରେ ପ୍ରତିଷ୍ଠିତା । ସମ୍ବଲପୁର ନନ୍ଦପଡ଼ାରେ କୋଶଲାଈ (କଁସଲାଇ) ମନ୍ଦିର ପ୍ରତିଷ୍ଠିତ । ବ୍ରହ୍ମବୈବର୍ତ୍ତ ପୁରାଣରେ କୋଶଳର ନାମ ରହିଛି ।

ଯଥା:—

"କୋଶଳେଷୁ ନୃପଃ ଖ୍ୟାତଃ ଖ୍ୟାତ ମାର୍ଜାର କେଶରୀ (୧) ।
ସ୍ୱର୍ଣ୍ଣପୁରୀ ପୁରୀ ଖ୍ୟାତା ଖ୍ୟାତା ଚିତ୍ରୋତ୍ପଳା ନଦୀ ॥

"କୋଶଲା ଶାଗ" ଓ "କୋଶଲୀ" (ନାଚବିଶେଷ) କୋଶଳ ରାଜ୍ୟର ପ୍ରତୀକ ରୂପେ ରହିଛି । କୋଶଳ ଇତିହାସର ଗୌରବମୟ ପୃଷ୍ଠା ଏହି ଯେ, ଏହି ରାଜ୍ୟ କେବେ ମୁସଲମାନମାନଙ୍କର ପଦାନତ ହୋଇ ନ ଥିଲା । ପାଟଣେଶ୍ୱରୀ ମନ୍ଦିର ସମ୍ବଲପୁର ସହରର ପୁରୁଣାବସ୍ତିରେ ପ୍ରତିଷ୍ଠିତ । ସୋମଲାଈ ଦେବୀ ପାଟଣା ଓ ସମ୍ବଲପୁରର ଗ୍ରାମେ ଗ୍ରାମେ ପୂଜା ପାଉଅଛନ୍ତି ।

ପାଟଣା ଚୌହାଣ ବଂଶର ରାଜତ୍ୱ କାଳରେ କୋଶଳର ସୀମା ଦକ୍ଷିଣ ଦିଗରେ ବଢ଼ି ଯାଇଥିଲା । କୋଶଳ ରାଜ୍ୟରେ ଶବରବଂଶ, ଚନ୍ଦ୍ରବଂଶ, ସୂର୍ଯ୍ୟବଂଶ, ଗ୍ରହବଂଶ, ମଗଧର ଶିଶୁନାଗ ବଂଶ, ନନ୍ଦବଂଶ, ମୌର୍ଯ୍ୟବଂଶ, ଗୁପ୍ତବଂଶ, କେଶରୀବଂଶ ଓ ଗଙ୍ଗ ବଂଶ ରାଜତ୍ୱ କରିଥିଲେ । ପାଟଣା ରାଜ୍ୟର ଅନେକ

---

(୧) ବୁଢ଼ା ସମ୍ବରସ୍ଥ ନୃସିଂହ ନାଥ । ମୂଷିକ ଦୈତ୍ୟକୁ ମାରିବାପାଇଁ ନୃସିଂହ ବିଡ଼ାଳ ହୋଇଥିଲେ ।

ସ୍ଥାନରେ ସେମାନଙ୍କର ରାଜଧାନୀ ପ୍ରତିଷ୍ଠିତ ହୋଇଥିଲା । ଶତ ଶତ ତାମ୍ର ଫଳକ ଓ ପ୍ରସ୍ତର ଫଳକ ପାଟଣା ରାଜ୍ୟରେ ଦେଖାଯାଏ । ବଡ଼ ବଡ଼ ସହରର ନାମ ଅପଭ୍ରଷ୍ଟ ହୋଇ ସେ ସବୁ ଗ୍ରାମରେ ପରିଣତ ହୋଇ ଯାଇଛି ।

ପାଟଣାର ତ୍ରୟୋଦଶ ରାଜା ନୃସିଂହଦେବ ତାଙ୍କ ସହୋଦରାପୁ ଭ୍ରାତା ବଳରାମ ଦେବଙ୍କୁ ପାଟଣାରାଜ୍ୟର ଅର୍ଦ୍ଧାଂଶ ଭାଗ ଦେଇଥିଲେ । ସେ ପ୍ରଥମରେ ବଳରାମଗଡ଼ ସ୍ଥାପନ କରି ସେଠାରେ ରହୁଥିଲେ । ସେହି ବଳରାମଗଡ଼ ବଲାଙ୍ଗୀର ନାମରେ ଅପଭ୍ରଷ୍ଟ ହୋଇ ଯାଇଛି ଏବଂ ପାଟଣାର ରାଜଧାନୀ ପାଟଣାଗଡ଼ରୁ ବଲାଙ୍ଗୀରକୁ ଉଠି ଆସିଛି ।

---

## ବରଗଡ଼ ରାଜ୍ୟ

ବଳରାମ ଦେବ ଅଙ୍ଗନଦୀର (୧) ଉତ୍ତର କୂଳରୁ ମହାନଦୀର ଦକ୍ଷିଣ କୂଳ ପର୍ଯ୍ୟନ୍ତ ଭାଗ ପାଇଥିଲେ । ଏହି ଭୂଖଣ୍ଡ "ହୁମା ପ୍ରଗଣା" ନାମରେ କଥିତ ହେଉଥିଲା । ହୁମା ଗ୍ରାମରେ ପ୍ରତିଷ୍ଠିତ ପ୍ରସିଦ୍ଧ ବିମଳେଶ୍ୱର ଶିବମନ୍ଦିର ହୁମା ପ୍ରଗଣାର ଅନ୍ତର୍ଭୁକ୍ତ । ପାଟଣା ରାଜ୍ୟର ସୀମା ହୁମା ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଥିଲା । ବଳରାମ ଦେବଙ୍କ ରାଜ୍ୟର ପ୍ରଥମ ନାମ "ହୁମା ରାଜ୍ୟ" ଥିଲା । "ହୁମା" ଶବ୍ଦ "ଉମା" ଶବ୍ଦର ଅପଭ୍ରଂଶ । ଆଜିପର୍ଯ୍ୟନ୍ତ ସମ୍ବଲପୁର ରାଜ୍ୟର

(୧) ଏହି ନଦୀ ଫୁଲଝରରେ ଶୃଙ୍ଗୀ ଓ ପାଟଣା ସୀମାରୁ ଅଙ୍ଗ ନାମରେ କଥିତ । ରାଜମାତା ସାଲେଭଟା ପାଖରେ ନଦୀମଧ୍ୟସ୍ଥ ଗୋଟିଏ ପଥରରେ ବସି ଦୁଇପୁତ୍ରଙ୍କୁ ଅଙ୍କ (ଅଙ୍ଗ) ରେ ବସାଇ ରାଜ୍ୟ ଭାଗ କରିଦେଇଥିଲେ । ତଦବଧି ଶୃଙ୍ଗୀ ନଦୀର ନାମ ଅଙ୍ଗନଦୀ ହୋଇଅଛି ।

ବାଳକାମାନେ "ହୁମୋ" ଗୀତ ଗାଇ ସନ୍ଧ୍ୟାରେ ଦୁଇଦଳରେ ବିଭକ୍ତ ହୋଇ ଖେଳିଥାନ୍ତି । ଲେଖକର ପ୍ରଣୀତ "ବ୍ୟାକରଣ ସ୍ତବ"ରେ ହୁମୋଗୀତ "ସମ୍ବଲାଶ୍ରୀ" ନାମରେ ଗୃହୀତ ହୋଇଅଛି ।

ରାଜା ବଳରାମ ଦେବ ପ୍ରଥମତଃ ଭଟଲି ଗ୍ରାମ ନିକଟବର୍ତ୍ତୀ ଏକ ପଲ୍ଲୀ ଗ୍ରାମରେ ରାଜଧାନୀ ପ୍ରତିଷ୍ଠା କରିଥିଲେ (ଖ୍ରୀ: ୧୫୫୭) । ତତ୍ପରେ ବଡଗାଁରେ ଗଡ଼ ନିର୍ମାଣ କରି ରାଜ୍ୟର ନାମ "ବଡ଼ଗଡ଼" ରଖିଥିଲେ । (୧୫୫୩) । ବଡ଼ଗାଁରେ ବର୍ଣ୍ଣ ଓ ଉଜଆର ନାମକ ଭ୍ରାତୃଦ୍ୱୟ ଜମିଦାର ଥିଲେ । ସେମାନେ ଆଦିବାସୀ ଭଇଁଜାଜାତୀୟ । ଅଦ୍ୟାପି ବରଗଡ଼ରେ ଭଇଁଜା ପଡ଼ାର ଅସ୍ତିତ୍ୱ ରହିଅଛି । ଉକ୍ତ ଦୁଇ ଭାଇ ଧନୁର୍ବିଦ୍ୟାରେ ନିପୁଣ ଥିଲେ । ସେମାନେ ରାଜା ବଳରାମ ଦେବଙ୍କ ସଙ୍ଗେ ଯୁଦ୍ଧକରି ନିହତ ହୋଇଥିଲେ । ଜିରା ନଦୀର ପୂର୍ବ ଦିଗରେ ଗଡ଼ ପ୍ରସ୍ତୁତ ହୋଇଥିଲା । ଅବଧି ମାଟିସ୍ତୂପ ଗଡ଼ର ପରିଚୟ ଦେଉଛି ।

ବରଗଡ ରାଜ୍ୟର ରାଜଧାନୀ ବରଗଡ଼, ରାଜ୍ୟର କେନ୍ଦ୍ରିକ ସ୍ଥାନରେ ଅବସ୍ଥିତ । ରାଜଧାନୀର ନିକଟବର୍ତ୍ତୀ ଅମ୍ବାପାଲି, ଭୁମ୍ବେର ପାଲି, ସାଉଁତପୁର ଓ ବ୍ରହ୍ମପୁରୀ ଗ୍ରାମମାନ ବ୍ରାହ୍ମଣମାନଙ୍କୁ ବୃତ୍ତିରୂପେ ଦିଆଯାଇଥିଲା । ସେମାନେ ବର୍ତ୍ତିଆ ନାମରେ ଅଭିହିତ ହୋଇଥିଲେ । ରାଜଧାନୀର ପୂର୍ବଦିଗସ୍ଥ ମୈଦାନରେ ଶୂଳଦଣ୍ଡ ଦିଆଯାଉଥିଲା । ଲୋକେ ଅଧୁନାପି ସେହି ସ୍ଥାନକୁ "ଶୂଳଆପଦର" ବୋଲି କହି ଆସୁଛନ୍ତି । "ବ୍ରାହ୍ମଣଖାଇ", "ବାବୁପଦର", "ବାହାବଳକଟା", "ଦାମାକଟା", "ମାହାନ୍ତିବନ୍ଧ", "ଗଡ଼ବାଡ଼ୀ" ପ୍ରଭୃତି ନାମ ରାଜଧାନୀର ପରିଚୟ ଦେଉଛି । ଜମିଦାରୀଗୁଡ଼ିକ ରାଜଧାନୀର ଚତୁର୍ଦ୍ଦିଗରେ ଲାଗିରହିଛି । ଏହି ଭୂଖଣ୍ଡ ପାଟଣା ରାଜ୍ୟର ମସ୍ତକ ସ୍ୱରୂପ ।

ବରଗଡ ରାଜ୍ୟ ତିନୋଟି ପ୍ରଧାନ ବିଭାଗରେ ବିଭକ୍ତ । ଝାଇଁ ଓ ଜୀରା ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳ "ଗଣ୍ଡଲପାର" ନାମରେ ଅଭିହିତ । ଏହି ଭାଗରେ ଗଣ୍ଡଲରେ ଲୋକେ ବସବାସ କରୁଥିଲେ । ଦନ୍ତାକୂଲରୁ ମହାନଦୀ ପର୍ଯ୍ୟନ୍ତ ଅଞ୍ଚଳକୁ "ଦେଶଭିତର" କହନ୍ତି । ଝାଇଁଜୋଡ଼ ଓ ମହାନଦୀ ମଧ୍ୟସ୍ଥ ଅଞ୍ଚଳ ନିବିଡ଼ ଅରଣ୍ୟାନୀମୟ ଥିଲା । ତେଣୁ ସେହି ଅଞ୍ଚଳ "ଝାଡ଼ଖଣ୍ଡ" ନାମରେ କଥିତ ହେଉଥିଲା ।

ବରଗଡ଼ ରାଜ୍ୟରେ ଐତିହାସିକ ବିଭବ କିଛି ନାହିଁ । ବଳରାମ ଦେବ ମୋଟେ ୫।୬ବର୍ଷ ମାତ୍ର ବରଗଡ଼ ରାଜଧାନୀରେ ଅବସ୍ଥାନ କରିଥିଲେ । ସେ ଜଣେ ମୃଗୟାପ୍ରିୟ ଓ ରାଜ୍ୟଲିପ୍ସୁ ରାଜା ଥିଲେ । ତେଣୁ ମହାନଦୀର ଉତ୍ତର ପାର୍ଶ୍ୱ ତାଙ୍କର ଦୃଷ୍ଟିକୁ ଆକର୍ଷିତ କରିଥିଲା । ସେ ମହାନଦୀର ଦକ୍ଷିଣ ତଟରେ ଏକ ମୃଗୟା ବାସ ଗଡ଼ ନିର୍ମାଣ କରାଇ ସେଠାରେ ସାମୟିକ ଭାବରେ ଅବସ୍ଥାନ କରୁଥିଲେ । (୧)

ସମ୍ବଲପୁର ରାଜଧାନୀ ପ୍ରତିଷ୍ଠିତ ହେଲାରୁ ବଳରାମ ଦେବଙ୍କ ରାଜ୍ୟର ନାମ ସମ୍ବଲପୁର ହୋଇଥିଲା । ବରଗଡ଼ ରାଜଧାନୀ ରାଜାଙ୍କର ଖମାରଗାଁ ରୂପେ ପରିଣତ ହୋଇଥିଲା । ପରେ ନାରାୟଣ ଦାଶ ଓ କୃଷ୍ଣଦାଶ ଉକ୍ତ ଗ୍ରାମ ଜାଗିର ସ୍ୱରୂପ ପାଇଥିଲେ । ଅଦ୍ୟାପି ତାଙ୍କ ବଂଶଧରଗଣ ବରଗଡ଼ ମାଫିଦାର ହୋଇ ଅଛନ୍ତି ।

ବରଗଡ଼ ବାଣିଜ୍ୟର କେନ୍ଦ୍ରସ୍ଥାନ । ବରଗଡ଼ବଜାର ଓଡ଼ିଶା ପ୍ରଦେଶମଧ୍ୟରେ ବୃହତ୍ତମ । ବରପାଲି ଓ ରେମଣ୍ଡାର କୋଷାବସ୍ତ୍ର, ଟୁକୁରା ଓ କଣ୍ଟାପାଲିର କଂସାପିତ୍ତଳ ବାସନ, ବନକାର ଲୁଗା ଓ

---

(୧) ଗୁଡ଼ୁଭେଲା ( ଘୁଉଲପୁର ) ଗ୍ରାମରେ ସେହି ଗଡ଼ର ଅସ୍ତିତ୍ୱ ରହିଅଛି ।

ବିଜେପୁରର ଗାମୁଛାର ପ୍ରଶସ୍ତି ଆବହମାନ କାଳରୁ ଅକ୍ଷୁଣ୍ଣ ହୋଇ ରହି ଆସିଛି । ଗୋରୁ ଓ ପୋଢ଼ ଏହି ବଜାରରେ ବହୁବହୁର ବ୍ୟାପାର ବଢ଼ାଇ ଦେଇଛି ।

ବ୍ରିଟିଶ ରାଜତ୍ୱ ସମୟରୁ ବରଗଡ଼ ରାଜ୍ୟ ସମ୍ବଲପୁର ଜିଲାର ସବ୍‌ଡିଭିଜନ୍ ରୂପେ ପରିଣତ ହୋଇ ଯାଇଛି । ତହସିଲର ଆକାର ଅଧିକ ବଡ଼ ହେବା ହେତୁ କୁଲିପାଜୋଡ଼ଠାରୁ ସମ୍ବଲପୁର ସବ୍-ଡିଭିଜନ୍‌ର ସୀମା ନିର୍ଦ୍ଦିଷ୍ଟ ହୋଇଅଛି ।

ବରଗଡ଼ ସ. ଡ଼ି. ଗୁଡ଼ଲ ପାଇଁ ପ୍ରସିଦ୍ଧ । ଏ ସ. ଡ଼ି.ରେ ଅନେକ ବଡ଼ ଗ୍ରାମ ଅବସ୍ଥିତ । ବୈଜ୍ଞାନିକମାନଙ୍କ ମତରେ ବରଗଡ଼ ତହସିଲକୁ ବଙ୍ଗୋପସାଗରରୁ ଏବଂ ସମ୍ବଲପୁର ତହସିଲକୁ ଆରବ ସାଗରରୁ ଜଳୀୟ ବାଷ୍ପ ଆସେ । ଉଭୟ ତହସିଲର ମଧ୍ୟବର୍ତ୍ତୀ "ବାରପାହାଡ଼" ନାମକ ପର୍ବତଶ୍ରେଣୀ ଆମ୍ଭମାନଙ୍କର ଚୌହାଣବୀର ସୁରେନ୍ଦ୍ର ସାଏଙ୍କ ଜାତୀୟ ଆନ୍ଦୋଳନର କର୍ମକ୍ଷେତ୍ର ହୋଇଥିଲା । ବରଗଡ଼ ପ୍ରଗଣାର ଅନେକ ଆଦିବାସୀ-ଜାତୀୟ ଜମିଦାର ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ସେନା ବାହିନୀରେ ଯୋଗ ଦେଇଥିଲେ । ଲକ୍ଷ୍ମଣପୁର, ବନ୍ଦା, ଢେଁଷ ଓ ଭେଡ଼େନର ଜମିଦାରମାନେ ସୁରେନ୍ଦ୍ର ସାଏଙ୍କ ଜାତୀୟ ସଂଗ୍ରାମରେ ନେତୃତ୍ୱ ଗ୍ରହଣ କରିଥିଲେ ।

—*—

## ସମ୍ବଲପୁର ରାଜ୍ୟ

"ବରଗଡ଼ ରାଜ୍ୟ"ର ପ୍ରଥମ ଓ ଶେଷ ରାଜା ବଳରାମ ଦେବ । ସେ ଦିନେ ମାହେନ୍ଦ୍ର ମୁହୂର୍ତ୍ତରେ ଗୁଡ଼ିଁରପୁର ଘାଟରେ ମହାନଦୀ ପାରହୋଇ ନିବିଡ଼ ଅରଣ୍ୟରେ ପ୍ରଥମ ପାଦ ପକାଇଥିଲେ ।

ମୃଗୟା କରୁଁ କରୁଁ ରାଜା ଦେଖିଲେ ଯେ, ଗୋଟିଏ ଶଶକ (ଠେକୁଆ, ସମ୍ବଲପୁରରେ ଖାର୍‌ହା) ତାଙ୍କର ଶିକାରୀ କୁକ୍‌କୁରକୁ ଦୌଡ଼ାଇ ଆଣୁଛି ଏବଂ କୁକ୍‌କୁର ମଧ୍ୟ ବାର୍‌ହାକୁ ଦୌଡ଼ାଇ ନେଉଛି । ପରସ୍ପର ବୈରଭାବବିଶିଷ୍ଟ ପଶୁ ଦୁଇଟାର ଏହି କ୍ରୀଡ଼ା କୌତୁକ ଦେଖି ରାଜା ବଳରାମ ଦେବ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଭାବିଲେ ଯେ, ଏହି ସ୍ଥାନର କିଛି ପ୍ରଭାବ୍ ଥିବ । ସେ କାରଣ ଜାଣିବା ନିମନ୍ତେ ସେହି ବନରେ ରାତ୍ରିରେ ଶୋଇ ରହିଲେ । ସ୍ୱପ୍ନାବସ୍ଥାରେ ଜାଣିଲେ ଯେ, ସମଲାଈ ଦେବୀ ସେହି ବନରେ ରହିଛନ୍ତି । ତା'ପର ଦିନ ନଦୀ ତଟବର୍ତ୍ତୀ ଗୋଟିଏ ଶିମୁଳୀ ବୃକ୍ଷ ମୂଳରେ ଦେବୀଙ୍କ ପାଷାଣ ମୂର୍ତ୍ତି ଦେଖି ତାଙ୍କର ସ୍ୱପ୍ନାଦେଶମତେ ଅରଣ୍ୟ କଟାଇ ସେଠାରେ ଦୁର୍ଗ ଓ ରାଜଧାନୀ ପ୍ରତିଷ୍ଠା କଲେ । (ଖ୍ରୀ: ୧୫୬୦ ଇଃ) ।

ମହାନଦୀର ଉତ୍ତରକୂଳ ପର୍ଯ୍ୟନ୍ତ ସୁର୍‌ଗୁଜା ରାଜ୍ୟର ସୀମା ବିସ୍ତୃତ ଥିଲା । ନଦୀକୂଳରେ ଏକ କେଉଟ ପଲ୍ଲି ଗ୍ରାମ କେଉଁ ଅଜ୍ଞାତ ଯୁଗରୁ ରହିଥିଲା । ସେଠା ଅଧିବାସୀମାନେ ଶିମୁଳାଈଙ୍କ ନାମାନୁସାରେ ପାଲର ନାମ ଶିମୁଳାଈ ପାଲି ଦେଇଥିଲେ । ପରେ ସେହି ନାମ ସମଲାଈ ପାଲିରେ ପରିଣତ ହୋଇଥିଲା । ବଳରାମଦେବ ନୂଆ ରାଜଧାନୀ ନାମ ସମ୍ବଲପୁର ରଖିଥିଲେ । ରାଜଧାନୀର ନାମାନୁସାରେ ରାଜ୍ୟର ନାମ ସମ୍ବଲପୁର ହୋଇଥିଲା । ରାଜା ସୋମବଂଶୀୟ, ତେଣୁ ତାଙ୍କର ଇଷ୍ଟଦେବୀଙ୍କ ନାମ ସୋମଲା, ସୋମଲେଶ୍ୱରୀ,— ସମ୍ବଲେଶ୍ୱରୀ ନାମରେ କଥିତ ହୋଇଥିବା ବ୍ୟାକରଣ-ସମ୍ମତ । "ସମ୍ବଲପୁର" ଶବ୍ଦ ଲୋକମୁଖରେ "ସମ୍ବଲପୁର୍" ଓ "ସମଲପୁର" ରୂପେ ଉଚ୍ଚାରିତ ହୋଇଥିବା ଅସ୍ୱାଭାବିକ ନୁହେଁ ।

ସୁର୍‌ଗୁଜା ମଗଧ ରାଜ୍ୟର ଅନ୍ତର୍ଗତ । ମଗଧ ରାଜ୍ୟରେ ଗୟା-ସୁର ନାମରେ ଏକ ରାକ୍ଷସ ରାଜତ୍ୱ କରୁଥିଲା । ଗୋଟାଏ ଦଥରରେ

ଗଧ, ଗାଈ ଓ ଚନ୍ଦ୍ରର ପ୍ରତିରୂପ ଖୋଦିତ ହୋଇ କେଉଁ ଯୁଗରୁ ଏହି ଅରଣ୍ୟରେ ସ୍ଥାପିତ ହୋଇଥିଲା । ଇଂରେଜ ସରକାର ସେହି ସୀମାଚହ୍ନିତ ପଥରଟା ସମ୍ବଲପୁରରୁ ନେଇ ରାଯ୍ପୁର ମ୍ୟୁଜିୟମରେ ରଖିଥିଲେ । "ଗଧ" ମଗଧର ଚହ୍ନ, "ଗାଈ" ବରାଟରାଜ୍ୟର ଚହ୍ନ ଓ "ଚନ୍ଦ୍ର" ସୋମବଂଶୀୟ ରାଜଚହ୍ନ । ସେହି ପଥର ହିକୁଟୀ ପଥର ରୂପେ ବାଲିବନ୍ଧା ନିକଟସ୍ଥ ଗୋଟିଏ ବୃକ୍ଷମୂଳରେ ଅବସ୍ଥାପିତ ଥିଲା ।

ଓଡ଼ିଶାକୁ ଲୋକେ ବରାଟ ରାଜ୍ୟ ବା ମତ୍ସ୍ୟଦେଶ ବୋଲି କହୁଥିଲେ । ମଦ୍ରଦେଶ (ମଗଧ) ଓ ମତ୍ସ୍ୟଦେଶ ପରସ୍ପର ସନ୍ନିହିତ ରାଜ୍ୟ । କଟକ ଚୌଦ୍ୱାରରେ "ବରାଟ ଗଡ଼"ର ଚହ୍ନ ଅବଧି ରହିଅଛି । ସମ୍ବଲପୁର ସହରବାସୀ ଜନସାଧାରଣଙ୍କ ମଧ୍ୟରେ ଗୋଟାଏ ସଂସ୍କାର ବଦ୍ଧମୂଳ ହୋଇ ରହିଥିଲା ଯେ, ଏହି ସହର ଭିତରେ କୌଣସି ମନୁଷ୍ୟ ମଲେ, ସେ ଗଧ ଯୋନିରେ ପୁନର୍ଜନ୍ମ ଗ୍ରହଣ କରେ । ଏଣୁ ମୁମୂର୍ଷୁ ମନୁଷ୍ୟକୁ ମହାନଦୀ ବାଲିକୁ ନେଇ ଯାଉଥିଲେ । ଏହି କୁଷ୍ଟି ୩୦ । ୪୦ ବର୍ଷ ହେଲା ଛାଡ଼ି ଯାଇଛି ।

ବଲରାମଦେବଙ୍କ ଦୁଇ ରାଣୀ ଥିଲେ । ସାନ ରାଣୀ ସୁର୍ଗୁଜା-ରାଜକନ୍ୟା । ସେ ମୁଖରା ଓ ପିତୃସମ୍ମାନଗର୍ବିଣୀ ଥିଲେ । ତାଙ୍କ ଯୋଗେ ସୁର୍ଗୁଜା ଓ ସମ୍ବଲପୁର ମଧ୍ୟରେ ଯୁଦ୍ଧ ବିଗ୍ରହ ସଂଘଟିତ ହୋଇଥିଲା । କୁଲାବିରା ପାଖ ଭେଡ଼େନ ନଦୀକୂଳରେ ଉକ୍ତ ଯୁଦ୍ଧ ହୋଇଥିଲା । ସୁର୍ଗୁଜା ଯୁଦ୍ଧ ସମ୍ବନ୍ଧରେ ଅନେକ କିମ୍ବଦନ୍ତୀ ଶୁଣାଯାଏ । ତେବେ ଏହା ସତ୍ୟ ଯେ ସୁର୍ଗୁଜା ରାଜା ପରାଜିତ ହୋଇ ସନ୍ଧି କରିବାକୁ ବାଧ୍ୟ ହୋଇଥିଲେ । ସୁର୍ଗୁଜା ରାଜା ତାଙ୍କର ଇଷ୍ଟଦେବତା ଅନନ୍ତଶଯ୍ୟା ବିଗ୍ରହ ଛାଡ଼ିଦେଇ ଫେରି ଯାଇଥିଲେ ।

ଏହି ଯୁଦ୍ଧର ଫଳରେ ସମ୍ବଲପୁର ରାଜ୍ୟର ସୀମା ଗାଙ୍ଗପୁର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ସାନ ରାଣୀ ସ୍ୱପିତୃକୁଳର ଇଷ୍ଟଦେବ ବିଗ୍ରହ ଆଣି ସମ୍ବଲପୁରରେ ସ୍ଥାପନ କରିଥିଲେ । ସୁରୁଗୁଜା ଯୁଦ୍ଧର ସ୍ମୃତିରକ୍ଷା କଳ୍ପେ କୁଲବିରା ଜମିଦାରୀର ନାମ ଜୟପୁର ଦିଆ ହୋଇଥିଲା । କୁଲବିରାର ଗଙ୍ଗବଂଶୀୟ ରାଜା ସୁରୁଗୁଜା ରାଜାଙ୍କୁ ସାହାଯ୍ୟ କରିଥିଲେ ବୋଲି ରାଜା ବଳରାମଦେବ ତାଙ୍କୁ ତଡ଼ିଦେଇ ଉକ୍ତ ରାଜ୍ୟ ଜମିଦାରୀ ରୂପେ ଜଣେ ଆଦିବାସୀ ସେନାପତିଙ୍କୁ ପ୍ରଦାନ କରିଥିଲେ । ଏହାହିଁ ସମ୍ବଲପୁର ରାଜ୍ୟର ପ୍ରଥମ ଜମିଦାର । ଆମ୍ଭମାନଙ୍କ ଚୌହାଣବୀର ସୁରେନ୍ଦ୍ର ସାଏ କୁଲବିରାକୁ କେନ୍ଦ୍ର କରି ଜାତୀୟ ସ୍ୱାଧୀନତା ସମର ଚଳାଇଥିଲେ । ବ୍ରିଟିଶ ସରକାର ସେହି ଆକ୍ରୋଶରେ କୁଲବିରାର ଜମିଦାର (ବୃଦ୍ଧ) ଏବଂ ପରେ ତାଙ୍କର ପୁତ୍ର [ଯୁବକ]ଙ୍କୁ ଫାଶୀ ଦେଇଥିଲେ ।

ବଳରାମ ଦେବ ସମ୍ବଲପୁର ରାଜ୍ୟର ପ୍ରଥମ ପ୍ରତିଷ୍ଠାତା । ତାଙ୍କ ସମୟରେ ରାଜ୍ୟବୃଦ୍ଧିର ସୂତ୍ରପାତ ହୋଇଥିଲା । ତାଙ୍କ ପୁତ୍ର ହୃଦୟନାରାୟଣ ଦେବ ସୋମଲାଇ ମନ୍ଦିର ନିର୍ମାଣ କରିଥିଲେ । ମହାରାଜା ବଳିଆର ସିଂହ "ହୀରଖଣ୍ଡ ସମ୍ରାଜ୍ୟ" ପ୍ରତିଷ୍ଠାତା ଥିଲେ । ତାଙ୍କ ଯୋଗେ ଚୌହାଣ ରାଜବଂଶର ଶୌର୍ଯ୍ୟ ଏ ଅଞ୍ଚଳର ରାଜସମାଜକୁ ବିସ୍ମିତ କରି ଦେଇଥିଲା । ମହାରାଜା ଛତ୍ରସାଏଙ୍କ ସମୟରେ ସମ୍ବଲପୁର ରାଜ୍ୟର ଆଭ୍ୟନ୍ତରୀଣ ଉନ୍ନତି ହୋଇଥିଲା । ନାଗରିକ ଓ ଜାନପଦ ଜନସାଧାରଣ ସୁଖଶାନ୍ତିରେ କାଳଯାପନ କରୁଥିଲେ । ଓଡ଼ିଶା, ବିହାର, ଗଣ୍ଡବନ ଓ ଗଞ୍ଜାମର ରାଜବଂଶ-ମାନେ ଚୌହାଣ ରାଜବଂଶ ସହିତ ଯୌନ ସମ୍ବନ୍ଧ କରିବା ପାଇଁ ଗୌରବ ଅନୁଭବ କରୁଥିଲେ । ଗାଙ୍ଗପୁର, ଯଶପୁର, ସୁରୁଗୁଜା, ସରେଇକଳା, ଖରସୁଆଁ, ପୋଡ଼ାହାଟ, ବାମଣ୍ଡା, ବଣାଇ,

ରେଢ଼ାଖୋଲ, ବୌଦ୍ଧ, ମୟୂରଭଞ୍ଜ, କେନ୍ଦୁଝର, ରଣପୁର, ସାନ-ଖେମଣ୍ଡୀ, ବଡଖେମଣ୍ଡୀ ଓ କଳାହାଣ୍ଡି ପ୍ରଭୃତି ରାଜବଂଶ କୋଶଳ ଚୌହାଣରାଜବଂଶ ସହିତ ବୈବାହିକ ସମ୍ବନ୍ଧ ସ୍ଥାପନ କରିଥିଲେ । ହିନ୍ଦୁଜଗତର ଚଳନ୍ତି ବିଷ୍ଣୁ ଗଜପତି ମୁକୁନ୍ଦ ଦେବ ବଳଆରସିଂହଙ୍କୁ ସ୍ୱୀୟ ଭଗ୍ନୀଙ୍କୁ ସମ୍ପ୍ରଦାନ କରିଥିଲେ । ତାତ୍କାଳୀନ ରାଜାମାନଙ୍କ ସହିତ ସମ୍ବଲପୁର ରାଜାଙ୍କର ପତ୍ର ବ୍ୟବହାର ଥିଲା । ସ୍ଥାନାନ୍ତରରେ ପ୍ରକାଶିତ ଧାମନଗଣ୍ଡ (ତାଳଚେର) ରାଜାଙ୍କ ଖଣ୍ଡିଏ ପତ୍ରରୁ ସମ୍ବଲପୁର ରାଜାଙ୍କର ପ୍ରଶସ୍ତିର ପରିଚୟ ମିଳେ । ଛତ୍ରସାଏଙ୍କ ରାଜବୈଦ୍ୟ ଗୋପୀନାଥ ଷଡ଼ଙ୍ଗୀଙ୍କ ଦ୍ୱାରା ସମ୍ପାଦିତ "ଚିକିତ୍ସା-ମଞ୍ଜରୀ" ନାମକ ଆୟୁର୍ବେଦୀୟ ଗ୍ରନ୍ଥରୁ ସମ୍ବଲପୁର ରାଜଧାନୀ ଓ ରାଜ୍ୟର ଭୌଗୋଳିକ ଓ ଐତିହାସିକ ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏ । ରାଜବୈଦ୍ୟ ତାଙ୍କର "ଆତ୍ମକଥା"ରେ ପ୍ରକାଶିତ କରିଥିବା ପଦ୍ୟଟି ମୁଦ୍ରିତ "ଚିକିତ୍ସା ମଞ୍ଜରୀ" ପୁସ୍ତକରୁ ନିମ୍ନରେ ଉଦ୍ଧୃତ ହେଲା:—

## ଆତ୍ମକଥା

"ଉତ୍କଳ ଦେଶ ମହାନଦୀତୀରେ । ସମ୍ବଲପୁର ଅଭିଧା ଗ୍ରାମରେ ॥
ଯହିଁ ଅଛନ୍ତି ଦେବୀ ସୋମଲାଈ । ସକଳ ଅର୍ଥ ସେବା କଲେ ପାଇ ॥
ଶ୍ରୀ ଛତ୍ରସାଏ ଯହିଁରେ ରାଜନ । କ୍ଷତ୍ରିୟକୁଳକମଳ ତପନ ॥
ଅଠର ଗଡ଼ ତେର ଦଣ୍ଡପାଟ । ବତିଶ ସହସ୍ର ବଳ ମୁରାଟ ॥
ସୀମା ଅଟଇ ବିଶାଶତେ କୋଶ । ଉପମା ଯାର ନାହିଁ ଆନ ଦେଶ ॥
ନଗରର ନାମ ସମ୍ବଲପୁର । ନିୟୁତିଏ ସହସ୍ର ବସନ୍ତି ଘର ॥
ବ୍ରାହ୍ମଣ ଆଦି କରି ଚତୁର୍ବର୍ଣ୍ଣ । ସକଳ ବିଦ୍ୟାମାନ ଯହିଁ ପୂର୍ଣ୍ଣ ॥
ଏ ଦେଶେ ଦିବସେ ରହଇ ଯେହୁ । ଅନ୍ୟଦେଶେ ମନ ନ ନିଏ ସେହୁ ॥
ଏରୂପେ ସମ୍ବଲପୁର ନଗର । ତହିଁ ସ୍ଥିତ ଅଟଇ ଆମ୍ଭ ଘର ॥
ଭରଦ୍ୱାଜ ଋଷି ଗୋତ୍ରେ ଜନମ । ଷଡ଼ଙ୍ଗୀ ପଦ ଗୋପୀନାଥ ନାମ ॥

ଶ୍ରୀ ଛତ୍ରସାଏ ନୃପରେ ପୂଜିତ । ବୈଦ୍ୟଗୋଷ୍ଠୀରେ ଅଛଇଁ ବିଦିତ ॥
ସୋମଲେଶ୍ୱରୀ ଅଭୟ ପ୍ରସାଦ । ଲଭିଣ ତହୁଁ ଅଛଇଁ ଆନନ୍ଦ ॥
ଏକଥା ମନରେ ବିଚାରି କରି । ଗ୍ରନ୍ଥ ବାନ୍ଧିଲି ଚିକିତ୍ସା ମଞ୍ଜରୀ ॥
ନାନାଗ୍ରନ୍ଥରୁ ଆଣି ଶ୍ଲୋକସାର । ଦେଶ ଭାଷାରେଣ କରି ବିସ୍ତାର ॥
ତହିଁରେ ଥିଲା ଯେତେ ଅନୁଭବ । ସବୁମନ୍ତ୍ର ଆଣି କରି ଏକଠାବ ॥
ବାଳକ ବୈଦ୍ୟ ହିତରେ ବିଚାରି । ଭାଷାରେ ତାହା କହିଲି ବିସ୍ତାରି ॥
ଆହେ ପଣ୍ଡିତେ ମାଗୁଅଛୁଁ ଏତେ । ମୋହର ଦୋଷ ନ ଧେନିବ ଚିତ୍ତେ
ମୋହର ଯଦି ଶଖ୍ୟ (୧)ନ ଦେଖିବ । ଯଥାର୍ଥ କରି ବିସ୍ତାରି ପଢ଼ିବ ॥
କମଳାକାନ୍ତ ଅଭୟ ଚରଣ । ପଶିବା ଆସ ବେଗରେ ଶରଣ ॥
ଅନିତ୍ୟ ଦେଖ ଏ ନିତ୍ୟ ସଂସାର । କେହି ନୁହନ୍ତି ସେ ଆପଣା ପର ॥
କେବଳ ପାପପୁଣ୍ୟ ଦୁଇ ଯାଇ । ଯାହା ଦେହରେ ଯାହା ଅର୍ଜିଥାଇ ॥
ସୋମଲେଶ୍ୱରୀ ଅଭୟ ଚରଣ । ପଶିବା ଆସ ବେଗରେ ଶରଣ" ॥

ମହାରାଜା ଛତ୍ରସାଏଙ୍କ ରାଜତ୍ୱକାଳ ଖ୍ରୀ:୧୬୯୯ରୁ ୧୭୪୨ ଇଂ । ସେ ମହାରାଜା ବଳିଆର ସିଂହଙ୍କ ପୌତ୍ର ଓ ରତ୍ନସିଂହଙ୍କ ପୁତ୍ର । ସମ୍ବଲପୁର ରାଜବଂଶାବଳୀରେ "ସାଏ" ଉପାଧିଧାରୀ ୫ଜଣ ରାଜାଙ୍କ ନାମ ଦେଖାଯାଏ । ୧ମ ବଳଭଦ୍ର ସାଏ, ୨ୟ ମଧୁକର ସାଏ, ୩ୟ ଛତ୍ରସାଏ, ୪ର୍ଥ ବାଳକ ବଳଭଦ୍ର ସାଏ ଓ ୫ମ ମହାରାଜ ସାଏ । ଉକ୍ତ ମଧୁକର ସାଏଙ୍କ ୨ୟ ଓ ୫ମ ପୁତ୍ରଙ୍କ ଉପାଧି ମଧ୍ୟ "ସାଏ" ଥିଲା । ୨ୟ ପୁତ୍ରଙ୍କ ନାମ ଅନିରୁଦ୍ଧ ସାଏ । ସେହି ଅନିରୁଦ୍ଧ ସାଏ ଖିଣ୍ଡାର ପ୍ରଥମ ଖରପୋଷଦାର । ଆମ୍ଭମାନଙ୍କ ଚୌହାଣବୀର ସୁରେନ୍ଦ୍ର ଉକ୍ତ ଅନିରୁଦ୍ଧ ସାଏଙ୍କ ବଂଶଧର ।

ମହାରାଜା ଛତ୍ରସାଏଙ୍କ ଦ୍ୱାରା ଖୋଦିତ ପରିଖା (ଛତ୍ରସାଗର) ଅଧୁନା ୭ ଗୋଟି ଜଳାଶୟରେ ବିଭକ୍ତ ହୋଇଅଛି । "ଚିକିତ୍ସା-

(୧) ଶକ୍ତି ଶବ୍ଦର ଅପଭ୍ରଂଶ (ପଦ୍ୟସ୍ୱାତନ୍ତ୍ର୍ୟ-ବ୍ୟାକରଣ ସୂତ୍ର) ।

ମଞ୍ଜରୀ" ଛତ୍ରସାଏଙ୍କ ରାଜତ୍ୱର ମଧ୍ୟ ଭାଗରେ ରଚିତ ହୋଇଥିବା ଅନୁମିତ ହୁଏ । ସେହି ସମୟରେ ସମ୍ବଲପୁର ରାଜ୍ୟ ଶାନ୍ତିସମ୍ପଦପୂର୍ଣ୍ଣ ଥିଲା । ସମ୍ବଲପୁର ରାଜାଙ୍କ ଅଧୀନତାରେ ୧୮ ଗୋଟି ରାଜ୍ୟ ଓ ୧୩ ଗୋଟି ଜମିଦାରୀ ଥିଲା । ସେନା ବିଭାଗରେ ୩୨ ହଜାର ସୈନ୍ୟ ଥିଲେ । ରାଜ୍ୟର ପରିମାଣ ୧୨୦ କୋଶ, ଅର୍ଥାତ୍ ୫୭୬୦୦ ବର୍ଗ ମାଇଲ । (ଏହି ପରିମାଣ ଫଳ ସମସ୍ତ "ହୀରାଖଣ୍ଡ ସାମ୍ରାଜ୍ୟ"ର ହୋଇଥିବ ) । ରାଜଧାନୀ ସମ୍ବଲପୁର ନଗରର ଘର ସଂଖ୍ୟା ୨୦ ହଜାର ବୋଲି ବର୍ଣ୍ଣିତ ହୋଇଅଛି । ସମ୍ଭବତଃ ତାଳପତ୍ର ପୋଥିରେ "ନର" ଶବ୍ଦଟା "ଘର" ଶବ୍ଦ ଲେଖା ଯାଇଛି । ସମ୍ବଲପୁର ଜିଲ୍ଲା ଓଡ଼ିଶାରେ ମିଶିଲା ସମୟରେ ଏ ଜିଲ୍ଲାର କ୍ଷେତ୍ରଫଳ ୩୮୨୪ ବର୍ଗମାଇଲ ଥିଲା । ଲୋକସଂଖ୍ୟା ୬୩୮୯୧୨ ଜଣ ଥିଲା । ଚନ୍ଦ୍ରପୁର, ପଦ୍ମପୁର ଓ ମାଲଖୋର୍ଦ୍ଧା ବାଦ୍ ଯିବାରେ ଲୋକସଂଖ୍ୟା ଓ ପରିମାଣ କମିଗଲା । ବର୍ତ୍ତମାନ ସମ୍ବଲପୁର ଜିଲ୍ଲାର ଲୋକସଂଖ୍ୟା ୧୩୦୧୮୦୪ ଜଣ ଓ କ୍ଷେତ୍ରଫଳ ୬୭୬୫ ବର୍ଗମାଇଲ । ଖାସ ସମ୍ବଲପୁର ରାଜ୍ୟରେ ୧୩ ଗୋଟି ଜମିଦାରୀ ଥିଲା । ସମ୍ବଲପୁର ରାଜଧାନୀର ଅବସ୍ଥିତି ନିମ୍ନଲିଖିତ ଶ୍ଳୋକରୁ ଜ୍ଞାତବ୍ୟ ।

"ଯତ୍ର ପ୍ରାଚ୍ୟେ ବଟମଙ୍ଗଳା ସୁବିଦିତା ଯାମ୍ୟେତୁ ଚନ୍ଦ୍ରୋପୂଳା ।
ବାରୁଣ୍ୟାଂ ମହିଷାସୁରସ୍ୟ ଦଳନୀ (୧) ସୌମ୍ୟେତୁ ବୁଢ଼େଶ୍ୱରଃ (୨) ।

---

(୧) ଦୁର୍ଗାପାଲି ପାହାଡ଼ସ୍ଥ ଦୁର୍ଗାମନ୍ଦିର ସମ୍ବଲପୁର ସହରର ପଶ୍ଚିମ ଦିଗରେ ଅବସ୍ଥିତ ।

(୨) ବୁଢ଼େଶ୍ୱରମହାଦେବ ସମ୍ବଲପୁର ସହରର୍ ଉତ୍ତର ଦିଗସ୍ଥ ବୁଢ଼ାରଜା ପାହାଡ଼ରେ ଅବସ୍ଥିତ ।

ମଧ୍ୟେ ଦୁର୍ଗକରେ ବିରାଜିତତରାଂ ଶ୍ରୀସୋମଲାଖ୍ୟେଶ୍ବରୀ (୩) ।
ଦେବୀ ହୀରକରାଜରାଜଚରଣା ସର୍ବାର୍ତ୍ତିବିଧ୍ୱଂସିନୀ ॥"

ସ୍ୱରାଜ୍ୟ ସରକାରଙ୍କ ସମୟରେ ସମ୍ବଲପୁର ଜିଲ୍ଲାର ଆୟତନ ଓ ଲୋକସଂଖ୍ୟା ବଢ଼ି ଯାଇଛି । ବାମଣ୍ଡାରାଜ୍ୟ ଓ ରେଢ଼ାଖୋଲ ରାଜ୍ୟ ସମ୍ବଲପୁର ଜିଲ୍ଲାଭୁକ୍ତ ହୋଇଅଛି । ୧୯୦୫ ଖ୍ରୀଷ୍ଟାବ୍ଦରୁ ଫୁଲଝର ଓ ଚନ୍ଦ୍ରପୁର ଜମିଦାରୀ ଏ ଜିଲ୍ଲାରୁ ଫିଟିଯାଇ ଯଥାକ୍ରମେ ରାୟପୁର ଓ ବିଳାସପୁର ଜିଲ୍ଲାରେ ସଂଲଗ୍ନ ହୋଇଅଛି । "ହୀରାକୁଦ ବନ୍ଧ" ପୃଥିବୀର ଗୋଟିଏ ଦ୍ରଷ୍ଟବ୍ୟ ବିଷୟ ହୋଇ ପାରିଛି ।

ଇଂରେଜ ସରକାର "ହୀରାଖଣ୍ଡ ସାମ୍ରାଜ୍ୟ" ଭାଙ୍ଗି ଦେଲା ପରେ ସମ୍ବଲପୁର ଜିଲ୍ଲାର ସଂଲଗ୍ନ ଗଡ଼ଜାତ ରୂପେ ପାଟଣା, କଳାହାଣ୍ଡି, ସୋନପୁର, ରେଢ଼ାଖୋଲ ଓ ବାମଣ୍ଡା ଫିଉଡେଟୋରୀ ଷ୍ଟେଟ୍ ଶ୍ରେଣୀରେ ସ୍ଥାନ ପାଇ ରାୟପୁର ପଲିଟିକେଲ ଏଜେଣ୍ଟଙ୍କ ତତ୍ତ୍ୱାବଧାନରେ ରକ୍ଷିତ ହୋଇଥିଲା । ତେଣୁ ସେହି ୫ ଗୋଟି ଷ୍ଟେଟର ସଂକ୍ଷିପ୍ତ ବିବରଣ ଏଠାରେ ଲେଖାଗଲା ।

**ପାଟଣା**—ଏହି ରାଜ୍ୟ କୋଶଳର ମୂଳପୀଠ ଏବଂ ଚୌହାଣ ରାଜବଂଶର ଆଦିରାଜ୍ୟ । ପାଟଣାଗଡ଼ରେ ପୂର୍ବେ ରାଜଧାନୀ ପ୍ରତିଷ୍ଠିତ ଥିଲା । ବ୍ରିଟିଶ ଅମଳରେ ବଲାଙ୍ଗୀରକୁ ରାଜଧାନୀ ଉଠି ଆସିଛି । ରାଜ୍ୟ ମିଶ୍ରଣରେ ବର୍ତ୍ତମାନ ବଲାଙ୍ଗୀର ଜିଲ୍ଲାନାମ ପାଇଛି । ବଲାଙ୍ଗୀର ଜିଲ୍ଲା ସହିତ ସୋନପୁର ରାଜ୍ୟ ମିଳିତ ହୋଇଅଛି । ୧୯୦୫ ମସିହାରେ ପାଟଣାରାଜ୍ୟର ପରିମାଣ ୨୩୯୯ ବର୍ଗମାଇଲ,

(୩) ସୋମ+ଲା = ସୋମଲା । ସୋମବଂଶୀୟ ରାଜାମାନଙ୍କର ଇଷ୍ଟଦେବୀ ।

ଲୋକ ସଂଖ୍ୟା ୨୭୭୭୪୮ ଜଣ ଓ ରାଜସ୍ୱ ୧୯୯୭୭୬ ଟଙ୍କା ଥିଲା । ପାଟଣାର ଉଦୟମାନ ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେବ ଷଡ଼ାଇକଲା ରାଜ ପରିବାରରୁ ସ୍ୱର୍ଗୀୟ ମହାରାଜା ପୃଥ୍ୱୀରାଜ ସିଂହଦେବଙ୍କ ପୋଷ୍ୟପୁତ୍ରରୂପେ ପାଟଣାକୁ ଆସିଅଛନ୍ତି । ସେ କଂଗ୍ରେସ ସରକାରଙ୍କର ବିରୋଧୀ ଗଣତନ୍ତ୍ର ଦଳର ନେତା । ତାଙ୍କର ବ୍ୟକ୍ତିଗତ ବିଶିଷ୍ଟତା ହେତୁ ପାଟଣା ଜନସାଧାରଣ ତାଙ୍କ ପ୍ରତି ଅନୁରକ୍ତ ।

**ବାମଣ୍ଡା**—ପାଟଣା ରାଜ୍ୟରେ ଗଙ୍ଗରାଜବଂଶର ଉଚ୍ଛେଦ ସମୟରେ ବାଳକ ଯୁବରାଜଙ୍କୁ ଜଣେ ବିଶ୍ୱସ୍ତ ଆଦିବାସୀ ଜାଗାୟ ଭୃତ୍ୟ କୌଶଳରେ ଲୁଚାଇ ରଖିଥିଲା । ବାମଣ୍ଡାର ଦୁଇଜଣ ଆଦିବାସୀ ପ୍ରଜା ତାଙ୍କୁ ହରଣଚାଲ କରି ନେଇ ବାମଣ୍ଡା ରାଜ୍ୟରେ ରାଜା କରିଥିଲେ । ତାଙ୍କ ନାମ ସରସୂଦେବ । କେତେକ ପୁରୁଷ ପରେ ବାମଣ୍ଡାର ରାଜାମାନେ ପାଟକ୍ରମେ "ତ୍ରିଭୁବନଦେବ" ଓ "ସୁଢ଼ଲଦେବ" ଉପାଧି ଧାରଣ କରି ଆସୁଅଛନ୍ତି । ରାଜଧାନୀ ଦେବଗଡ଼ରେ ପ୍ରତିଷ୍ଠିତ । ପରିମାଣ ଫଳ ୧୯୮୮ ବର୍ଗମାଇଲ, ୧୯୦୫ ମସିହାରେ ଲୋକସଂଖ୍ୟା ୧୨୩୩୭୮ ଜଣ ଓ ରାଜସ୍ୱ ୧୫୩୮୫୬ ଟଙ୍କା ଥିଲା । ବାମଣ୍ଡାର ଭୂତପୂର୍ବ ମହାରାଜା ସାର ବାସୁଦେବ ସୁଢ଼ଲଦେବ କେ.ସି. ଆଇ. ଇ. ଜଣେ ଆଦର୍ଶ ରାଜା ଥିଲେ । ଗଡ଼ଜାତମାନଙ୍କ ମଧ୍ୟରେ ମୁଦ୍ରାଯନ୍ତ୍ର, ସମ୍ବାଦପତ୍ର, ଇଲେକ୍‌ଟ୍ରିକ୍ ଆଲୋକ, ଜଳକଳ, ଟେଲିଫୋନ୍ ଆଦି ସର୍ବ ପ୍ରଥମରେ ବାମଣ୍ଡାରେ ଦେଖା ଯାଇଥିଲା । "ପ୍ରଧାନପାଟ" ପ୍ରପାତ ବାମଣ୍ଡାର ପ୍ରାକୃତିକ ଦୃଶ୍ୟ । ରାଜପରିବାର ଶିକ୍ଷିତ ଓ ସମ୍ଭ୍ରାନ୍ତ । ବାମଣ୍ଡାରୁ ପ୍ରକାଶିତ "ସମ୍ବଲପୁର ହିତୈଷିଣୀ" ପତ୍ରିକା ଉତ୍କଳ-ଭାଷା ଓ ଉତ୍କଳ ସାହିତ୍ୟର ଉନ୍ନତି ସାଧନରେ ଅନେକ ସାହାଯ୍ୟ

କରିଥିଲା । ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ବିଜ୍ଞାନବିନୋଦ ଜଣେ ଉଚ୍ଚ ସାହିତ୍ୟିକ ଓ ସାହିତ୍ୟ ପ୍ରେମିକ ଥିଲେ । ରାଜା ଦିବ୍ୟ-ଶଙ୍କର ସୁଡ଼ଳଦେବ ଅଳ୍ପ ସମୟ ରାଜତ୍ୱରେ ପ୍ରଜାପ୍ରିୟରୂପେ ଓଡ଼ିଶା ରାଜସମାଜରେ ସୁଖ୍ୟାତି ପାଇଥିଲେ । ବର୍ତ୍ତମାନ ରାଜାଙ୍କ ନାମ ଶ୍ରୀ ଭାନୁଗଙ୍ଗ ତ୍ରିଭୁବନ ଦେବ । ରାଜପିତାମହୀ ତମରୁଧରପ୍ରିୟା ଦେବୀ ଓଡ଼ିଶା ରାଣୀ ସମାଜ ମଧ୍ୟରେ ସାହିତ୍ୟପ୍ରିୟା ଓ ଗୁଣଗ୍ରାହିଣୀ । ପୂର୍ବର ସ୍ୱର୍ଗତ ରାଜା ରାମଚନ୍ଦ୍ର ଦେବ ବାମଣ୍ଡାରୁ ଗଜପତି ମୁକୁନ୍ଦ ଦେବଙ୍କ ପୋଷ୍ୟପୁତ୍ରରୂପେ ଯାଇଥିଲେ । ରାଜମାତା ଖଡ଼ିଆଳ ଚୌହାଣ ରାଜବଂଶୀୟ ରାଜକନ୍ୟା । ସେ ଯେପରି ଧର୍ମପରାୟଣା, ସେପରି ଗୁଣଗ୍ରାହିକା । ବର୍ତ୍ତମାନ ବାମଣ୍ଡା ରାଜ୍ୟ ସମ୍ବଲପୁର ଜିଲାର ସବ୍‌ଡିଭିଜନରେ ପରିଣତ ହୋଇଅଛି ।

**ସୋନପୁର**—ଏ ରାଜ୍ୟ ପ୍ରାଚୀନ କୋଶଳର ଏକ ଉର୍ବରତମ ଅଂଶ । ଗଙ୍ଗବଂଶୀୟ ରାଜାମାନେ ସୋନପୁର ରାଜଧାନୀ ପ୍ରତିଷ୍ଠା କରିଥିଲେ । ସମ୍ବଲପୁର ମହାରାଜା ମଧୁକର ସାଏଙ୍କ ତୃତୀୟ ପୁତ୍ର ମଦନଗୋପାଳ ସିଂହ ସୋନପୁର ଚୌହାଣ ରାଜବଂଶର ପ୍ରଥମ ପୁରୁଷ । ଏ ରାଜ୍ୟର ଚତୁର୍ଥ ରାଜା ରାଜସିଂହ ନିଜ ନାମରେ ସ୍ୱର୍ଣ୍ଣମୁଦ୍ରା ଚଳାଇଥିଲେ । ପ୍ରବାଦ ଅଛି ଯେ, ସୋନପୁର ରାଜ୍ୟରେ ଅଢ଼େଇ ଦିନ ସ୍ୱର୍ଣ୍ଣବୃଷ୍ଟି ହୋଇଥିଲା । ପରଶୁରାମଙ୍କ ଯଜ୍ଞର ସଙ୍କେତ ସୋନପୁର ରାଜଧାନୀରେ ରହିଅଛି । ପୁରୀ ଶାସନରୁ ବ୍ରାହ୍ମଣ ଜାତି ଆସି ସୋନପୁର ରାଜ୍ୟରେ ପ୍ରଥମ ବସବାସ କରି କ୍ରମେ ସମ୍ବଲପୁର ଆଡ଼କୁ ବଢ଼ିଥିଲେ । ପୁରୀ ଶ୍ରୀଜୀଉଙ୍କ ମୂର୍ତ୍ତି ଆଣି ପଣ୍ଡାମାନେ ସୋନପୁର ରାଜ୍ୟାନ୍ତର୍ଗତ ବିନକା ପର୍ବତରେ ଲୁଚାଇ ରଖିଥିଲେ । କଳାପାହାଡ଼ ସନ୍ଧାନ ପାଇ ସମ୍ବଲପୁର ଆକ୍ରମଣ କରି ରାଜା ବଳରାମ ଦେବଙ୍କଦ୍ୱାରା ପରାଜିତ ଓ ନିହତ ହୋଇଥିଲା । (୧୫୭୦)।

କଳାପାହାଡ଼ର ନିଷାଣ ଓ ତ୍ରିଶୂଳ ସୋମଲାଇ ମନ୍ଦିରରେ ରକ୍ଷିତ ହୋଇଅଛି । ସମ୍ବଲପୁର ମୁଦଲିଆ ମୁହାଣ ପାଖ ଆମ୍ବତୋଟାରେ କଳାପାହାଡ଼ର କବର ଅଛି । ସୋନପୁରର ପୂର୍ବ ମହାରାଜା ସାର୍ ବୀର ମିତ୍ରୋଦୟ ସିଂହ ଦେବ କେ. ସି. ଆଇ. ଇ, ଏମ୍. ଆର୍. ଏ.ଏସ୍, ଧର୍ମନିଧି, ଜ୍ଞାନଗୁଣାକରଙ୍କ ସମୟରେ ଏ ରାଜ୍ୟର ନାମ ଦେଶ ବିଦେଶରେ ପ୍ରଶସ୍ତି ଲାଭ କରିଥିଲା । ବର୍ତ୍ତମାନ ମହାରାଜାଙ୍କ ନାମ ଶ୍ରୀ ସୁଧାଂଶୁଶେଖର ସିଂହଦେବ । କ୍ଷେତ୍ରଫଳ ୯୦୬ ବର୍ଗମାଇଲ, ରାଜସ୍ୱ ୧୨୦୦୯୦ ଟଙ୍କା, ଓ ଲୋକସଂଖ୍ୟା ୧୬୯୮୭୭ ଜଣ । ବର୍ତ୍ତମାନ ସୋନପୁର ରାଜ୍ୟ ବଲାଙ୍ଗୀର ଜିଲ୍ଲାର ସବ୍‌ଡ଼ି ହୋଇଯାଇଛି ।

**କଳାହାଣ୍ଡି**—ଏ ରାଜ୍ୟର ପ୍ରାଚୀନ ନାମ କାରୁଣ୍ଡ । କ୍ଷେତ୍ର-ଫଳ ୩୭୪୫ ବର୍ଗମାଇଲ । ଲୋକସଂଖ୍ୟା ୩୫୦୫୨୯ ଜଣ, ଓ ରାଜସ୍ୱ ୧୧୦୬୪୯ ଟଙ୍କା । ରାଜଧାନୀ ଭବାନୀପାଟଣାରେ ପ୍ରତିଷ୍ଠିତ । ଲାଞ୍ଜିଗଡ଼, କାଶୀପୁର, ମହୁଲପାଟଣା (ଜୟପାଟଣା) ଓ ରାମପୁରରେ ଏ ରାଜ୍ୟର ରାଜବଂଶୀୟମାନେ ଜମିଦାରରୂପେ ଅବସ୍ଥାପିତ ହୋଇଅଛନ୍ତି । ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ସହିତ ଖଡ଼ିଆଲ ଜମିଦାରୀ ମିଶାଇ ଦିଆଯାଇଛି । କନ୍ଧମେଳିରେ କଳାହାଣ୍ଡି ରାଜ୍ୟର କନ୍ଧ-ପ୍ରଜାମାନଙ୍କୁ ଇଂରେଜସରକାର ନିର୍ମମ ଭାବରେ ହତ୍ୟା କରିଥିଲେ । ବର୍ତ୍ତମାନ ରାଜାଙ୍କ ନାମ ଶ୍ରୀ ପ୍ରତାପକେଶରୀ ଦେବ । ସେ ଓଡ଼ିଶା ବ୍ୟବସ୍ଥା ସଭାର ଗଣତନ୍ତ୍ର ଦଳର ନେତା । କଳାହାଣ୍ଡି ରାଜବଂଶ ନାଗ ବଂଶୀୟ ।

**ରେଢ଼ାଖୋଲ**—ପରିମାଣ ଫଳ ୮୩୩ ବର୍ଗମାଇଲ, ରାଜସ୍ୱ ୫୪୬୬୧ ଟଙ୍କା ଓ ଲୋକ ସଂଖ୍ୟା ୬୮୪୮ ଜଣ । ରାଜଧାନୀର ନାମ ରାମପୁର । ବଣାଇ ରାଜବଂଶର ଗୋଟିଏ ଶାଖା ଏ ରାଜ୍ୟର ରାଜା ରୂପେ ଆସିଥିଲେ । ବର୍ତ୍ତମାନ ଏ ରାଜ୍ୟ ସମ୍ବଲପୁର ଜିଲ୍ଲାର ସବ୍‌ଡ଼ି. ରୂପେ ପରିଣତ ହୋଇଅଛି ।

ବେଦରୁ ପ୍ରମାଣ ମିଳେ ଯେ, ମନୁଷ୍ୟ ସୃଷ୍ଟି ପ୍ରଥମତଃ ଭାରତର ହିମାଳୟ ପାର୍ବତ୍ୟ ଅଞ୍ଚଳରେ ହୋଇଥିଲା । ସୂର୍ଯ୍ୟତନୟ ମନୁ ମାନବଜାତିର ସୃଷ୍ଟିକର୍ତ୍ତା । ଐତିହାସିକମାନଙ୍କ ମତରେ ଆର୍ଯ୍ୟମାନେ ଭାରତକୁ ଆସିଲା ସମୟରେ ଭାରତରେ ଲୋକ-ବସତି ଥିଲା । ସେହି ଆଗନ୍ତୁକ ଆର୍ଯ୍ୟଜାତି, ଭାରତୀୟ ଆଦିବାସୀ ମନୁଷ୍ୟମାନଙ୍କୁ ଅନାର୍ଯ୍ୟ ବୋଲି ନାମ ଦେଇଥିଲେ । ବହୁ ଶତାବ୍ଦୀ ପର୍ଯ୍ୟନ୍ତ ଆର୍ଯ୍ୟ ଓ ଅନାର୍ଯ୍ୟମାନଙ୍କ ମଧ୍ୟରେ ଯୁଦ୍ଧବିଗ୍ରହ ଲାଗି ରହି ଥିଲା । ଆର୍ଯ୍ୟମାନେ ଚତୁର ଓ ଶିକ୍ଷିତ ଥିଲେ । ସେମାନେ ସ୍ୱଜାତିର ପରିସ୍ଥିତି ପାଇଁ ତିନି ଦଳରେ ବିଭକ୍ତ ହେଲେ । ଯେଉଁମାନଙ୍କର ମାନସିକ ଶକ୍ତି ଅଧିକ ଥିଲା, ସେମାନେ ଧର୍ମାନୁଶୀଳନ ଓ ବିଦ୍ୟାଚର୍ଚ୍ଚାରେ ନିଯୁକ୍ତ ହେଲେ । ବେଦ ସେମାନେ ରଚନା କରିଥିଲେ । ଦେଶରକ୍ଷା ଓ ଯୁଦ୍ଧ ପରିଚାଳନା ବଳିଷ୍ଠ ବ୍ୟକ୍ତିମାନଙ୍କ ପ୍ରତି ଅର୍ପିତ ହୋଇଥିଲା । ଶ୍ରମସହିଷ୍ଣୁ ଓ ବ୍ୟବସାୟ ବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନଙ୍କ ଉପରେ ଗୋପାଳନ, କୃଷି ଓ ବାଣିଜ୍ୟକାର୍ଯ୍ୟ ପ୍ରଦତ୍ତ ହୋଇଥିଲା । ଅନାର୍ଯ୍ୟମାନେ ପ୍ରତିଦ୍ୱନ୍ଦିତା କରି ନ ପାରି ଉତ୍ତରାଂଶରୁ ଦକ୍ଷିଣାଂଶକୁ ହଟି ଯାଇଥିଲେ । ସେମାନଙ୍କ ମଧ୍ୟରୁ ଯେଉଁମାନେ ଆର୍ଯ୍ୟମାନଙ୍କର ବଶ୍ୟତାସ୍ୱୀକାର କରି ସେମାନଙ୍କର ସହଯୋଗିତା କଲେ, ଆର୍ଯ୍ୟମାନେ ସେମାନଙ୍କୁ ଶୂଦ୍ରନାମରେ ଅଭିହିତ କଲେ । ସେହି ସମୟରେ ଆର୍ଯ୍ୟମାନେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ନାମରେ ବିଭକ୍ତ ହୋଇଗଲେ । ଏହିପରି ଭାରତରେ ଚାରି ଜାତିର ସୃଷ୍ଟି ହୋଇଥିଲା । କର୍ମଭେଦ ଥିଲେହେଁ, ଜାତିଭେଦ ନ ଥିଲା । ବିବାହ ମଧ୍ୟ ପୂର୍ବୋକ୍ତ ତିନିଜାତି ମଧ୍ୟରେ ପ୍ରଚଳିତ ଥିଲା । ତା’ପରେ ବହୁ ଉପଜାତିର ସୃଷ୍ଟି ହୋଇଥିଲା ।

ପୁରାଣମାନଙ୍କରେ ଦେଖିବାକୁ ମିଳେ, ଭୋଜନ ଓ ବିବାହରେ ଜାତିଭେଦ ନ ଥିଲା । ଶ୍ରୀ ରାମଚନ୍ଦ୍ର ଶବର ଓ ଶବରୀ ଗୃହରେ ଆତିଥ୍ୟ ସ୍ୱୀକାର କରିଥିଲେ । ବ୍ରହ୍ମର୍ଷି ବଶିଷ୍ଠ ଓ ମହର୍ଷି ପରାଶରଙ୍କ ଦାରା ଗ୍ରହଣ ଅସବର୍ଣ୍ଣ ବିବାହ ପ୍ରଥାର ଉଦାହରଣ ସ୍ଥଳ । ଆର୍ଯ୍ୟ-ଅନାର୍ଯ୍ୟମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବା ଶ୍ରୀକୃଷ୍ଣଙ୍କର ଧର୍ମୋପଦେଶର ଉଦ୍ଦେଶ୍ୟ ଥିଲା । ଏହି ଅନାର୍ଯ୍ୟ ଜାତି ହିଁ ଆମ୍ଭମାନଙ୍କ କୋଶଳ ରାଜ୍ୟର ଆଦିବାସୀ । କୋଶଳର ଆଦିବାସୀ ଜାତିମାନଙ୍କ ମଧ୍ୟରେ ଗଣ୍ଡ, ବିଞ୍ଝାଲ ଓ କନ୍ଧଜାତି ପ୍ରଧାନ । ସେମାନେ ବଳିଷ୍ଠ, ସାହସୀ ଓ ପ୍ରଭୁଭକ୍ତ । ପାଟଣା ରାଜ୍ୟର ବଡ଼ ବଡ଼ ଜମିଦାର ଆଦିବାସୀ । ବଙ୍ଗୋମୁଣ୍ଡା, ଆଠଗାଁ ଓ ଲୋଇସିଂହାରେ ଆଦିବାସୀ ଜମିଦାର ଏ ପର୍ଯ୍ୟନ୍ତ ରହିଅଛନ୍ତି । ସମ୍ବଲପୁର ରାଜ୍ୟର ବୁଡ଼ାସମ୍ବର, ଫୁଲଝର, ଘେଁଷ, ପାଟକୁଲୁଣ୍ଡା, ଭେଡ଼େନ, ଖରସଲ, ପାହାଡ଼ଶ୍ରୀଗିଡ଼ା, କୋଡ଼ାବଗା, ଲଇଡ଼ା ଓ ଜୟପୁର ଜମିଦାରମାନେ ଆଦିବାସୀ ଜାତୀୟ । ଆମ୍ଭମାନଙ୍କର ଚୌହାଣୀବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ସେନାରେ ଏହି ଆଦିବାସୀ ଜମିଦାରମାନେ ନେତା ହୋଇଥିଲେ ଏବଂ ସେନାଦଳରେ ଆଦିବାସୀ ସୈନିକ ଅଧିକ ରହିଥିଲେ ।

ମହାରାଜା ବଳିଆର ସିଂହ ଏହି ଆଦିବାସୀ ସୈନ୍ୟ ବାହିନୀ ଘେନି "ହୀରାଖଣ୍ଡ ସାମ୍ରାଜ୍ୟର" ପ୍ରତିଷ୍ଠା କରି ପାରିଥିଲେ । ବୌଦ୍ଧ-ବିଜୟରେ ବଳିଆର ସିଂହ ଶାରଙ୍ଗଡ଼ର ସିଂହାସନ-ବଞ୍ଚିତ ଗଣ୍ଡ ରାଜପୁତ୍ରଙ୍କ ସେନାପତିତ୍ୱରେ ସଫଳ ହୋଇଥିଲେ । ସେହି ଆଦିବାସୀ ସେନାପତି ନିଜ ରାଜ୍ୟ ପାଇବା ସଙ୍ଗେ ସମ୍ବଲପୁର ରାଜ୍ୟରୁ ସରିଆପ୍ରଗଣା ପୁରସ୍କାର ସ୍ୱରୂପ ପାଇଥିଲେ । ଅବଧି ଉକ୍ତ ପ୍ରଗଣା ଶାରଙ୍ଗଡ଼ର ଅନ୍ତର୍ଭୁକ୍ତ ହୋଇ ରହିଛି ।

ବଳରାମ ଦେବ ସମ୍ବଲପୁର ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ ଗଢ଼ିବାର ଭିତ୍ତିମୂଳ ପ୍ରତିଷ୍ଠା କରିଥିଲେ । ବିଳାସପୁର ଅଞ୍ଚଳରୁ କୁର୍ମୀ ନାମକ ଏକ ଆଦିଜାତି ଆସି ବରଗଡ଼ ପ୍ରଗଣାରେ ଅରଣ୍ୟ କାଟି ବସବାସ ଓ କୃଷି ଆରମ୍ଭ କରିଥିଲେ । ସେମାନେ ହଳସାହାଯ୍ୟରେ ଗୋଲାକାର ପୋଖରୀମାନ ଖୋଳିଥିଲେ । ରାଜ୍ୟ ପ୍ରତିଷ୍ଠା ବା ଅଧିକାର ସ୍ଥାପନ ସେ ଜାତିର ଉଦ୍ଦେଶ୍ୟ ନ ଥିଲା । ସେତେବେଳେ ଏ ଅଞ୍ଚଳରେ କଳଦାର ଟଙ୍କା ଓ ଅସର୍ପି (୧) ପ୍ରଚଳିତ ଥିଲା । କୁର୍ମୀ ଜାତି ଶାନ୍ତପ୍ରକୃତି, ପରିମିତ-ବ୍ୟୟୀ ଓ ସଞ୍ଚୟଶୀଳ ଥିଲେ । ସଞ୍ଚିତ ଧନ ପୋଟଳୀର ସଙ୍କେତରେ ପୋତି ରଖୁଥିଲେ । କୁର୍ମୀ ଜାତି ପରେ ଶବର ଜାତି ଗଞ୍ଜାମ କନ୍ଧମାଳ ଅଞ୍ଚଳରୁ ବରଗଡ଼ ରାଜ୍ୟକୁ ଆସିଥିଲେ । ସେତେବେଳେ କୁର୍ମୀ ଜାତି ସ୍ୱରାଜ୍ୟକୁ ଚାଲିଯାଇଥିଲେ । ଶବର ଜାତି କୁର୍ମୀମାନଙ୍କ ଦ୍ୱାରା ସ୍ଥାପିତ କ୍ଷୁଦ୍ର ପଲ୍ଲୀମାନଙ୍କର ଉନ୍ନତି ସାଧନ କରିଥିଲେ । ସେମାନେ ବୃକ୍ଷମୂଳରେ ଗ୍ରାମ ଦେବତା ପ୍ରତିଷ୍ଠା କରିଥିଲେ । ପୁରୀ ଜଗନ୍ନାଥଙ୍କୁ ଜାରାଶବର ବଣରେ ପୂଜା କରୁଥିଲା । ଶବର ଶବ୍ଦ ସମ୍ବଲପୁର ଅଞ୍ଚଳରେ "ସହରା" ଶବ୍ଦରେ ଅପଭ୍ରଷ୍ଟ ହୋଇଅଛି ।

ଐତିହାସିକ ଟଲେମୀ ସମ୍ବଲପୁରର ହୀରାପ୍ରସଙ୍ଗରେ ଲେଖିଅଛନ୍ତି, ମାହାନାଇ ତୀରରେ ସମ୍ବଲକ ନାମକ ସ୍ଥାନରେ ହୀରା ମିଳେ । ସେହି ସ୍ଥାନ ଶବରାଇର ଅଂଶବିଶେଷ । ଜେନେରେଲ କନିଂହାମ ମାନଦା (ମହାନଦୀ) ନଦୀରେ ହୀରା ମିଳୁଥିବା କଥା ଲେଖିଅଛନ୍ତି । ଗିବନଙ୍କ ମତରେ ସମ୍ବଲପୁରର ହୀରା ରୋମକୁ ପଠାଯାଉଥିଲା । ଟେଭରନିୟର ଲେଖିଅଛନ୍ତି, ସମ୍ବଲପୁରରେ ପ୍ରଚୁର ହୀରା ଅଛି ।

---

(୧) ସ୍ୱର୍ଣ୍ଣମୁଦ୍ରା ।

ଡାକ୍ତର ବ୍ରିଟନ୍ ହିସାବ କରିଥିଲେ, ୧୮୦୪ରୁ ୧୮୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ମହାନଦୀରୁ ୭୭୨ ଗ୍ରେନ୍ ଓଜନର ଖଣ୍ଡେ ହୀରା ମିଳିଥିଲା । "ଶବରାଇ" ଶବର ଜାତି ପ୍ରଧାନ ଅଞ୍ଚଳ, ଏହା ଟଲେମୀଙ୍କ ଲେଖାରୁ ଜଣା ପଡ଼ୁଛି ।

ଶବର ଜାତି ପରେ ବୌଦ୍ଧ ଅଞ୍ଚଳରୁ ଚଷାଜାତି ଆସି ସମ୍ବଲପୁର ରାଜ୍ୟରେ କୁଲତା ଜାତି ନାମରେ ଅଭିହିତ ହୋଇଥିଲେ । ସେମାନେ ରାଜାଙ୍କଠାରୁ ଗ୍ରାମମାନ ପଟ୍ଟାନେଇ କୃଷିର ଉନ୍ନତି ସାଧନ କରିବାରେ ଲାଗିଯାଇଥିଲେ । ସେ ଜାତିର ଯତ୍ନରେ ବଡ଼ବଡ଼ ବସତି-ମାନ ପ୍ରତିଷ୍ଠିତ ହୋଇଥିଲା । ପଟ୍ଟାଦାରମାନେ ସେହି ସେହି ଗ୍ରାମମାନଙ୍କ ଗୌନ୍ତିଆରୂପେ ଅବସ୍ଥାପିତ ହେଲେ ଏବଂ ପୂର୍ବୋକ୍ତ ଗ୍ରାମଦେବତା ପୂଜକମାନେ ଦେବତାଙ୍କ ନିଯୋଗ ଭୂମି ପାଇ ସ୍ଥାନଙ୍କର ନାମରେ ରହିଲେ । ବ୍ରିଟିଶ ରାଜତ୍ୱରେ ସେମାନେ ଗ୍ରାମସେବକରୂପେ ସେହି ଭୂମିମାନ ପ୍ରାପ୍ତ ହୋଇଅଛନ୍ତି ।

ବୋଧହୁଏ କୁଲତା ଶବ୍ଦ କୁଲୀନତାର ଅପଭ୍ରଷ୍ଟ ଶବ୍ଦ । ବୌଦ୍ଧ-ଅଞ୍ଚଳରୁ "ବିଶାଶହେ ଘର" ଚଷା ସମ୍ବଲପୁର ରାଜ୍ୟକୁ ଆସିଥିଲେ । ସେ ଜାତିର କେତେକ ନାମ ଭେଦରୁ ଜଣାଯାଏ ଯେ, ସେମାନେ ବୌଦ୍ଧ ଅନ୍ତର୍ଗତ ସରସରା ଓ ଗନ୍ଧର୍ଡ଼ୀ ଗ୍ରାମରୁ ସମ୍ବଲପୁର ଅଞ୍ଚଳକୁ ଆସିଥିଲେ । କୁଲତା ଜାତିର ଇଷ୍ଟଦେବତା ରାମଚଣ୍ଡୀ । ଏଥିପାଇଁ କେହି କେହି କୁଲତାମାନେ ଅଯୋଧ୍ୟା ଅଞ୍ଚଳରୁ ଆସିଥିବା ପ୍ରସଙ୍ଗ ଉତ୍‌ଥାପନ କରିଥାନ୍ତି । ସମ୍ବଲପୁର ଜିଲ୍ଲାରେ କୁଲତା ପ୍ରଜା ଓ ଗୌନ୍ତିଆ ସଂଖ୍ୟା ଅଧିକ ରହିଅଛନ୍ତି । ସୁତରାଂ ଏହା ନିରାଟ ସତ୍ୟ ଯେ, "କୁଲତା ଜାତି ନ ଉଠିଲେ, ସମ୍ବଲପୁର ଉଠିବ ନାହିଁ ।"

(କ୍ରମଶଃ)

ଗଉଡ଼ ଜାତି ମଧ୍ଯ କୁଳତା ଜାତି ପରି ତାଙ୍କ ଜାତିକୁ "ଛି କୋଡ଼ଘର" ବୋଲି ପରିଚୟ ଦେଇଥାନ୍ତି । ତେବେ ସେ ଜାତିର କେତେକ ବିଭାଗ ଅଛି । ଏହି ବିଭାଗ ପର୍ଯ୍ୟାଲୋଚନା କଲେ ଜଣାଯିବ ଯେ, ଏ ଜାତିର ଏକ ଶାଖା ମଗଧରୁ ଆସିଥିଲେ । ସେମାନେ "ମଗଧିଆ" ନାମରେ ଅଭିହିତ । ଆଉ ଏକ ଶାଖାକୁ ନନ୍ଦ ଗଉଡ଼ ବୋଲି କହନ୍ତି । ବୋଧହୁଏ, ସେମାନେ ଗୋପ ଅଞ୍ଚଳରୁ ଆସିଥିଲେ । ଝରିଆ ଓଲରିଆ ଭେଦରେ ଗଉଡ଼ ଜାତିର ଆଉ ଦୁଇଟି ବିଭାଗ ଅଛି । ତା'ଛଡ଼ା କଲଞ୍ଜିଆ ନାମରେ ଆଉ ଏକ ଶ୍ରେଣୀ ଅଛି । କଲଞ୍ଜିଆ କାଳନ୍ଦୀୟ ଶବ୍ଦରୁ ରୂପାନ୍ତରିତ ହୋଇଥିବା ଅନୁମିତ ହୁଏ । ଏ ଶାଖା କାଳନ୍ଦୀ (ଯମୁନା) ଅଞ୍ଚଳରୁ ଗଣ୍ଡବନ ପ୍ରଦେଶକୁ ଆସିଥିଲେ । କେତେଜଣ କଲଞ୍ଜିଆ ଗଉଡ଼ ବୃନ୍ଦାରୁ ମହାରାଜ ସାଏଙ୍କ ରାଜତ୍ୱ ସମୟରେ ବାଲ୍‌କଦାଶଙ୍କ ମହିଷୀ ଗୋଠ ସଙ୍ଗେ ସମ୍ବଲପୁର ରାଜ୍ୟକୁ ଆସିଥିଲେ । (୧୮୨୦ଇଃ)

ସମ୍ବଲପୁର ଜିଲାରେ ଗଉଡ଼ ଜାତିର ଲୋକସଂଖ୍ୟା ସବୁଠାରୁ ବେଶୀ ; କିନ୍ତୁ ଏ ଜାତିର ଜାତୀୟ ଉନ୍ନତି କିଛି ହୋଇ ନାହିଁ । ଶିକ୍ଷା ସଭ୍ୟତାରେ ଗଉଡ଼ ଜାତି ନିତାନ୍ତ ପଛରେ ପଡ଼ିଛି । ସ୍ୱଦେଶୀ ସରକାର ଗଉଡ଼, ତଥା ସହରା ଜାତି ପ୍ରତି ବିଶେଷ ଦୃଷ୍ଟିଦେବା ଆବଶ୍ୟକ ।

ସହରିଆ ବା ସାହରିଆ (ଉଡ଼ିଆ) ଜାତି ଖୋର୍ଦ୍ଧା ଅଞ୍ଚଳରୁ ୧୫୮୫ ଖ୍ରୀଷ୍ଟାବ୍ଦରେ ସୋମଲାଇ ମନ୍ଦିର ନିର୍ମାଣ ସମୟରେ ଶିଳ୍ପୀରୂପେ ଆନୀତ ହୋଇଲେ । ସେମାନଙ୍କଠାରୁ ଆଦିବାସୀ କୋହ୍ଲଜାତି ଗୃହ-ନିର୍ମାଣ କାର୍ଯ୍ୟ ଶିକ୍ଷା କରିଅଛନ୍ତି । ବର୍ତ୍ତମାନ ସମ୍ବଲପୁର ସାନ ସଡ଼କରେ ସହରିଆପଡ଼ା ରହିଛି ।

ଗୁଡ଼ିଆ ଜାତି ଓଡ଼ିଶା ଗଡ଼ଜାତରୁ, କଂସାରି ଜାତି ଖଣ୍ଡପଡ଼ାରୁ, ବଢ଼ାଇ ଜାତି ଦକ୍ଷିଣ ଓଡ଼ିଶାରୁ ସମ୍ବଲପୁରକୁ ଆସିଥିଲେ । ତେଲି ଜାତିର ଗୋଟିଏ ବିଭାଗ ଓଡ଼ିଶାରୁ, ଆଉ ଗୋଟିଏ ବିଭାଗ ଛତିଶଗଡ଼ (ରାୟପୁର)ରୁ ଆସିଥିଲେ । ଭୁଲିଆ, କୋଷ୍ଟା ଓ କୁଲୀ ଜାତି ଯଥାକ୍ରମେ ଆଗପଛ ହୋଇ ଛତିଶଗଡ଼ରୁ ଆସିଥିଲେ । ଅଗରିଆ ଜାତି ଆଗ୍ରାରୁ ରାୟପୁର ଦେଇ ସମ୍ବଲପୁରକୁ ଆସିଥିଲେ । ହଳଦିଆ ତେଲି ଓ ଜୋଷୀ ( ଗ୍ରହବିପ୍ର ) ଜାତି ଓଡ଼ିଶାରୁ ଆସିଥିଲେ । ଭାଟ ଜାତିର ବାକ୍ୟାବଳୀରୁ ଜଣାଯାଏ ଯେ, ଏ ଜାତି ଗଣ୍ଡବନ ପ୍ରଦେଶରୁ ଆସିଥିଲେ । ଭଣ୍ଡାରି ଜାତିର ଗୋଟିଏ ଶାଖା ଓଡ଼ିଶାରୁ ଓ ଆଉ ଗୋଟିଏ ଶାଖା ଛତିଶଗଡ଼ରୁ ଆସିଥିଲେ । ଧୋବା, କେଉଟ, ଶୁଣ୍ଢୀ, କଣ୍ଡରାଜାତି ଓଡ଼ିଶା ଗଡ଼ଜାତରୁ ଆସିଥିଲେ ।

ପାନ ଓ ଭଇନା କୋଶଳ ରାଜ୍ୟର ଆଦିବାସୀ ଜାତିର ଅନ୍ତର୍ଗତ । କୋହ୍ଲ, ଖାଲ, ମୁଣ୍ଡା ଓ କୋଡ଼ାଜାତି ଛୋଟନାଗପୁର ଅଞ୍ଚଳରୁ ଆସି ସମ୍ବଲପୁର ରାଜ୍ୟର ଆଦିବାସୀ ଜାତି ସଂଖ୍ୟା ବଢ଼ାଇଥିଲେ ।

ଥାନାପତି ଜାତି ଓଡ଼ିଶାରୁ ଆସି ପ୍ରଥମରେ ସୋନପୁରରେ ରହିଥିଲେ । ହରିଜନମାନଙ୍କର କେତେକ ଶ୍ରେଣୀ ଓଡ଼ିଶାରୁ ଏବଂ କେତେକ ଶ୍ରେଣୀ ଛତିଶଗଡ଼ରୁ ଆସିଥିଲେ ।

କରଣ ଜାତି କଟକ, ପୁରୀ ଓ ଗଞ୍ଜାମରୁ ଆସିଥିଲେ । ଏ ଜାତି ଝାଡ଼ୁଆ ଓ ଓଡ଼ିଆ ବିଭାଗରେ ଦୁଇ ପ୍ରକାର ହୋଇଛନ୍ତି । ରଘୁ-ନାଥିଆ ବ୍ରାହ୍ମଣ (ଖିମ ଗିରିଆ) ଖିମନଗରୀ (ତାଲଚେର) ରାଜ୍ୟରୁ ଆସିଥିଲେ । ନାଥଯୋଗୀ ଜାତି ମଧ୍ୟ ପୁରୀ ଅଞ୍ଚଳରୁ ଆସିଥିଲେ ।

ଓଡ଼ିଆ (ଉତ୍କଳୀ) ଓ ଝାଡ଼ୁଆ ( ଆରଣ୍ୟକ ) ବ୍ରାହ୍ମଣ ଜାତି ମଧ୍ୟରେ ମୌଳିକ ପାର୍ଥକ୍ୟ କିଛି ନାହିଁ । ଉଭୟ ସମାଜର ପୂର୍ବ ପୁରୁଷମାନେ ପୁରୀ ଶ୍ରୀରାମଚନ୍ଦ୍ରପୁର ଓ ବୀରରାମଚନ୍ଦ୍ରପୁର ଶାସନରୁ ଆସିଥିଲେ । ତଥାକଥିତ ଝାଡ଼ୁଆ ବ୍ରାହ୍ମଣମାନେ କୋଶଳ ରାଜ୍ୟକୁ ବହୁଶତାବ୍ଦୀରୁ ଆସିଥିଲେ । ପାଟଣାରେ ଗଙ୍ଗବଂଶର ରାଜତ୍ୱ ସମୟରେ ସେହି ବ୍ରାହ୍ମଣଜାତି ରାଜପୁରୋହିତ ଥିବା ଐତିହାସିକ ପ୍ରମାଣ ରହିଛି । ଚୌହାଣ ରାଜବଂଶର ଆଦିପୁରୁଷ ରମାଇଦେବ ଜଣେ ଝାଡ଼ୁଆ ବ୍ରାହ୍ମଣର ପୋଷ୍ୟପୁତ୍ର ହୋଇଥିଲେ । ସିନ୍ଧୁ ନନ୍ଦ ଓ ଗଣେଶ୍ୱର ନନ୍ଦ ପୁରୀଶାସନରୁ ଆସି ସୋନପୁରରେ ଭୂମିବୃତ୍ତି ପାଇ ରହିଥିଲେ ।

ସମ୍ବଲପୁର ରାଜ୍ୟର ଅତୀତ ଇତିବୃତ୍ତ ଯେପରି ଗୌରବମୟ, ସେପରି ସରଳ ସତ୍ୟପୂତ । ଆଦିବାସୀ ଜାତି ହିଁ ଏହି ଗୌରବର ଏକମାତ୍ର କାରଣ । ସମ୍ବଲପୁର ଜନସାଧାରଣଙ୍କର ନୈତିକ ଜୀବନ ନିଷ୍କପଟ ସାରଲ୍ୟ-ପ୍ରଭାବିତ । ଚୌହାଣ ରାଜଧର୍ମ ସମ୍ବଲପୁର ପ୍ରଜାବର୍ଗ ଅନୁକରଣ କରିଥିଲେ । ପ୍ରଜାମାନେ ଚୌହାଣ ରାଜାମାନଙ୍କର ସୁଶାସନରେ ପରିତୁଷ୍ଟ ଥିଲେ । ଇଂରେଜ ସରକାର ଯେ ଚୌହାଣ ରାଜବଂଶର ଶୌର୍ଯ୍ୟକୁ ଭୟ କରୁଥିଲେ, କେବଳ ସେତିକ ନୁହେଁ । ସେମାନେ ଚୌହାଣ ରାଜ ପ୍ରତିଷ୍ଠିତ ସାମ୍ରାଜ୍ୟର ମୂଳୋତ୍ପାଟନ କରିବା ସଙ୍ଗେ ସମ୍ବଲପୁର ରାଜ୍ୟକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ ଭେଦ ନୀତିର ଆଶ୍ରୟ ନେବା ପାଇଁ ପ୍ରସ୍ତୁତ ନ ଥିଲେ । ଇଂରେଜମାନେ ୧୮୪୯ ମସିହାରେ ସମ୍ବଲପୁର ରାଜ୍ୟ ହସ୍ତଗତକରି ୧୮୬୩ ସାଲରେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ । ୧୮୮୪ ସାଲରେ ସମ୍ବଲପୁର ଶିକ୍ଷାବିଭାଗ ଗୋଟାଏ ମାୟାଜାଲ ରଚିତ ବୋର୍ଡ଼ ହାତରେ ସମର୍ପଣ କରିଥିଲେ । ୧୮୯୪ ମସିହାରୁ ସ୍କୁଲ

ଓ କଚେରୀରୁ ମାତୃଭାଷା ଉଠାଇ ହିନ୍ଦୀ ଭାଷା ଚଳାଇଥିଲେ । ସମ୍ବଲପୁର ବାସୀ ବହୁଯତ୍ନରେ ୧୯୦୨ ସାଲରେ ମାତୃଭାଷା ଫେର ପାଇ ୧୯୦୫ ସାଲରେ ମଧ୍ୟ-ପ୍ରଦେଶରୁ ମୁକ୍ତ ହୋଇଥିଲେ । ୧୯୦୬ ମସିହାରେ ସମ୍ବଲପୁରବାସୀ ନିଜ ଜାତିଭାଇ ସଙ୍ଗେ ମିଶି ପାରିଥିଲେ ହେଁ, ୧୯୪୭ ସାଲ ପର୍ଯ୍ୟନ୍ତ କୌଣସି ସୁବିଧା ଲାଭ କରି ନ ଥିଲେ ।

ସମ୍ବଲପୁର ଭୂଖଣ୍ଡର ପ୍ରାକୃତିକ ପରିସ୍ଥିତି ହିଁ ଏହି ଅଭିଶପ୍ତ ଅଧିବାସୀ ମନୁଷ୍ୟ ଜାତିକୁ ବଞ୍ଚାଇ ରଖିଛି । ମହାନଦୀ ଛଡ଼ା ଆଉ କେତେ ନଦୀ ଏ ଜିଲ୍ଲାର ଅନ୍ତର୍ଦ୍ଦେଶରେ ପ୍ରବାହିତ । ସେମାନଙ୍କ ମଧ୍ୟରେ ଇବ, ଅଙ୍ଗ, ଭେଡ଼େନ ଓ ଜୀରା ପ୍ରଧାନ । ଚୌହାଣବୀର ସୁରେନ୍ଦ୍ର ସାଏଙ୍କ ରଙ୍ଗମଞ୍ଚ ବାରପାହାଡ଼, ଝିରଘାଟୀ ଓ ମଉଳାଭଣଜ୍ଞା ବ୍ୟତୀତ ଆଉ କେତେଟା କ୍ଷୁଦ୍ର ପାହାଡ଼ ଏ ରାଜ୍ୟରେ ବିଦ୍ୟମାନ । ନୃସିଂହନାଥ ଝରଣ ଏ ଜିଲ୍ଲାର ଗୋଟିଏ ନୈସର୍ଗିକ ଦୃଶ୍ୟ । ବର୍ତ୍ତମାନ ନିର୍ମିତ ହୀରାକୁଦବନ୍ଧ ସମ୍ବଲପୁର ଜିଲ୍ଲାର ଦ୍ରଷ୍ଟବ୍ୟ ସମ୍ଭାର ।

ଜାରଙ୍ଗର ମୁଗଜାଇ, କୁମ୍ଭାରୀର କୋଶଳାଶାଗ, ରେମଣ୍ଡାର ଉଷୁନା-ଚାଉଳର ପଖାଳ, ରେଶମର ଆଖୁ, ବରଗଡ଼ର ମୁଢ଼ି ଓ ବାରପାହାଡ଼ର କଉଡ଼ ହେଣ୍ଡୁଆ (୧) ଯେ ଦିନେ ଖାଇବାକୁ ପାଇଛି, ସେ କି ତା'ର ଜୀବନ ଥିବା ଯାଏ, ସେ ସବୁର ଆସ୍ୱାଦ ଭୁଲି ପାରିବ ?

---

(୧) କଉଡ଼ ସଂସ୍କୃତ 'କର୍ପର' ଓ ହେଣ୍ଡୁଆ 'ସହେଣ୍ଡୁକ' ଶବ୍ଦଜ । ( ବୈଦ୍ୟକଳ୍ପଦ୍ରୁମ ) ।

ଭାଷାବିଭବରେ ସୁଦ୍ଧା ସମ୍ବଲପୁର ପଛ ନୁହେଁ । ସମ୍ବଲପୁରୀ ଭାଷା, କୋଶଳ ଭାଷାର ସଂସ୍କରଣମାତ୍ର । ଶବ୍ଦସମ୍ଭାର ଓ ଭାବ-ସମ୍ପଦ ସମ୍ବଲପୁରୀ ଭାଷାରେ ଯଥେଷ୍ଟ ଅଛି । ସମ୍ବଲପୁରରେ ପ୍ରଚଳିତ ପ୍ରବଚନଗୁଡ଼ିକ ଏ ରାଜ୍ୟର ଭାଷା ଗୌରବର ପରିଚାୟକ । [ପ୍ର.ତ.]

ସମ୍ବଲପୁର ଜିଲ୍ଲାର ପର୍ବପର୍ବାଣିରେ ପ୍ରାଚୀନ କୃଷ୍ଟିର ବିଶେଷତ୍ୱ ଦେଖିବାକୁ ମିଳେ । ନୂଆଁଖାଇ, ପୁଅଜିଉଁତିଆ, ଭାଇ-ଜିଉଁତିଆ ଓ ପୁଷପୁନ୍ନି ଏ ଜିଲ୍ଲାର ବିଶେଷ ପର୍ବ ।

---

## ସମ୍ବଲପୁର ରାଜବଂଶ

(ସମ୍ବଲପୁର ରାଜବଂଶ କ୍ଷତ୍ରିୟ ଚୌହାଣ ଜାତୀୟ । ରାଜପୁତନା ଅନ୍ତର୍ଗତ ଆଜମୀର ଚୌହାଣମାନଙ୍କର ମୂଳପୀଠ । ଭାରତର ଶେଷ ସ୍ୱଦେଶୀ ସମ୍ରାଟ୍ ପୃଥ୍ୱୀରାଜ ଏହି ବଂଶର ଗୌରବ ବର୍ଦ୍ଧନ କରିଥିଲେ । ଚୌହାଣ ରାଜପତାକା ଚନ୍ଦ୍ରଚିହ୍ନିତ । କୋଶଳ ରାଜ୍ୟରେ ଗଙ୍ଗବଂଶ ପରେ ଚୌହାଣ ବଂଶ ରାଜତ୍ୱ କରିଥିଲେ । ରମାଇଦେବ ବା ରାମଚନ୍ଦ୍ର ଦେବ ପାଟଣା ରାଜ୍ୟର ପ୍ରଥମ ଚୌହାଣ ରାଜା । ତାଙ୍କର ତ୍ରୟୋଦଶ ବଂଶଧର ନୃସିଂହ ଦେବଙ୍କ ଭାଇ ବଳରାମ ଦେବ ସମ୍ବଲପୁର ରାଜ୍ୟର ପ୍ରଥମ ଚୌହାଣ ରାଜା ।)

୧ମ ରାଜା ବଳରାମ ଦେବ ଖ୍ରୀ: ୧୫୫୬ରୁ ୧୫୮୪ ମସିହା ପର୍ଯ୍ୟନ୍ତ ସମ୍ବଲପୁର ରାଜ୍ୟରେ ରାଜତ୍ୱ କରିଥିଲେ । ସେ ସୁର୍ଗୁଜା ସୀମାନ୍ତବର୍ତ୍ତୀ ଅରଣ୍ୟାନୀ ଅଧିକାର କରି ସମ୍ବଲପୁର ରାଜଧାନୀ ସ୍ଥାପନ କରିଥିଲେ ।( ଖ୍ରୀ : ୧୫୬୦ ) । ତାଙ୍କ ସମୟରେ ରାଜ୍ୟର ସୀମା ଗାଙ୍ଗପୁର ପର୍ଯ୍ୟନ୍ତ ବଢ଼ିଥିଲା । ସେ କଳାପାହାଡ଼କୁ ଯୁଦ୍ଧରେ ଜିଣି ବଧ କରିଥିଲେ ।

୨ୟ ରାଜା ହୃଦୟ ନାରାୟଣ ଦେବ ଖ୍ରୀ: ୧୫୮୪ ରୁ ୧୬୦୨ ଇସଵୀ ପର୍ଯ୍ୟନ୍ତ ରାଜତ୍ୱ କରଥିଲେ । ପାଟଣାର ଶିଶୁ ରାଜାଙ୍କର ବୟଃ-ପ୍ରାପ୍ତି ପର୍ଯ୍ୟନ୍ତ ସେ ପାଟଣାରାଜ୍ୟ ପରିଚାଳନା କରଥିଲେ । ତାଙ୍କ ସମୟରେ ସୋମଲାଈ ମନ୍ଦିର ନିର୍ମିତ ହୋଇଥିଲା । (୧୫୮୫-୧୬୦୦) । ପ୍ରବାଦ ଅଛି ଯେ, ମନ୍ଦିରର କାନ୍ଥ ବାରବାର ଭାଙ୍ଗି ଯାଇଥିଲା । ଦେବୀଙ୍କ ସ୍ୱପ୍ନାଦେଶରେ ଏକ ବ୍ରାହ୍ମଣ ଦମ୍ପତିଙ୍କୁ ଭିତ୍ତିମୂଳରେ ଜୀବନ୍ତ ସମାଧି ଦିଆଯାଇଥିଲା । ଉକ୍ତ ବ୍ରାହ୍ମଣ ଦମ୍ପତିଙ୍କର ବଂଶଧରମାନେ ସେଥିପାଇଁ ସର୍ଲାକାମୀ ଗ୍ରାମ ଆଜି ପର୍ଯ୍ୟନ୍ତ ନିଷ୍କର ଭୋଗ କରି ଆସୁ-ଅଛନ୍ତି । ସେ ତାଙ୍କ ମାତାଙ୍କ ଆଦେଶରେ ଅନନ୍ତଶଯ୍ୟା ମନ୍ଦିର ନିର୍ମାଣ କରାଇ ଦେଇଥିଲେ ।

୩ୟ ରାଜା ବଳଭଦ୍ର ସାଏ ୧୬୦୨ରୁ ୧୬୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜ୍ୟଶାସନ କରିଥିଲେ । "ବଳଭଦ୍ରସ୍ୱାମୀ"— ଅଧିଷ୍ଠିତ ବ୍ରହ୍ମପୁରା ମନ୍ଦିର ବଳଭଦ୍ର ସାଏଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ତାଙ୍କ ରାଜତ୍ୱ ସମୟରେ ରାଜଧାନୀ ପୂର୍ବ ଦିଗରେ ବସତି ବଢ଼ିଥିଲା ଏବଂ ବାମଣ୍ଡା, ରାୟଗଡ଼ ଓ ରାୟଗଡ଼-ଅନ୍ତର୍ଗତ ବରଗଡ଼ ସମ୍ବଲପୁର ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା । ଉକ୍ତ ରାଜା ପୂର୍ବ ରାଜ-ବାଟୀ ଛାଡ଼ି "ବଳଭଦ୍ର ରାଜଭବନ" ନାମରେ ଏକ ରାଜବାଟୀ ପ୍ରସ୍ତୁତ କରାଇ ବାସ କରିଥିଲେ । ବଳରାମ ରାଜବାଟୀ ଓ ବଳଭଦ୍ର ରାଜ-ବାଟୀର ସଙ୍କେତ ମାଟି ଢିପରେ ରହିଅଛି ।

୪ର୍ଥ ରାଜା ମଧୁକର ସାଏ (୧୬୩୨-୧୬୫୮) । ଏହାଙ୍କ ଜ୍ୟେଷ୍ଠପୁତ୍ର ବଳିଆରସିଂହ ( ହୀରାଖଣ୍ଡ ସାମ୍ରାଜ୍ୟ ପ୍ରତିଷ୍ଠାତା ), ୨ୟ ପୁତ୍ର ଅନିରୁଦ୍ଧସାଏ (ଖିଣ୍ଡା ଓ ରାଜପୁର ରାଜବଂଶର ପ୍ରଥମ ପୁରୁଷ ), ୩ୟ ପୁତ୍ର ମଦନଗୋପାଳ ଦେବ ( ସୋନପୁର ରାଜବଂଶର ପ୍ରଥମ ପୁରୁଷ), ୪ର୍ଥ ପୁତ୍ର ବଂଶୀଗୋପାଳ ଦେବ (ବାବାଜୀ), ୫ମ ପୁତ୍ର ଅନନ୍ତ

ସାଏ । ମଧୁକର ସାଏଙ୍କ ସମୟରେ ଯୁଦ୍ଧବିଗ୍ରହ କିଛି ଲାଗି ନ ଥିବା ହେତୁ ସମ୍ବଲପୁର ରାଜ୍ୟ ଶାନ୍ତିସୁଖରେ ରହିଥିଲା ।

୫ମ ରାଜା ବଳିଆର ସିଂହ—ଏ ବଡ଼ ଯୋଦ୍ଧା, ଯୁଦ୍ଧପ୍ରିୟ ଓ ସାମ୍ରାଜ୍ୟବାଦୀ ରାଜା ଥିଲେ । ଏହାଙ୍କ ଦ୍ୱାରା ୧୮ ଗୋଟି ରାଜ୍ୟ ଘେନି ସମ୍ବଲପୁର ରାଜ୍ୟ "ହୀରାଖଣ୍ଡ ସାମ୍ରାଜ୍ୟ"ରେ ପରିଣତ ହୋଇଥିଲା । ଶାରଙ୍ଗଡ଼, ରାୟଗଡ଼, ବରଗଡ଼ (ରାୟଗଡ଼ ଅନ୍ତର୍ଗତ), ଫୁଲଝର, ବୁଢ଼ାସମ୍ବର, ଖଡ଼ିଆଲ, ଶକ୍ତି, କଳାହାଣ୍ଡି, ପାଟଣା, ସୋନପୁର, ବୌଦ୍ଧ, ଆଠମଲ୍ଲିକ, ବେନ୍ଦ୍ରା ନୂଆଁଗଡ଼, ପାଲଲହଡ଼ା, ବାମଣ୍ଡା, ବଣାଇ, ରେଢ଼ାଖୋଲ ଓ ଗାଙ୍ଗପୁର ଏହି ୧୮ ଗୋଟି ରାଜ୍ୟ "ଅଠରଗଡ଼" ନାମରେ କଥିତ । କୋଶଳ ବା ସମ୍ବଲପୁର ଇତିହାସରେ କଳାହାଣ୍ଡି ସ୍ଥାନରେ ସୁର୍ଗୁଜା ରହିଛି ; କିନ୍ତୁ ତାହା ଠିକ୍ ନୁହେଁ । ବୌଦ୍ଧ ରାଜ୍ୟ ଜିଣିବା ସକାଶେ ବଳିଆର ସିଂହଙ୍କୁ ୧୨ ବର୍ଷ ଲାଗିଥିଲା । ଫେରିଲା ମାର୍ଗରେ "ଗୋଲାବନ୍ଧ" ନାମକ ଗ୍ରାମ ବ୍ରାହ୍ମଣମାନଙ୍କୁ ଦାନ କରି ବଳିଆର ସିଂହ ଗୋଳା ବନ୍ଦ କରିଥିଲେ । ପୁରୀ ଗଜପତି ମହାରାଜା ମୁକୁନ୍ଦ ଦେବ ବଳିଆର ସିଂହଙ୍କ ଶୌର୍ଯ୍ୟ ଦେଖି ପରିତୁଷ୍ଟ ହୋଇ ତାଙ୍କୁ "ମହାରାଜା" ଓ "ହୀରାଖଣ୍ଡ ଛତ୍ରପତି" ଉପାଧି ସହିତ ସ୍ୱୀୟ ଭଗ୍ନୀଙ୍କୁ (ମତାନ୍ତରେ କନ୍ୟାଙ୍କୁ) ସମର୍ପଣ କରିଥିଲେ । "ମେଘାଡ଼ମ୍ବର ଛତ୍ର" ଓ ପୁରୀ ରାଜଜେମାଙ୍କୁ ଘେନି ଫେରିଲା ମାର୍ଗରେ ମହାନଦୀକୂଳବର୍ତ୍ତୀ ଗୁମୁଣ୍ଡିଆ ଗ୍ରାମରେ ଉକ୍ତ ନବରାଜଦମ୍ପତିଙ୍କର ବିବାହକୃତ୍ୟ ସମ୍ପନ୍ନ ହୋଇଥିଲା । ଉକ୍ତ ଗ୍ରାମ ଦଶପଲ୍ଲା ଅନ୍ତର୍ଗତ ଗଣିଆ ପୋଲିସ ଥାନା ପାଖରେ ଅବସ୍ଥିତ । ପୁରୀ ରାଜଜେମା ବଳିଆର ସିଂହଙ୍କ ଦ୍ୱିତୀୟା ରାଣୀ ହୋଇଥିଲେ । ତାଙ୍କ ଗର୍ଭରୁ ତିନିଗୋଟି ପୁତ୍ର ଜାତ ହୋଇଥିଲେ । ମହାବୀର ବଳିଆର ସିଂହ ୧୬୫୮ ରୁ ୧୬୯୮ ଖ୍ରୀଷ୍ଟାବ୍ଦ

ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଗୋପାଳଜୀ ମଠ ତାଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିଲା । ସେ ମଠର ନିଯୋଗ ପାଇଁ ବଳବସପୁର ପ୍ରଭୃତି କେତେଖଣ୍ଡ ଗ୍ରାମ ଉକ୍ତ ମଠକୁ ଦାନ କରିଥିଲେ ।

୬ଷ୍ଠ ରାଜା ରତ୍ନସିଂହ—୧୬୯୮—୯୯ ମଧ୍ୟରେ ୪ମାସ ମାତ୍ର ରାଜତ୍ୱ କରି ପଞ୍ଚତ୍ୱପ୍ରାପ୍ତ ହୋଇଥିଲେ ।

୭ମ ରାଜା ଛତ୍ରସାଏ—୧୬୯୯ ରୁ ୧୭୪୨ ମସିହା ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ତାଙ୍କ ସମୟରେ ସମ୍ବଲପୁର ରାଜ୍ୟର ଆଭ୍ୟନ୍ତରୀଣ ଅବସ୍ଥା ଉନ୍ନତିଲାଭ କରିଥିଲା । ମରହଟ୍ଟା ରାଜା ରଘୁଜୀ ଭୋଁସଲା ହଠାତ୍ ଆକ୍ରମଣ କରି ପରାଜିତ ହୋଇ ଫେରି ଯାଇଥିଲେ । ଏହା ମରହଟ୍ଟାମାନଙ୍କର ପ୍ରଥମ ଆକ୍ରମଣ । (ଖ୍ରୀ: ୧୭୪୦) । ଛତ୍ରସାଏ "ଛତ୍ରସାଗର" ନାମକ ପୋଖରୀ ଖନନ କରାଇଥିଲେ । ରାଜସଭା ବୈଦ୍ୟ ୬ ଗୋପୀନାଥ ଷଡ଼ଙ୍ଗୀ ଛତ୍ରସାଏଙ୍କ ରାଜତ୍ୱ ସମୟରେ "ଚିକିତ୍ସା ମଞ୍ଜରୀ" ନାମକ ଆୟୁର୍ବେଦ ଗ୍ରନ୍ଥ ସଂକଳନ କରିଥିଲେ । ଖ୍ରୀମନଗରୀ ( ତାଳଚେର ) ରାଜା ଗୋବର୍ଦ୍ଧନଚରଣ ବୀରବର ହରିଚନ୍ଦନ ରାଉତରାୟ ସାଥୋଡ଼ା ଦଳବେହେରା ମହାପାତ୍ର ଛତ୍ରସାଏଙ୍କଠାକୁ ପଠାଇଥିବା ପତ୍ର ନିମ୍ନରେ ଉଦ୍ଧୃତ ହୋଇଅଛି । ଉକ୍ତ ପତ୍ରରୁ ସମ୍ବଲପୁର ଚୌହାଣ ରାଜାମାନଙ୍କର ଗୌରବ ସ୍ପଷ୍ଟ ପ୍ରତିଭାତ ହେଉଛି ।

"ସ୍ୱସ୍ତି ଶ୍ରୀ ସମସ୍ତ ପ୍ରଶସ୍ତ ସହିତେଷୁ ଶ୍ରୀ ଗଙ୍ଗବଂଶକୁ ବିଦ୍ରୋହ ଧବଳବଇର ଦୁର୍ଜ୍ଜୟ ସଙ୍ଗମଗଡ଼ ଶନିଶ୍ଚର ଅନିବାରଣ ଦଳସନ୍ନିବାରଣ ସିଧୀ ବୁଡ଼ନ୍ତା ଗଡ଼ ଉଦ୍ଧାରଣ ଧୀରଗନ୍ଧେ ଗନ୍ଧବାରଣ ବୀରମଣ୍ଡଳୀଙ୍କ ମସ୍ତକେ ତ୍ରିଶୂଳ ଶ୍ରୀ ରଣରଙ୍କସ ଶ୍ରୀ ବିମଳେଶ୍ୱର ଦେବତା ଶ୍ରୀସମଲାଈ ଦେବୀ ଶରଣ ଶ୍ରୀ ପାଟଣେଶ୍ୱରୀ ଦେବୀଙ୍କ ବରପ୍ରସାଦ ଶ୍ରୀ ସମ୍ବଲପୁର ଶୁଭସ୍ଥାନ ଅଧିପତି ଶ୍ରୀମତ୍ ଛତ୍ରସାଏ ମହାରାଜାଙ୍କୁ······

ସ୍ୱସ୍ତି ଶ୍ରୀ ପ୍ରବଳପ୍ରତାପୋଦିତ ପରତାପ ଦାନସମ୍ପନ୍ନ ମହାରାଜାଧିରାଜ ଶ୍ରୀ ଖେମନଗରୀ ଶୁଭସ୍ଥାନ ଅଧିପତି ଶ୍ରୀ ରାମଚଣ୍ଡି ଦେବୀଙ୍କ ବରପ୍ରସାଦ ବୀରଧିବୀରବର ଶ୍ରୀ ୧୦୮ ଶ୍ରୀ ରାଜା ଗୋବିନ୍ଦ ଚରଣ ବୀରବର ହରିଚନ୍ଦନ ରାଉତ ରାୟଙ୍କର······ଯେ ଯାହାର ବଧିଚଠାଉ । ସାହାଣ ଭଣ୍ଡାର ଦଳ ପରିବାର ସମସ୍ତ କ୍ଷେମକୁଶଳ । ଏଜାଣି ଆପଣଙ୍କର ସମସ୍ତ ପାଠ ସାହାଣ ଭଣ୍ଡାର ଦଳ ପରିବାର ଶ୍ରୀଅଙ୍ଗ ରାଇଜ କ୍ଷେମକୁଶଳ କଥାମାନ ଲେଖା ଦେବା ହୋଇବ । ଶୁଣି ଚିତ୍ତରେ ଆନନ୍ଦ ହୋଇବ । ସବୁଦିନେ ସମ୍ବଲପୁର ଖେମନଗରୀ ଏକା ରାଇଜେ ଏକାଘରେ ଏକାଧର୍ମେ ଏକାକର୍ମେ ସମ୍ବଲପୁର ଭଲେ ଖେମନଗରୀ ଭଲ ଖେମନଗରୀ ଭଲେ ସମ୍ବଲପୁରର ଭଲ । ଖେମ-ନଗରୀର ଯେ ଶତ୍ରୁ ସମ୍ବଲପୁରର ସେ ଶତ୍ରୁ । ଖେମ ନଗରୀର ଯେ ମିତ୍ର ସମ୍ବଲପୁରର ସେ ମିତ୍ର । ଆଜ ବୋଲି ନୁହଇ ସଦାସର୍ବଦା ପୁରୁଷାନୁକ୍ରମେ ଆମ୍ଭ ଦୁଇ ରାଇଜ ମଧ୍ୟରେ ମାଂସ ଅଛେଦଅଭେଦ ହୋଇ ଦିନ ଯାଉଛି ।

ଏ ନିମନ୍ତେ ଏ ଅଙ୍କର ଏତେଦିନ ସରିକ ଏ ଲେଖା ପଠାଗଲା କି ।"

ଶ୍ରୀହସ୍ତ ସ୍ୱାକ୍ଷର
ରାଜା ଗୋବିନ୍ଦଚରଣ ବୀର ହରିଚନ୍ଦନ
ରାଉତରାୟ ସାଥୋଡ଼ା ଦଳବେହେରା ମହାପାତ୍ର

ଉକ୍ତ ପତ୍ର ଖଣ୍ଡିକ ପ୍ରକାଶିତ "ତାଳଚେର ଇତିହାସ" ପୁସ୍ତକରେ ଅଛି । ଲେଖକ ପୁସ୍ତକ ପ୍ରକାଶ ପୂର୍ବରୁ ତାଳଚେର ରାଜବାଟୀସ୍ଥ ଲାଇବ୍ରେରୀରେ ସଂରକ୍ଷିତ ଖଣ୍ଡିଏ ତାଳପତ୍ର ପୋଥୀରୁ ଉଦ୍ଧାର କରି ଆଣିଥିଲା ।

୮ମ ରାଜା ଅଜିତସିଂହ—୧୭୪୨ ରୁ ୧୭୬୬ ମସିହା ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଦାନସମ୍ପନ୍ନ, ଧାର୍ମିକ ରାଜା ଥିଲେ । ସେ ପୁରୀ ଶାସନରୁ କୁଳୀନ ବ୍ରାହ୍ମଣ ୨୪ ଘର

ଡକାଇଆଣି ନିଜ ନାମରେ ଏକ ଶାସନ ବସାଇଥିଲେ । ସେହି ବ୍ରାହ୍ମଣଶାସନର ନାମ "ଅଜିତପୁର ଶାସନ" । ସମ୍ବଲପୁର ଝାରସୁଗୁଡ଼ା ରେଲ ଲାଇନ୍‌ରେ ଉକ୍ତ ଗ୍ରାମ "ଶାସନ ଷ୍ଟେସନ" ନାମରେ ପରିକୀର୍ତ୍ତିତ ହେଉଅଛି । ଅଜିତ ସିଂହଙ୍କ ସମୟରେ ଆଉ କେତେକ ବ୍ରାହ୍ମଣ ପରିବାର ସମ୍ବଲପୁର ରାଜ୍ୟକୁ ଆସିଥିଲେ । ସ୍ଥାରାବ୍ୟବସାୟ ନେଇ ଅଜିତସିଂହ ଓ ଗଭର୍ଣ୍ଣର ଲର୍ଡ଼ କ୍ଲାଇଭଙ୍କ ମଧ୍ୟରେ ପତ୍ର ଆଦାନ ପ୍ରଦାନ ହୋଇଥିଲା । ଲର୍ଡ କ୍ଲାଇଭ ମି: ମୋଟେ ସାହେବଙ୍କୁ ଦୂତରୂପେ ସମ୍ବଲପୁର ପଠାଇଥିଲେ ; କିନ୍ତୁ ସେ ପହଞ୍ଚିଲା ସମୟରେ ରାଜା ଅଜିତ ସିଂହ ମରିଯାଇଥିଲେ । ( ୧୭୬୬ ଖ୍ରୀଷ୍ଟାବ୍ଦ) ।

୯ମ ରାଜା ଅଭୟ ସିଂହ । ଅଜିତ ସିଂହଙ୍କ ଦୁଇ ପୁତ୍ର ଥିଲେ । ଜ୍ୟେଷ୍ଠ ଅଭୟ ସିଂହ ଓ କନିଷ୍ଠ ଜୟନ୍ତସିଂହ (ଜୟିତ୍ ସିଂହ) । ଅଭୟ ସିଂହ ଜଣେ ପ୍ରତାପୀ ରାଜା ଥିଲେ । ସେ ୧୭୬୬ ରୁ ୧୭୭୭ ମସିହା ପର୍ଯ୍ୟନ୍ତ ରାଜତ୍ଵ କରିଥିଲେ । ତାଙ୍କ ସମୟରେ ନାଗପୁରର ମରହଟ୍ଟା ରାଜା ସମ୍ବଲପୁର ଆକ୍ରମଣ କରି ପରାଜିତ ହୋଇଥିଲେ । ଏହା ମରହଟ୍ଟାମାନଙ୍କର ଦ୍ଵିତୀୟ ଆକ୍ରମଣ (୧୭୭୫) । ରାଜଭ୍ରାତା ଜୟନ୍ତ ସିଂହ କେତେକ ରାଜକର୍ମଚାରୀଙ୍କର ପ୍ରବର୍ତ୍ତନାରେ ଭ୍ରାତୃ-ବିରୋଧୀ ହୋଇ ରାଜଧାନୀରୁ ଚାଲିଯାଇ ଗାଙ୍ଗପୁର ବାମଣ୍ଡା ସୀମାନ୍ତବର୍ତ୍ତୀ ଦେଲଦେଲି ଗ୍ରାମରେ ରହିଥିଲେ । ମହାରାଷ୍ଟ୍ରମାନେ ତାଙ୍କୁ ସେଠାରୁ ବନ୍ଦୀ କରି ନେଇ ଯାଇଥିଲେ । ଅଭୟ ସିଂହ ଅପୁତ୍ରକ ହୋଇ ମୃତ ହେବାରେ ବିଧବା ରାଣୀ ଓ ଅକବର ରାଏ ଦେୱାନ ପଦ୍ମପୁରରୁ ବାଳକ ବଳଭଦ୍ର ସାଏଙ୍କୁ ଆଣି ସମ୍ବଲପୁର ରାଜସିଂହାସନରେ ବସାଇଥିଲେ । ଛତ୍ରସାଏଙ୍କ ଭାଇ ରଘୁନାଥ ସିଂହ ପଦ୍ମପୁର ଜମିଦାରୀରେ ଅବସ୍ଥାନ କରୁଥିଲେ । ଉକ୍ତ ବାଳକ ରଘୁନାଥ ସିଂହଙ୍କ ପୌତ୍ର ।

୧୦ମ ରାଜା ବାଳକ ବଳଭଦ୍ର ସାଏ । ଖ୍ରୀଷ୍ଟାବ୍ଦ ୧୭୭୭ରୁ ୧୭୮୨ ପର୍ଯ୍ୟନ୍ତ ରାଜା ହୋଇଥିଲେ । ଭ୍ରାତୃବିରୋଧୀ ଜୟନ୍ତ ସିଂହ ମରହଟ୍ଟାମାନଙ୍କର ରତ୍ନପୁରସ୍ଥ କାରାଗାରରୁ କୌଣସି ଉପାୟରେ ପଳାଇ ଆସି ବାଳକ ରାଜା ବଳଭଦ୍ର ସାଏ, ବିଧବାରାଣୀ ଓ ଆକବର ରାଏଙ୍କ ଦୁଇଜଣ ପ୍ରିୟବ୍ୟକ୍ତିଙ୍କୁ ହତ୍ୟା କରି ସମ୍ବଲପୁର ରାଜସିଂହାସନ ମାଡ଼ି ବସିଥିଲେ । ଏହି ହତ୍ୟାକାଣ୍ଡ ସମ୍ବନ୍ଧରେ ଜନଶ୍ରୁତି ଅଛି ଯେ, ଜୟନ୍ତ ସିଂହ ସମ୍ବଲପୁର ରାଜ ଅନ୍ତଃପୁରରେ ପଶିଲା ସମୟରେ ବିଧବା ରାଣୀ ପିଠା ଗ୍ରୁଣୁଥିଲେ । ଜୟନ୍ତ ସିଂହ ପ୍ରଣତ ବାଳକ ରାଜାଙ୍କୁ ଘୃତ କରାଇରେ ନିଃକ୍ଷେପ କରି ଭ୍ରାତୃଜାୟାଙ୍କ ମୁଣ୍ଡ କାଟି ଦେଇଥିଲେ ଏବଂ ଦେବାନଙ୍କ ଦୁଇ ଜଣ ଆତ୍ମୀୟଙ୍କୁ ବଧ କରିଥିଲେ । ସେ ଜୟନ୍ତପୁର ଶାସନ ନାମକ ଏକ ଶାସନ ବସାଇଥିଲେ ।

୧୧ଶ ରାଜା ଜୟନ୍ତ ସିଂହ (୧୭୮୨-୧୮୧୮) । ଏ ରାଜାଙ୍କ ସମୟରେ ମରହଟ୍ଟାମାନେ ପୁଣି ସମ୍ବଲପୁର ଆକ୍ରମଣ କରିଥିଲେ । ଏହା ସେମାନଙ୍କର ତୃତୀୟ ବାର ସମ୍ବଲପୁର ଆକ୍ରମଣ । ବହୁଦିନ ପର୍ଯ୍ୟନ୍ତ ଦୁର୍ଗ ଅବରୁଦ୍ଧ ହୋଇଥିଲା । ପରେ ଜଗଖାଁ ଓ ମୋତି ଖାଁ ନାମକ ଦ୍ୱାରରକ୍ଷୀ ଦ୍ୱୟ ମରହଟ୍ଟାମାନଙ୍କଠାରୁ ପ୍ରଚୁର ଟଙ୍କା ଲାଞ୍ଚ ପାଇ ବିଶ୍ୱାସଘାତକତା କରି ରାତିରେ ଦ୍ୱାର ଖୋଲି ଦେଇଥିଲେ । ମରହଟ୍ଟା ସେନା ରାଜ ଅନ୍ତଃପୁରରେ ଅକସ୍ମାତ୍ ପଶି ରାଜା ଜୟନ୍ତ ସିଂହ ଓ ଯୁବରାଜ ମହାରାଜ ସାଏଙ୍କୁ ବନ୍ଦୀକରି ନେଇ ଯାଇଥିଲେ । ସେହି ବିଶ୍ୱାସଘାତି ଖାଁଦ୍ୱୟ ରମ୍ଭେଲା ନିକଟବର୍ତ୍ତୀ ବରପାଲି ଗ୍ରାମ ମରହଟ୍ଟା ଶାସନ ସମୟରେ ପୁରସ୍କାର ପାଇଥିଲେ । (୧୭୯୯ ଖ୍ରୀ:) ।

ସମ୍ବଲପୁର ରାଜ୍ୟ ୧୮ ବର୍ଷ ପର୍ଯ୍ୟନ୍ତ ମରହଟ୍ଟା ଶାସନକର୍ତ୍ତା ଭୂପସିଂହ ଓ ତାଙ୍କ ପୁଅ ପର୍ଣ୍ଣାବସ୍ଙ୍କଦ୍ୱାରା ଶାସିତ ହୋଇଥିଲା । ଜୟନ୍ତ ସିଂହ ଇଂରେଜମାନଙ୍କ ଦ୍ୱାରା ବନ୍ଧରୁ ମୁକ୍ତ ହୋଇ ପ୍ରାୟ ୧ ବର୍ଷ ରାଜା ହୋଇଥିଲେ ।

୧୨ଶ ରାଜା ମହାରାଜ ସାଏ—(୧୮୧୮ରୁ ୧୮୨୭) । ସେ ନାମମାତ୍ର ରାଜା ହୋଇଥିଲେ । ତାଙ୍କ ସମୟରେ "ବର୍ଗୀ" ଉପଦ୍ରବ ପରିବର୍ତ୍ତେ ଗଣ୍ଡମାରୁ ଉପଦ୍ରବ ଆରମ୍ଭ ହେଲା । ପୁରାତନ ରାଜବାଟୀ ଅମଙ୍ଗଳ ବିଚାରି କରି ସେ ଏକ ନୂଆଁ ରାଜବାଟୀ ପ୍ରସ୍ତୁତ କରାଇ ସେଠାରେ ରହିଥିଲେ । ବ୍ରଜମୋହନ ପାର୍କକୁ ଲାଗି କରି ସେହି ରାଜବାଟୀ ଜୀର୍ଣ୍ଣାବସ୍ଥାରେ ରହିଛି । ମରହଟ୍ଟା ବର୍ଗୀମାନେ ବାଲ୍କ ଦାଶ ନାମକ ଜଣେ ବ୍ରାହ୍ମଣ ଯୁବକଙ୍କୁ ଦନ୍ତାନଦୀ କୂଳବର୍ତ୍ତୀ କଳାପାଣି ଗ୍ରାମରୁ ବୃନ୍ଦାକୁ ନେଇ ଯାଇଥିଲେ । ସେ ମରହଟ୍ଟାମାନଙ୍କର ମହିଷୀଆଳ ହୋଇଥିଲେ । ସେଠାରୁ ମହିଷୀ ଗୋଠ ସହିତ ପଳାଇ ଆସି ରାଜା ମହାରାଜ ସାଏଙ୍କୁ ମହିଷୀ ଗୋଠ (୧୨୦୦ ମହିଷୀ) ଭେଟି ଦେଇଥିଲେ । ମହାରାଜ ସାଏ ତାଙ୍କୁ ଧର୍ମପୁତ୍ରରୂପେ ଗ୍ରହଣ କରି ତାଙ୍କର ବିବାହ ଓ ବାସଗ୍ରାସର ବ୍ୟବସ୍ଥା କରି ଦେଇଥିଲେ । ଇଂରେଜମାନେ ମହାରାଜ ସାଏଙ୍କଠାରୁ ୧୮ ଗୋଟି ରାଜ୍ୟର ସାର୍ବଭୌମତ୍ୱ କାଢ଼ି ଦେଇଥିଲେ । ମହାରାଜ ସାଏ ଅପୁତ୍ରକ ହୋଇ ମୃତ ହେବାରୁ ଇଂରେଜ ସରକାର ତାଙ୍କ ବିଧବା ରାଣୀ ମୋହନକୁମାରୀଙ୍କୁ ଗାଦିରେ ବସାଇଥିଲେ ।

୧୩ଶ ରାଜା ରାଣୀ ମୋହନକୁମାରୀ (୧୮୨୭-୧୮୩୩) । ମହାରାଜ ସାଏଙ୍କ ମୃତ୍ୟୁପରେ ରାଜଗାଦି ନେଇ ସୁରେନ୍ଦ୍ର ସାଏ ଘୋର ଆପତ୍ତି କରିଥିଲେ ; କିନ୍ତୁ ଇଂରେଜ ସରକାର ତାଙ୍କର

ଦାବୀ ଉପେକ୍ଷା କରି ବିଧବା ରାଣୀ ମୋହନକୁମାରୀଙ୍କୁ "ବାଇଗଣ ବାଡ଼ିରେ ଗୋରୁମୁଣ୍ଡ" ଭଳି ସ୍ଥାପନ କରିଥିଲେ । ଏ ବ୍ୟାପାରରେ ସମ୍ବଲପୁର ଜନସାଧାରଣଙ୍କ ମନରେ ଅସନ୍ତୋଷର ମାତ୍ରା ବଢ଼ିଗଲା । ଇଂରେଜ ସରକାର ତଥା ରାଜକର୍ମଚାରୀମାନେ ଯଥେଚ୍ଛାଚାରୀ ହେଲେ । ଦୁଷ୍ଟମାନେ ରାଜ୍ୟରେ ଲୁଟ୍‌ପାଟ୍ କଲେ । ସୁରେନ୍ଦ୍ର ସାଏ ପ୍ରକାଶ୍ୟ ରୂପେ ରାଷ୍ଟ୍ର ବିପ୍ଲବ ଆରମ୍ଭ କଲେ । (୧୮୨୭)

୧୪ଶ ରାଜା ନାରାୟଣ ସିଂହ—(୧୮୩୩—୧୮୪୯) । ଇଂରେଜମାନେ ରାଣୀ ମୋହନକୁମାରୀଙ୍କୁ ଅବସର ଦେଇ ବରପାଲି ରାଜବଂଶୀୟ ବୃଦ୍ଧ ନାରାୟଣ ସିଂହଙ୍କୁ ସମ୍ବଲପୁର ରାଜସିଂହାସନରେ ବସାଇଦେଲେ । ନାରାୟଣ ସିଂହ ବରପାଲି ଜମିଦାରଙ୍କ ଦାସୀଗର୍ଭଜାତ ସନ୍ତାନ ଥିଲେ । ଇଂରେଜମାନେ ତାଙ୍କୁ ବାଧ୍ୟ କରି ରାଜା କରିଥିଲେ । ନାରାୟଣ ସିଂହ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ଅନେକ ଚେଷ୍ଟା କରିଥିଲେ । ତାଙ୍କ ସମୟରେ ମହାନଦୀ ପ୍ରାଚୀରର ଜୀର୍ଣ୍ଣ ସଂସ୍କାର ହୋଇଥିଲା । ବରଗଡ଼ ମାଫି ରାଜା ନାରାୟଣ ସିଂହ ପ୍ରଦାନ କରିଥିଲେ । (୧୮୪୪ମସିହା) । ସୁରେନ୍ଦ୍ର ସାଏ ଓ ତାଙ୍କର ତିନିଜଣ ଭାଇ (ଉଦନ୍ତସାଏ, ଉଜ୍ଜ୍ୱଳ ସାଏ ଓ ଛବିଲ ସାଏ) ଏବଂ ସେମାନଙ୍କ ପିତୃବ୍ୟ ବଳରାମ ସିଂହଙ୍କୁ ଇଂରେଜମାନେ ରାମପୁର ହତ୍ୟା ଅପରାଧୀରୂପେ ଯାବଜ୍ଜୀବନ କାରା-ବାସ ଦଣ୍ଡ ବିଧାନ କରି ହଜାରୀବାଗ ଜେଲରେ ରଖିଥିଲେ । (୧୮୪୦) । ତା'ପରେ ସୁରେନ୍ଦ୍ର ସାଏଙ୍କ ପୁତ୍ର ମିତ୍ରଭାନୁ ସାଏଙ୍କୁ ତାଙ୍କ ମାମୁଁ ଘରୁ ଧରି ଆଣି ହଜାରୀବାଗ ଜେଲକୁ ପଠାଇ ଦେଇଥିଲେ (୧୮୫୫) । ୧୮୪୯ରେ ରାଜା ନାରାୟଣ ସିଂହ ପରଲୋକଯାତ୍ରା

କରିଥିଲେ । ତାଙ୍କର ଆଶାକୁମାରୀ ନାମ୍ନୀ ଏକମାତ୍ର କନ୍ୟା ଥିଲେ । ଇଂରେଜ ସରକାର ସମ୍ବଲପୁର ରାଜ୍ୟକୁ ବ୍ରିଟିଶ ସାମ୍ରାଜ୍ୟଭୁକ୍ତ କରି ବିଧବାରାଣୀ ମୁଖ୍ୟପାନଙ୍କୁ ପେନ୍‌ସନ୍ ଦେଇ କଟକ ପଠାଇ ଦେଲେ ।

ଏଣେ ଭାରତରେ ତଥାକଥିତ ସିପାହୀ ବିଦ୍ରୋହ ହେଲା । (୧୮୫୭) । ସେହି ସୁଯୋଗରେ ସୁରେନ୍ଦ୍ର ସାଏ, ତାଙ୍କର ପୁତ୍ର ଓ ତିନି ଭାଇ ଜେଲରୁ ମୁକ୍ତ ହୋଇ ସମ୍ବଲପୁରରେ ପୂର୍ବାନୁଷ୍ଠିତ ବିପ୍ଳବ ଯଜ୍ଞର ପୁର୍ଣ୍ଣାହୁତି କରିଥିଲେ । ସେହି ଜେଲରେ ସୁରେନ୍ଦ୍ରସାଏଙ୍କ କକା ବଳରାମ ସିଂହ ମାରା ପଡ଼ିଥିଲେ ।

---

## ରହସ୍ୟ

ଭାରତବର୍ଷକୁ ଇଂରେଜମାନେ "ଇଣ୍ଡିଆ" ନାମରେ ଅଭିହିତ କରିଅଛନ୍ତି । ଲବଙ୍ଗ, ଏଲାଇଚ ପ୍ରଭୃତି ସୁଗନ୍ଧମସଲା ଭାରତ ବ୍ୟତୀତ ପୃଥିବୀର ଅନ୍ୟ କୌଣସି ଦେଶରେ ଉତ୍ପନ୍ନ ହୁଏ ନାହିଁ । ଆରବୀୟ ନୌବଣିକମାନେ ସେହିସବୁ ଦ୍ରବ୍ୟ ଭାରତରୁ ମିଶର ପର୍ଯ୍ୟନ୍ତ ପହଞ୍ଚାଉଥିଲେ । ମିଶରୀୟ ବଣିକମାନେ ଇଟାଲୀର ରୋମନଗରୀରେ ସେଥିର ବାଣିଜ୍ୟ ଚଳାଉଥିଲେ । ଏହି ସୂତ୍ରରେ ଇଉରୋପ ମହାଦେଶ ସହିତ ଭାରତ ଦେଶର ଯୋଗସୂତ୍ର ହୋଇଥିଲା । ଦିନାମାର ପୋର୍ତ୍ତୁଗିଜ୍, ଫରାସି ଓ ଇଂରେଜ ଜାତି ବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଭାରତରେ ପାଦ ପକାଇଥିଲେ । ଖ୍ରୀଷ୍ଟାବ୍ଦ ୧୬୦୦ ମସିହାରେ ଇଂଲଣ୍ଡର ରାଣୀ ଏଲିଜାବେଥ୍‌ଙ୍କ ରାଜତ୍ୱ ସମୟରେ କେତେକ ଇଂରେଜ ବଣିକ "ଇଷ୍ଟଇଣ୍ଡିଆ କୋମ୍ପାନୀ" ନାମରେ

ଏକ ବଣିକ ସଂଘ ଗଢ଼ି ଏ ଦେଶରେ ପଦାର୍ପଣ କରିଥିଲେ । ତହିଁ ପୂର୍ବରୁ ସମ୍ବଲପୁରର ହୀରାର ପ୍ରଶସ୍ତି ଇଉରୋପରେ ପ୍ରଚାରିତ ହୋଇ-ଥିଲା । ସେତେବେଳେ ଭାରତର ସାର୍ବଭୌମ ସିଂହାସନ ମୋଗଲ-ମାନଙ୍କର ଅଧିକାରରେ ରହିଥିଲା । ହିନ୍ଦୁ-ମୁସଲମାନ, ଓ ହିନ୍ଦୁ ହିନ୍ଦୁ ମଧ୍ୟରେ ଯୁଦ୍ଧବିଗ୍ରହ ଲାଗିଥିଲା । ମୋଗଲ ସାମ୍ରାଜ୍ୟର ପତନ ସମୟରେ ମହାରାଷ୍ଟ୍ର ଜାତି ଶକ୍ତିଶାଳୀ ହୋଇଥିଲେ । ଠିକ୍ ସେହି ମାହେନ୍ଦ୍ରବେଳାରେ ଇଷ୍ଟଇଣ୍ଡିଆ କୋମ୍ପାନୀ ଏହି ସ୍ୱର୍ଣ୍ଣପ୍ରସୂ ଦେଶରେ ବାଣିଜ୍ୟ ଆରମ୍ଭ କରିଥିଲେ । ସେଥିର ବହୁ ପୂର୍ବରୁ (ସମ୍ବଲପୁର) ହୀରାଖଣିର ନାମ ପୃଥିବୀ-ବିଶ୍ରୁତ ହୋଇ ଯାଇଥିଲା । ଗ୍ରୀକ ପରି-ବ୍ରାଜକ ଟଲେମୀ ସପ୍ତଦଶ ଶତବର୍ଷ ପୂର୍ବେ ତାଙ୍କର ଭ୍ରମଣ ବୃତ୍ତାନ୍ତରେ ମହାନଦୀ ଓ ହୀରାଖଣିର ପ୍ରଶସ୍ତି ବର୍ଣ୍ଣନା କରିଥିଲେ । ଇଷ୍ଟଇଣ୍ଡିଆ କୋମ୍ପାନୀର ଲୋଲୁପଦୃଷ୍ଟି ସର୍ବାଗ୍ରେ ସମ୍ବଲପୁର ପ୍ରତି ଆକୃଷ୍ଟ ହୋଇଥିଲା । ଗବର୍ଣ୍ଣର ଲର୍ଡ଼କ୍ଲାଇଭ୍ ଓ ସମ୍ବଲପୁର ମହାରାଜା ଅଜିତ ସିଂହଙ୍କ ମଧ୍ୟରେ ଚିଠିପତ୍ର ଆଦାନ ପ୍ରଦାନ ହୋଇଥିଲା । ଅଜିତ ସିଂହ ଇଂରେଜବଣିକ ସଂଘର ପ୍ରତିନିଧିଙ୍କୁ ନିମନ୍ତ୍ରଣ କରିଥିଲେ । କ୍ଲାଇଭଙ୍କ ଦୂତ ମି: ମୋଟେ ସମ୍ବଲପୁରରେ ପହୁଞ୍ଚିଲା ପୂର୍ବରୁ ଅଜିତ ସିଂହ ପରଲୋକ ଯାତ୍ରା କରିଥିଲେ । ମି : ମୋଟେ ରାଜା ଅଭୟସିଂହଙ୍କ ସହିତ ଦେଖା କରିଥିଲେ (ଖ୍ରୀ: ୧୭୬୬) । ସେହି ସମୟରେ ସମ୍ବଲପୁରରେ ଗୃହ-ବିବାଦ ଆରମ୍ଭ ହୋଇଥିଲା । ସେନାପତି ଓ ପ୍ରଧାନ ମନ୍ତ୍ରୀ ସ୍ୱ ସ୍ୱ ପ୍ରାଧାନ୍ୟ ପ୍ରତିଷ୍ଠାରେ ଲାଗିଥିଲେ । ସେନାପତି ଆକବର ରାୟ ରାଜ୍ୟର ସର୍ବେସର୍ବା ହେବାପାଇଁ ଚେଷ୍ଟିତ ହୋଇଥିଲେ । ସୁତରାଂ ମି: ମୋଟେ ଅକୃତକାର୍ଯ୍ୟ ହୋଇ ଫେରି ଯିବାକୁ ବାଧ୍ୟ ହୋଇଥିଲେ ; କିନ୍ତୁ ସେ ସମ୍ବଲପୁରର ଆଭ୍ୟନ୍ତରୀଣ ଅବସ୍ଥା ନେଇ ଲର୍ଡ଼ କ୍ଲାଇଭଙ୍କଠାକୁ ଯେଉଁ ରିପୋର୍ଟ ପଠାଇଥିଲେ·

ତାହା ଇଂରେଜମାନଙ୍କର ରାଜ୍ୟ-ଲୋଲୁପ-ନୀତିର ଭାବ କାର୍ଯ୍ୟ-ପରିଚାଳକ ହୋଇଥିଲା । (୧)

ସେନାପତି ଆକବର ରାଏ ମରହଟ୍ଟାମାନଙ୍କର କେତେକ ତୋପ ମହାନଦୀଗର୍ଭସ୍ଥ "ଗୁମ୍‌ନର୍‌ହା" ଗଣ୍ଡରେ ବୁଡ଼ାଇ ଖସାରିଭୁରେ ସେସବୁ ଉଦ୍ଧାର କରି ଆଣିଥିଲେ । ତୋପବାହୀ ନୌକା କଟକରୁ ନାଗପୁରକୁ ଯାଉଥିଲା । ମରହଟ୍ଟାମାନେ ସମ୍ବଲପୁର ରାଜ୍ୟରୁ ଚୌଥ ଆଦାୟ କରି ନ ପାରି ଆଗରୁ ଆକ୍ରୋଶ ରଖିଥିଲେ । ତେଣୁ ସେମାନେ ସମ୍ବଲପୁର ରାଜଧାନୀ ଆକ୍ରମଣ କରିଥିଲେ । ଆକବର ରାଏ ସେହି ତୋପଗୁଡ଼ିକ ପ୍ରୟୋଗ କରି ଶତ୍ରୁପକ୍ଷକୁ ବିଧ୍ୱସ୍ତ କରି ଦେଇଥିଲେ । ଅଭୟ ସିଂହଙ୍କ ମୃତ୍ୟୁପରେ ରାଜସିଂହାସନ

(୧) ମି: ମୋଟେ "ସମ୍ବଲପୁର ଯାତ୍ରା" ନାମକ ଖଣ୍ଡିଏ ପୁସ୍ତକ ଲେଖିଥିଲେ । ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟଙ୍କ ଅନୁବାଦ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରକାଶ କରିଅଛନ୍ତି । ମି : ମୋଟେ ଅବଶ୍ୟ ଜଣେ ସୁଲେଖକ । ସେ ଯେଉଁଦିନ ସମ୍ବଲପୁରରେ ପ୍ରଥମ ପାଦ ପକାଇଲେ, ଅକସ୍ମାତ୍ ଝଡ଼ତୋଫାନ୍ ହୋଇଥିଲା । ବଜ୍ରପାତରେ ତାଙ୍କର ତମ୍ବୁ ଜଳିଯାଇଥିଲା । ତାଙ୍କର ଅନେକ ଲୋକ ହତାହତ ହୋଇଥିଲେ । ଭାଗ୍ୟତଃ ସେ ବଞ୍ଚି ଯାଇଥିଲେ । ବର୍ଷା ହେତୁ ସେ ଦୁରବସ୍ଥାରେ ଚାତୁର୍ମାସ୍ୟା କଟାଇବାକୁ ବାଧ୍ୟ ହୋଇଥିଲେ । ମି: ମୋଟେ ଶୁଣାକଥା ଓ ଜନଶ୍ରୁତି ପ୍ରତି ନିର୍ଭର କରି ସମ୍ବଲପୁରକୁ କୁତ୍ସିତ ଶବ୍ଦରେ ଚିତ୍ରିତ କରିଥିବା ସ୍ପଷ୍ଟ ଜଣା ଯାଉଛି । ସେ ମଧ୍ୟ ବ୍ୟକ୍ତିଗତ ଭାବରେ ହୀରାବ୍ୟବସାୟ କରିବା ଆଶାରେ ଏତେ କଷ୍ଟ ସହି ଆସି ବିଫଳ ହୋଇ ଫେରି ଯାଇଥିଲେ ।

ନେଇ ଅନ୍ତର୍ବିବାଦ ଘଟିଯାଇଥିଲା । ରାଜ୍ୟର ଏକମାତ୍ର ଉତ୍ତରାଧିକାରୀ ଜୟନ୍ତ ସିଂହ ରାଜ୍ୟଲାଭରୁ ବଞ୍ଚିତ ହୋଇଥିଲେ । ସେ ରହସ୍ୟ ପୂର୍ବେ ବର୍ଣ୍ଣିତ ହୋଇଅଛି ।

ଇଂରେଜମାନେ ହୀରାଖଣି ଲୋଭରେ ସମ୍ବଲପୁରରେ ପାଦ ପକାଇଥିଲେ । ସମ୍ବଲପୁରର ହୀରାଖଣି (୧) ଅଧିକାର କରିବା ସେହି ଛଦ୍ମବେଶୀ ବଣିକ ସଙ୍ଘର ଗୂଢ଼ଉଦ୍ଦେଶ୍ୟ ଥିଲା । ସେମାନେ ଚୌହାଣ ରାଜଶକ୍ତି ବୁଝିଥିଲେ । ତେଣୁ ସୁଯୋଗର ଅପେକ୍ଷାରେ ରହିଥିଲେ । ସେହି ସୁବର୍ଣ୍ଣ ସୁଯୋଗ ୧୮୪୯ ସାଲରେ ଇଂରେଜମାନଙ୍କର ଭାଗ୍ୟରେ ଘଟିଥିଲା । "ହୀରାଖଣ୍ଡ ସାମ୍ରାଜ୍ୟ" ଭାଙ୍ଗିବା, ସମ୍ବଲପୁର ରାଜସିଂହାସନରେ ଜଣେ ବୃଦ୍ଧ ଅକୁଳୀନ, ବିଶେଷତଃ ଅନଭିଜ୍ଞ୍ଚୁକ ବ୍ୟକ୍ତିକୁ ବାଧ୍ୟକରି ବସାଇବା, ଉପଯୁକ୍ତ ଅଥଚ ପ୍ରକୃତ ଉତ୍ତରାଧିକାରୀଙ୍କୁ ଉପେକ୍ଷା କରିବା ଏବଂ ତଦ୍‌ଘଟିତ ବିପ୍ଳବ ନିବାରଣ କଳ୍ପେ ରାଜ୍ୟବ୍ୟାପୀ ପୈଶାଚିକ ଦମନ ମନ୍ତ୍ରର ପ୍ରୟୋଗ କରିବା, ବିଶେଷତଃ ସମ୍ବଲପୁରରୁ ଚୌହାଣ ରାଜଶକ୍ତିର ଉଚ୍ଛେଦ ନିମନ୍ତେ ନିର୍ଦ୍ଦୋଷ ବ୍ୟକ୍ତିବିଶେଷ ଓ ନିର୍ଲିପ୍ତ ଗ୍ରାମମାନଙ୍କ ପ୍ରତି ଲଙ୍କାକାଣ୍ଡ ଭିଆଇବା, ତଦୁପରି ସମ୍ବଲପୁର ଜିଲ୍ଲାକୁ ଏ ପ୍ରଦେଶରୁ ସେ ପ୍ରଦେଶକୁ ନେବା ଆଣିବା ଦ୍ୱାରା ଜିଲାର ଅଗ୍ରଗତିରେ ଯେ ବାଧାଦେବାର ରହସ୍ୟ ରହିଥିଲା, ତାହା ଐତିହାସିକମାନଙ୍କର ଆଲୋଚନା ଦୃଷ୍ଟିର ଅଗୋଚର ହୋଇ ରହି ପାରିବ ନାହିଁ ।

ରାଜବଂଶାବଳୀରୁ ସ୍ପଷ୍ଟ ଜଣାଯାଏ ଯେ, ଅପୁତ୍ରିକ ରାଜା ମହାରାଜା ସାଏଙ୍କ ପରେ ସୁରେନ୍ଦ୍ରସାଏ ନ୍ୟାୟତଃ ସମ୍ବଲପୁର ରାଜ୍ୟର

(୧) ଝିରମୁହାଣରେ ଗଙ୍ଗମାଟୀ ଧୋଇ ହୀରାକଣିକା ବାହାର କରୁଥିଲେ । [ମି: ମୋଟେ]

ପ୍ରଥମ ଉତ୍ତରାଧିକାରୀ ଥିଲେ । ଝାଡସୁଗୁଡ଼ା ଖରପୋଷଦାର ଗୋବିନ୍ଦସିଂହ ଅହେତୁକ ତାଙ୍କର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ପରେ ସେ ମଧ୍ୟ ତାଙ୍କର ଭ୍ରମ ଓ ସୁରେନ୍ଦ୍ରସାଏଙ୍କ ଉଦ୍ଦେଶ୍ୟ ବୁଝି ପାରି ସୁରେନ୍ଦ୍ରସାଏଙ୍କର ସହଯୋଗିତା କରିଥିଲେ । ଝାଡ଼ସୁଗୁଡ଼ାର ଅନ୍ୟତର ଦାବିଦାର ନାରାୟଣ ସିଂହ ବୃଥା ଆଶା-ମୃଗତୃଷ୍ଣାରେ ସନ୍ତରଣ କରୁଥିଲେ ।

ସମ୍ବଲପୁରର ଜନସାଧାରଣ ସୁରେନ୍ଦ୍ରସାଏଙ୍କୁ ସମର୍ଥନ କରିଥିଲେ । ଏହା ଇଂରେଜସରକାର ସୁଦ୍ଧା ବୁଝି ପାରିଥିଲେ । ସୁରେନ୍ଦ୍ରସାଏଙ୍କୁ ରାଜା କରିଥିଲେ, ସମ୍ବଲପୁର ରାଜ୍ୟର ଧନଜୀବନ ବିଧ୍ୱସ୍ତ ହୋଇ ନ ଥାନ୍ତା ; କିନ୍ତୁ ବଣିକ ଇଂରେଜ ସରକାରଙ୍କ ଉଦ୍ଦେଶ୍ୟରେ ଗୂଢ଼ରହସ୍ୟ ଅନ୍ତର୍ନିହିତ ଥିଲା । ତେଣୁ ସେ ନିଜ ଜାତିର ସୁବିଧା କରିଥିଲେ । ଇଂରେଜ ସରକାରଙ୍କ କାଗଜପତ୍ରରେ ଚୌହାଣ ବୀର ସୁରେନ୍ଦ୍ରସାଏ "ଦସ୍ୟୁ" ରୂପେ ଚିତ୍ରିତ, ସାବ୍ୟସ୍ତ ତଥା ଦଣ୍ଡପ୍ରାପ୍ତ ହୋଇଥିଲେ ।

ଇଂରେଜମାନେ ସମ୍ବଲପୁରରେ ତାଙ୍କର ରାଜତ୍ୱ ନିଷ୍କଣ୍ଟକ କରିବା ଉଦ୍ଦେଶ୍ୟରେ ସୁରେନ୍ଦ୍ରସାଏଙ୍କ ବୀର୍ଯ୍ୟଜାତ ମିତ୍ରଭାନୁ ସାଏଙ୍କୁ ମଧ୍ୟ ନିର୍ବାସିତ କରିବାକୁ ଛାଡ଼ି ନ ଥିଲେ । ସୁରେନ୍ଦ୍ରସାଏ ଓ ତାଙ୍କର ତିନିଭାଇ ଏବଂ କକାଙ୍କୁ ଯାବଜ୍ଜୀବନ ବନ୍ଦୀରୂପେ ହଜାରୀବାଗରେ ରଖିଲା ପରେ ମିତ୍ରଭାନୁ ସାଏଙ୍କୁ ବିନାପରାଧରେ ତାଙ୍କର ମାତାମହଙ୍କ ଗୃହରୁ ଧରିଆଣି ହଜାରୀବାଗ ଜେଲକୁ ପଠାଇ ଦେଇଥିଲେ । (୧୮୫୪) । ମିତ୍ରଭାନୁ ସାଏ ହଜାରିବାଗ ଜେଲରେ ଦୁଇ ବର୍ଷ, ଆସୀରଗଡ଼ ଜେଲରେ ୨୦ ବର୍ଷ ଓ ବିତାଇ ଶ୍ୱଶୁର

ଘରେ ୨୩ ବର୍ଷ ଅବରୁଦ୍ଧ ରହି ୬୮ ବର୍ଷ ବୟସରେ ଜନ୍ମଭୂମି ଖିଣ୍ଡାକୁ ଫେରିଥିଲେ । ସେହିସମୟରେ ସୁଦ୍ଧା ତାଙ୍କୁ ନବୀଯିଂକରଣ ଇଞ୍ଜେକ୍‌ସନ ଦିଆ ଯାଇଥିଲା ।

—୦—

## ବିପ୍ଳବ ସଞ୍ଚାରମ୍ଭ

ମହାରାଜାସାଏଙ୍କ ମୃତ୍ୟୁପରେ ରାଜଗାଦି ନେଇ ବିପ୍ଳବର ସୂତ୍ରପାତ ହୋଇଥିଲା । ସୁରେନ୍ଦ୍ରସାଏ ଆବାଲ୍ୟ ଇଂରେଜବିଦ୍ୱେଷୀ ଥିଲେ । ସେ ରାଜ୍ୟର ତାତ୍କାଳୀନ ପରିସ୍ଥିତି ଦେଖି ହଠାତ୍ ବିପ୍ଳବ ଭିଆଇ ଦେଇଥିଲେ । ସୁରେନ୍ଦ୍ରସାଏ ପ୍ରଥମତଃ ଇଂରେଜଙ୍କ ଅନୁଗତ କେତେକ ଗୌନ୍ତିଆଙ୍କ ଗ୍ରାମ ଆକ୍ରମଣ କରିଥିଲେ । ତାଙ୍କୁ ଧରିବା ନିମନ୍ତେ ଇଂରେଜ ସେନା ନିୟୋଜିତ ହୋଇଥିଲେ । ସେହି ସମୟରେ ୧୫୦ ଜଣ ପଦାତିକ ଓ ୧୨ ଜଣ ଅଶ୍ୱାରୋହୀ ମାତ୍ର ଇଂରେଜଙ୍କର ସେନାବିଭାଗରେ ଗଚ୍ଛିତ ଥିଲେ । ଇଂରେଜ ସରକାରଙ୍କ ଧାରଣା ଥିଲା ଯେ, ଜଣେ ଦସ୍ୟୁର ପରାକ୍ରମ କେତେ ? କିନ୍ତୁ ଇଂରେଜ ସେନା ଦେଖି ପାରିଲେ ଯେ, ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ସେନା ଦିନୁଦିନ ବଢ଼ି ଯାଉଥିଲା । ସେ ଯେଉଁ ଗ୍ରାମକୁ ଯାଉଥିଲେ, ସେଠାରୁ ଲୋକ ଓ ଖାଦ୍ୟଦ୍ରବ୍ୟ ସଂଗ୍ରହ କରି ପାରୁଥିଲେ । ଜନତା ତାଙ୍କର ପୃଷ୍ଠଭାଗରେ ରହିଥିଲେ । ତାଙ୍କର ସନ୍ଧାନ ପାଇବା ମଧ୍ୟ କଠିନ ସମସ୍ୟା ହୋଇଥିଲା । ଗ୍ରାମବାସିଗଣ ଜାଣିଥିଲେ ସୁଦ୍ଧା ଇଂରେଜମାନଙ୍କୁ କହୁ ନ ଥିଲେ । ଇଂରେଜ ଶାସନକର୍ତ୍ତା ଅବସ୍ଥା ସଙ୍କଟାପନ୍ନ ଦେଖି ହଜାରିବାଗରୁ ରାମଗଡ଼-ବେଟେଲିୟନ ମଗାଇଲେ । ଉକ୍ତ ବେଟେଲିୟନ ଗ୍ରାମମାନ ଘେରି

ବିପ୍ଳବୀମାନଙ୍କୁ ତଡ଼ିଦେଇଥିଲେ ; କିନ୍ତୁ ସେଥିରେ ସୁରେନ୍ଦ୍ରସାଏ ସୈନ୍ୟସଂଗ୍ରହ ଓ ପ୍ରଜାମାନଙ୍କୁ ଉତ୍ତେଜିତ କରିବାରେ ସୁଯୋଗ ପାଇଥିଲେ । ଲେଫ୍‌ଟେନେଣ୍ଟ ହିନ୍‌ଚିନସ୍‌ଙ୍କର ପରିଚାଳିତ ବେଟେଲିୟନ୍ ସୁରେନ୍ଦ୍ରସାଏଙ୍କୁ ଧରିବାରେ ଅକ୍ଷମ ହୋଇଥିଲା । ପରିଣାମରେ ସୁରେନ୍ଦ୍ରସାଏ ବିପ୍ଳବ-ବହ୍ନି ଅଧିକତର ଭାବରେ ଜାଳି ଦେଇଥିଲେ । ( ଖ୍ରୀଷ୍ଟାବ୍ଦ ୧୮୫୭ ମସିହା ) ।

ସୁରେନ୍ଦ୍ର ସାଏଙ୍କ ରାଜସିଂହାସନ ଆକାଂକ୍ଷା ଉକ୍ତ ବିପ୍ଳବର ମୁଖ୍ୟ କାରଣ ନ ଥିଲା । ସେ ତଦାନୀନ୍ତନ ରାଣୀ ମୋହନକୁମାରୀଙ୍କ ବିରୁଦ୍ଧରେ ପ୍ରଚାର କରୁ ନ ଥିଲେ । ପ୍ରଚାର କରୁଥିଲେ, ସ୍ୱରାଜ୍ୟଲାଭ, ଅର୍ଥାତ୍ ଦେଶରୁ ବିଦେଶୀସରକାରଙ୍କର ମୂଳୋତ୍ପାଟନ କରିବା । ସୁରେନ୍ଦ୍ର ସାଏଙ୍କ ଆନ୍ଦୋଳନର ପ୍ରାୟ ଶହେବର୍ଷ ପରେ ଅର୍ଥାତ୍ ୧୯୨୧ ଖ୍ରୀଷ୍ଟାବ୍ଦରେ ମହାତ୍ମାଗାନ୍ଧୀ ସୁରେନ୍ଦ୍ର ସାଏଙ୍କର ଆନ୍ଦୋଳନର ପୁନରାବୃତ୍ତି କରିଥିଲେ । ତେବେ ଉକ୍ତ ଉଭୟ ପ୍ରଚାରକଙ୍କର କାର୍ଯ୍ୟକ୍ରମରେ ସୌସାଦୃଶ୍ୟ ଦେଖାଯାଇ ନ ଥିଲା । ସୁରେନ୍ଦ୍ର ସାଏଙ୍କ ପ୍ରଚାର ହିଂସାମୂଳକ ଅସ୍ତ୍ରଶସ୍ତ୍ରର ସାହାଯ୍ୟରେ ; କିନ୍ତୁ ମହାତ୍ମାଗାନ୍ଧୀଙ୍କ ପ୍ରଚାର ଅହିଂସ ଅସହଯୋଗ ସାହାଯ୍ୟରେ ସିଦ୍ଧିଲାଭ, ଅର୍ଥାତ୍ ବିନା ରକ୍ତପାତରେ ; ପରନ୍ତୁ ଉଭୟଙ୍କ ଇଷ୍ଟମନ୍ତ୍ର (୧) ଏକ ଥିଲା ।

ଝାଡ଼ସୁଗୁଡ଼ାର ଏକ ଘଟଣାରେ ସୁରେନ୍ଦ୍ରସାଏଙ୍କ ମନୋଭାବ ସ୍ପଷ୍ଟୀକୃତ ହୋଇଥିଲା । ସେହି ସମୟରେ ଝାଡ଼ସୁଗୁଡ଼ାର ଖରପୋଷଦାର ଗୋବିନ୍ଦ ସିଂହ । ସେ ସମ୍ବଲପୁର ରାଜଗାଦିର ପ୍ରଥମ

---

(୧) ବିଦେଶୀ ବର୍ଜନ ।

ହକଦାର ବୋଲି ଦାବି କରି ସୁରେନ୍ଦ୍ରସାଏଙ୍କର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଗୋବିନ୍ଦ ସିଂହ ଇଂରେଜ ସରକାରଙ୍କୁ ଜଣାଇଥିଲେ ଯେ, ସେ ମହାରାଜ ଛତ୍ରସାଏଙ୍କ ତୃତୀୟ ପୁତ୍ର—ହରିବଂଶ ଲାଲଙ୍କ ପୁତ୍ର—ରଣଜିତ୍ ସିଂହଙ୍କର ପୁତ୍ର ଅଟନ୍ତି । ସେ ସମ୍ବଲପୁର ରାଜଗଦିର ଏକମାତ୍ର ଉତ୍ତରାଧିକାରୀ । (ଗୋବିନ୍ଦ ସିଂହଙ୍କର କକା ନାରାୟଣ ସିଂହ ମଧ୍ୟ ଜଣେ ପ୍ରାର୍ଥୀ ଥିଲେ) । ଗୋବିନ୍ଦ ସିଂହ ଦେଖିଲେ ଯେ, ପ୍ରଜାମାନେ ସୁରେନ୍ଦ୍ରସାଏଙ୍କୁ ଚାହୁଁଛନ୍ତି । ତେଣୁ କୌଶଳରେ ସୁରେନ୍ଦ୍ରସାଏଙ୍କୁ ବନ୍ଦୀକରି ଇଂରେଜଙ୍କ ହାତରେ ସମର୍ପଣ କଲେ, ତାଙ୍କ ଉଦ୍ଦେଶ୍ୟ ସାଧନରେ ଅନ୍ତରାୟ ରହିବ ନାହିଁ । ସେ ସୁରେନ୍ଦ୍ର ସାଏଙ୍କୁ ଧରିବା ପାଇଁ ଚେଷ୍ଟିତ ଥିଲେ । ଦୈବାତ୍ ସୁରେନ୍ଦ୍ର ସାଏଙ୍କୁ ଧରିବା ସୁଯୋଗ ଗୋବିନ୍ଦ ସିଂହ ପାଇଥିଲେ ।

ସେହି ସମୟରେ ନୂତନ ବଳ ସଂଗ୍ରହ କରିବା ଉଦ୍ଦେଶ୍ୟରେ ସୁରେନ୍ଦ୍ର ସାଏ ଗ୍ରାମେ ଗ୍ରାମେ ବୁଲୁଥିଲେ । ଦିନେ ସେ ଝାଡ଼ସୁଗୁଡ଼ାକୁ ଏକାକୀ ଯାଉଥିଲେ । ମାର୍ଗରେ କ୍ଷୁଧା ହେବାରେ ସେ ଗୋଟିଏ ଖଜୁରୀ ଗଛରେ ଚଢ଼ି ଖଜୁରୀ କୋଳି ତୋଳୁଥିଲେ । ଗୋବିନ୍ଦ ସିଂହ ସନ୍ଧାନ ପାଇ କେତେକ ସଶସ୍ତ୍ର ଅନୁଚର ସହିତ ତାଙ୍କୁ ଆକ୍ରମଣ କଲେ ଏବଂ ବନ୍ଦୀ କରି ନେଇ ଯାଇଥିଲେ । ଗୋବିନ୍ଦ ସିଂହ ସୁରେନ୍ଦ୍ରଙ୍କ ସହିତ କ୍ଷଣକାଳ ବାର୍ତ୍ତାଲାପ କରି ବୁଝିଲେ ଯେ, ସୁରେନ୍ଦ୍ର ସାଏ ରାଜପଦଲାଳସୀ ନୁହନ୍ତି । ସେ ଚାହାନ୍ତି ଦେଶର ସ୍ୱାଧୀନତା । ସେହି ଦିନଠୁ ଗୋବିନ୍ଦ ସିଂହଙ୍କ ମନ ଏକାବେଳକେ ପରିବର୍ତ୍ତିତ ହୋଇ ଯାଇଥିଲା । ସେ ରାଜଗଦିର ଲାଳସା ଛାଡିଦେଇ ସୁରେନ୍ଦ୍ର ସାଏଙ୍କ ସଙ୍ଗେ ମିଳିତ ହେଲେ ।

ସୁରେନ୍ଦ୍ର ସାଏ ଗୋବିନ୍ଦ ସିଂହଙ୍କ ଭଳି ଜଣେ ସମଧର୍ମୀ ଓ ସମକର୍ମୀଙ୍କୁ ସହକର୍ମୀ ରୂପେ ପାଇ ଅଧିକତର ବିପ୍ଳବ ଘଟାଇଥିଲେ । ସରକାର ପକ୍ଷୀୟ ଗୌନ୍ତିଆମାନଙ୍କର ଗ୍ରାମ ଓ ସରକାରୀ ଅନୁଷ୍ଠାନମାନ ଆକ୍ରାନ୍ତ ଓ ଲୁଣ୍ଠିତ ହେବାକୁ ଲାଗିଲା । ୧୮୨୭ରୁ ୧୮୩୩ ମସିହା ପର୍ଯ୍ୟନ୍ତ ବିପ୍ଳବ-ବହ୍ନି ସ୍ଥାନେ ସ୍ଥାନେ ଜଳି ଉଠିଲା । ସ୍ୱୟଂ ଏଜେଣ୍ଟ କେପ୍‌ଟେନ ୱିଲକିନ୍‌ସନ୍ ସାହେବ ବିରାଟ ବାହିନୀ ସହିତ ସମ୍ବଲପୁରରେ ପହଞ୍ଚିଲେ । ସେ ଗୋବିନ୍ଦ ସିଂହଙ୍କୁ ବନ୍ଦୀ କରିନେଲେ ; କିନ୍ତୁ ସୁରେନ୍ଦ୍ର ସାଏଙ୍କ ବିପ୍ଳବ ପ୍ରଶମିତ ହେଲା ନାହିଁ । କେପ୍‌ଟେନ୍ ୱିଲକିନ୍‌ସନ୍ ରାଣୀ ମୋହନକୁମାରୀଙ୍କୁ ବାଧ୍ୟ କରି ବୃତ୍ତି ଦେଇ କଟକକୁ ପଠାଇଦେଲେ । ( ୧୮୩୩ ) ; କିନ୍ତୁ ସେଥିରେ ବିପ୍ଳବ-ବହ୍ନି ଅଧିକତର ପ୍ରଜ୍ଜ୍ୱଳିତ ହେଲା ।

## ସମ୍ବଲପୁର ରାଜଗଦି

ସୁରେନ୍ଦ୍ର ସାଏ ଚୌହାଣ ରାଜବଂଶର ବୈଧ ସନ୍ତାନ ଓ ସମ୍ବଲପୁର ରାଜଗଦିର ପ୍ରଥମ ଉତ୍ତରାଧିକାରୀ, ଏଥିରେ ସନ୍ଦେହର କୌଣସି କାରଣ ନ ଥିଲା । ଗୋବିନ୍ଦ ସିଂହ ତାଙ୍କର ଦରଖାସ୍ତରେ ନିଜର ପରିଚୟ ଦେଇଥିଲେ ସୁଦ୍ଧା ପ୍ରଜାମାନେ କେବଳ ସୁରେନ୍ଦ୍ର ସାଏଙ୍କୁ ଚାହୁଁଥିଲେ । ରାଣୀ ମୋହନକୁମାରୀ ଝାଡ଼ସୁଗୁଡ଼ାର ନାରାୟଣ ସିଂହଙ୍କୁ ସିଫାରସ୍ କରିଥିଲେ । ଦେବାନ ପ୍ରଭୃତି କେତେଜଣ ରାଜକର୍ମଚାରୀ ଝାଡ଼ସୁଗୁଡ଼ାର ନାରାୟଣ ସିଂହଙ୍କଠାକୁ ଯାଇ ସ୍ୱ ସ୍ୱ ପଦ ପାଇବା ପାଇଁ ତାଙ୍କୁ ଜଣାଇ ନିରାଶ ହୋଇ ଫେରି ଆସି ଗୋଟାଏ ମାୟାଜାଲ ଖେଳି ବରପାଲି ରାଜବଂଶୀୟ ନାରାୟଣ ସିଂହ (ବାବୁ)ଙ୍କୁ ବଣାଇରୁ ଡାକି ଆଣିଥିଲେ । ସେ ରାଜା ହେବା ପାଇଁ ଅସ୍ୱୀକୃତ ହୋଇ ପଳାଟିକେଲ ଏଜେଣ୍ଟଙ୍କୁ

ଜଣାଇଥିଲେ ସୁଦ୍ଧା ଇଂରେଜ ସରକାର ତାଙ୍କୁ ବାଧ କରି ତା ୧୧।୧୦।୧୮୩୩ରେ ରାଜା କରିଥିଲେ । ଏହି ବ୍ୟାପାରରେ ବିପ୍ଳବ-ଅଗ୍ନି ଆହୁରି ବଢ଼ି ଯାଇଥିଲା ।

ରାଜା ନାରାୟଣ ସିଂହ ବିପ୍ଳବ ଦମନ ନିମନ୍ତେ ଇଂରେଜ ସରକାରଙ୍କୁ ନାନାଦିଗରେ ସାହାଯ୍ୟ କରିଥିଲେ । ସେ ଅନେକଙ୍କୁ ଭୂମି ବୃତ୍ତି ଦେଇଥିଲେ । ଇଂରେଜ ସରକାରଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିନା ବିଚାରରେ ବନ୍ଦୀ ବିପ୍ଳବୀମାନଙ୍କ ମୃତ୍ୟୁଦଣ୍ଡ ଆଦେଶ-ପତ୍ରରେ ସ୍ୱାକ୍ଷର କରୁଥିଲେ । ନଗରର ପ୍ରକାଶ୍ୟ ରାଜପଥରେ ବନ୍ଦୀମାନଙ୍କୁ ଫାଶୀ ଦିଆ ଯାଉଥିଲା । ଏହି ଦେଶଦ୍ରୋହଜନକ କାର୍ଯ୍ୟରେ ରାଜାଙ୍କ ସହଯୋଗିତା ଦେଖି ପ୍ରଜାମାନେ ତାଙ୍କ ପ୍ରତି ଅଧିକତର ବିରକ୍ତ ହୋଇଗଲେ ।

ସେହି ସମୟରେ ସୁରେନ୍ଦ୍ରସାଏଙ୍କ ପୂର୍ବବନ୍ଧୁ ଲକ୍ଷ୍ମଣପୁରର ଗଣ୍ଡଜାତୀୟ ଜମିଦାର ବଳଭଦ୍ର ସିଂହ ଦାଉ ବିପ୍ଳବୀ ଦଳରେ ଯୋଗ ଦେଲେ । ତାଙ୍କର ଏକ ବଳିଷ୍ଠ ଦଳ ଥିଲେ । ସେମାନେ ଶର ଚାଳନାରେ ନିପୁଣ ଥିଲେ । ସୁରେନ୍ଦ୍ର ସାଏ ସେମାନଙ୍କୁ ନେଇ ବାରପାହାଡ଼ରେ ଏକ ଦୁର୍ଗମ ଗିରିଦୁର୍ଗ ଗଢ଼ିଲେ । ସେଠାରେ ସୈନିକମାନଙ୍କୁ ଗରିଲା ଯୁଦ୍ଧ ପ୍ରଣାଳୀରେ ସୁଶିକ୍ଷିତ କରି ଇଂରେଜସେନାଙ୍କୁ ଆକ୍ରମଣ କରିବାକୁ ଲାଗିଲେ । ତେଣେ ଇଂରେଜ ସରକାର ହଜାରିବାଗ ଓ କଲିକତାରୁ ବଡ଼ ବଡ଼ ତୋପ, ଗୋଳାବାରୁଦ୍ ଆଣାଇ ଗୁପ୍ତଚର ନିଯୋଗ କରି ବାରପାହାଡ଼ ଘାଟିର ସନ୍ଧାନ କଲେ । ଏକଦା ସୁରେନ୍ଦ୍ରସାଏ ଓ ବଳଭଦ୍ରସିଂହ ଦାଉ ବାରପାହାଡ଼ ଦୁର୍ଗରେ ବିଶ୍ରାମ କରୁଥିଲା ସମୟରେ ଇଂରଜ ସେନା ଅକସ୍ମାତ୍ ଆକ୍ରମଣ କଲେ । ସେହି ସମୟରେ ସୁରେନ୍ଦ୍ରସାଏଙ୍କ ସଙ୍ଗେ ଅଳ୍ପ

କେତେକ ଜଣ ଅନୁଚର ଥିଲେ । ସେମାନଙ୍କଠାରେ ତରବାରି ଛଡ଼ା ଅନ୍ୟ ଅସ୍ତ୍ରଶସ୍ତ୍ର କିଛି ନ ଥିଲା । ସେମାନେ ସାହସ ସହିତ ଆତ୍ମରକ୍ଷାର୍ଥେ ଇଂରେଜ ସେନାର ସମ୍ମୁଖୀନ ହେଲେ । ବଳଭଦ୍ର ସିଂହ ଦାଉ ନିହତ ହେଲେ ; କିନ୍ତୁ ସୁରେନ୍ଦ୍ର ଗୁରୁତର ଆହତ ହୋଇ ମଧ୍ୟ ଶତ୍ରୁ ଚକ୍ଷୁରେ ଧୂଳି ପକାଇ ଖସି ଯାଇଥିଲେ । ଇଂରେଜମାନଙ୍କର ସମସ୍ତ ଚେଷ୍ଟା ବିଫଳ ହୋଇଥିଲା ।

୧୮୩୯ ଖ୍ରୀଷ୍ଟାବ୍ଦରେ ମେଜର ଓସଲେ ନାମକ ଜଣେ ସୁଦକ୍ଷ ଇଂରେଜ ଏସିଷ୍ଟେଣ୍ଟ ରୂପେ ସମ୍ବଲପୁରକୁ ଆସିଲେ । ତାଙ୍କ ତଳେ ରାମ୍ପୁରୂପ ସିଂହ ଦେଓ୍ୱାନ ରୂପେ ନିଯୁକ୍ତ ହେଲେ । ରାଜା ନାରାୟଣ ସିଂହଙ୍କ ଯାହା ସାମାନ୍ୟ କ୍ଷମତା ଥିଲା, ତାହା ଦେଓ୍ୱାନଙ୍କ ହାତକୁ ଚାଲିଗଲା । ସରକାର ବନ୍ଦୀ ଗୋବିନ୍ଦସିଂହଙ୍କୁ ଛାଡ଼ିଦେବା ପାଇଁ ଗୋଟାଏ ଫନ୍ଦି କଲେ । ସରକାର ଆଶା କରିଥିଲେ ଯେ, ଗୋବିନ୍ଦ ସିଂହଙ୍କୁ ରାଜଗାଦି ଦେବାର ପ୍ରଲୋଭନ ଦେଖାଇଲେ, ସେ ସୁରେନ୍ଦ୍ର ସାଏଙ୍କ ପକ୍ଷ ଛାଡ଼ି ଇଂରେଜଙ୍କ ପକ୍ଷ ଧରିବେ ; କିନ୍ତୁ ସେହିପରି ଭାବରେ ଗୋବିନ୍ଦ ସିଂହଙ୍କୁ ଛାଡ଼ିଦେଲେ, କଥାଟା ବିଶ୍ୱାସଯୋଗ୍ୟ ହେବ ନାହିଁ ଭାବି ଗୋଟାଏ ମାୟା ରଚନା କଲେ । ସେହି ସମୟରେ ଗୋଟାଏ ମହାବଳ ବ୍ୟାଘ୍ର ଦଳଦଳି ପାହାଡ଼ରେ ରହି ଆଖ ପାଖ ଗ୍ରାମମାନଙ୍କରେ ଉପଦ୍ରବ କରୁଥିଲା । ଶିକାରୀମାନେ ବାଘକୁ ମାରି ପାରୁ ନ ଥିଲେ । ସରକାର ଘୋଷଣା କଲେ ଯେ, ଯେଉଁ ଲୋକ ବାଘ ମାରି ପାରିବ, ତାକୁ ପ୍ରଚୁର ପୁରସ୍କାର ଦିଆଯିବ । କୌଣସି ବନ୍ଦୀ ଯେବେ ମାରିବାପାଇଁ ଇଚ୍ଛୁକ ହୁଏ, ତାକୁ ମୁକ୍ତି ଦିଆଯିବ ଏବଂ ସେ ବାଘ ମାରିବାରେ କୃତକାର୍ଯ୍ୟ ହେଲେ, ଚିରଦିନ ମୁକ୍ତ ହେବ । ଗୋବିନ୍ଦ ସିଂହ କାରାଗାରରୁ ମୁକ୍ତହୋଇ ତରବାରିରେ ବାଘଟାକୁ ମାରି ଦେଇଥିଲେ । ସେଥିରେ ଇଂରେଜସରକାର ତାଙ୍କର ଜାଗିରି

ଚଫଂଶ ଦେଇ ତାହା ନସ୍କର କରିଦେଲେ । ଫଳତଃ ଗୋବନ୍ଦ ସିଂହ ଆଉ ସୁରେନ୍ଦ୍ର ସାଏଙ୍କ ବିପ୍ଲବରେ ଯୋଗ ଦେଲେ ନାହିଁ ।

ଇଂରେଜ ସରକାର ସୁରେନ୍ଦ୍ରସାଏଙ୍କୁ ଧରିବା ସମସ୍ୟାରେ ନାନା ଉପାୟ ଅବଲମ୍ବନ କରିଥିଲେ । କେତେକ ଜମିଦାରଙ୍କୁ ହାତକରି ଗୁପ୍ତଦୂତରୂପେ ରଖିଥିଲେ । କଥିତ ହୁଏ, ରାମପୁର ଜମିଦାର ଏହିପରି ଭାବରେ ଇଂରେଜସରକାରଙ୍କୁ ସାହାଯ୍ୟ କରୁଥିଲେ । ସୁରେନ୍ଦ୍ର ସାଏ ତାହା ଜାଣିପାରି ସେହି କାର୍ଯ୍ୟରୁ କ୍ଷାନ୍ତ ହେବାପାଇଁ ପ୍ରଥମତଃ ରାମପୁର ଜମିଦାର ଦରିଆର ସିଂହଙ୍କ ଠାକୁ ଜଣେ ବିଶ୍ୱସ୍ତ ଦୂତ ପଠାଇଥିଲେ ; କିନ୍ତୁ ରାମପୁର ଜମିଦାର ସୁରେନ୍ଦ୍ର ସାଏଙ୍କ ଅନୁରୋଧ ରକ୍ଷା ନ କରି ଦୂତକୁ ଅପମାନ ଦେଇ ବିଦାୟ କରିଥିଲେ ।

—*—

## ରାମପୁର ଯୁଦ୍ଧ (୧)

ସେହି ସମୟରେ ସମ୍ବଲପୁର ରାଜ୍ୟର ଅବସ୍ଥା ଅତ୍ୟନ୍ତ ଭୟଙ୍କର ଓ ଉଦ୍‌ବେଗଜନକ ହୋଇଥିଲା । ଏକ ଦିଗରେ ସୁରେନ୍ଦ୍ର ସାଏଙ୍କ ଇଂରେଜବିଦ୍ୱେଷ ପ୍ରବୃତ୍ତି, ଅନ୍ୟ ଦିଗରେ ଇଂରେଜ ସରକାରଙ୍କର ଦମନନୀତିମୂଳକ ସୁରେନ୍ଦ୍ର ସାଏଙ୍କ କାର୍ଯ୍ୟର ନିନ୍ଦାବାଦ ପ୍ରବୃତ୍ତି, ଜମିଦାର ଓ ଗୌନ୍ତିଆମାନଙ୍କୁ ବଡ଼ ସଙ୍କଟ ଓ ସନ୍ଦେହରେ ପକାଇ ଦେଇଥିଲା । ସୁରେନ୍ଦ୍ର ସାଏଙ୍କ ସହଯୋଗିତା ନ କଲେ, ତାଙ୍କର ରୋଷାନଳରେ ପଡ଼ିବା ବିଲକ୍ଷଣ ସମ୍ଭାବନା, ତେଣେ

---

(୧) ଇଂରେଜ ସରକାର ଏହି ଘଟଣାକୁ "ରାମପୁର ମର୍ଡ଼ର" ବୋଲି କାଗଜପତ୍ରରେ ଉଲ୍ଲେଖ କରିଥିଲେ ଏବଂ ସୁରେନ୍ଦ୍ରସାଏ ପ୍ରଭୃତିଙ୍କୁ ଏରେଷ୍ଟ କରିଥିଲେ ।

ଇଂରେଜ ସରକାରଙ୍କର କଥା ନ ମାନଲେ, ଜାଗା ଜମି ଯିବ । ଏଥିପାଇଁ ଅନେକ ଗୌନ୍ତିଆ ଓ ଜମିଦାର ବିପଦର ସମ୍ମୁଖୀନ ହୋଇଥିଲେ ।

୧୮୪୦ ଖ୍ରୀଷ୍ଟାବ୍ଦରେ ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ସେନା ସହସା ରାମପୁର ଗଡ଼ ଆକ୍ରମଣ କଲେ । ଉଦନ୍ତ ସାଏ, ଉଜ୍ଜ୍ୱଳ ସାଏ ଓ ବଳରାମ ସିଂହଙ୍କର ନେତୃତ୍ୱରେ ବିପ୍ଳବୀ ସେନା ରାମପୁର ରାଜବାଟୀ ଧୂଳିସାତ୍ କରିଦେଲେ ଏବଂ ଅଗ୍ନି ଲଗାଇ ଗ୍ରାମଟା ଭସ୍ମସାତ୍ କରିଦେଲେ । ଜମିଦାର ଦରିଆର ସିଂହ ଓ ତାଙ୍କର ଜ୍ୟେଷ୍ଠପୁତ୍ର ନିହତ ହେଲେ । ଜମିଦାରଙ୍କ ଏକ ଶିଶୁପୁତ୍ରକୁ ଜଣେ ଭୃତ୍ୟ ଗୋପନରେ ନେଇ ପଳାଇ ଯାଇଥିଲା । ପରେ ସେ ବକ୍ତାବର ସିଂହ ନାମରେ ରାମପୁରର ଜମିଦାର ହୋଇଥିଲେ ।

ସୁରେନ୍ଦ୍ରସାଏ ରାମପୁର ଗଡ଼ ଧ୍ୱଂସକରି ପାଟଣାରାଜାଙ୍କଠାରୁ ସାହାଯ୍ୟ ଆଣିବା ଉଦ୍ଦେଶ୍ୟରେ ସମ୍ବଲପୁର ରାଜଧାନୀ ପଥରେ ସଦଳବଳରେ ଯାଉଥିଲେ । ତେଣେ ରାଜଧାନୀରୁ ଇଂରେଜ-ସରକାରଙ୍କର ବିରାଟ ସୈନ୍ୟବାହିନୀ ସୁରେନ୍ଦ୍ର ସାଏ ଆଦିଙ୍କୁ ଧରିବା ସକାଶେ ଆସୁଥିଲେ । ଖୋଲା ମଇଦାନରେ ବୁଢ଼ାରଜା ନିକଟବର୍ତ୍ତୀ ଦେହେରିପାଲିରେ ଉଭୟପକ୍ଷ ମଧ୍ୟରେ ଭୟଙ୍କର ସଂଘର୍ଷ ହେଲା । ବିପ୍ଳବୀ ସେନା ଧନୁଶର, ବର୍ଚ୍ଛା ଓ ତରବାରି ସାହାଯ୍ୟରେ ପ୍ରବଳ ବେଗରେ ପ୍ରତିରୋଧ କରିଥିଲେ ; କିନ୍ତୁ ତୋପ ମୁହଁରେ ପଡ଼ି ଶୀଘ୍ର ଛତ୍ରଭଙ୍ଗ ଦେବାକୁ ବାଧ୍ୟ ହୋଇଥିଲେ । ପର୍ବତ ଘାଟରେ ସେହି ସଂଘର୍ଷ ହୋଇଥିଲେ, ସୁରେନ୍ଦ୍ରସାଏ ସହଜରେ ଧୃତ ହୋଇ ନ ଥାନ୍ତେ । ପରିଣାମରେ ବିପ୍ଳବୀ ନେତା ସୁରେନ୍ଦ୍ର ସାଏ, ତାଙ୍କ ଭାଇ ଉଦନ୍ତ, ଉଜ୍ଜ୍ୱଳ ଓ ଛବିଲ ଏବଂ ଖୁଡ଼ୁତା ବଳରାମ ସିଂହ ଆହତ ହୋଇ ବନ୍ଦୀ ହେଲେ । ସମ୍ବଲପୁର ଜେଲ ବେଷ୍ଟନୀ ମଧ୍ୟରେ ସେମାନଙ୍କ ବିଚାର ହୋଇଥିଲା ଏବଂ ରାଜଦ୍ରୋହ ଅପରାଧରେ

ଯାବଜ୍ଜୀବନ କାରାବାସ ଦଣ୍ଡାଦେଶ ହୋଇଥିଲା । ସଙ୍ଗେ ସଙ୍ଗେ ମୁଦାଲା-ମାନେ ହଜାରିବାଗ ଜେଲକୁ ପ୍ରେରିତ ହୋଇଥିଲେ । [୧୮୪୦]

ସୁରେନ୍ଦ୍ର ସାଏଙ୍କ ପୁତ୍ର ମିତ୍ରଭାନୁ ସାଏ କୌଣସି ବିପ୍ଳବରେ ଯୋଗ ଦେଇ ନ ଥିଲେ । ସେ ଆପଣା ମାତାମହଙ୍କ ଗୃହରେ ରହିଥିଲେ । ଇଂରେଜ ସରକାର ତାଙ୍କୁ ଖାରୁ ରାଜବାଟୀରୁ ଧରି ଆଣି ହଜାରିବାଗ ଜେଲକୁ ପଠାଇ ଦେଇଥିଲେ । (୧)

## ଶାସନ ପରିବର୍ତ୍ତନ

ମେଜର୍ ଓସ୍‌ଲେଙ୍କ ପରେ ଜେମସ୍ କାଡ୍ଡେନ୍‌ହେଡ୍ (୨) ସମ୍ବଲପୁର ଜିଲ୍ଲାର ଏସିଷ୍ଟେଣ୍ଟ କମିଶ୍ନର ରୂପେ ଆସିଲେ । ତାଙ୍କ ତଳେ ପୂର୍ବୋକ୍ତ ରାୟ ରୂପ ସିଂହ ଦେଓ୍ୱାନ ଓ ପ୍ରସନ୍ନଲାଲ ରାୟ ଏସିଷ୍ଟେଣ୍ଟ ଦେଓ୍ୱାନ ରୂପେ ରହିଲେ । ସମ୍ବଲପୁର ରାଜା ନାରାୟଣ ସିଂହ ଦେଓ୍ୱାନଙ୍କ କ୍ରୀଡ଼ା ପୁତ୍ତଳିକାରୂପେ ପରିଗଣିତ ହେଲେ । ରୂପସିଂହ କ୍ଷମତାରେ ଏପରି ଫୁଲିଉଠିଲେ ଯେ, ସେ ନିଜକୁ

---

(୧) ସୁରେନ୍ଦ୍ର ସାଏ ହଜାରିବାଗ ଜେଲକୁ ଯିବା ସମୟରେ ମିତ୍ରଭାନୁ ସାଏ ଏକ ବର୍ଷର ଶିଶୁ ଥିଲେ । ସେ ମାମୁଁ ଘରେ ରହିଥିଲେ । ତାଙ୍କୁ ୧୭ ବର୍ଷ ବୟସ ହେବା ଜାଣି ଇଂରେଜ ସରକାର ହଜାରିବାଗ ଜେଲକୁ ପଠାଇ ଦେଇଥିଲେ । [୧୮୫୫] ସେ ପିତୃ ଦୋଷେ ପ୍ରାୟ ୨ ବର୍ଷ ବନ୍ଦୀ ହୋଇଥିଲେ ବୋଲିବାକୁ ହେବ ।

(୨) ଜେମସ୍ କାଡ୍ଡେନ୍‌ହେଡ୍ ସମ୍ବଲପୁର ଜିଲ୍ଲା ସ୍କୁଲର ଭିତ୍ତିସ୍ଥାପକ । ୧୮୫୦ ରେ ଏହା ସ୍ଥାପିତ ହୋଇ ୧୮୫୨ ରେ ମିଡ୍‌ଲ ସ୍କୁଲରେ ପରିଣତ ହୋଇଥିଲା । ତା'ପରେ ଚିଫକମିଶନର ମରିସଙ୍କ ନାମରେ ହାଇସ୍କୁଲରେ ପରିବର୍ଦ୍ଧିତ ହୋଇଥିଲା ।

ମୁକୁଟହୀନ ରାଜା ବୋଲି ମନେ କଲେ । ବିପ୍ଳବ ନିବାରଣରେ ତାଙ୍କର ଦକ୍ଷତା ଦେଖି ଇଂରେଜ ସରକାର ମଧ୍ୟ ତାଙ୍କୁ ସମ୍ବଲପୁରର ଭାବୀ ରାଜା କରିବା ପାଇଁ ଆଶା ଦେଇଥିଲେ ।

ନାରାୟଣ ସିଂହ ବରପାଲି ରାଜବଂଶୀୟ "ବାବୁ" ଜଣେ । କ୍ଷତ୍ରିୟ ବୀର୍ଯ୍ୟଜାତ ରକ୍ଷିତା ସ୍ତ୍ରୀର ସନ୍ତାନମାନେ "ବାବୁ" ଉପାଧିରେ ଉପାହିତ । ନାରାୟଣ ସିଂହ ବଣାଇର ଜଣେ ବାବୁଙ୍କ କନ୍ୟାକୁ ବିବାହ କରି ସେଠାରେ ହଳଦୀ ବ୍ୟବସାୟ କରି ରହୁଥିଲେ । ଭାଗ୍ୟଚକ୍ରର ବିବର୍ତ୍ତନରେ ସେ ସମ୍ବଲପୁରର ରାଜାରୂପେ ଆସୀନ ହୋଇଥିଲେ । ସେ ଷାଠିଏବର୍ଷ ବୟସରେ ଷଡ଼ାଇକେଲା ରାଜବଂଶରେ ଦ୍ୱିତୀୟ ଦାର ଗ୍ରହଣ କରିଥିଲେ । ତାଙ୍କର ରାଣୀ ମୁଖ୍ୟପାନ ଦେଈଙ୍କ ଶିବିକା ତଳରେ ଉକ୍ତ ରୂପସିଂହ ଆସିଥିଲେ । ରୂପସିଂହଙ୍କ ପିତାଙ୍କ ନାମ ଭୂପସିଂହ । ସେହି ବିବାହ ସମୟକୁ ରାଜା ନାରାୟଣ ସିଂହଙ୍କ ଆର୍ଥିକ ଅବସ୍ଥା ଏପରି ଶୋଚନୀୟ ଥିଲି ଯେ, ସେ ବିବାହବ୍ୟୟ ନିର୍ବାହ ସକାଶେ ସମାସିଂହା ଗ୍ରାମ ବଣାଇ ରାଜ୍ୟାନ୍ତର୍ଗତ ଆମଗାଁ ଜମିଦାରଙ୍କୁ ବନ୍ଧକ ଦେଇ ଟଙ୍କା ଋଣ ଆଣିଥିଲେ । ଅଦ୍ୟାପି ଉକ୍ତଗ୍ରାମ ଆମଗାଁ ଜମିଦାରଙ୍କ ବଂଶଧରମାନଙ୍କ ଦଖଲରେ ଅଛି ।

ରୂପସିଂହ ପ୍ରଥମରେ ରାଜସିରସ୍ତାରେ କିରାଣି କାର୍ଯ୍ୟ କରୁଥିଲେ । କିରାଣିରୁ ଦେଓ୍ୱାନ ଓ ଏକଷ୍ଟ୍ରା କମିଶନର ପଦକୁ ଉନ୍ନୀତ ହୋଇଥିଲେ । ତାଙ୍କୁ ସମ୍ବଲପୁର ସରକାର ୫ଟା ଜମିଦାରୀ ଦେଇଥିଲେ । କଟକ କମିଶନର ଆର୍. ଏନ୍. ସୋର୍ ତା ୨ । ୧୨ । ୧୮୬୨ ଖ୍ରୀଷ୍ଟରେ ସମ୍ବଲପୁର ଆସି ଉକ୍ତ ୫ଟା ଜମିଦାରୀ (ଖରସଲ, କୁଳୁର୍ଟା, ଭେଡ଼େନ, ପାଟକୁଲୁଣ୍ଡା ଓ ରାମପୁର) ତାଙ୍କଠାରୁ

କାଢ଼ିନେଇ ତାଙ୍କୁ ଚନ୍ଦ୍ରପୁର ଓ ପଦ୍ମପୁର ଦେଲେ । ସେହି ଜମିଦାରୀ-ହିସ୍ସୁ ୪୦ ବର୍ଷ ପରେ ତାଲୁକଦାରୀରେ ପର୍ଯ୍ୟବସିତ ହୋଇ ଯାଇଅଛି । ରୂପସିଂହ "ରାୟବାହାଦୁର" ଉପାଧି ପାଇଥିଲେ । ତାଙ୍କ ଜ୍ୟେଷ୍ଠପୁତ୍ର ହରିହର ସିଂହ ମଧ୍ୟ ରାୟବାହାଦୁର ଓ ଅନରେରୀ ମେଜିଷ୍ଟ୍ରେଟ୍ ହୋଇଥିଲେ । ହରିହର ସିଂହଙ୍କ କନିଷ୍ଠଭାଇ ଶ୍ୟାମ-ସୁନ୍ଦର ସିଂହ ସମ୍ବଲପୁର ଜିଲ୍ଲାର ଅନରେରୀ ପୋଲିସ୍ ସୁପରି-ଣ୍ଟେଣ୍ଡେଣ୍ଟ ହୋଇଥିଲେ । ରାୟବାହାଦୁର ରୂପସିଂହ ପୋଡ଼ାହାଟ ରାଜାଙ୍କୁ ଧରିବାରେ କୃତକାର୍ଯ୍ୟତା ଦେଖାଇ ସମ୍ବଲପୁର ବରଗଡ଼ ସ. ଡ. ରେ କୁରୁଆଁ ପ୍ରଭୃତି ୫ ଖଣ୍ଡ ଗ୍ରାମ ପାଇଥିଲେ । ଅଦ୍ୟାପି ସେହି ୫ ଖଣ୍ଡ ଗ୍ରାମ ଚନ୍ଦ୍ରପୁର-ପଦ୍ମପୁର ତାଲୁକଦାରଙ୍କର ଦଖଲରେ ରହିଅଛି ।

ଖ୍ରୀ: ୧୮୪୯ ଇସବୀରେ ରାଜା ନାରାୟଣ ସିଂହଙ୍କ ଦେହାନ୍ତ ହୋଇଥିଲା । ତାଙ୍କର ଏକମାତ୍ର କନ୍ୟା ଥିଲେ—ନାମ ଆଶା-କୁମାରୀ । ତାଙ୍କୁ କଳାହାଣ୍ଡି ରାଜା ବିବାହ କରିଥିଲେ । କଲସମା ଗ୍ରାମ ଓ ସମ୍ବଲପୁର ରାଜବାଟୀ ଆଶାକୁମାରୀ ଯୌତୁକ ସ୍ୱରୂପ ପାଇଥିଲେ । ସୋନପୁର ରାଜା ନୀଳାଦ୍ରି ସିଂହ ଆଶାକୁମାରୀଙ୍କ କନ୍ୟାଙ୍କର ପାଣି-ଗ୍ରହଣ କରିଥିଲେ । ସେ ସମ୍ବଲପୁର ରାଜବାଟୀ ତାଙ୍କ କନ୍ୟାକୁ ବିବାହରେ ଯୌତୁକ ଦେଇଥିଲେ । ସେହି ସୂତ୍ରରେ ଉକ୍ତ ରାଜବାଟୀ ବର୍ତ୍ତମାନ ପର୍ଯ୍ୟନ୍ତ ସୋନପୁର ରାଜାଙ୍କ ଦଖଲରେ ରହିଅଛି ।

ଇଂରେଜ ସରକାର ସମ୍ବଲପୁର ରାଣୀ ମୁଖ୍ୟପାନଙ୍କୁ ମାସିକ ଏକଶତ ଟଙ୍କା ବୃତ୍ତି ଦେଇ କଟକକୁ ପଠାଇ ଦେଇଥିଲେ । କଟକ ସରକାର ତାଙ୍କୁ ଖୋର୍ଦ୍ଧା ଅନ୍ତର୍ଗତ ପଞ୍ଚଗଡ଼ରେ ସ୍ଥାନ ଦେଇଥିଲେ । ଝାରସୁଗୁଡ଼ାର ଭୂପାଳ ସିଂହ ରାଣୀ ମୁଖ୍ୟପାନଙ୍କ ଅଙ୍ଗରକ୍ଷକ

ରୂପେ ଯାଇଥିଲେ । ଭୂପାଳ ସିଂହଙ୍କ ପୁତ୍ର ପରଶୁରାମ ସିଂହ । ତାଙ୍କର ଏକ କନ୍ୟା ଥିଲେ । ରଣପୁର ରାଜା କୃଷ୍ଣଚନ୍ଦ୍ର ଦେବ ଉକ୍ତ କନ୍ୟାଙ୍କୁ ବିବାହ କରିଥିଲେ । ରଣପୁର ଯୁବରାଜ ମାଳଗିରି ରାଜକନ୍ୟା ଶ୍ରୀମତୀ ବସନ୍ତମଞ୍ଜରୀ ଦେବୀଙ୍କ ପାଣିଗ୍ରହଣ କରିଥିଲେ । ରଣପୁର ରାଜାଙ୍କ ଜୀବଦ୍ଦଶାରେ ଯୁବରାଜଙ୍କର କାଳ ହୋଇଥିଲା । ରଣପୁର ରାଜାଙ୍କ ମୃତ୍ୟୁ ପରେ ବିଧବା ଯୁବରାଣୀ ରାଜମାତା ରୂପେ ରଣପୁର ରାଜ୍ୟର ଭାର ଗ୍ରହଣ କରିଥିଲେ । ବର୍ତ୍ତମାନ ସେ ଓଡ଼ିଶା ସରକାରଙ୍କର ସ୍ୱାସ୍ଥ୍ୟବିଭାଗର ମନ୍ତ୍ରୀ । ସେ ଓଡ଼ିଶା ରାଜ-ମହିଳା ସମାଜରେ ପ୍ରଥମ ଆଦର୍ଶ ଦେଖାଇ ଅଛନ୍ତି ।

ରାଜା ନାରାୟଣ ସିଂହ ମୃତ୍ୟୁ ପୂର୍ବରୁ ଇଂରେଜ ଶାସକଙ୍କୁ କହିଯାଇଥିଲେ ଯେ, ରାଣୀଙ୍କୁ ଯେପରି ରାଜଗାଦି ଦିଆ ନ ଯାଏ । କାରଣ ସେ ସୁରେନ୍ଦ୍ରସାଏଙ୍କୁ ବଞ୍ଚିତ କରି ଚୌହାଣ ରାଜସିଂହାସନ ଲାଭ କରିଥିଲେ । ତାଙ୍କ ମନରେ ଭୟ ଓ ଆଶଙ୍କା ଥିଲା ଯେ, ସୁରେନ୍ଦ୍ରସାଏ ବା ତାଙ୍କ ବଂଶଧରମାନେ ପୁଣି ବିପ୍ଳବ କରିବେ । ଏ ସମସ୍ୟାରେ ମଧ୍ୟ ଆଜି ଏକ ଜନଶ୍ରୁତି ରହିଛି । ତାତ୍କାଳୀନ ଜିଲା-ଶାସନକର୍ତ୍ତା ଖଣ୍ଡେ ସାଦା କାଗଜରେ ସମ୍ବଲପୁର ରାଜ୍ୟର ଉତ୍ତରାଧିକାରିତ୍ୱ ନେଇ ନାରାୟଣ ସିଂହଙ୍କର ସ୍ୱାକ୍ଷର କରାଇ ନେଇଥିଲେ ଏବଂ ତାଙ୍କ ରିପୋର୍ଟ ଜାଲସାଜି କରି ସମ୍ପାଦନ କରିଥିଲେ ।

ଠିକ୍ ସେହି ସମୟରେ ଇଂରେଜ ଗଭର୍ଣ୍ଣର ଜେନେରଲ ଡେଲହାଉସିଙ୍କ ଆଇନ୍ ଡକ୍‌ଟ୍ରିନ୍ ଅଫ୍ ଲାପ୍‌ସ, ଅର୍ଥାତ୍ ରାଜସ୍ୱତ୍ୱ ଲୋପ ଆଇନ୍ ଜାରୀ ହେଲା । ସେହି ଆଇନ୍ ବଳରେ ମୃତ ଅପୁତ୍ରିକ ରାଜାମାନଙ୍କ ରାଜ୍ୟ ବ୍ରିଟିଶ ଖାସ୍‌ଶାସନଭୁକ୍ତ ହେବାକୁ ଲାଗିଲା ।

ସମ୍ବଲପୁର ରାଜ୍ୟର ସେହି ପରିସ୍ଥିତି ହୋଇଥିଲା । ଏହି ସମୟରେ ଫଲଟିକେଲ ଏଜେଣ୍ଟ ପରିବର୍ତ୍ତେ ଏସିଷ୍ଟେଣ୍ଟ କମିଶନର ନିଯୁକ୍ତ ହେଲେ । ସେହି ସମୟରେ ସମ୍ବଲପୁର ଜିଲାର ପ୍ରଥମ ସେଟେଲ-ମେଣ୍ଟ ଜାରୀ ହେଲା । ସେତେବେଳେ ମି: ଢ଼ଫୋର୍ଟ୍ ସମ୍ବଲପୁର ଜିଲାର ଏ. କ. ହେଲେ । ସାହେବ ତ ବିଦେଶୀ । ତହସିଲଦାର ଓ ଆ. ଦେୱାନ ପ୍ରଦେଶୀ । ସେମାନେ ସମ୍ବଲପୁରର ଜଟିଳ ଭୂମିବିଭାଗ କିଛି ବୁଝି ପାରି ନ ଥିଲେ । ଏହିପରି ପରିସ୍ଥିତିରେ ଜମିଜମା ନୂତନ ବନ୍ଦୋବସ୍ତ ଚାଲି-ଥିଲା । ରାଜସ୍ୱ-ପ୍ରପୀଡ଼ିତ ପ୍ରଜାମାନଙ୍କ ମୁଣ୍ଡରେ ପୁଣି ½ କରବୃଦ୍ଧିର ଚାପ ପଡ଼ିଲା । ତା'ପରେ ବନ୍ଦୋବସ୍ତ କର୍ମଚାରୀମାନଙ୍କର ଦୌରାତ୍ମ୍ୟ ଓ ରସଦ୍ ବେଠୀର ମାହାତ୍ମ୍ୟ ଅସହ୍ୟ ହୋଇ ଉଠିଲା । ଏହି ବିଭ୍ରାଟରେ ସମ୍ବଲପୁର ଜିଲାରେ ଅର୍ଥସଙ୍କଟ ପଡ଼ିଗଲା । ଯେଉଁ ହୀରକ ରାଜ୍ୟର ଲୋକେ ଖାଦ୍ୟ ଦ୍ରବ୍ୟର ମୂଲ୍ୟସ୍ୱରୂପ ହୀରା ଦେଉଥିଲେ, ସେହି ରାଜ୍ୟରେ ତମ୍ବା ପଇସାର ମଧ୍ୟ ଅଭାବ ପଡ଼ିଗଲା । ଜନସାଧାରଣ ତାଙ୍କର ଚୌହାଣ ବୀର ସୁରେନ୍ଦ୍ରସାଏଙ୍କୁ ପୁଣି ସ୍ମରଣ କଲେ ।

ବର୍ଗୀମାନଙ୍କ ଲୁଟତରାଜ, ପରେ ସୁରେନ୍ଦ୍ରସାଏଙ୍କ ମେଳି, ତା'ପରେ ଗଣ୍ଡମାରୁ, ତା'ପରେ ବନ୍ଦୋବସ୍ତ ଉତ୍ପାତ । ଏହି ଚାରି ଦୁର୍ଘଟନାରେ ସମ୍ବଲପୁର ଜନସାଧାରଣ ବିବ୍ରତ ଓ ଅର୍ଦ୍ଧିତ ହୋଇଗଲେ ।

—o—

# ସିପାହୀ ବିଦ୍ରୋହ

ପଞ୍ଜାବ-କେଶରୀ ରଣଜିତ ସିଂହ ଭବିଷ୍ୟତ ବାଣୀ କହିଥିଲେ, "ସବ୍ ଲାଲ୍ ହୋ ଜାୟେଗା", ଅର୍ଥାତ୍ ଭାରତର ମାନଚିତ୍ରରେ ଦେଶସବୁର ଭିନ୍ନରଙ୍ଗରେ ଯେ ସୀମା ନିର୍ଦ୍ଦେଶ କରାଯାଇଛି, ଦିନେ କେବଳ ଲାଲ ରଙ୍ଗ ରହିବ । କାରଣ, ଲାଲରଙ୍ଗ-ଚିହ୍ନିତ ବ୍ରିଟିଶ ରାଜ୍ୟ ସମଗ୍ର ଭାରତରେ ଦେଖାଯିବ । ବାସ୍ତବରେ ଗବର୍ଣ୍ଣର ଜେନେରଲ ଡେଲହାଉସିଙ୍କ "ଡକ୍ଟ୍ରିନ୍ ଅଫ୍ ଲାପ୍ସ"ର ନୀତି ସେଥିର ସଙ୍କେତ ସୂଚାଇ ଦେଇଥିଲା । ୧୮୫୩ ମସିହାରେ ଝାନ୍ସୀ, ନାଗପୁର ଓ ପୁନା ଏବଂ ୧୮୫୬ ମସିହାରେ ଅଯୋଧ୍ୟା ବ୍ରିଟିଶ ଖାସ୍ ଶାସନରେ ରହିଲା । ସମ୍ବଲପୁର ରାଜ୍ୟ ତ ୧୮୪୯ ମସିହାରୁ ବ୍ରିଟିଶର କରଗତ ହୋଇଥିଲା । ଏହି ବ୍ୟାପାରରେ ସମଗ୍ର ଭାରତରେ ଅସନ୍ତୋଷର ଛାୟା ପଡ଼ିଗଲା । ରାଜସମାଜ ମଧ୍ୟରେ ଉକ୍ତ ରାଜ୍ୟ ସବୁରେ ଇଂରେଜ-ବିଦ୍ୱେଷ-ବହ୍ନି ପ୍ରଧୂମିତ ହେଉଥିଲା । ତା'ଉପରେ ସରକାରଙ୍କର ପୋଲିସ ଓ ସେନାବିଭାଗରେ ସେହି ଧୂମ ଅକସ୍ମାତ୍ ଦେଖାଗଲା (୧) । ୧୮୫୬ ସାଲରେ ଲର୍ଡ କ୍ୟାନିଂ ଭାରତର ଗବର୍ଣ୍ଣର ଜେନେରଲ ହେବା ପରକ୍ଷଣରେ ବିଦେଶରେ ଯୁଦ୍ଧ କରିବାକୁ ଅସ୍ୱୀକୃତ ସିପାହୀମାନଙ୍କୁ ବରଖାସ୍ତ କରାଯାଉଥିବାରୁ ସେମାନେ ଇଂରେଜ ସରକାରଙ୍କ ପ୍ରତି ବିରକ୍ତ ହେଉଥିଲେ । ଭାରତର ଜନସାଧାରଣ ମଧ୍ୟ ଉକ୍ତ ଉଭୟ ସମସ୍ୟାରେ ଅସନ୍ତୁଷ୍ଟ ଥିଲେ । ଠିକ୍ ସେହି ସମୟରେ "ଏନ୍‌ଫିଲଡ୍" ନାମକ ବନ୍ଧୁକର ଆମଦାନୀ ହେଲା । ଉକ୍ତ ବନ୍ଧୁକର ଟୋଟାରେ ପଶୁଚର୍ବି ବୋଲା

---

(୧) ଭାରତୀୟ ସିପାହୀମାନଙ୍କ ପ୍ରତି ଇଂରେଜ ଅଫିସରମାନଙ୍କ ଅତ୍ୟାଚାର ଏହି ଅସନ୍ତୋଷର ମୂଳ କାରଣ ଥିଲା ।

ହୋଇଥିବା ଏବଂ ତାହା ଦାନ୍ତରେ ଗୁଳି ଛିଣ୍ଡାଇବା ପାଇଁ ସିପାହୀ-ମାନଙ୍କୁ ବାଧ୍ୟ କରୁଥିବା ସମସ୍ୟା ନେଇ ଜନରବ ଉଠିଲା ଯେ, ଇଂରେଜ ଭାରତୀୟ ହିନ୍ଦୁ ମୁସଲମାନମାନଙ୍କର ଧର୍ମନାଶ କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରିଅଛନ୍ତି । ରାଜ୍ୟଚ୍ୟୁତ ରାଜାମାନେ ତ ବିପ୍ଳବ କରିବା ପାଇଁ ସୁଯୋଗ ଲୋଡୁଥିଲେ । ସେମାନେ ସିପାହୀ-ମାନଙ୍କୁ ମତାଇ ଦେଲେ । ଏହି ବିଭ୍ରାଟ ସର୍ବପ୍ରଥମେ ବଙ୍ଗଦେଶର ବାରକପୁରରେ ଆବିର୍ଭୂତ ହୋଇଥିଲା । (୧୮୫୭, ମାର୍ଚ୍ଚ ୨୯) ।

୧୮୫୭ ମଇ ୧୦ ତାରିଖରେ ପରେଡ୍ ସମୟରେ ମିରଟରେ ସିପାହୀ ବିଦ୍ରୋହ ବହ୍ନି ସହସା ଜଳିଉଠିଲା । ସିପାହୀମାନେ ଅସ୍ତ୍ରାଗାର ଲୁଣ୍ଠନ ଓ ସରକାରୀ ଅନୁଷ୍ଠାନମାନ ଆକ୍ରମଣର ଆରମ୍ଭ କରିଦେଲେ । ସେମାନେ ଜନସାଧାରଣଙ୍କ ସାହାଯ୍ୟରେ ଜେଲଖାନା ଭାଙ୍ଗି ଦେଇ କଏଦୀମାନଙ୍କୁ ମୁକ୍ତ କରିଦେଲେ । ଏହାଛଡ଼ା ଇଂରେଜ-ମାନଙ୍କୁ ଯେଉଁଠି ଦେଖିଲେ, ସେହିଠି ହତ୍ୟା କଲେ ।

ସିପାହୀ ବିଦ୍ରୋହ ବିଦ୍ୟୁତ୍ ବେଗରେ ଭାରତ-ବ୍ୟାପୀ ହୋଇଗଲା । ହଜାରୀବାଗ ବିଦ୍ରୋହର କେନ୍ଦ୍ରସ୍ଥଳ ହୋଇଥିଲା । କାରଣ ସେଠାରେ ଦେଶୀ ସିପାହୀ ଅଧିକ ସଂଖ୍ୟାରେ ରହିଥିଲେ । ସେଠା ସିପାହୀମାନେ ଉତ୍କ୍ଷିପ୍ତ ହୋଇ ହଜାରୀବାଗ ଜେଲଖାନା ଭାଙ୍ଗିଦେଲେ । ସେଥିରେ ସୁରେନ୍ଦ୍ର ସାଏ ପ୍ରଭୃତି ବନ୍ଦୀମାନେ ବନ୍ଧନରୁ ମୁକ୍ତି ପାଇଥିଲେ । ସୁରେନ୍ଦ୍ର ସାଏ, ଉଦନ୍ତ ସାଏ, ଉଜ୍ଜ୍ୱଳ ସାଏ, ଛବିଲ ସାଏ ଓ ମିଜଭାନୁ ସାଏ (୧) ଜେଲଖାନାରୁ ଏକସଙ୍ଗେ ବାହାରି ଆସିଲେ । (୧୮୫୭ ମସିହା ଜୁଲାଇ ୩୦ ତାରିଖ) ।

---

(୧) ଇତିହାସାନ୍ତରରେ ସୁରେନ୍ଦ୍ର ଓ ତାଙ୍କର ଜଣେ ଭାଇ ଉଦନ୍ତ ସାଏ ହଜାରୀ ବାଗରେ ଥିଲେ ବୋଲି ଲିଖିତ ହୋଇଅଛି ।

ଧାର୍‌-ଜଗଦୀଶପୁରର ଜମିଦାର ବିହାରର ଜନନେତା କୁଅଁର ସିଂହ ସୁରେନ୍ଦ୍ର ସାଏଙ୍କୁ ଅଭିବାଦନ କରି ଉତ୍ସାହିତ କରିଥିଲେ । ସୁରେନ୍ଦ୍ର ସାଏ ଜାତୀୟ ଆନ୍ଦୋଳନ ଚଳାଇବା ପାଇଁ ଅଧିକତର ଉଦ୍‌ବୁଦ୍ଧ ହୋଇ ୧୮୫୭ ମସିହା ଅକ୍ଟୋବର ମାସରେ ସମ୍ବଲପୁର ଜିଲ୍ଲାରେ ପଦାର୍ପଣ କରିଥିଲେ । ହଜାରୀବାଗ ଜେଲରେ ତାଙ୍କ କକା ବଳରାମ ସିଂହ ଆଗରୁ ମରିଯାଇଥିଲେ । ସୁରେନ୍ଦ୍ର ସାଏ ୧୭ ବର୍ଷ ବନ୍ଦୀପରେ ମୁକ୍ତ ହୋଇ ସମ୍ବଲପୁରକୁ ଫେରିଲା ମାର୍ଗରେ ପୀଡ଼ିତ ହୋଇ ଯାଇଥିଲେ, ବିଶେଷତଃ ତାଙ୍କ କକାଙ୍କ ଅକାଳମୃତ୍ୟୁରେ ସେ ଅବସନ୍ନ ହୋଇ ଯାଇଥିଲେ । ତେଣୁ ସେ ମାର୍ଗରେ ଗାଙ୍ଗପୁରଠାରେ ବିଶ୍ରାମ ନେବାକୁ ବାଧ୍ୟ ହୋଇଥିଲେ ।

---*---

## ବିପ୍ଳବ ଯଜ୍ଞର ନୂତନ ସଂସ୍କାର

ସୁରେନ୍ଦ୍ର ସାଏ ଜେଲରୁ ମୁକ୍ତ ହୋଇ ଆସିଲା ମାର୍ଗରେ ନୂତନ ବିପ୍ଳବୀ ସେନା ସଂଗ୍ରହ କରି ପାରିଥିଲେ । ସମ୍ବଲପୁର ରାଜ୍ୟରୁ ଚୌହାଣ-ରାଜସିଂହାସନର ଅସ୍ତିତ୍ୱ ଲୋପ କରିଦେବା ହେତୁ ଜନସାଧାରଣ ଇଂରେଜ ସରକାରଙ୍କ ପ୍ରତି ବିକ୍ଷୁବ୍‌ଧ ହୋଇ-ଯାଇଥିଲେ । ଦକ୍ଷିଣଘାଟର ବା ପହାଡ଼ପାରରେ ଦୁଷ୍ଟଲୋକେ ପ୍ରଜାମାନଙ୍କର ଧନଜୀବନ ବିନଷ୍ଟ କରିବାର ସୁଯୋଗ ପାଇଥିଲେ । ଇଂରେଜ ସରକାର ସେମାନଙ୍କୁ ଦମନ କରିବା ପାଇଁ ଅକ୍ଷମ ହୋଇ ପଡ଼ିଥିଲେ । ବର୍ଗୀ ଅତ୍ୟାଚାର ପରେ "ଗଣ୍ଡମାରୁ" ନାମରେ ଆଉ ଗୋଟାଏ ଭୟଙ୍କର ବିପ୍ଳବ ଦେଖାଯାଇଥିଲା । ଜନତା ବ୍ୟତିବ୍ୟସ୍ତ ଓ କ୍ଷତିଗ୍ରସ୍ତ ହୋଇ ସେହି ଜନନେତା ଚୌହାଣବୀର ସୁରେନ୍ଦ୍ର ସାଏଙ୍କୁ ଖୋଜୁଥିଲେ । ଭଗବାନ ଉତ୍ପୀଡ଼ିତ

ଜନସାଧାରଣଙ୍କର କାତର ଗୁହାରି ଶୁଣି ବୋଧହୁଏ, ସୁରେନ୍ଦ୍ର ସାଏଙ୍କୁ ଚୌହାଣ ଭୂମିକୁ ପୁନର୍ବାର ପଠାଇ ଦେଇଥିଲେ ।

ସୁରେନ୍ଦ୍ର ସାଏ ସୈନ୍ୟ ସଂଗ୍ରହାର୍ଥେ ଉଦନ୍ତ ସାଏଙ୍କୁ ନିଜ ଗ୍ରାମ ଖିଣ୍ଡାକୁ ପଠାଇ ଦେଇ ଇଂରେଜମାନଙ୍କ ପ୍ରତିଷ୍ଠିତ ସମ୍ବଲପୁର ରାଜଧାନୀ ଆକ୍ରମଣ କରିବା ଉଦ୍ଦେଶ୍ୟରେ ଅଗ୍ରସର ହେଲେ । ମାର୍ଗରେ ବିପ୍ଳବୀ ସେନା ତାଙ୍କର ବଳ ବଢ଼ାଇଥିଲେ । ସେ ଯେଉଁ ଆଡ଼େ ଯାଉଥିଲେ, ଜନତାର ସାହାଯ୍ୟ-ସମର୍ଥନ ଲାଭ କରୁଥିଲେ । ସେତେବେଳେ ତାଙ୍କ ହାତରେ ନୂତନ ବନ୍ଧୁକ ଗୋଳି ଗଚ୍ଛିତ ଥିଲା । ବେହାରର ନେତା କୁଅଁର ସିଂହ ସୁରେନ୍ଦ୍ର ସାଏଙ୍କୁ ଅସ୍ତ୍ରଶସ୍ତ୍ର ସାହାଯ୍ୟ କରିଥିଲେ । ପ୍ରାୟ ଦୁଇ ସହସ୍ର ବିପ୍ଳବୀ ସେନା ସହିତ ସୁରେନ୍ଦ୍ର ସାଏ ପୁରାତନ ସମ୍ବଲପୁର ଦୁର୍ଗରେ ଉପସ୍ଥିତ ହେଲେ । ତେଣେ ତାଙ୍କ ଭାଇ ଉଦନ୍ତ ସାଏ ପ୍ରାୟ ପାଞ୍ଚ ସହସ୍ର ସେନା ସହିତ ଆସି ଯୋଗ ଦେଲେ । କାହାରି କାହାରି ମତରେ ବିପ୍ଳବୀ ସୈନ୍ୟ ସଂଖ୍ୟା ୧୪୦୦୦ ଥିଲା । ବିପ୍ଳବୀ ସେନା ସୋମଲାଇ ମୈଦାନରେ ଜମା ହୋଇ ଇଂରେଜଙ୍କ ଦୁର୍ଗ ଆକ୍ରମଣ କରିବାର ଉଦ୍‌ଯୋଗରେ ରହିଲେ ।

ଏଣେ ଇଂରେଜଙ୍କ ଅଧୀନ ସ୍ଥାନୀୟ ସିପାହୀମାନେ ମଧ୍ୟ ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ଦଳକୁ ଚାଲି ଆସିଲେ । କେବଳ ରାମଗଡ଼ ବେଟେଲିୟନ ଧରି କେପ୍‌ଟେନ୍ ଲେ ଅବସ୍ଥିତ ହେଲେ । ସେହି ଭୀଷଣ ପରିସ୍ଥିତି ଦେଖି ପ୍ରତ୍ୟକ୍ଷ ବିରୋଧ କରିବା ପାଇଁ କେପ୍‌ଟେନ ଲେଙ୍କ ସାହସ ହେଲା ନାହିଁ । କାରଣ ତାଙ୍କର ଆଶଙ୍କା ଜନ୍ମିଥିଲା ଯେ, ସେହି ଅଳ୍ପ ସଂଖ୍ୟକ ରାମଗଡ଼ ବେଟେଲିୟନ ସୁଦ୍ଧା ବିପ୍ଳବୀ ସେନାଭୁକ୍ତ ହୋଇ ପାରନ୍ତି । ତେଣୁ ସେ ବଳ ଗୁଡ଼ି ଛଳ ନୀତିର ଆଶ୍ରୟ ନେଲେ ।

ଲେ ସାହେବଙ୍କ ଆଦେଶରେ ସୁବେଦାର ଛକଡ଼ି ମହାପାତ୍ର (୧) ସେହି ମାଯ୍ନାସନ୍ଧି-ଅଭିନୟର ସୂତ୍ରଧର ରୂପେ ସୁରେନ୍ଦ୍ର ସାଏଙ୍କୁ ନିମନ୍ତ୍ରଣ କରିବା ସକାଶେ ଯାଇଥିଲେ । ସେ ଶାନ୍ତିପତାକା (ଧଳାଧଣ୍ତି)-ହସ୍ତରେ ଯାଇ ସୁରେନ୍ଦ୍ର ସାଏଙ୍କୁ ଅଭିବାଦନ କରି ଲେ ସାହେବଙ୍କର ବାର୍ତ୍ତା ଜଣାଇଲେ । ସେହି ବାର୍ତ୍ତାର ମର୍ମ ଏହା-ଥିଲା ଯେ, କେପ୍‌ଟେନ ଲେ ସୁରେନ୍ଦ୍ର ସାଏଙ୍କ ସହିତ ସନ୍ଧି କରିବାକୁ ଇଚ୍ଛୁକ ; କିନ୍ତୁ ବିପ୍ଳବୀ ସେନା ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ହୋଇ ଗଡ଼ ଅବରୋଧ କରିଥିବା ହେତୁ ଅସହାୟ ଇଂରେଜ ସ୍ତ୍ରୀ ବାଳକମାନେ ଭୟଗ୍ରସ୍ତ ହେଉଛନ୍ତି । ତେଣୁ ସୁରେନ୍ଦ୍ର ସାଏ ନିଜ ସେନାଙ୍କୁ ଫେରାଇ ଦେଇ ଏକାକୀ ଆସି ଲେ ସାହେବଙ୍କ ସହିତ ଆଲୋଚନା କରନ୍ତୁ । ଇଂରେଜ ସରକାର ତାଙ୍କ ସଙ୍ଗେ ବନ୍ଧୁତା କରିବାକୁ ପ୍ରସ୍ତୁତ ଅଛନ୍ତି ଏବଂ ସେ ନିଜପଦରେ ଫେରି ଯିବାକୁ ପ୍ରତିଶ୍ରୁତି ଦେଇଅଛନ୍ତି ।

ବୀର ସୁରେନ୍ଦ୍ର କୂଟନୀତିନିପୁଣ ହୋଇଥିଲେ ସୁଦ୍ଧା ଭାବିଲେ ଯେ, ବିନା ରକ୍ତପାତରେ ଯେବେ ଦେଶର କାର୍ଯ୍ୟ ସାଧିତ ହୋଇ ପାରିବ ଏବଂ ସେହି ଭୟଗ୍ରସ୍ତ ଇଂରେଜ ସ୍ତ୍ରୀବାଳକମାନଙ୍କର ଜୀବନ ରକ୍ଷିତ ହେବ, ତାହାହେଲେ ସେ ନିଜର ଜୀବନର ଆଶଙ୍କା କରିବେ କାହିଁକି ? ସେ ବିନା ବାକ୍ୟବ୍ୟୟରେ ସମ୍ମତ ହେଲେ ଏବଂ ଉଦନ୍ତଙ୍କୁ ସସୈନ୍ୟରେ ଫେରିଯିବା ପାଇଁ ଆଦେଶ ଦେଲେ ।

(୧) ଛକଡ଼ି ମହାପାତ୍ର ଗଞ୍ଜାମ ଜିଲାର ଲୋକ । ସେ ସିପାହୀରୁ ଗୃହକର୍ମ ଆରମ୍ଭ କରି ମାନ୍ଦ୍ରାଜୀସେନାରେ ସୁବେଦାର ପର୍ଯ୍ୟନ୍ତ ଉଠିଥିଲେ । ତାଙ୍କର ନାମ ସମ୍ବଲପୁରବାସୀ ଉତ୍ତମରୂପେ ଜାଣିଥିଲେ । ଲେଖକର ମାତାମହ ୮ ଦାମୋଦର ଦାଶଙ୍କଠାରୁ ଲେଖକ ଏ ଘଟଣା ଶୁଣିଥିଲା ।

ଉଦନ୍ତ ସାଏ ପରିଣାମ ସନ୍ଦେହଜନକ ବୋଲି ଭାବି ମଧ୍ୟ ଅଗ୍ରଜଙ୍କ ଆଦେଶ ପାଳନ କରିଥିଲେ । ନିରସ୍ତ୍ର ଚୌହାଣବୀର ସୁରେନ୍ଦ୍ର ସାଏ ଦୂତ ସହିତ ଇଂରେଜ ଦୁର୍ଗ ଦ୍ୱାରରେ ପ୍ରବିଷ୍ଟ ହେଲେ । ସୁଚତୁର ଇଂରେଜ ଶାସକ ତାଙ୍କୁ ସସମ୍ମାନ ପାଛୋଟି ନେଇ ଗୁପ୍ତପ୍ରହରୀ ରକ୍ଷିତ ମନ୍ତ୍ରଣା ଭବନରେ ଉପବିଷ୍ଟ ହେଲେ । ତତ୍କ୍ଷଣେ ଦୁର୍ଗ ଫାଟକ ବନ୍ଦ ହେଲା ।

ଲେ ସାହେବ ଦୁର୍ଦ୍ଧାନ୍ତ ସିଂହ-ଶିକାରକୁ ହସ୍ତଗତ କରି କହିଲେ, "ଇଂରେଜ ସରକାର ଆଦେଶ କରିଅଛନ୍ତି ଯେ, ଆପଣ ରାଜସିଂହାସନ ଲାଭର ଆଶା ପରିତ୍ୟାଗ କରି ଯେବେ ହଜାରିବାଗ ବା ରାଞ୍ଚିରେ ଆଜୀବନ ରହିବା ପାଇଁ ଇଚ୍ଛୁକ ହୁଅନ୍ତି, ତେବେ ଆପଣଙ୍କୁ କ୍ଷମା ଦିଆଯିବ ଓ ମାସିକ ବୃତ୍ତି ମଧ୍ୟ ମିଳିବ ।" ସୁରେନ୍ଦ୍ରସାଏ ସ୍ୱୀୟବଂଶ-ସୁଲଭ-କ୍ଷାତ୍ରଧର୍ମ-ପ୍ରଣୋଦିତ ହୋଇ ବୀର ହୃଦୟର ଭ୍ରମ ଏବେ ବୁଝିପାରିଲେ ଏବଂ ନିର୍ଭୟରେ ତାଙ୍କ ମନୋଗତ ଭାବ ବ୍ୟକ୍ତ କଲେ :—

"ମୁଁ ଇଂରେଜ ସରକାରଙ୍କର ଶରଣାଗତ ନୁହେଁ ; କିମ୍ବା ରାଜପଦପ୍ରାର୍ଥୀ ନୁହେଁ । ମୁଁ ସ୍ୱାଧୀନତାପ୍ରୟାସୀ ଜନ ସାଧାରଣଙ୍କର ଜଣେ ସେବକ ମାତ୍ର । ମୁଁ ମୋର ଜନ୍ମଭୂମି ଛାଡ଼ି ପାରିବି ନାହିଁ ।" ସୁରେନ୍ଦ୍ର ସାଏଙ୍କ ସେହି ସ୍ପଷ୍ଟୋକ୍ତି ଲେ ସାହେବଙ୍କୁ ବିଚଳିତ କରି ପକାଇଥିଲା । ସେ ଅନ୍ତରାଳରେ ଲୁକ୍କାୟିତ ରକ୍ଷୀବର୍ଗଙ୍କୁ ସଙ୍କେତ ଦେଲେ । ଯୁଗପତ୍ ସୁରେନ୍ଦ୍ରସାଏ ବନ୍ଦୀ ହୋଇ କାରାଗାରକୁ ପ୍ରେରିତ ହେଲେ । ସୁବେଦାର ଛକଡ଼ି ମହାପାତ୍ର ଇଂରେଜ ଜାତିର ବିଶ୍ୱାସ-ଘାତକତା ଦେଖି ନିଜକୁ ଧିକ୍କାର କରିଥିଲେ । ସେହି ମାସର ଶେଷ ପର୍ଯ୍ୟନ୍ତ ସୁରେନ୍ଦ୍ରସାଏ ଜେଲରେ ଆବଦ୍ଧ ରହି ସ୍ୱୀୟ ପ୍ରଭାବରେ

ଜେଲ ପ୍ରହରୀମାନଙ୍କୁ ପ୍ରଭାବିତ କରିଥିଲେ । ସେହି ପ୍ରହରୀମାନଙ୍କ ସାହାଯ୍ୟରେ ସୁରେନ୍ଦ୍ରସାଏ ଅକ୍ଟୋବର ୩୧ ତାରିଖ ରାତିରେ ପ୍ରାଚୀର ଡେଇଁ ପଳାୟନ କରିଥିଲେ । ସଙ୍ଗେ ସଙ୍ଗେ ଲେ ସାହେବଙ୍କର ମାୟାଜାଲ ଛିନ୍ନ ବିଚ୍ଛିନ୍ନ ହୋଇଗଲା । ଜନଶ୍ରୁତିରୁ ଜଣାଯାଏ, ପୂର୍ବୋକ୍ତ ସୁବେଦାର ଛକଡ଼ି ମହାପାତ୍ର ସୁରେନ୍ଦ୍ରସାଏଙ୍କୁ ଜେଲଖାନାରୁ ମୁକ୍ତ କରିଦେଇ ନିଜ କୃତ କାର୍ଯ୍ୟର ପ୍ରାୟଶ୍ଚିତ୍ତ ସ୍ୱରୂପ ସେହି ରାତିରେ ଆତ୍ମହତ୍ୟା କରିଥିଲେ ।

## ଜେଲଫେରାରୀ ସୁରେନ୍ଦ୍ର

ଇଂରେଜ ସରକାରଙ୍କ ବେତନଭୋଗୀ ଗେଜେଟିଏର ଲେଖକମାନେ ସୁରେନ୍ଦ୍ରସାଏ ଓ ଲେ ସାହେବଙ୍କ ମଧ୍ୟରେ ସଂଘଟିତ ସନ୍ଧିବିବରଣ ସ୍ୱୀକାର କରିଥିଲେ ସୁଦ୍ଧା ସୁରେନ୍ଦ୍ରସାଏ ଆତ୍ମସମର୍ପଣ କରିଥିଲେ ବୋଲି ବିବୃତି ଦେଇ ଅଛନ୍ତି ; କିନ୍ତୁ ତାତ୍କାଳୀନ ପରିସ୍ଥିତି ପର୍ଯ୍ୟାଲୋଚନା କଲେ, ସହଜରେ ଜଣାଯିବ ଯେ, ଲେ ସାହେବ ସାମୟିକ ଅବସ୍ଥା ଭବି ସୁରେନ୍ଦ୍ର ସାଏଙ୍କୁ କୌଶଳରେ ଡକାଇ ନେଇ ବନ୍ଦୀ କରିଥିଲେ । ସୁରେନ୍ଦ୍ରସାଏ ସେଥିର ପ୍ରତିଫଳ ଦେବାକୁ ଛାଡ଼ି ନ ଥିଲେ । ସୁରେନ୍ଦ୍ର ସାଏ ରାତି ନ ପାହୁଣୁ ଖିଣ୍ଡାରେ ପହଞ୍ଚି ଉଦନ୍ତ ସାଏଙ୍କ ସହିତ ମିଳିତ ହୋଇଥିଲେ । ଉଦନ୍ତ ଭବି ଯୁଦ୍ଧପାଇଁ ଖିଣ୍ଡାକୁ ପ୍ରସ୍ତୁତ କରିବା ସକାଶେ ଲାଗି ଯାଇଥିଲେ । ସେ ପର୍ଯ୍ୟନ୍ତ ବିପ୍ଳବୀ ସେନା ତାଙ୍କ ସଙ୍ଗେ ରହିଥିଲେ । କାରଣ ଉଦନ୍ତ ସାଏଙ୍କ ଦୃଢ଼ ବିଶ୍ୱାସ ଥିଲା ଯେ, ସୁରେନ୍ଦ୍ର କୌଣସିରୂପେ ପଳାଇ ଆସିବେ । ଖିଣ୍ଡାକୁ ଆସି ସୁରେନ୍ଦ୍ରସାଏ ଭାବିଲେ ଯେ, ଇଂରେଜ ସେନା ଅତିଶୀଘ୍ର ଖିଣ୍ଡା ଆକ୍ରମଣ କରିବେ । ଏଣୁ ସେ ପର୍ବତ ଘାଟୀକୁ ଯାଇ ଆତ୍ମରକ୍ଷା ଓ ଶତ୍ରୁ ପକ୍ଷକୁ ଆକ୍ରମଣ କରିବା ପାଇଁ ସ୍ଥିରକରି ସଦଳବଳରେ ଖିଣ୍ଡାରୁ

ଚାଲି ଯାଇଥିଲେ । ଖିଣ୍ଡାଗ୍ରାମ ଯୁଦ୍ଧୋପକରଣରେ ସଜ୍ଜିତ ଥିଲା ; କିନ୍ତୁ ସେ ଗ୍ରାମରେ ମନୁଷ୍ୟ ଥିବା ଦୂରେ ଥାଉ, ଧନସମ୍ପଦ ବା ପାଳିତ ପଶୁ ପକ୍ଷୀମାନଙ୍କର ଚିହ୍ନବର୍ଣ୍ଣ ନ ଥିଲା । ସୁରେନ୍ଦ୍ର ସାଏ ପ୍ରଥମତଃ ଗଡ଼ପାଠୀ ପର୍ବତମାଳାରେ ଦୁର୍ଗ ନିର୍ମାଣରେ ଲାଗିଗଲେ ।

ଏତେଣେ ଇଂରେଜ ସରକାର ସୁରେନ୍ଦ୍ରସାଏଙ୍କୁ ଧରିବା ପାଇଁ ବିରାଟ ଆୟୋଜନ କରିବାରେ ଲାଗିଲେ । କେପ୍‌ଟେନ୍ ନୋକର ମାନ୍ଦ୍ରାଜୀ ସେନା ସହିତ ସମ୍ବଲପୁର ରାଜଧାନୀରେ ଉପସ୍ଥିତ ହେଲେ । କେପ୍‌ଟେନ୍ ବେଷ୍ଟନ୍ ଗୋଲନ୍ଦାଜ ସୈନିକ ଓ ତୋପ ସହିତ କଟକରୁ ଆସିଲେ । ତାଙ୍କ ପଛେ ପଛେ ଓଡ଼ିଶା ପାଇକ କୋମ୍ପାନୀର ସୈନିକ ମଧ୍ୟ ପହଞ୍ଚିଲେ । ଇଂରେଜ କର୍ତ୍ତୃପକ୍ଷ ସୁରେନ୍ଦ୍ରସାଏଙ୍କ କୁଲାବୀରରେ ଅବସ୍ଥାନର ସମ୍ବାଦ ପାଇ କେପ୍‌ଟେନ୍ ନୋକର ଆଗେ କୁଲାବୀର ଆକ୍ରମଣ କଲେ । କୁଲାବୀରର ବୃଦ୍ଧ ଜମିଦାର ପରାସ୍ତ ହୋଇ ଆତ୍ମ-ସମର୍ପଣ କଲେ । କେପ୍‌ଟେନ୍ ନୋକର ସୁରେନ୍ଦ୍ରଙ୍କୁ ନ ପାଇ ଖିଣ୍ଡା ଆଡ଼କୁ ଅଗ୍ରସର ହେଲେ । ପଥ ମଧ୍ୟରେ ଲେଫ୍‌ଟ୍‌ନେଣ୍ଟ ହେଡ଼୍ରୋ କେତେଗୁଡ଼ିଏ ତୋପ ଧେନି କେପ୍‌ଟେନ୍ ନୋକରଙ୍କ ସହିତ ମିଳିତ ହେଲେ ; କିନ୍ତୁ ଖିଣ୍ଡା ଗ୍ରାମଟା ଜନଶୂନ୍ୟ ହୋଇଥିବା ଦେଖି ତୋପ ଗୋଳାରେ ସୁରେନ୍ଦ୍ରସାଏଙ୍କ ବାସଭବନ ଉଡ଼ାଇ ଦେଲେ ଏବଂ ଗ୍ରାମରେ ଅଗ୍ନି ଲଗାଇ ଦେଲେ । ଇଂରେଜ ସେନାପତି ଦ୍ୱୟ ଏହି ପରି ଲଙ୍କାକାଣ୍ଡ କରି ନିରସ୍ତ ହୋଇ ରାଜଧାନୀ ସମ୍ବଲପୁରକୁ ଫେରି ଆସିଥିଲେ ।

# ଗଡ଼ପାଟ୍ଟୀ ଯୁଦ୍ଧ

ଗଡ଼ପାଟ୍ଟୀ ପାହାଡ଼ ସମ୍ବଲପୁର ରାଜଧାନୀରୁ ପ୍ରାୟ ୧୫ ମାଇଲ ଦୂରରେ ଅବସ୍ଥିତ । ଶୃଙ୍ଗ ଉପରେ ସ୍ଥାନେ ସ୍ଥାନେ ଗମ୍ଭୀର ଗର୍ତ୍ତମାନ ଅଛି । ସେହି ଗର୍ତ୍ତମାନଙ୍କରେ ବିପ୍ଳବୀ ସେନାମାନଙ୍କର ଲୁଚିବା ସୁବିଧା ଥିଲା । ଶୃଙ୍ଗର ପାଦଦେଶରେ ଅଳ୍ପଦିନ ମଧ୍ୟରେ ପ୍ରସ୍ତରରେ ଉଚ୍ଚ ପ୍ରାଚୀର ପ୍ରସ୍ତୁତ ହୋଇଗଲା । ସୁରେନ୍ଦ୍ର ସାଏ ସେହି ଗିରିଦୁର୍ଗରେ ବିପ୍ଳବୀ ସେନାଙ୍କୁ ଯୁଦ୍ଧଶିକ୍ଷା ଦେଉଥିଲେ । ରାତିରେ ନିଜ ସେନାଙ୍କୁ ବିଭିନ୍ନ ଦଳରେ ବିଭକ୍ତକରି ଇଂରେଜ ଶିବିର ଆକ୍ରମଣ ପାଇଁ ପଠାଉଥିଲେ ଏବଂ ସେ ନିଜେ ଗ୍ରାମମାନଙ୍କୁ ଯାଇ ପ୍ରଜାମାନଙ୍କୁ ଉତ୍ସାହିତ ଓ ପ୍ରଭାବିତ କରୁଥିଲେ । ତାଙ୍କର ଅଗ୍ନିବର୍ଷୀ ବକ୍ତୃତାର ପ୍ରଭାବରେ ଦଳଦଳ ଲୋକ ଆସି ତାଙ୍କସୈନ୍ୟ ସେନାର ପୁଷ୍ଟିସାଧନ କରୁଥିଲେ । ସୁରେନ୍ଦ୍ରସାଏଙ୍କ ପ୍ରଧାନ ତିନିଦଳ ମଧ୍ୟରେ ୧ମ ଦଳ ଗଡ଼ପାଟ୍ଟୀ, ୨ୟ ଦଳ ଝିରଘାଟୀ ଓ ୩ୟ ଦଳ ମଉଳା ଭଣଜ୍ଞା ପର୍ବତରେ ରହୁଥିଲେ । ସୁରେନ୍ଦ୍ରସାଏ ଏକ ସ୍ଥାନରେ ରହୁ ନ ଥିଲେ । ସେ ବିଭିନ୍ନ ସ୍ଥାନକୁ ଯାଇ ଯୁଦ୍ଧର ବ୍ୟବସ୍ଥା କରୁଥିଲେ । ଇଂରେଜ ସେନା ବୀରେନ୍ଦ୍ର ସୁରେନ୍ଦ୍ର ସାଏଙ୍କ ଅଦ୍ଭୁତ ଶକ୍ତି ଦେଖି ବିସ୍ମିତ ଓ ଚକିତ ହୋଇ ଯାଇଥିଲେ । ତାଙ୍କୁ ଧରିବା ତେଣେ ଥାଉ, ତାଙ୍କର ସନ୍ଧାନ ପାଇବା ଦୁର୍ଘଟ ଥିଲା । ସେହି ସମୟରେ ଯାତାୟାତ ପାଇଁ ସଡ଼କ ନ ଥିଲା । ଅରଣ୍ୟାନୀ ମଧ୍ୟରେ ତୋପବାହୀ ଶଗଡ଼ ଓ ଗୋଳାବାରୁଦ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ଦୁଃସାଧ୍ୟ ହୋଇଥିଲା । ରେଲ, ଟେଲିଗ୍ରାଫ୍, ଟେଲିଫୋନ୍, ଓ୍ୱାଇରଲେସ୍, ଉଡ଼ାଜାହାଜ କିଛି ନ ଥିଲା । ଡାକଘର ମଧ୍ୟ ନ ଥିଲା । ଇଂରେଜସରକାର ଡାକ ନେବା ଆଣିବାକୁ ଯେ ସାମୟିକ ବ୍ୟବସ୍ଥା କରିଥିଲେ, ବିପ୍ଳବୀ ସେନା ସେହି ଡାକଘର ଓ ପୋଲିସ ଫାଣ୍ଡି ପୋଡ଼ି ଦେଉଥିଲେ ।

ଏଣୁ ବିପ୍ଳବୀମାନେ ଧରା ନ ପଡ଼ି ସ୍ଥାନେ ସ୍ଥାନେ ଲୁଚି ରହି ସରକାର ପକ୍ଷକୁ ଆକ୍ରମଣ କରୁଥିଲେ । ଅଧିକାଂଶ ଜମିଦାର, ମାଫିଦାର ଓ ଗୌନ୍ତିଆ ସୁରେନ୍ଦ୍ର ସାଏଙ୍କ ଦଳରେ ଯୋଗ ଦେଇଥିଲେ । ଜନତାର ବିଶ୍ୱାସ ଥିଲା ଯେ, ସୁରେନ୍ଦ୍ରସାଏ ସ୍ୱରାଜ ଆଣିବେ ଏବଂ ଇଂରେଜ ସମ୍ବଲପୁରରୁ ଚାଲିଯିବେ । ଇଂରେଜ ସରକାର ବିପ୍ଳବୀମାନଙ୍କୁ ସାହାଯ୍ୟ ନ କରିବା ପାଇଁ ଘୋଷଣା ପ୍ରଚାର କଲେ । ଜମିଦାର, ଜାଗିରଦାର ଓ ପ୍ରଧାନ ଗୌନ୍ତିଆମାନଙ୍କଠାକୁ ସ୍ୱତନ୍ତ୍ର ପତ୍ରମାନ ଲେଖିଲେ । ୧୮୫୭ ଖ୍ରୀଷ୍ଟାବ୍ଦର ଶେଷ ଆଡ଼କୁ କୁଲବୀରା, ଲକ୍ଷ୍ମଣପୁର, ଭେଡ଼ନ, ଖରସଲ, କୋଡ଼ାବଗା, ଘେଁସ ଜମିଦାରମାନେ ବିପ୍ଳବୀଦଳରେ ଯୋଗଦେଲେ । ଲୋଇସିଂହା ଜମିଦାର ପ୍ରକାଶ୍ୟରେ ବିପ୍ଳବୀ ହୋଇ ନ ଥିଲେହେଁ, ପ୍ରଜାମାନେ ବିଶେଷ ଭାବରେ ବିପ୍ଳବ କରିଥିଲେ ।

କୁଲବୀରାର ବୃଦ୍ଧ ଜମିଦାରଙ୍କୁ ଇଂରେଜ ସରକାର ବନ୍ଦୀକରି ଫାଶୀ ଦେବାରେ ସେ ଅଞ୍ଚଳରେ ବିପ୍ଳବ ବଢ଼ିଗଲା । ନୂତନ ଜମିଦାର ପିତୃହତ୍ୟାର ପ୍ରତିଶୋଧ ପାଇଁ ଇଂରେଜମାନଙ୍କର ସାହାଯ୍ୟକାରୀ ଦେଶଦ୍ରୋହୀମାନଙ୍କୁ ହତ୍ୟା କରିବା ନିମନ୍ତେ କୃତସଂକଳ୍ପ ହେଲେ । ଲକ୍ଷ୍ମଣପୁରର ନିହତ ଜମିଦାରଙ୍କର ଦୁଇ ପୁତ୍ର କମଳସିଂହ ଦାଉ ଓ ନିଳାମ୍ବର ସିଂହ ଦାଉ ସୁରେନ୍ଦ୍ରସାଏଙ୍କ ପ୍ରଧାନ ସହାୟ ହୋଇଥିଲେ । ଘେଁସ ଜମିଦାରଙ୍କ ତିନିପୁତ୍ର ହଟେ (ହାଣ୍ଡି) ସିଂହ, କୁଞ୍ଜଲ ସିଂହ ଓ ବୈରୀସିଂହ ବିପ୍ଳବ ବାହିନୀର ନେତୃତ୍ୱ କରିଥିଲେ । ଭେଡ଼ନ ଜମିଦାର ଇଂରେଜମାନଙ୍କ ସଙ୍ଗେ ଯୁଦ୍ଧ କରି ନିହତ ହେଲେ । ଖରସଲ ଜମିଦାର ଫାଶୀ ପାଇଲେ । କୋଡ଼ାବଗା ଜମିଦାର ଯାବଜ୍ଜୀବନ ବନ୍ଦୀ ହେଲେ । କେବଳ ଲଏଡ଼ା ଜମିଦାର ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ରହି ଇଂରେଜସରକାରଙ୍କୁ ସାହାଯ୍ୟ କରିଥିଲେ ।

ଗଡ଼ଜାତର ରାଜାମାନେ ମଧ୍ୟ ଭିତରେ ଭିତରେ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରୁଥିଲେ । ଡାକ୍ତର ମୁର ନାମକ ଜଣେ ଇଂରେଜ କଟକରୁ ସମ୍ବଲପୁରକୁ ଆସୁଥିଲାବେଳେ ଲୋଇସିଂହାର ବିପ୍ଲବୀମାନଙ୍କ ଦ୍ୱାରା ରେଢ଼ାଖୋଲ ଜଙ୍ଗଲରେ ନିହତ ହେଲେ । ରେଢ଼ାଖୋଲରାଜା ଇଂରେଜମାନଙ୍କର ତାଡ଼ନାରେ ବିପ୍ଲବୀ ନେତା ମଧୁଗୌନ୍ତିଆଙ୍କୁ ଫାଶୀଦଣ୍ଡ ଦେଇ ଇଂରେଜସରକାରଙ୍କ ଖୈରଖାଇ ହୋଇଥିଲେ ।

ଡାକ୍ତର ମୁରଙ୍କ ହତ୍ୟାବାର୍ତ୍ତା ଶ୍ରବଣରେ ସମ୍ବଲପୁର ଇଂରେଜ ସରକାର ବିଚଳିତ ହୋଇ ଯାଇଥିଲେ । କେପ୍‌ଟେନ୍ ଲେ ମାନ୍ଦ୍ରାଜୀ ବାହିନୀ ସହିତ ରେଢ଼ାଖୋଲ ଅଭିମୁଖରେ ପ୍ରଧାବିତ ହେଲେ; କିନ୍ତୁ ଜଙ୍ଗଲ ଭିତରେ ବିପ୍ଲବୀମାନଙ୍କ ହାବୋଡ଼ରେ ପଡ଼ି ବହୁସୈନ୍ୟ ହତାହତ କରାଇ ପ୍ରାଣଘେନି ପଳାଇ ଆସିବାକୁ ବାଧ୍ୟ ହୋଇଥିଲେ ।

ସେଆଡ଼େ ମେଜର୍ ବେଟସ୍ ସୁରେନ୍ଦ୍ର ସାଏଙ୍କ ପଛରେ ରହିଥିଲେ ଏବଂ ସହକାରୀ କେପ୍‌ଟେନ୍ ଉଡ଼ ରାଜଧାନୀ ନିକଟସ୍ଥ ପାହାଡ଼ମାନଙ୍କରେ ବୁଲି ଉଦନ୍ତ ସାଏଙ୍କ ଅନୁସନ୍ଧାନରେ ଲାଗିଥିଲେ । ଉଡସାହେବ ଉଦନ୍ତ ସାଏଙ୍କୁ ଖୋଜୁଁ ଖୋଜୁଁ କୁଦୋପାଲି ଗ୍ରାମ ପାଖେ ଅପ୍ରତ୍ୟାଶିତ ଭାବରେ ଛବିଳ ସାଏଙ୍କୁ ଭେଟିଲେ । ଛବିଳ ସାଏ ଅନ୍ୟ ଆଶ୍ରୟ ନ ଦେଖି ସଦଳରେ ସମ୍ମୁଖସ୍ଥ କୁଦ ଉପରକୁ ଚଢ଼ି ଯାଇ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲେ ।

ଉଭୟ ପକ୍ଷ ମଧ୍ୟରେ ଶର ଓ ଗୁଳିଯୁଦ୍ଧ ଚାଲିଲା । ଶର ସରିଯିବାରେ ବିପ୍ଲବୀମାନେ ତରବାରୀ ଧରି କୁଦରୁ ଓହ୍ଲାଇ ଇଂରେଜ ପକ୍ଷକୁ ଆକ୍ରମଣ କଲେ । ଅଧିକାଂଶ ବିପ୍ଲବୀ ଗୁଳିମାଡ଼ରେ ପ୍ରାଣ ହରାଇଲେ । କେପ୍‌ଟେନ୍ ଉଡ଼ ମଧ୍ୟ ଗୁରୁତର ଆହତ ହେଲେ ।

ଗାଁ ମୁଣ୍ଡରେ ଛବିଲ ସାଏଙ୍କ ଘୋଡ଼ା ବନ୍ଧା ହୋଇଥିଲା । ଛବିଲସାଏ ଅତଶୟ କ୍ଷତବିକ୍ଷତ ହୋଇ ଗାଁଦାଣ୍ଡରେ ଘୋଡ଼ା ଦୌଡ଼ାଇ ପଳାଇ ଯାଉଥିବା ସମୟରେ ପଶ୍ଚାଦ୍ଧାବିତ ଇଂରେଜ ସୈନ୍ୟଙ୍କ ଗୁଳିରେ ପ୍ରାଣ ହରାଇଲେ । ଏହାପରେ ଖବରରେ ଇଂରେଜ ଶିକାର୍ଷି ଉଡ଼ ସାହେବ ଛବିଲ ସାଏଙ୍କୁ ଗାଁ ମଝିରେ ହତ୍ୟାକରି ବିଜୟ-ଶ୍ରୀମଣ୍ଡିତ ଓ ସ୍ୱୟଂ ଖଣ୍ଡିତ ହୋଇ ରାଜଧାନୀ ସମ୍ବଲପୁରକୁ ବାହୁଡ଼ା ବିଜେ କରିଥିଲେ । ସେହି ସ୍ମୃତି ପ୍ରବଚନ ଆକାରରେ ଛବିଲ ଶହୀଦଙ୍କ ସ୍ୱର୍ଗତ ଆତ୍ମାକୁ ଅଦ୍ୟାପି ଅଭିବାଦନ କରୁଅଛି । ଗ୍ରାମର ବାଳକ ବାଳିକାଗଣ ଗୋଳମାଳ ଶୁଣି ଗୃହଶାଳୀ ଗୁଡ଼ ଆମ୍ବ-ତୋଟାରେ ଉଭୟ ପକ୍ଷର ଯୁଦ୍ଧାଭିନୟ ଦେଖୁଥିଲେ । କୁଦୋପାଲିର ବାଳକବାଳିକାଗଣ ଅବଧି ପ୍ରବଚନ ରୂପେ ସେହି ଗୀତ ଗାଉଅଛନ୍ତି ।—

"ଜଲି ଜଲି ଜଲି ଜଲି ।
ଛବିଲ ସାଏକୁ ବାଜଲା ଗୁଲି—
କୁଦୋପାଲ ମଝା ଝୁଲି ॥" (୧)

---

## ଝରଘାଟୀ ଯୁଦ୍ଧ

ଗଡ଼ଘାଟୀ ପର୍ବତଶ୍ରେଣୀର ପ୍ରାନ୍ତଭାଗରେ ଝରଘାଟୀ ଅଛି । ସେଠାରେ ଉଦନ୍ତସାଏ ଥିବା ସନ୍ଧାନ ପାଇ ମେଜର୍ ବେଟସ୍ ସସୈନ୍ୟରେ ଘାଟୀ ବେଷ୍ଟନ କଲେ । ଘାଟୀର ଚତୁର୍ଦ୍ଦିଗ ଉଚ୍ଚ ପ୍ରାଚୀର ବେଷ୍ଟିତ ହୋଇଥିଲା । ପ୍ରସ୍ତର କାନ୍ଥ ଭାଙ୍ଗି ଘାଟୀ ଭିତରେ

(୧) ଏହି ପ୍ରବଚନଟି "ହୁମୋ" ରାଗରେ ରଚିତ ।

ପଶିବା ପାଇଁ ମେଜର୍ ବେଟସ୍ ସ୍ଥିର କରିଥିଲେ । ତେଣୁ ସେ କାନ୍ଥମୂଳରେ ତୋପ ବସାଇ ଥିଲେ । ଗୋଳାବୃଷ୍ଟିରେ ପ୍ରାଚୀର ଧ୍ୱଂସ କରି ଇଂରେଜ ସେନା ପର୍ବତ ଉପରକୁ ଉଠିଲେ । ସେଠାରେ ୧୪୦୦ ବିପ୍ଳବୀ ସେନା ରହିଥିଲେ । ଆତ୍ମରକ୍ଷା ପାଇଁ ଗଡ଼ର ନ ଥିଲା । ସମସ୍ତଙ୍କ ପାଇଁ ବନ୍ଧୁକ ମଧ୍ୟ ନ ଥିଲା । ସେମାନେ ଧନୁଶର, ବର୍ଚ୍ଛା ଓ ଖଣ୍ଡା ଧରି ସମ୍ମୁଖ ଯୁଦ୍ଧ କରିବାକୁ ବାଧ୍ୟ ହୋଇଥିଲେ , କିନ୍ତୁ ଇଂରେଜ ପକ୍ଷର ତୋପଗୋଳାରେ ପ୍ରାୟ ଏକହଜାର ସେନା ପ୍ରାଣବଳି ଦେଇଥିଲେ । ଉଦନ୍ତ ସାଏ ଅବଶିଷ୍ଟ ସୈନ୍ୟ ସହିତ ଗୁପ୍ତ ପଥରେ ପଳାଇ ଯାଇଥିଲେ । ମେଜର୍ ବେଟସ୍ ପର୍ବତ ଉପରକୁ ଉଠି ଦେଖିଲେ ଯେ, ସ୍ତୂପାକାର ଶବରାଶିରେ ସେ ସ୍ଥାନ ପୂର୍ଣ୍ଣ ହୋଇଅଛି । ସେ ଶବ ଲେଉଟାଇ ଜାଞ୍ଚ କରିଥିଲେ । ସୁରେନ୍ଦ୍ର ସାଏ ବା ଉଦନ୍ତ ସାଏଙ୍କ ଶବ ପାଇଲେ ନାହିଁ । ସେ ବିଫଳ ହୋଇ କ୍ରୋଧରେ କେତେଗୁଡ଼ିଏ ଶବର ମୁଣ୍ଡକାଟି ବୃକ୍ଷଶାଖାମାନଙ୍କରେ ଝୁଲାଇ ଦେଇ ନିରାଶ ହୋଇ ଚାଲିଗଲେ । କେତେଜଣ ମୁମୂର୍ଷୁ ବିପ୍ଳବୀ ଶବସ୍ତୂପରେ ଲୁଚିହୋଇଥିଲେ । ଲଇଡ଼ାର ଜୟସିଂହ ଦଳନାୟକ ସେହି ମୁମୂର୍ଷୁମାନଙ୍କ ମଧ୍ୟରେ ଜଣେ । ସେ ଗୁରୁତର ଆହତ ହୋଇ ୩ ଦିନ ପର୍ଯ୍ୟନ୍ତ ଶବସ୍ତୂପରେ ପଡ଼ି ଘୁଷୁରି ଘୁଷୁରି ପର୍ବତରୁ ଓହ୍ଲାଇଥିଲା । ସେ ସୁରେନ୍ଦ୍ର ସାଏଙ୍କୁ ଇଂରେଜ ସେନା-ପତିର ସେହି ପାଶବିକ କାଣ୍ଡ ଜଣାଇଥିଲା ।

ଝିରଘାଟୀ ଆକ୍ରମଣ ପୂର୍ବରୁ ସୁରେନ୍ଦ୍ର ସାଏ ଶିରଗିରିଆ ଘାଟୀରେ ଦୁର୍ଗ ନିର୍ମାଣ କରୁଥିଲେ । ଏହି ଘାଟୀ ବାରପାହାଡ଼ର ନିମ୍ନଦେଶରେ ଅବସ୍ଥିତ । ସମ୍ଭବତଃ "ଶିରଗିରିଆ" ରୁ "ଶ୍ରୀଗିଡ଼ା" ନାମ ହୋଇ ଯାଇଛି । ଏହି ଘାଟୀ ସମ୍ବଲପୁର ରାଜଧାନୀଠାରୁ ପ୍ରାୟ ୩୦ ମାଇଲ ଦୂରରେ ଦୁଇଗୋଟି ପର୍ବତ ମଧ୍ୟରେ ଅବସ୍ଥିତ ।

ଅଧୁନା "ଶ୍ରୀଗିଡ଼ାଘାଟୀ" ନାମରେ କଥିତ ହେଉଛି । ଏହି ଗିରି ସଙ୍କଟ ମୁଖରେ ୭ ଫୁଟ ଉଚ୍ଚତା ଓ ୩୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ ପ୍ରସ୍ତର କାନ୍ଥ ନିର୍ମିତ ହୋଇଥିଲା । ଉଭୟ ପାର୍ଶ୍ୱସ୍ଥ ପର୍ବତର ପାଦ ଦେଶରେ ଆଉ ଦୁଇଟି ପଥରକାନ୍ଥ ଗଢ଼ା ଯାଇଥିଲା । ଘାଟୀ ଉପରସ୍ଥ ପର୍ବତ ଉପରେ ବଡ଼ ବଡ଼ ପଥରମାନ ଲତାଦ୍ୱାରା ଝୁଲାଇ ରଖା ଯାଇଥିଲା ।

---

## ଶିରଗିରିଆ ଘାଟୀ ଯୁଦ୍ଧ

ବାରପାହାଡ଼ର ଅନ୍ୟାନ୍ୟ ଘାଟୀମାନଙ୍କରେ ମଧ୍ୟ ସେହିପରି ଗିରିଦୁର୍ଗମାନ ପ୍ରସ୍ତୁତ ହୋଇଥିଲା । ସେହିସବୁ ଘାଟୀଦେଇ ସରକାରୀ ସେନା ଓ ଯୁଦ୍ଧୋପକରଣ ନାଗପୁରରୁ ଆସିବା ସମ୍ଭାବନା । ସୁରେନ୍ଦ୍ରସାଏ ଶିରଗିରିଆ ଘାଟୀ ନିଜେ ଜଗିରହିଲେ ଏବଂ ଘେଁସ ଜମିଦାର ହାଟସିଂହ ଓ ତାଙ୍କ ଦୁଇଭାଇ କୁଞ୍ଜଲସିଂହ ଓ ବୈରୀସିଂହଙ୍କୁ ଅନ୍ୟାନ୍ୟଘାଟୀର ରକ୍ଷଣାବେକ୍ଷଣ ଭାର ଦେଇଥିଲେ । ରାତିରେ ବିପ୍ଳବୀ ସେନା ଇଂରେଜମାନଙ୍କର ଶିବିର ଆକ୍ରମଣ କରି ବନ୍ଧୁକ ଓ ଗୁଳି ଅପହରଣ କରୁଥିଲେ । ଆଦିବାସୀ ଜାତିମାନେ ସୁରେନ୍ଦ୍ରସାଏଙ୍କୁ ଦେବପୁରୁଷ ବୋଲି ଜ୍ଞାନ କରି ତାଙ୍କ ଆଦେଶରେ ଧନପ୍ରାଣ ସମର୍ପଣ କରିବାକୁ କୁଣ୍ଠିତ ହେଉ ନ ଥିଲେ । ସୁରେନ୍ଦ୍ରସାଏଙ୍କ ନେତୃତ୍ୱରେ ସ୍ୱଦେଶୀ ଆନ୍ଦୋଳନ ଦିନୁ ଦିନୁ ବଢ଼ୁଥିବା ଦେଖି ଓଡ଼ିଶା କମିଶନର ମିଃ କକବର୍ଣ୍ଣ ବିପ୍ଳବ ଦମନର ବ୍ୟବସ୍ଥା କରିବାପାଇଁ ୧୮୫୮, ଜାନୁଆରୀ ୨୦ ତାରିଖରେ ସମ୍ବଲପୁରକୁ ଆସିଲେ । ତାଙ୍କ ସଙ୍ଗେ ନାଗପୁରର ସେନାପତି ମେଜର୍ ଉଇଣ୍ଡହାମ୍ ମାନ୍ଦ୍ରାଜୀ ସିପାହୀ ଓ ତୋପ ସହିତ ଆସିଥିଲେ ।

କମିଶନର ସାହେବ କଷ୍ଟକରୁ ଅହିଲ୍ଲ ମାର୍ଗରେ ବିପ୍ଳବୀ ସେନାର ହାବୋଡ଼ରେ ପଡ଼ିଥିଲେ । ସେଥିରେ କେତେଜଣ ମାନ୍ଦ୍ରାଜୀସେନା ପ୍ରାଣ ହରାଇଥିଲେ ଏବଂ ବିପ୍ଳବୀମାନେ କେତେଗୁଡ଼ିଏ ବନ୍ଧୁକ ଲୁଟି ଚମ୍ପଟ୍ ଦେଇଥିଲେ ।

ଫେବୃଆରୀ ୨୦ ତାରିଖରେ କେପ୍‌ଟେନ୍ ରାମଗଡ଼ ବେଟେଲିୟନ୍-ସେନା ଓ ଗୋଲନ୍ଦାଜ ସେନା ଘେନି ଶିରଗିଶଆ ଘାଟୀରେ ଉପସ୍ଥିତ ହେଲେ । ସେମାନେ ମଇଦାନରେ ପହଞ୍ଚିଲାମାତ୍ରେ ପ୍ରାଚୀରସ୍ଥିତ ଛିଦ୍ରମାନଙ୍କରୁ କେତେଗୁଡ଼ିଏ ବନ୍ଧୁକ ଫୁଟି ଉଠିଲା । କେପ୍‌ଟେନ୍ ଉଡ଼ବ୍ରିଜ୍ ପାହାଡ଼ର ପାଦଦେଶରେ ପହଞ୍ଚିବାକୁ ଚେଷ୍ଟାକଲେ ; କିନ୍ତୁ ପାହାଡ଼ ଉପରରୁ ବଡ଼ ବଡ଼ ପ୍ରସ୍ତରମାନ ପତିତ ହୋଇ ତୋପ ଗୁଡ଼ିକ ଚୂର୍ଣ୍ଣ କରିଦେଲା ଏବଂ ଗୋଲନ୍ଦାଜ ବାହିନୀ ଧୂଳିସାତ୍ ହେଲେ । କେପ୍‌ଟେନ୍ ଉଡ଼ବ୍ରିଜ୍ ବନ୍ଧୁକଧାରୀ ସେନାସହିତ ପାହାଡ଼ ଉପରକୁ ଉଠିବାକୁ ଚେଷ୍ଟାକଲେ । ଅବଶିଷ୍ଟସେନା ଉଡ଼ବ୍ରିଜ୍‌ଙ୍କୁ ଏକାକୀ ଛାଡ଼ିକରି ଛତ୍ରଭଙ୍ଗ ଦେଲେ । ସେମାନେ ସୁଦ୍ଧା ପାହାଡ଼ର ପାଦଦେଶରେ ପହଞ୍ଚିବା ପୂର୍ବରୁ ଜାଗିପୁ ସେନାର ଗୁଳିରେ ଜଣେ ମଧ୍ୟ ବଞ୍ଚି ପାରିଲେ ନାହିଁ । କେପ୍‌ଟେନ୍ ଉଡ଼ବ୍ରିଜ୍ ଭୂଶାୟୀ ହେଲେ । ସେତେବେଳେ ମଥୁରା ପାଣ୍ଡେ ଓ ମାରବତ୍ ଖାଁ ନାମକ ସିପାହୀ ଦ୍ୱୟ ଉଡ଼ବ୍ରିଜ୍ ସାହେବଙ୍କ ସଙ୍ଗେ ଥିଲେ । ସେ ଦୁହେଁ କେପ୍‌ଟେନ୍‌ଙ୍କ ଶବ ବୋହିନେବା ପାଇଁ ଚେଷ୍ଟା କରିଥିଲେ ; କିନ୍ତୁ ବିପ୍ଳବୀ ସେନାର ଶର ଓ ଗୁଳିମାଡ଼ରେ ତିଷ୍ଠି ନ ପାରି ପ୍ରାଣ ଧରି ପଳାଇଯାଇ ସମ୍ବଲପୁରରେ କମିଶନର ସାହେବଙ୍କୁ ସେହି ଭୀଷଣ ଶୋଚନୀୟ ଦୁଃସମ୍ବାଦ ଜଣାଇଥିଲେ ।

ବିପ୍ଳବୀ ସେନା କେପ୍‌ଟେନ୍ ଉଡ଼ବ୍ରିଜଙ୍କ ମୁଣ୍ଡକାଟି ପର୍ବତଶିରରେ ଝୁଲାଇ ଦେଇ ଛବିଲ ସାଏଙ୍କ ହତ୍ୟାର ପ୍ରତିଶୋଧ ନେବାକୁ

ଛୁଡ଼ି ନ ଥିଲେ । ସେ ଦିନ ଝରଘାଟୀ ଯୁଦ୍ଧରେ ମେଜର୍ ବେଟସ୍ ମଧ୍ୟ ଏହିପରି ଦୃଶ୍ୟ ଦେଖାଇଥିଲେ ।

—o—

## ସିଙ୍ଘରା ଘାଟୀ (ଶିଙ୍ଗରା)

ଏହି ଘାଟୀଟି ରାୟପୁର-ନାଗପୁରରୁ ସମ୍ବଲପୁରକୁ ଆସିବାର ଗିରିସଙ୍କଟ । ଏହା ସମ୍ବଲପୁର ରାଜଧାନୀରୁ ପ୍ରାୟ ୬୦ ମାଇଲ ଦୂରବର୍ତ୍ତୀ । ଢେଁଷଜମିଦାର ହାଟିସିଂହ ଓ ତାଙ୍କ ଭାଇ କୁଞ୍ଜଲସିଂହଙ୍କ ନେତୃତ୍ୱରେ ଏହି ସିଙ୍ଘରା ଘାଟୀ ରକ୍ଷିତ ହୋଇଥିଲା । ହାଟିସିଂହ ମହାନଦୀରେ ଯାଉଥିବା ନୌକାମାନ ବୁଡ଼ାଇ ଦେଇ ମାଲମତା ଲୁଣ୍ଠନ କରିନେଇ ଯାଇ ଘାଟୀ ଉପରେ ଜମାକରି ରଖୁଥିଲେ । କେପ୍ଟେନ୍ ସେକ୍ସପିୟର ମାନ୍ଦ୍ରାଜୀସେନା ଓ ଅଶ୍ୱାରୋହୀ ସେନା ସହିତ ସିଙ୍ଘରା ଘାଟୀରେ ପହଞ୍ଚି ପାହାଡ଼ତଳରେ ତୋପମାନ ଖଞ୍ଜି ପାହାଡ଼ ଉପରକୁ ଗୋଳାବର୍ଷଣ କଲେ । ବିପ୍ଳବୀ ସେନା ପଥରତଳେ ଲୁଚିରହିଥିବା ହେତୁ ସେମାନଙ୍କର ଅଧିକ କ୍ଷତି ହୋଇ ନ ଥିଲା । ଦୈବାତ୍ ତୋପ ଗୋଳାରେ ଖଣ୍ଡେ ପଥର ଛିଟିକି ହାଟୀସିଂହଙ୍କ ଛାତିରେ ବାଜିଲା । ହାଟୀସିଂହ ମୂର୍ଚ୍ଛିତ ହୋଇ ପଡ଼ିଯିବା ଦେଖି ଖରସଲ ଭୋଇ ନାମକ ଜଣେ ବିପ୍ଳବୀ ତାଙ୍କୁ ଗୁମ୍ଫାଭିତରକୁ ନେଇ ସେଠାରେ ରଖି ଗୁମ୍ଫା ମୁହଁ ପଥରରେ ଢାଙ୍କି ଦେଇଥିଲା । ଜାଣିପୁସେନା, ସେନାପତି ଅଭାବରେ ଯୁଦ୍ଧବନ୍ଦ କରି ପାହାଡ଼ର ବିପରୀତ ଦିଗରେ ଓହ୍ଲାଇ ପଳାଇଗଲେ ।

କେପ୍ଟେନ୍ ସେକ୍ସପିୟର ବିପ୍ଳବୀମାନଙ୍କର ବନ୍ଧୁକ ଶବ୍ଦ ନିସ୍ତବ୍ଧ ହେବା ଜାଣି ଘାଟୀ ଉପରକୁ ଉଠି ଦେଖିଲେ ଯେ, ୧୧ଟା

ଶବମାନ ପଡ଼ିଛନ୍ତି ଏବଂ ବିପ୍ଳବୀମାନେ ଖସି ଚାଲି ଯାଇଛନ୍ତି । ସରକାର ହାଟି ସିଂହଙ୍କ ମୁଣ୍ଡ ପାଇଁ ପୁରସ୍କାର ଘୋଷଣା କଲେ । କେନ୍ କେନ ନାମକ ଜଣେ ଲୋକ ଗୋଟିଏ ମୁଣ୍ଡ ନେଇ ହାଟି ସିଂହର ମୁଣ୍ଡ ବୋଲି କମିଶନର ସାହେବଙ୍କୁ ଦେଖାଇ ପାଞ୍ଚପାଲି ଗ୍ରାମ ପୁରସ୍କାର ପାଇଥିଲା ।

ତେଣେ କେପ୍‌ଟେନ୍ ସେକ୍ସପିୟର୍ ସାହେବ ଘାଟୀ ଉପରରୁ ଚାଲିଯିବା ପରେ ଖରସଲ ଶୋଇ ଆହତ ହାଟିସିଂହଙ୍କୁ ଧୀରେ ଧୀରେ ଓହ୍ଲାଇ ତାଙ୍କୁ ଧରି ପଳାଇ ଯାଇଥିଲା । ହାଟିସିଂହ ଅସୁସ୍ଥ ହୋଇ ଖଡ଼ିଆଳ ଆଡ଼କୁ ଚାଲି ଯାଇଥିଲେ । ଖଡ଼ିଆଳ ବିବରଣ ପରେ ଜ୍ଞାତବ୍ୟ ।

ଏଣେ ସୁରେନ୍ଦ୍ରସାଏ ପୁଣି ସିଙ୍ଘୋରଘାଟୀ ଉଦ୍ଧାର କରି ତାହା ଓ ନଶାଘାଟୀ କୁଞ୍ଜଲସିଂହ ( ହାତୀ ସିଂହଙ୍କ ମଧ୍ୟମ ଭାଇ)ଙ୍କ ନେତୃତ୍ୱରେ ରଖିଲେ । ସୋରଡାଲି ଘାଟୀର ରକ୍ଷକ ରୂପେ ବୈରି ସିଂହ (ହାତୀ ସିଂହଙ୍କ କନିଷ୍ଠ ଭାଇ) ନିଯୁକ୍ତ ହେଲେ । ଏହାଛଡ଼ା ଅନ୍ୟାନ୍ୟ ଘାଟୀମାନଙ୍କରେ ସଂଘର୍ଷ ଲାଗିଯାଇଥିଲା । ବିପ୍ଳବୀମାନେ ଇଂରେଜ ଶିବିର ଆକ୍ରମଣ କରି ତୋପ ଓ ଗୋଳା ବାରୁଦ ଲୁଣ୍ଠନ କରିଥିଲେ ।

ଏହି ସମୟରେ ସମ୍ବଲପୁର ଜିଲାବାସୀ ଜନସାଧାରଣଙ୍କର ଭୟଙ୍କର ଦୁର୍ଦ୍ଦଶା ଘଟିଥିଲା । ଇଂରେଜମାନେ ଯୁଦ୍ଧୋପକରଣ ନେବା ଆଣିବା ପାଇଁ ଗ୍ରାମବାସୀମାନଙ୍କ ପ୍ରତି ନାନା ଅତ୍ୟାଚାର କଲେ । ବେଠୀ ଖଟିବା ଓ ରସଦ୍ ଯୋଗାଇବା ପାଇଁ ଗ୍ରାମବାସୀ-ମାନଙ୍କୁ ବାଧ୍ୟ କରା ଯାଇଥିଲା । ଜନତା ବିଦେଶୀ ଶାସନରେ ଉତ୍ପୀଡ଼ିତ ହୋଇ ସୁରେନ୍ଦ୍ରସାଏଙ୍କ ସାହାଯ୍ୟ ଲୋଡ଼ିଥିଲେ । ଏହା

ମଧ୍ୟ ସୁରେନ୍ଦ୍ର ସାଏଙ୍କ ପକ୍ଷେ ସୁଯୋଗ ଘଟିଥିଲା । ଯେହେତୁ ସେ ଜାତୀୟ ଆନ୍ଦୋଳନ ପାଇଁ ଜନସାଧାରଣଙ୍କର ସାହାଯ୍ୟ ସହାନୁଭୂତି ପାଇ ପାରୁଥିଲେ ।

ପାର୍ବତୀୟ ଯୁଦ୍ଧମାନଙ୍କରେ ଇଂରେଜ ସରକାର ସୁରେନ୍ଦ୍ରସାଏଙ୍କର ଅଭୁତ ପରାକ୍ରମ ଓ ଯୁଦ୍ଧପାରିପାଟ୍ୟ ନିପୁଣତାର ପରିଚୟ ପାଇ ସେହି ବିପ୍ଳବୀ ଜନନେତାଙ୍କୁ ଧରିବା ସକାଶେ ଅଧିକତର ଉଦ୍ୟମୀ ହୋଇଥିଲେ । ସୁରେନ୍ଦ୍ରସାଏ ମଧ୍ୟ ଇଂରେଜମାନଙ୍କର ଗତିବିଧି ଲକ୍ଷ୍ୟ କରୁଥିଲେ । ତେଣୁ ସେ ଗିରିଗିରିଆ ଘାଟୀ ଛାଡ଼ି ବାରପାହାଡ଼ର ଉଚ୍ଚତମ ଶୃଙ୍ଗ ଡେବ୍ରିଗଡ଼ରେ ଆଡ୍ଡା କଲେ ।

—o—

## ଡେବ୍ରିଗଡ଼ ଘାଟୀ

ସୁରେନ୍ଦ୍ରସାଏ ୧୮୫୮ ଖ୍ରୀଷ୍ଟାବ୍ଦର ମଧ୍ୟଭାଗରେ ଡେବ୍ରିଗଡ଼ ଦୁର୍ଗ ନିର୍ମାଣକରି ସେଠାରେ ରହି ୧୮୬୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସମ୍ବଲପୁର ଜିଲାରେ ଜାତୀୟ ଆନ୍ଦୋଳନ ଜୀବିତ ରଖି ପାରିଥିଲେ । ଡେବ୍ରିଗଡ଼ ଶୃଙ୍ଗର ଶୀର୍ଷଦେଶରେ ପ୍ରକାଣ୍ଡ ପ୍ରସ୍ତର ପ୍ରାଚୀର ନିର୍ମିତ ହୋଇଥିଲା । ନିମ୍ନଦେଶରେ "ବାର ବଖରା" ନାମକ ଗିରିଦରୀ ବିଦ୍ୟମାନ । ସେହି ଗୁମ୍ଫାରେ ବିପ୍ଳବୀ ସେନା ରହୁଥିଲେ । ପୂର୍ବେ ମରହଟ୍ଟାମାନେ ସେଠାରେ ଏକ ଦୁର୍ଗ ପ୍ରସ୍ତୁତ କରିଥିଲେ । ଉକ୍ତ ଦୁର୍ଗର ବିସ୍ତୃତି ୫ ହଜାର ବର୍ଗଫୁଟ । ୧୬ ଗୋଟି ଗୁମ୍ବୁଜରେ ବନ୍ଧୁକ ଖଞ୍ଜା ଯାଇଥିଲା । କେତେଟା ତୋପ ମଧ୍ୟ ବସା ଯାଇଥିଲା । "ଖଣ୍ଡିଜୋର" ନାମକ ଗିରିନଦୀ ଦୁର୍ଗର ପରିଖାରୂପେ ରହିଥିଲା । ଶୃଙ୍ଗ ଉପରରୁ ଏକ ଗୁପ୍ତପଥ ( ସୁଡ଼ଙ୍ଗ ) ଖୋଳା ଯାଇଥିଲା । ସୁଡ଼ଙ୍ଗର

ବହିର୍ଗମନ ମୁଖ ପର୍ବତ ପାଦଦେଶସ୍ଥ ଅରଣ୍ୟାନୀ ମଧ୍ୟରେ ଲୁକ୍‌କାୟିତ ରହିଥିଲା । ସୁରେନ୍ଦ୍ରସାଏ ସେହି ଦୁର୍ଗମ ଗିରିଦୁର୍ଗରେ ରହିଥିଲେ । ହାଗି ଘାଟୀରେ ବିପ୍ଳବୀ ସେନା ଜଗି ରହିଥିଲେ । ଡେବ୍ରିଗଡ଼ ଗୁମ୍ଫାରୁ ବିପ୍ଳବୀମାନେ ରାତିରେ ବାହାରି ଦଳ ଦଳ ହୋଇ ଇଂରେଜ ଶିବିର ଆକ୍ରମଣ କରି ରାତି ନ ପାହୁଣୁ ସେହି ଗୁମ୍ଫାକୁ ଚାଲି ଯାଉଥିଲେ । ସୁରେନ୍ଦ୍ର ସାଏ ଡେବ୍ରିଗଡ଼ ଶୃଙ୍ଗରେ ଜାତୀୟ ପତାକା ଉତ୍ତୋଳନ କରି ଇଂରେଜ ଶାସନ କଳକୁ ବିକଳ କରି ଦେଇଥିଲେ ।

୧୮୫୧ ଖ୍ରୀଷ୍ଟାବ୍ଦ ଜୁଲାଇ ୮ ତାରିଖରେ ମହାରାଣୀ ଭିକ୍ଟୋରିଆଙ୍କ ଘୋଷଣା ଭାରତରେ ପ୍ରଚାରିତ ହୋଇଥିଲା । ମହାରାଣୀ ଭିକ୍ଟୋରିୟା ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ ଭାରତର ଶାସନ କ୍ଷମତା କାଢ଼ିନେଇ ନିଜେ ବହନ କରିଥିଲେ । ଦେଶୀୟ ରାଜ୍ୟମାନଙ୍କର ଉତ୍ତରାଧିକାରିତ୍ୱ ପୂର୍ବବତ୍ ରଖାଯିବାରେ ବିଦ୍ରୋହାଗ୍ନି ନିର୍ବାପିତ ହୋଇଗଲା । ନାଗପୁର, ଝାନ୍‌ସୀ, ଅଯୋଧ୍ୟା, ମିରଟ, ହଜାରୀବାଗ ଓ ଦିଲ୍ଲୀ ପ୍ରଭୃତି ସ୍ଥାନରେ ଶାନ୍ତି ପୁନଃ ପ୍ରତିଷ୍ଠିତ ହେଲା ; କିନ୍ତୁ କ୍ଷୁଦ୍ର ସମ୍ବଲପୁର ଜିଲ୍ଲାରେ ବିପ୍ଳବାଗ୍ନି ୫ ବର୍ଷ ପର୍ଯ୍ୟନ୍ତ ଅଧିକତର ପ୍ରଜ୍ୱଳିତ ହୋଇଥିଲା । ଇଂରେଜ ସରକାର ଶାନ୍ତି ପ୍ରତିଷ୍ଠିତ ଅଞ୍ଚଳମାନଙ୍କରୁ ଯୁଦ୍ଧୋପକରଣ ଆଣି ସୁରେନ୍ଦ୍ରସାଏଙ୍କୁ ଧରିବା କାର୍ଯ୍ୟରେ ଲଗାଇ ଥିଲେ ।

ସମ୍ବଲପୁର ଜନସାଧାରଣଙ୍କଠାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମର୍ଥନ ଓ ସାହାଯ୍ୟ ପାଇ ସୁରେନ୍ଦ୍ରସାଏଙ୍କ ପ୍ରଭାବ ବଢ଼ି ଯାଇଥିଲା । ରାଜ୍ୟର ସ୍ଥାନେ ସ୍ଥାନେ ସଭା ଓ ଶୋଭାଯାତ୍ରା କରାଯାଇ ସ୍ୱରାଜ୍ୟ ଦାବୀ କରାଯାଇଥିଲା । ୧୮୬୦ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ଜନ-

ସାଧାରଣ ଏକ ବିରାଟ ସଭାରେ ସୁରେନ୍ଦ୍ରସାଏଙ୍କୁ ରାଜା ଓ ମିତ୍ରଭାନୁ ସାଏଙ୍କୁ ଯୁବରାଜ ବୋଲି ଘୋଷଣା କରିଥିଲେ । ପ୍ରଜାମାନେ ସ୍ୱତଃ ପ୍ରବୃତ୍ତ ହୋଇ ସୁରେନ୍ଦ୍ରସାଏଙ୍କୁ କର ଭେଟି ଦେଲେ । ରାଜ୍ୟର ଅନେକ ସ୍ଥାନ ଜାତୀୟ ସରକାରଙ୍କ ଅଧିକାରଭୁକ୍ତ ହେଲା । ଏସବୁ ଆନ୍ଦୋଳନ ଦେଖି ବ୍ରିଟିଶ ସରକାର ବିବ୍ରତ ହୋଇ ପଡ଼ିଥିଲେ । ଅନେକ ସ୍ଥାନରେ ସ୍ୱାଧୀନ ଦଳ ଗଠିତ ହେଲା । ପ୍ରଚାରକମାନେ ଇଂରେଜ ସରକାରଙ୍କୁ କର ନ ଦେବା ପାଇଁ ପ୍ରଚାର କଲେ । ବିଦେଶୀ ଶାସନ ବିରୁଦ୍ଧରେ ସମଗ୍ର ସମ୍ବଲପୁର ଛିଡ଼ା ହୋଇଥିଲା ଏବଂ ସୁରେନ୍ଦ୍ରସାଏଙ୍କୁ "ହୀରାଖଣ୍ଡ ଛତ୍ରପତି" ବୋଲି ଗ୍ରହଣ କରିଥିଲା ।

—※—

## ଗଣ୍ଡମାରୁ

"ଗଣ୍ଡମାରୁ"ର ମୋଟାମୋଟି ଇତିହାସ ନ ଜାଣିଲେ, ସମ୍ବଲପୁରର ତାତ୍କାଳୀନ ଆଭ୍ୟନ୍ତରୀଣ ଅବସ୍ଥା ଏବଂ ସୁରେନ୍ଦ୍ରସାଏଙ୍କ ବିପ୍ଳବର ମୂଳ କାରଣ ପରିସ୍ଫୁଟ ହୋଇ ପାରିବ ନାହିଁ । ସରକାରୀ ଇତିହାସ ଲେଖକଗଣଙ୍କ ଲେଖାରେ ସୁରେନ୍ଦ୍ର ସାଏ "ଗଣ୍ଡମାରୁ" ଉପଦ୍ରବର ସୃଷ୍ଟିକର୍ତ୍ତା ଓ ନେତା ବୋଲି ସାବ୍ୟସ୍ତ ହୋଇ ଅଛନ୍ତି । ଏଣୁ ସେହି ସମସ୍ୟା ବୁଝାଇଦେବା ଆଗେ ପ୍ରୟୋଜନୀୟ । ମରହଟ୍ଟାମାନେ ଏହି ହୀରାର ରାଜ୍ୟର ପ୍ରଲୋଭନରେ ତିନିଥର ଆକ୍ରମଣ କରିଥିଲେ ; କିନ୍ତୁ ଚୌହାଣ ରାଜଶକ୍ତି ଶାସିତ ରାଜଶ୍ରୀ ହସ୍ତଗତ କରି ନ ପାରି ଦୁଇଥର ପରାଜିତ ଓ କ୍ଷତିଗ୍ରସ୍ତ ହୋଇ ଫେରି ଯାଇଥିଲେ । ଶେଷଥର କୌଶଳରେ ଦ୍ୱାରରକ୍ଷୀ ଦୁଇଜଣ ମୁସଲମାନ ପ୍ରହରୀଙ୍କୁ ଲାଞ୍ଚ ଦେଇ ରାତିରେ ରାଜ ଅନ୍ତଃପୁରରେ

ଅକସ୍ମାତ୍‌ ପଶି ବନା ଯୁଦ୍ଧରେ ରାଜା ଜୟନ୍ତ ସିଂହ ଓ ଯୁବରାଜ ମହାରାଜ ସାଏଙ୍କୁ ବନ୍ଧ କରି ନେଇ ଯାଇଥିଲେ । ୧୮ ବର୍ଷ ପର୍ଯ୍ୟନ୍ତ ଏହି ରାଜ୍ୟ ମହାରାଷ୍ଟ୍ର ଶାସନରେ ରହିଥିଲା । ସେହି ରାଜଶୂନ୍ୟ ପରିସ୍ଥିତିରେ ମରହଟ୍ଟା ଦସ୍ୟୁମାନେ ରାଜ୍ୟ ମଧ୍ୟରେ ବାରବାର ଦସ୍ୟୁତା କରିଥିଲେ । ସେମାନେ ପ୍ରଜାମାନଙ୍କର ଧନଧାନ୍ୟ ଓ ଗୋମହିଷାଦି ଲୁଟି କରିଥିଲେ । ଏମନ୍ତ କି ସୁନ୍ଦରୀ କୁଳବାଳା-ମାନଙ୍କୁ ଅପହରଣ କରି ନେଇ ମରହଟ୍ଟା ସରଦାରଙ୍କୁ ଭେଟି ଦେଉଥିଲେ । ଉକ୍ତ ଦସ୍ୟୁଦଳକୁ ସମ୍ବଲପୁର ଜନସାଧାରଣ "ବର୍ଗୀ" ବୋଲି କହୁଥିଲେ । ସେମାନେ ଏକ ଏକ ବର୍ଗରେ ( ଦଳରେ ) ଗଠିତ ହୋଇ ସମ୍ବଲପୁର ରାଜ୍ୟକୁ ଲୁଟ୍‌ପାଟ୍‌ କରିବାକୁ ଆସୁଥିଲେ ।

ଇଂରେଜ ଓ ମରହଟ୍ଟାମାନଙ୍କ ମଧ୍ୟରେ ସନ୍ଧି ସ୍ଥାପିତ ହେବା ବିଶେଷତଃ ମରହଟ୍ଟା ଶକ୍ତି ଧ୍ୱସ୍ତ ହେବା ଫଳରେ ସମ୍ବଲପୁର ରାଜା ଓ ଯୁବରାଜ ବନ୍ଧମୁକ୍ତ ହୋଇଥିଲେ । (୧) । ରାଜା ଜୟନ୍ତ ସିଂହ ପ୍ରାୟ ଏକବର୍ଷ ଜୀବିତ ଥିଲେ । ସେ ରାଜବାଟୀରେ ନ ରହି ମଧୁବନ ନାମକ ଆମ୍ବତୋଟାରେ ରହିଥିଲେ । ତାଙ୍କ ମୃତ୍ୟୁପରେ ଇଂରେଜ ସରକାର ଯୁବରାଜ ମହାରାଜ ସାଏଙ୍କୁ ସମ୍ବଲପୁର ରାଜ୍ୟର ନାମମାତ୍ର ରାଜା କରି ତାଙ୍କଠାରୁ "ହୀରାଖଣ୍ଡ ସାମ୍ରାଜ୍ୟ"ର ସାର୍ବଭୌମତ୍ୱ ଆପଣା ହାତକୁ ନେଲେ । ଚୌହାଣ ରାଜବଂଶର ଅଯୋଗ୍ୟ ରାଜା ମହାରାଜ ସାଏଙ୍କ ସମୟରୁ ରାଜ୍ୟର ଦୁଷ୍ଟ ଲୋକମାନେ ମେଳି ବାନ୍ଧି

(୧) ସେହି ସମୟରେ ସୋନପୁର ଓ ବୌଦ୍ଧର ରାଜା ଓ ଯୁବରାଜମାନେ ମଧ୍ୟ ଇଂରେଜ ସରକାରଙ୍କ ଦ୍ୱାରା ମରହଟ୍ଟାଙ୍କ କାରାଗାରରୁ ମୁକ୍ତ ପାଇଥିଲେ ।

"ବର୍ଗୀ"ମାନଙ୍କ ପରି ଲୁଟ୍‌ତରାଜ୍ ଆରମ୍ଭ କରିଥିଲେ । ରାଜଶକ୍ତି ସେହି ଅରାଜକତା ଦମନ କରି ପାରି ନ ଥିଲା । ରାଜାଙ୍କର ଦୁର୍ବଳତା ଓ ବିଳାସିତା ଦେଖି ରାଜକର୍ମଚାରୀମାନେ ମଧ୍ୟ ଯଥେଚ୍ଛାଚାରୀ ହୋଇଥିଲେ ।

ସେହି ଲୁଣ୍ଠନକାରୀ ଦଳରେ ଗଣ୍ଡ ଜାତିର ଲୋକସଂଖ୍ୟା ଅଧିକ ଥିବା ହେତୁ ସେହି ଦଳର ନାମ "ଗଣ୍ଡମାରୁ" ହୋଇଥିଲା । ସେତେବେଳେ "ବର୍ଗୀ" ଦଳର ଆଉ ଚିହ୍ନବର୍ଣ୍ଣ ନ ଥିଲା । ବର୍ଗୀ ଉପଦ୍ରବ ସମ୍ପର୍କରେ ବର୍ଗୀମାନେ ବାଲୁକେଶ୍ୱର ଦାଶ ନାମକ ଜଣେ ବ୍ରାହ୍ମଣ ଯୁବକଙ୍କୁ ଦନ୍ତାନଦୀ ତୀରବର୍ତ୍ତୀ କଳାପାଣି ଗ୍ରାମରୁ ହରଣଚାଲ୍ କରି ନେଇ ଯାଇଥିଲେ । ସେ ମହାରାଷ୍ଟ୍ରମାନଙ୍କର ମହିଷୀପାଳକ ରୂପେ ଚାନ୍ଦାରେ ରହିଥିଲେ । କିଛିଦିନ ପରେ ବାଲ୍‌କ ଦାଶ ମହିଷୀଗୋଠ (୧୬୦୦ ମହିଷୀ) ଧରି ଚାନ୍ଦାରୁ ପଳାଇ ଆସିଲେ ଏବଂ ସେସବୁ ମହିଷୀ ରାଜା ମହାରାଜ ସାଏଙ୍କୁ ଭେଟି ଦେଇଥିଲେ । ରାଜା ତାଙ୍କୁ ଧର୍ମପୁତ୍ର ରୂପେ ଗ୍ରହଣ କରି ତାଙ୍କର ବିବାହ ଓ ଭରଣ ପୋଷଣର ବ୍ୟବସ୍ଥା କରି ଦେଇଥିଲେ । ବାଲ୍‌କ ଦାଶଙ୍କ ପିତା ଶମ୍ଭୁଦାଶ ପୁରୀ ଶାସନରୁ ଆସି କଳାପାଣି ଗୌନ୍ତିଆଙ୍କ ଆଶ୍ରୟରେ ରହିଥିଲେ । ଶମ୍ଭୁଦାଶ ପୁତ୍ରର ବିଚ୍ଛେଦରେ ପରଲୋକକୁ ଚାଲି ଯାଇଥିଲେ । (୧୮୨୦) ।

୧୮୨୭ରେ ରାଜା ମହାରାଜସାଏଙ୍କ ପରଲୋକ ହୋଇଥିଲା । ଇଂରେଜ ସରକାର ସମ୍ବଲପୁର ରାଜଗଦି ବିଧବାରାଣୀ ମୋହନକୁମାରୀଙ୍କୁ ଦେଲେ । ସେହି ସମୟରେ ସୁରେନ୍ଦ୍ରସାଏ ଇଂରେଜ ସରକାରଙ୍କଠାରେ ଅଭିଯୋଗ କରିଥିଲେ ଯେ, "ତାଙ୍କ ବଂଶରେ ସ୍ତ୍ରୀଲୋକ ରାଜା ହେବା ବିଧିସଙ୍ଗତ ନୁହେଁ । ସେ ସମ୍ବଲପୁର ରାଜସିଂହାସନର ପ୍ରଥମ ଉତ୍ତରାଧିକାରୀ ; ସୁତରାଂ

ତାଙ୍କୁ ରାଜ୍ୟ ଦେବା ନ୍ୟାୟତଃ ଧର୍ମସଙ୍ଗତ । ଯଦି ଇଂରେଜ ସରକାର ତାହା ନ କରନ୍ତି, ତେବେ ସେ ସେଥିରେ ବୈଧ ପ୍ରତିକାର କରିବେ ଏବଂ ରାଜସିଂହାସନ ଚୂର୍ଣ୍ଣବିଚୂର୍ଣ୍ଣ କରିଦେବେ ।" ସରକାର ତାଙ୍କ ଦାବୀ ଗ୍ରହଣ କଲେ ନାହିଁ । ତେଣୁ ସେ ଇଂରେଜ ସରକାରଙ୍କ ବିରୋଧରେ ପ୍ରକାଶ୍ୟଭାବରେ ବାହାରିପଡ଼ିଲେ । (୧୮୨୭) । ରାଣୀ ମୋହନକୁମାରୀଙ୍କ ସମୟରେ ଅରାଜକତା ବୃଦ୍ଧି ପାଇଲା । ସରକାର ବାଧ୍ୟ ହୋଇ ରାଣୀଙ୍କୁ ଅବସର ଦେଇ ନାରାୟଣ ସିଂହଙ୍କୁ ରାଜସିଂହାସନରେ ବସାଇ ଦେଲେ । ଏଥିରେ ଏକା ସୁରେନ୍ଦ୍ର ସାଏ କାହିଁକି ସମଗ୍ର ସମ୍ବଲପୁର ଜନସାଧାରଣ ଅସନ୍ତୁଷ୍ଟ ହୋଇଗଲେ । ନାରାୟଣ ସିଂହ ବିପ୍ଳବ ନିବାରଣ କଲ୍ପେ ଜାଗିରି ଦାନ ପ୍ରଭୃତି ନାନା ପନ୍ଥା ଅବଲମ୍ବନ କରିଥିଲେ । ସୁରେନ୍ଦ୍ର ସାଏ ପ୍ରଜାଶକ୍ତି ଲାଭ କରି ଅଧିକତର ବିପ୍ଳବ ଘଟାଇଲେ ; କିନ୍ତୁ ଧୃତ ହୋଇ ତିନି ଭାଇ, ଓ କକା ସହିତ ଯାବଜ୍ଜୀବନ କାରାବାସ ଦଣ୍ଡାଦେଶ ପାଇ ହଜାରୀବାଗ ଜେଲରେ ଆବଦ୍ଧ ରହିଲେ । (୧୮୪୦) ।

ପୂର୍ବୋକ୍ତ ବାଲୁକି ଦାଶ ନିଜର କର୍ମ ଓ ରାଜାନୁଗ୍ରହରେ ୯୭ ଖଣ୍ଡ ଗ୍ରାମର ତାଲୁକଦାର ହୋଇଥିଲେ । ସେ ବିପୁଳ ସମ୍ପତ୍ତି ମଧ୍ୟ ଅର୍ଜନ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଅବିଦ୍ୟମାନତାରେ ପାହାଡ଼ଶ୍ରୀଗିଡ଼ା ଜମିଦାର ଗଣ୍ଡ ଦଳର ନେତା ହୋଇ ଲୁଟ୍‌ପାଟ କଲେ । ସୁରେନ୍ଦ୍ର ସାଏ ଏରୂପ ଅତ୍ୟାଚାରକୁ ପ୍ରଶ୍ରୟ ଦେଉ ନ ଥିଲେ । ବାଲୁକିଦାଶ ଗଣ୍ଡମାରୁ ନିବାରଣ ପାଇଁ ରାଜାଙ୍କ କର୍ତ୍ତୃକ ନିଯୁକ୍ତ ହୋଇଥିଲେ । ସେ ନିଜ ଗ୍ରାମ କଟାପାଲିରେ "ଗଣ୍ଡମର୍ଦ୍ଦନଭାଡ଼" (୧)

(୧) ଘୋଷଣା—"ଗଣ୍ଡମର୍ଦ୍ଦନ୍ ଭାଡ଼, ବାଲୁକିଦାଶର ଭାଡ଼, ଗଣ୍ଡେ ପଳାଇଲେ ରାଇଜ ଛାଡ଼ ।"

ନାମରେ ଏକ ଉଚ୍ଚ ମଞ୍ଚ ନିର୍ମାଣ କରାଇ ନାଗରା ସାହାଯ୍ୟରେ ଦୁଷ୍ଟମାନଙ୍କର ସେ ଅବୈଧ କର୍ମର ନିନ୍ଦାବାଦ କରୁଥିଲେ । ସୁରେନ୍ଦ୍ର ସାଏ ମଧ୍ଯ ବାଲ୍କିଦାଶଙ୍କ ନୀତିରେ ସନ୍ତୁଷ୍ଟ ଥିଲେ । କାରଣ ସୁରେନ୍ଦ୍ର ସାଏ ତାଙ୍କର 'ବିପ୍ଳବୀ ଦଳମଧ୍ୟରେ ସେପରି ଅନ୍ୟାୟ କାର୍ଯ୍ୟ ଦେଖିଲେ ତା'ପ୍ରତି କଠୋର ଦଣ୍ଡବିଧାନ କରୁଥିଲେ । ସୁରେନ୍ଦ୍ର ସାଏଙ୍କ କାରାବାସ ସମୟରେ ସୁଯୋଗ ପାଇ ଗଣ୍ଡମାନେ ଧନୀମାନଙ୍କର ଧନସମ୍ପତ୍ତି ଲୁଣ୍ଠନ କଲେ । ସେମାନେ ବାଲ୍କିଦାଶଙ୍କ ସମ୍ପତ୍ତି ଲୁଣ୍ଠନ, ଗୃହଦାହ ଓ ଶିରଚ୍ଛେଦନ କରିଥିଲେ । (୧୮୪୩)

ବାଲ୍କିଦାଶ ଜଣେ ଆଦର୍ଶ ଗୌନ୍ତିଆ ଓ ଆଦର୍ଶ କୃଷକ ଥିଲେ । ସେ ତାଙ୍କ ଗ୍ରାମମାନଙ୍କରେ ଶତାଧିକ ଜଳାଶୟ ଓ ଆମ୍ବତୋଟା ପ୍ରତିଷ୍ଠା କରିଥିଲେ । ତୋରା ଗ୍ରାମରେ ଗଣ୍ଡମାନେ ତାଙ୍କର ମୁଣ୍ଡ କାଟିଥିଲେ । ରାଜା ନାରାୟଣ ସିଂହ ବାଲ୍କିଦାଶଙ୍କ ଦୁଇ ପୁଅଙ୍କୁ ବରଗଡ଼ଗ୍ରାମ ଜାଯ଼ଗିର ଦେଇଥିଲେ ସମ୍ବତ୍ ୧୯୦୧ ( ଖ୍ରୀ: ୧୮୪୪ ତାମ୍ରଫଳକ ) ।

ତଥାକଥିତ "ଗଣ୍ଡମାରୁ"ରେ ସୁରେନ୍ଦ୍ରସାଏଙ୍କ କୌଣସି ସମ୍ପର୍କ ନ ଥିଲା । ଯଦି ସେ "ଗଣ୍ଡମାରୁ"ର ସୃଷ୍ଟିକର୍ତ୍ତା ବା ନେତା ହୋଇଥାନ୍ତେ, ତେବେ ସମ୍ବଲପୁର ଜନସାଧାରଣ ତାଙ୍କୁ ରାଜାରୂପେ ପାଇବା ପାଇଁ କଦାପି ଇଚ୍ଛା କରି ନ ଥାନ୍ତେ ଏବଂ ସେ ସୁଦୀର୍ଘକାଳ ଜାତୀୟ ଆନ୍ଦୋଳନ ଚଳାଇ ପାରି ନ ଥାନ୍ତେ ।

ବାଲ୍କିଦାଶଙ୍କ ବଂଶଧରମାନଙ୍କ ସହିତ ଚୌହାଣ ରାଜବଂଶର ବନ୍ଧୁତା ସମ୍ପର୍କ ଥିଲା । ରାଯ଼ଗଡ଼ର ଗଣ୍ଡଜାତୀୟ ରାଜା ବାଲ୍କିଦାଶଙ୍କ ପୁଅ ନାରାୟଣ ଦାସଙ୍କୁ ୩ ଖଣ୍ଡ ଗ୍ରାମ ଦେଇ ତାଙ୍କର ବିପଦ

ସମୟରେ ସାହାଯ୍ୟ କରିଥିଲେ । ଉତ୍ତର ଶାରରେ ବାମଦେବ ପାଡ଼ୀଙ୍କୁ ମଧ୍ୟ ଗଣ୍ଡମାନେ ହତ୍ୟା କରିଥିଲେ । (୧)

---

## ଇଂରେଜଙ୍କ ଦମନ ନୀତି

ମହାରାଣୀ ଭିକ୍ଟୋରିଆଙ୍କର ସତ୍ପ୍ରଘୋଷଣାରୂପକ ଶାନ୍ତ୍ୟୁଦକ ସିଞ୍ଚନରେ ସିପାହୀବିଦ୍ରୋହ-ବହ୍ନି ଭାରତରୁ ଶୀଘ୍ର ନିର୍ବାପିତ ହୋଇ ପାରିଥିଲା । ୧୮୫୯ ଖ୍ରୀଷ୍ଟାବ୍ଦ ଆଡ଼କୁ କେବଳ ସମ୍ବଲପୁର ବ୍ୟତୀତ ସମଗ୍ର ଭାରତରେ ଶାନ୍ତି ପ୍ରତିଷ୍ଠିତ ହୋଇ ଯାଇଥିଲା ; କିନ୍ତୁ କ୍ଷୁଦ୍ର ସମ୍ବଲପୁର ବଣରେ ଦାବାନଳ ଅଧିକତର ପ୍ରବଳ ହୋଇଥିବା ଦେଖି ଇଂରେଜ ସରକାର ଅପମାନ ବୋଧ କରିଥିଲେ ଏବଂ ସେହି ବିପ୍ଳବାନଳ ଲିଭାଇବା ନିମନ୍ତେ ସମସ୍ତ ବ୍ରିଟିଶ ରାଜଶକ୍ତି ପ୍ରୟୋଗ କରିବାକୁ ଛାଡ଼ି ନ ଥିଲେ । ସିପାହୀ ବିଦ୍ରୋହାଗ୍ନି ନିର୍ବାଣରେ ଯଶସ୍ୱୀ ହୋଇଥିବା ବଡ଼ବଡ଼ ସେନାପତିମାନଙ୍କୁ ଏହି ଜିଲ୍ଲାକୁ ଅଣାଗଲା । ସେମାନଙ୍କ ମଧ୍ୟରେ ମେଜର୍ ଉଇଣ୍ଡହାମ୍ ଓ କେପ୍‌ଟେନ୍ ନିକଲସନ୍ ପ୍ରଧାନତମ ଥିଲେ । ପ୍ରଧାନ ସେନାପତି ମେଜର୍ ଉଇଣ୍ଡହାମ୍‌ଙ୍କ ଆଦେଶରେ କେପ୍‌ଟେନ୍ ନିକଲସନ୍ ବାରପାହାଡ଼କୁ ଆକ୍ରମଣ କଲେ ; କିନ୍ତୁ ସେ ସୁରେନ୍ଦ୍ର ସାଏଙ୍କୁ ସୁଦୃଢ଼ ଡେବ୍ରିଗଡ଼ ଦୁର୍ଗରୁ ତଡ଼ି ପାରିଲେ ନାହିଁ । ତେଣୁ ଇଂରେଜ ସରକାର କୂଟ ରାଜନୀତିର ଆଶ୍ରୟ ନେଲେ ।

୧୮୫୯ ଖ୍ରୀଷ୍ଟାବ୍ଦରେ ସରକାର ଘୋଷଣା କଲେ ଯେ, "ଯେଉଁ ବିପ୍ଳବୀ ସ୍ୱେଚ୍ଛାରେ ଆତ୍ମ ସମର୍ପଣ କରିବ, ସରକାର ତାକୁ

---

(୧) ବାମଦେବ ପାଡ଼ୀ ବରଗଡ଼ର ଭୂତପୂର୍ବ ତହସିଲଦାର ୰ ସତ୍ୟବାଦୀ ପାଡ଼ୀଙ୍କ ପିତା ।

କ୍ଷମା ଦେବେ ଏବଂ ତାହାର ବାଜ୍ୟାପ୍ତ ସମ୍ପତ୍ତି ଫେରଦେବେ; କିନ୍ତୁ ଯେ ଏହି ସୁଯୋଗ ଉପେକ୍ଷା କରି ବିପ୍ଳବରେ ଲିପ୍ତ ରହିବ, ତା' ପ୍ରତି କଠୋର ଦଣ୍ଡର ବ୍ୟବସ୍ଥା କରାଯିବ । ସେହି ଘୋଷଣାରେ ଆହୁରି ସୂଚାଇ ଦିଆ ହୋଇଥିଲା ଯେ, ସୁରେନ୍ଦ୍ରସାଏ ମଧ୍ୟ କ୍ଷମା ଭିକ୍ଷା କଲେ, ରାଜଗାଦି ଦିଆଯାଇ ପାରିବ । ସରକାରଙ୍କ ସେହି କପଟ ଘୋଷଣାରେ କିଛି ଫଳ ହେଲାନାହିଁ । ଯେହେତୁ ସୁରେନ୍ଦ୍ର ସାଏଙ୍କ ବିପ୍ଳବର ମୂଳକାରଣ ରାଜ୍ୟଲାଭ ନ ଥିଲା । ସେ ଚାହିଁଥିଲେ, ସ୍ୱାଧୀନତା ଏବଂ ସେହି ସ୍ୱାଧୀନତାର ମୂଳବୀଜ ବିଦେଶୀ ବର୍ଜନ ଥିଲା । ତେଣୁ ସୁରେନ୍ଦ୍ର ସାଏ ଏବଂ ତାଙ୍କର ସହକର୍ମୀମାନେ ବିଦେଶୀ ସରକାରଙ୍କଠାରେ କ୍ଷମାଭିକ୍ଷା କରିବାପାଇଁ ଅସ୍ୱୀକୃତ ହେଲେ । ସରକାର ସୁଦ୍ଧା ସେହି ଉଦାରନୀତି ପରିବର୍ତ୍ତେ ପ୍ରବଳ ଦମନନୀତି ପ୍ରୟୋଗ କରି ଆଗେ ସୁରେନ୍ଦ୍ର ସାଏଙ୍କର ସହକର୍ମୀ-ମାନଙ୍କ ବିରୋଧରେ ଅଭିଯାନ କଲେ । ସରକାରଙ୍କ ଉଦ୍ଦେଶ୍ୟ ଥିଲା ଯେ, ସୁରେନ୍ଦ୍ରସାଏଙ୍କ ଦଳ ଭାଙ୍ଗି ଦେଲେ, ସୁରେନ୍ଦ୍ର ସାଏଙ୍କୁ ସହଜରେ ଧରାଯାଇ ପାରିବ ।

୧୮୬୦ ଖ୍ରୀଷ୍ଟାବ୍ଦରେ ସରକାର ଖରସଲ (କନବାଗରା) ଦୁର୍ଗ ଅବରୋଧ କରି ସେଠା ଜମିଦାରଙ୍କୁ ବନ୍ଦୀ କଲେ ଏବଂ ସଙ୍ଗେ ସଙ୍ଗେ ଫାଶୀ ଦେଲେ । ତତ୍ପରେ ସରକାର ଭେଡ୍ଡେନ (ବସାଇକେଲା) ଦୁର୍ଗ ଆକ୍ରମଣ କଲେ । ସେହି ଯୁଦ୍ଧରେ ଭେଡ୍ଡେନ ଜମିଦାର ନିହତ ହେଲେ । ଭେଡ୍ଡେନରୁ ଫେରି ସରକାର କୁଲାବିରା (ଜୟପୁର) ଦୁର୍ଗ ଆକ୍ରମଣ କରି ଯୁବକ ଜମିଦାରଙ୍କୁ ଧରିଲେ ଏବଂ ତାଙ୍କୁ ତାଙ୍କ ପିତାଙ୍କ ଠାରେ ଫାଶୀ ଦେଲେ । ବାଟରେ ଘେଁଷ ଜମିଦାରଙ୍କ ସାନଭାଇ ବୈଷ୍ଣ ସିଂହ ଧରା ପଡ଼ିଲେ ଏବଂ ସେ ମଧ୍ୟ ଫାଶୀ-ମଞ୍ଚରେ ବଳି ହେଲେ ।

ସେହି ଦୁଃସମୟରେ ସୁରେନ୍ଦ୍ର ସାଏଙ୍କ ଭାଇ ଉଜ୍ଜ୍ୱଳସାଏ ପାଟଣା ରାଜ୍ୟରୁ ସାହାଯ୍ୟ ପାଇବା ଉଦ୍ଦେଶ୍ୟରେ ବଲାଙ୍ଗୀରକୁ ଯାଇଥିଲେ । ତାଙ୍କ ପଛେ ପଛେ ଇଂରେଜ ସରକାର ଲାଗିଥିବା ଜାଣି ପାଟଣା ରାଜା ତାଙ୍କୁ ଭଗାଇ ଦେଲେ । ଇଂରେଜ ସରକାର ପାଟଣା ରାଜାଙ୍କ ଉପରେ କଡ଼ା ନୋଟିସ ଜାରି କଲେ ଏବଂ ଏକହଜାର ଟଙ୍କା ଜରିମାନା କଲେ । ତା'ପରେ ପାଟଣାରାଜା ଆସାମୀଙ୍କୁ ଧରାଇଦେଇ ଜରିମାନା ଟଙ୍କା ଫେରି ପାଇଥିଲେ । ପାଟଣାର ରାଜା ହୀରାବଜ୍ରଧରଙ୍କ ସମୟରେ ଏହି ଘଟନା ଘଟିଥିଲା । ଇଂରେଜ ସରକାର ବଲାଙ୍ଗୀରରେ ବିନା ବିଚାରରେ ଉଜ୍ଜ୍ୱଳସାଏଙ୍କୁ ଫାଶୀ ଦେଇ ଗୋଟାଏ ପ୍ରଧାନ କଣ୍ଟକର ମୂଳୋତ୍ପାଟନ କରିଥିଲେ । ଜନଶ୍ରୁତିରୁ ଜଣାଯାଏ, ଉଜ୍ଜ୍ୱଳସାଏ ମଲାବେଳେ ପାଟଣାରାଜାଙ୍କୁ ନିର୍ବଂଶ ହେବାର ଅଭିଶାପ ଦେଇଥିଲେ । ଭ୍ରାତୃନାଶ ଓ ସହ-କର୍ମିମାନଙ୍କର ବିଚ୍ଛେଦରେ ସୁରେନ୍ଦ୍ରସାଏ ମ୍ରିୟମାଣ ହୋଇ ଯାଇ-ଥିଲେ ହେଁ, ତାଙ୍କର ଅଦମ୍ୟ ବୀରହୃଦୟ ବିଚଳିତ ହୋଇ ନ ଥିଲା । ବରଂ ସେ ପ୍ରତିଶୋଧ ନେବା ନିମନ୍ତେ ଅଧିକତର ଦୃଢ଼ ସଂକଳ୍ପ କଲେ । ଇଂରେଜ ସରକାର ୧୮୬୧ ଖ୍ରୀଷ୍ଟାବ୍ଦରେ ଆଉ ଏକ ଘୋଷଣାପତ୍ର ପ୍ରଚାର କଲେ ।

ଭାରତର ଗବର୍ଣ୍ଣର ଜେନେରଲ ଓ ପ୍ରଥମ ଭାଇସରୟ ଲର୍ଡ୍ କ୍ୟାନିଙ୍କ ଆଦେଶରେ ସମ୍ବଲପୁର ଜିଲାର ଡେପୁଟି କମିଶନର ମେଜର ଇମ୍ପେ ଘୋଷଣା କଲେ ଯେ, "ଯେଉଁ ବିପ୍ଳବୀ ସୁରେନ୍ଦ୍ର-ସାଏଙ୍କୁ ତ୍ୟାଗ କରି ସ୍ୱେଚ୍ଛାରେ ଆସି ସରକାରଙ୍କଠାରେ କ୍ଷମା ମାଗିବ, ସରକାର ତାହାର ବାଜ୍ୟାପ୍ତ ସମ୍ପତ୍ତି ଫେରି ଦେଇ ପ୍ରଚୁର ପୁରସ୍କାର ମଧ୍ୟ ଦେବେ । ଏହି ମର୍ମରେ ପ୍ରତ୍ୟେକ ଜମିଦାର ଓ ଗୌନ୍ତିଆମାନଙ୍କଠାକୁ ବ୍ୟକ୍ତିଗତ ପତ୍ର ପଠାଯାଇଥିଲା ଏବଂ ସେଥିରେ

ସତର୍କ କରି ଦିଆଯାଇଥିଲା ଯେ, ସେହି ପ୍ରସ୍ତାବ ଗ୍ରହଣ ନ କଲେ କଠୋରତମ ଦଣ୍ଡ ଦିଆଯିବ, କିନ୍ତୁ ସରକାରଙ୍କ ଏହି କ୍ଷମାନୀତି ସୁରେନ୍ଦ୍ର ସାଏ, ତାଙ୍କ ପୁତ୍ର ଓ ଭାଇମାନଙ୍କ ପ୍ରତି ପ୍ରଯୁଜ୍ୟ ନୁହେଁ । ଏହାମଧ୍ୟ ମେଜର ଇମ୍ପେ ସାହେବ ସେହି ପତ୍ରରେ ସ୍ପଷ୍ଟଭାବରେ ଜଣାଇ ଦେବାକୁ ଭୁଲି ନ ଥିଲେ । ସେଥି ସଙ୍ଗେ ସୂଚାଇ ଦେଇଥିଲେ ଯେ, ଯେଉଁ ଲୋକ ସୁରେନ୍ଦ୍ର ସାଏଙ୍କୁ ଧରାଇ ଦେବେ, ସରକାର ତାଙ୍କୁ ଯଥେଷ୍ଟ ଭୂମି ବୃତ୍ତି ଦେବେ । ସେହି ପ୍ରଲୋଭନରେ ୧୮୬୧ ମସିହାରେ କୁଞ୍ଜଲ ସିଂହ ଓ କମଲସିଂହ ଦାଉ ବ୍ୟତୀତ ଅନ୍ୟ ସମସ୍ତ ଜମିଦାର ଓ ଗୌନ୍ତିଆ ଇଂରେଜ ସରକାରଙ୍କ ଶରଣାଗତ ହେଲେ । ସରକାର ବାଜ୍ୟାପ୍ତ ସମ୍ପତ୍ତି ଫେରିଦେବା, ତାହା ନିଷ୍କର କରିବା ଓ ଦକ୍ଷିଣା ସ୍ୱରୂପ ଆର୍ଥିକ ପୁରସ୍କାର ଦାନ କରିବାରେ ଦାନ ଧର୍ମୀଭାର ହୋଇଥିଲେ । ସରକାର ସୁରେନ୍ଦ୍ର ସାଏଙ୍କୁ ଧରିବା ପାଇଁ ରାଜାମାନଙ୍କୁ ସୁଦ୍ଧା ଧମକ୍ ଦେଇଥିଲେ । ବାମଣ୍ଡା ରାଜାଙ୍କୁ ନୋଟିସ୍ ଦେଇଥିବା, ରେଢ଼ାଖୋଲ ରାଜାଙ୍କୁ ମଧୁଗୌନ୍ତିଆଙ୍କୁ ଫାଶୀ ଦେବା ପାଇଁ ବାଧ କରିବା, ପାଟଣା ରାଜାଙ୍କୁ ଅର୍ଥଦଣ୍ଡରେ ଦଣ୍ଡିତ କରିବା, ଖଡ଼ିଆଳ ରାଜାଙ୍କୁ ଅର୍ଥଦଣ୍ଡ କରିବା ସରକାରଙ୍କର ବେଆଇନ୍ କାର୍ଯ୍ୟକଳାପର ଦୃଷ୍ଟାନ୍ତ ।

ସମ୍ବଲପୁର ଜିଲାର ନିହତ ଓ ଯାବଜ୍ଜୀବନ କାରାବାସ ଦଣ୍ଡପ୍ରାପ୍ତ ଜମିଦାରମାନଙ୍କର ଉତ୍ତରାଧିକାରୀମାନେ ନିଜ ନିଜ ପୈତୃକ ଜମିଦାରୀ ପାଇ ପୁନରବସ୍ଥିତ ହେଲେ ; କିନ୍ତୁ ଜନସାଧାରଣ ଇଂରେଜ ସରକାରଙ୍କର ଏହି ଉଦାରନୀତିରେ ପରିତୁଷ୍ଟ ହୋଇ ଯାଇ ନ ଥିଲେ । କାରଣ ସୁରେନ୍ଦ୍ର ସାଏଙ୍କୁ ଧରିବା ନିମନ୍ତେ ସରକାର କଠୋରତମ ଦମନନୀତି ପ୍ରୟୋଗ କରି ସମ୍ବଲପୁର ଜିଲାରେ ଘୋର ବିଶୃଙ୍ଖଲ୍ୟ ଉପୁଜାଇ ଦେଇଥିଲେ ।

ସେହି ସମୟର ବିବରଣୀ ଯେଉଁମାନେ ଲେଖି ରଖିଥିଲେ, ସରକାର ସେମାନଙ୍କଠାରୁ ସେହି ଲେଖାଗୁଡ଼ିକ ବଳାତ୍କାରରେ ଛଡ଼ାଇ ନେଇ ନଷ୍ଟ କରି ଦେଇଥିଲେ । ତେଣୁ ସେହି ଜାତୀୟ ଆନ୍ଦୋଳନର ପ୍ରକୃତ ବିବରଣୀ ଅନ୍ଧକାରାଚ୍ଛନ୍ନ ହୋଇ ରହିଗଲା । ଫଳତଃ ଜାତୀୟ ଆନ୍ଦୋଳନର ନେତା ଚୌହାଣବୀର ସୁରେନ୍ଦ୍ରସାଏ "ଦସ୍ୟୁ" ରୂପେ କୀର୍ତ୍ତିତ ହେଲେ ।

---

## ଆତ୍ମସମର୍ପଣ

ସୁରେନ୍ଦ୍ରସାଏଙ୍କୁ ଧରିବା ସକାଶେ ଇଂରେଜ ସରକାର ନାନାବିଧ ଦୁର୍ମତିର ଆଶ୍ରୟ ନେଇଥିଲେ । ସୁରେନ୍ଦ୍ର ସାଏଙ୍କ କେତେକ ବିଶ୍ୱସ୍ତ ସହକର୍ମିଙ୍କୁ ବନ୍ଦୀ କରି ଜେଲରେ ନାନା ପ୍ରଲୋଭନ ଦେଖାଇ ପୁଣି ଛାଡ଼ି ଦିଆ ଯାଇଥିଲା । ରମ୍ପେଲାର ଲୋକନାଥ ଗୌନ୍ତିଆଙ୍କୁ ଓ ଅର୍ଡ଼ାର ମୃତ୍ୟୁଞ୍ଜୟ ପାଣିଗ୍ରାହିଙ୍କୁ ଜେଲରେ ପାଠ ପଢ଼ାଇ ତାଲିମ୍ କରାଯାଇଥିଲା । ସେ ଦୁହେଁ ସରକାରଙ୍କଠାରୁ ଶିକ୍ଷା ପାଇ ପୁଣି ସୁରେନ୍ଦ୍ର ସାଏଙ୍କ ସଙ୍ଗେ ମିଳିତ ହୋଇଥିଲେ । ସରକାରଙ୍କର ସେହି ମାୟାଜାଲ ମଧ୍ୟ ଛିନ୍ନ ହୋଇ ଯାଇଥିଲା । ମେଜର୍ ଉଇଣ୍ଡହାମ୍ ଉପର ମହଲରୁ ଆଦେଶ ପାଇ ଜିଲ୍ଲାତମାମ ଭୟଙ୍କର ଦମନନୀତିରେ ଆତଙ୍କିତ କରିଦେଲେ । ଯେଉଁ ଗ୍ରାମ ପ୍ରତି ତାଙ୍କର ସନ୍ଦେହ ହେଲା, ସେହି ଗ୍ରାମଟା ଜାଳିପୋଡ଼ି ଛାରଖାର କରିଦେବା ପାଇଁ ଆଦେଶ ଜାରି କରିଦେଲେ । ଇଂରେଜ ସୈନ୍ୟ-ମାନେ ଲୁଟ୍‌ତରାଜ୍ କରି ଯାହାକୁ ପାଇଲେ, ତାକୁ ଗୁଳି କରିଦେଲେ । ନିର୍ଦ୍ଦୋଷ ଆବାଳବୃଦ୍ଧବନିତା ସେମାନଙ୍କ ହାବୋଡ଼ରୁ ରକ୍ଷା ପାଇଲେ ନାହିଁ । ଯେଉଁ ବିପ୍ଳବୀମାନେ ବନ୍ଦୀ ହେଲେ, ସେମାନଙ୍କ ଜୀବନ୍ତ ଶରୀର ତୋପ ମୁହଁରେ ଜଳିଗଲା । ଭୟଭୀତ ସ୍ତ୍ରୀ ବାଳକ

ଚକୀକାରେ ପଳାଇ ଯାଉଥିଲା ଅବସ୍ଥାରେ ଇଂରେଜ ସେନାଙ୍କ ଗୁଳିଖାଇ ନଦୀ ସ୍ରୋତରେ ଜୀବନ୍ତ ସମାଧି ହେଲେ । ଗ୍ରାମମାନ ଜନଶୂନ୍ୟ, କୃଷିକ୍ଷେତ୍ର ସବୁ ପଡ଼ିଆ ହୋଇ ପଡ଼ିଗଲା । ଯେଉଁ ଘରେ ଶବ ପଡ଼ିଲା, ସେଠି ଶବସଂସ୍କାର କରିବା ପାଇଁ କେହି ନ ଥିବାରେ ନାନା ରୋଗ ଆବିର୍ଭୂତ ହେଲା । ଇଂରେଜ ସେନାଙ୍କ ଦ୍ୱାରା ଲୁଣ୍ଠିତ ଧନଧାନ୍ୟର ଅବଶିଷ୍ଟାଂଶ ସ୍ଥାନୀୟ ଦୁଷ୍ଟଲୋକଙ୍କର ଭାଗରେ ପଡ଼ିଲା । ଏ ଜିଲ୍ଲାରୁ ଅନେକ ପରିବାର ଫୁଲଝର, ଶାରଙ୍ଗଡ଼ ଓ ରାୟଗଡ଼ ଅଞ୍ଚଳକୁ ଚାଲିଯାଇ ଆଉ ଫେରିଲେ ନାହିଁ । ସୁରେନ୍ଦ୍ର ସାଏ ଜିଲ୍ଲାର ଏରୂପ ଦୁର୍ଦ୍ଦଶା ଦେଖି ଆଉ ଧୈର୍ଯ୍ୟ ଧରି ରହି ପାରିଲେ ନାହିଁ । ସେ ଦଳଛଡ଼ା ଓ ସଖାହୀନ ହୋଇଥିଲେ ସୁଦ୍ଧା ଜନ୍ମଭୂମିର ସ୍ୱାଧୀନତା ଆଣିବାପାଇଁ ଯେଉଁ ଜାତୀୟସଂଗ୍ରାମ କରୁଥିଲେ, ନିର୍ଦ୍ଦୋଷ ନିରୀହ ସ୍ତ୍ରୀ ବାଳକମାନଙ୍କର ଜୀବନନାଶ ଓ ଗ୍ରାମଦାହ ଦେଖି ସ୍ପଷ୍ଟ ହୃଦୟଙ୍ଗମ କଲେ ଯେ, କେବଳ ତାଙ୍କୁ ଧରିବା ପାଇଁ ଇଂରେଜ ସରକାର ସେଠି ନିର୍ମମ ବ୍ୟାଧ ଶିକାର କରୁଅଛନ୍ତି । ସେ ଧରା ଦେଲେ, ଲକ୍ଷ ଲକ୍ଷ ଲୋକଙ୍କର ମହାପ୍ରାଣ ରକ୍ଷା ପାଇଯିବ । ସେ ଏହା ମଧ୍ୟ ବୁଝି ପାରିଲେ ଯେ, ଇଂରେଜ ସରକାର ତାଙ୍କୁ ପାଇଲେ, ନିଶ୍ଚୟ ଫାଶୀ ଦେବେ । ତଥାପି ସେ ଜନସାଧାରଣଙ୍କର ରକ୍ଷା ଉଦ୍ଦେଶ୍ୟରେ ଆତ୍ମସମର୍ପଣ କରିବାକୁ ସ୍ଥିରକଲେ ।

ସୁରେନ୍ଦ୍ରସାଏଙ୍କ ଆତ୍ମବଳିଦାନର ସଂକଳ୍ପ ତାଙ୍କର ଭାଇମାନେ ସମର୍ଥନ ନ କରି ତାଙ୍କର ଜୀବନ ପରିବର୍ତ୍ତିରେ ନିଜ ନିଜର ଜୀବନ ବଳି ଦେବା ପାଇଁ ଅଗ୍ରଜଙ୍କଠାରେ ଅଳିକଲେ । ସୁରେନ୍ଦ୍ରଙ୍କ ପ୍ରିୟବନ୍ଧୁ କୁଞ୍ଜଲ ସିଂହ ଓ କମଲ ସିଂହ ଦାଉ ସୁରେନ୍ଦ୍ରସାଏଙ୍କୁ ଜଣାଇଲେ ଯେ, ସେମାନେ ତାଙ୍କ ଜୀବନ ଦେବା ପାଇଁ ପ୍ରସ୍ତୁତ

ଅଛନ୍ତି ; କିନ୍ତୁ ସୁରେନ୍ଦ୍ର ସାଏ ଭାଇ ଓ ବନ୍ଧୁମାନଙ୍କ ପ୍ରାର୍ଥନା ଗ୍ରହଣ କଲେ ନାହିଁ । କାରଣ ସେ ବୁଝି ପାରିଥିଲେ ଯେ କେବଳ ତାଙ୍କୁହିଁ ଇଂରାଜ-ସରକାର ଚାହାନ୍ତି ।

ସୁରେନ୍ଦ୍ର ସାଏଙ୍କ ନିଷେଧ ନ ମାନି ତାଙ୍କର ଦୁଇଭାଇ [ଉଦନ୍ତ ସାଏ ଓ ଧ୍ରୁବ ସାଏ] ୧୮୬୨ ଜାନୁଆରୀ ୧୮ ତାରିଖରେ ଡେପୁଟି କମିଶନର ଇମ୍ପେ ସାହେବଙ୍କଠାରେ ଆତ୍ମସମର୍ପଣ କଲେ । ଆହା ଅଗ୍ରଜଭକ୍ତ ଭ୍ରାତୃଦ୍ୱୟଙ୍କ ମଧୁର ଆଶା ଥିଲା ଯେ, ଦୁଇଟା ମହାବଳ ବାଘ ଶିକାର ପାଇ ଇଂରେଜ ଶିକାରୀ ସନ୍ତୁଷ୍ଟ ହୋଇ ସେହି ବୁଢ଼ା ସିଂହଟାକୁ ଛାଡ଼ି ଦେବେ ; କିନ୍ତୁ ସେମାନଙ୍କ ଆଶା ମୃଗତୃଷ୍ଣାରେ ପରିଣତ ହେଲା । ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କୁ ନ ପାଇବା ପର୍ଯ୍ୟନ୍ତ ଆଡ଼ (ଖେଦା) ରୁ (୧) କ୍ଷାନ୍ତ ହେଲେ ନାହିଁ । ଫଳରେ ଦମନ ନୀତି ପୂର୍ବବତ୍ ଚାଲିଲା ଏବଂ ଉଦନ୍ତ ସାଏ ଓ ଧ୍ରୁବ ସାଏ ବନ୍ଦୀ ରୂପେ ଜେଲଖାନାରେ ରହିଲେ ।

ତଦନନ୍ତର ସୁରେନ୍ଦ୍ରସାଏ ଇମ୍ପେ ସାହେବଙ୍କୁ ପତ୍ରଦ୍ୱାରା ଜଣାଇଲେ ଯେ, ଏଣିକି ସରକାର ନିରୀହ ପ୍ରଜାମାନଙ୍କ ପ୍ରତି ବୈରସାଧନରୁ ବିରତ ହୁଅନ୍ତୁ । ସେଥିର ଉତ୍ତରରେ ମଇ ୪ ତାରିଖ ପତ୍ରରେ ଇମ୍ପେ ସାହେବ ସୁରେନ୍ଦ୍ରସାଏଙ୍କୁ ଜଣାଇ ଦେଇଥିଲେ ଯେ, ସୁରେନ୍ଦ୍ର ସାଏଙ୍କ ଆତ୍ମସମର୍ପଣ ବିନା ସରକାର କଦାଚ ସନ୍ତୁଷ୍ଟ ହେବେ ନାହିଁ, ସୁରେନ୍ଦ୍ର ସାଏ ଯଦି ଆତ୍ମସମର୍ପଣ ନ କରନ୍ତି, ତେବେ ସରକାର ବିପ୍ଳବୀ ପ୍ରଜାମାନଙ୍କ ପ୍ରତି କିପରି ଅତ୍ୟାଚାର କରି ପାରନ୍ତି, ତାହା ଜନସାଧାରଣଙ୍କର ଚକ୍ଷୁକୁ ଦେଖାଇ ଦେବେ । ଇମ୍ପେ ସାହେବ ସୁରେନ୍ଦ୍ର ସାଏଙ୍କୁ କେବଳ ପତ୍ରରେ ଧମକ ନ ଦେଇ ଇଂରେଜ ସରକାରଙ୍କର ଶକ୍ତି

(୧) ଶିକାରରୁ

ସାମର୍ଥ୍ୟ କାର୍ଯ୍ୟରେ ଦେଖାଇ ଦେବାକୁ ସ୍ଥିର କରି ନ ଥିଲେ । ଜିଲ୍ଲାର ସର୍ବତ୍ର ଅଧିକ ସୈନ୍ୟ ପଠାଇ ବିପ୍ଳବୀ ଗ୍ରାମମାନ ଶ୍ମଶାନରେ ପରିଣତ କରିବାର ଆୟୋଜନ କଲେ ।

ସର୍ବସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ସୁରେନ୍ଦ୍ରସାଏଙ୍କ କୁଳିଶ-କଠୋର-ହୃଦୟ ବିଗଳିତ ହୋଇଗଲା । ସେ ତାଙ୍କର ବନ୍ଧୁଦ୍ୱୟଙ୍କର ପ୍ରାର୍ଥନା ଏଡ଼ି ଲକ୍ଷ ଲକ୍ଷ ନରନାରୀଙ୍କ ଜୀବନ ରକ୍ଷା ସକାଶେ ଇଂରେଜ-ଦରବାର ଅଭିମୁଖେ ଏକାକୀ ଯାତ୍ରାକଲେ । ସେ ଯିବା ପୂର୍ବରୁ ଡେ: କ: ଇମ୍ପେ ସାହେବଙ୍କ ଠାକୁ ଖଣ୍ଡେ ପତ୍ର ପଠାଇଥିଲେ । ସେଥିରେ ଏକମାତ୍ର ସର୍ତ୍ତ ଦେଇଥିଲେ ଯେ, ସେ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି ; କିନ୍ତୁ ତାଙ୍କର ବିପ୍ଳବୀ ସେନାମାନଙ୍କର କିଛିଦିନର ଖାଦ୍ୟ ଯୋଗାଇବା ପାଇଁ ସରକାର କିଛି ଆର୍ଥିକ ସାହାଯ୍ୟ ଦେଲେ, ସେ ଆତ୍ମସମର୍ପଣ କରିବାକୁ ବିଳମ୍ବ କରିବେ ନାହିଁ । ସରକାର ସୁରେନ୍ଦ୍ର ସାଏଙ୍କୁ ଧରିବା ସକାଶେ ଏରୂପ ଆତୁର ହୋଇ ପଡ଼ିଥିଲେ ଯେ, ଇମ୍ପେ ସାହେବ ସୁରେନ୍ଦ୍ର ସାଏଙ୍କ ପତ୍ର ପାଇଲା ମାତ୍ରେ ତାଙ୍କର ସଙ୍କେତ ସ୍ଥାନକୁ ପାଞ୍ଚଶତ ଟଙ୍କା ପଠାଇ ଦେଇ ସୁରେନ୍ଦ୍ର ସାଏଙ୍କ ଆଗମନ ମାର୍ଗକୁ ଅପେକ୍ଷା କରିଥିଲେ ! ସୁରେନ୍ଦ୍ର ସାଏ ଟଙ୍କାତକ ବାଣ୍ଟି ଦେଇ ନିଶ୍ଚିନ୍ତ ମନରେ ଆତ୍ମସମର୍ପଣ କଲେ । (୧୮୬୩ ମଇ ଶେଷ ସପ୍ତାହ) । ଇମ୍ପେସାହେବ ସୁରେନ୍ଦ୍ର ସାଏଙ୍କ ଠାକୁ ପଠାଇଥିବା ପତ୍ରର ନକଲ ସରକାର ସମ୍ପାଦ ରଖିଥିଲେ ; କିନ୍ତୁ ସୁରେନ୍ଦ୍ର ସାଏ ଇମ୍ପେ ସାହେବଙ୍କଠାକୁ (୧) ପଠାଇଥିବା ପତ୍ର ଇଂରେଜ ସରକାର

---

(୧) ସମ୍ବଲପୁର ଜିଲ୍ଲାର ପ୍ରଥମ ସେଟେଲମେଣ୍ଟ ଏହି ଇମ୍ପେସାହେବଙ୍କ ଦ୍ୱାରା ହୋଇଥିଲା । ଲୋକେ ସେହି ବନ୍ଦୋବସ୍ତକୁ "ଇମ୍ପିବନ୍ଦୋବସ୍ତ" ବୋଲି କହନ୍ତି । ମେଜର ଇମ୍ପେ ୧୮୬୧ ଖ୍ରୀଷ୍ଟାବ୍ଦର ଅପ୍ରେଲ ମାସରେ ମୃତ୍ୟୁ ଗ୍ରହଣ କରିଥିଲେ ।

ନଷ୍ଟ କରି ଦେଇଥିଲେ । କାରଣ ସେହି ପତ୍ରରେ ଇଂରେଜ ସରକାରଙ୍କର ଶାସନର ଦୁର୍ନୀତି ବିବୃତ ହୋଇଥିଲା । ତାହା ସଭ୍ୟ-ଜଗତ୍ ଦେଖି ପାରିଥିଲେ, ଇଂରେଜ ସରକାରଙ୍କ ଉତ୍ପୀଡ଼ନ-ଅତ୍ୟାଚାର ବୁଝିପାରିଥାନ୍ତେ ।

ସୁରେନ୍ଦ୍ର ସାଏ ଇମ୍ପେଙ୍କ ଦରବାରରେ ଅବିଚଳିତ ହୃଦୟରେ ଆତ୍ମସମର୍ପଣ କରିଥିଲେ । ସେ ସୁଦ୍ଧା ଜାଣିଥିଲେ ଯେ, ସରକାର ତାଙ୍କୁ ଫାଶୀ ବା ଯାବଜ୍ଜୀବନ କାରାବାସ ଦଣ୍ଡ ନ ଦେଇ ଛାଡ଼ିବେ ନାହିଁ ; କିନ୍ତୁ କାହିଁକି କେଜାଣେ ସରକାର ତାଙ୍କୁ ବନ୍ଦୀ ମଧ୍ୟ କଲେ ନାହିଁ ; ଆଶ୍ଚର୍ଯ୍ୟର ବିଷୟ ଯେ, ସେହି "ଭୟଙ୍କର ଦସ୍ୟୁ" ଦଣ୍ଡ ପରିବର୍ତ୍ତେ ଏକ ହଜାର ଟଙ୍କା ବୃତ୍ତିପାଇ ନିଜ ଜନ୍ମଭୂମି ଖିଣ୍ଡା-ଗ୍ରାମରେ ଅବସ୍ଥାନ କରିବା ପାଇଁ ଆଦିଷ୍ଟ ହେଲେ । ସଙ୍ଗେ ସଙ୍ଗେ ଉଦନ୍ତ ସାଏ ଓ ଧ୍ରୁବ ସାଏଙ୍କୁ ଜେଲରୁ ଛାଡ଼ି ଦିଆଗଲା । ଧନ୍ୟବାଦ ଇଂରେଜ ସରକାର ! ଧନ୍ୟ ତୁମ୍ଭର ଉଦାର ନୀତି !! ସେହି ବ୍ୟବସ୍ଥା ଦେଖି ଇଂରେଜଙ୍କ ସ୍ତାବକଗଣ ଗାଇ ବୁଲିଲେ, "ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ ।" (ଜଂ ସ୍ତ.) । ବିଜ୍ଞ ପ୍ରଜାମାନେ ମନେ ମନେ ଜାଣି ନେଲେ ଯେ, ସରକାର ଭାବୀ-ପରିସ୍ଥିତି ଭାବିଚିନ୍ତି ଭୟ କରି ଏହି ବ୍ୟବସ୍ଥା କରିଅଛନ୍ତି । କାରଣ, ସ୍ୱାଧୀନତାକାମୀ ସମ୍ବଲପୁର ଜନତା ଦେଶର ନେତାର ପ୍ରାଣଦଣ୍ଡ ବା ଯାବଜ୍ଜୀବନ କାରାବାସ ଦଣ୍ଡରେ ଉତ୍ତ୍ୟକ୍ତ ହେବା ଅସ୍ୱାଭାବିକ ନୁହେଁ । ପୃଥିବୀର ଇତିହାସରେ ଏଥିର ଦୃଷ୍ଟାନ୍ତ ଅନେକ ରହିଛି । ଆଉ ଏକ କଥା, ସେପର୍ଯ୍ୟନ୍ତ ସୁରେନ୍ଦ୍ର ସାଏଙ୍କ ବାହୁଦ୍ୱୟ ଭାଙ୍ଗି ଯାଇ ନ ଥିଲା । ସେହି ଦୁର୍ଦ୍ଦମନୀୟ କୁଞ୍ଜଲସିଂହ ଓ କମଲସିଂହ ଦାଉଙ୍କ ନାମ ଇଂରେଜ ସରକାରଙ୍କ କର୍ଣ୍ଣକୁହରରେ ଆଘାତ କରୁଥିଲା । ସୁତରାଂ କୂଟରାଜନୀତିଜ୍ଞ

ଇଂରେଜ ସରକାର ଦୋଷୀପ୍ରତି ଅନୁଗ୍ରହ-ନୀତି ଦେଖାଇ ବିଦ୍ରୋହ-ବିପ୍ଳବ ନିରାକରଣ ଓ ବିପ୍ଳବୀ ପ୍ରଜାମାନଙ୍କର ମନୋରଞ୍ଜନ ଆଶାରେ ସୁରେନ୍ଦ୍ର ସାଏଙ୍କ ପ୍ରତି ଉକ୍ତ ବ୍ୟବସ୍ଥା କରିଥିଲେ । ସରକାର ଆହୁରି ଆଶା କରିଥିଲେ ଯେ, ସୁରେନ୍ଦ୍ର ସାଏ କୃତଜ୍ଞ ହୋଇ ଇଂରେଜ-ବିଦ୍ୱେଷୀ ପ୍ରଜାବର୍ଗ ତଥା କମଲ ସିଂହ ଦାଉ ଓ କୁଞ୍ଜଲ ସିଂହଙ୍କୁ ଶାନ୍ତ କରିବା ପାଇଁ ପ୍ରଭାବିତ କରିବେ ; କିନ୍ତୁ ଇଂରେଜ ସରକାରଙ୍କର ସେହି ମଧୁର ଭ୍ରାନ୍ତି ଶୀଘ୍ର ନିରାକୃତ ହୋଇଥିଲା ।

ଏହି ଆତ୍ମସମର୍ପଣ ସମସ୍ୟାରେ ସରକାରୀ କାଗଜ ପତ୍ରରେ ଅନ୍ୟ ପ୍ରକାର ବିବରଣ ମିଳେ । ଲୋକନାଥ ପଣ୍ଡା ଯେ କି ୧୮୫୭ ସାଲରେ ଫାଶୀ ପାଇବାର ଉପରେ ଥିଲେ, ସେ ଆତ୍ମସମର୍ପଣ କରିବାରେ ୧୯ଖଣ୍ଡ ଗ୍ରାମ ଅଧାରାଜସ୍ୱରେ ପାଇଥିଲେ । ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ଆଉ ଜଣେ ବିପ୍ଳବୀ ନେତା ମଧ୍ୟ ଏହିପରି ଅନୁଗୃହୀତ ହୋଇଥିଲେ । ୧୮୬୨ ଜାନୁଆରୀ ୭ ତାରିଖରେ ମିତ୍ରଭାନୁ ସାଏ ଆତ୍ମସମର୍ପଣ କରିଥିଲେ । ମେଜର ଇମ୍ପେ ତାଙ୍କୁ ସମାଦରରେ ଗ୍ରହଣ କରିଥିଲେ । ଧ୍ରୁବସାଏ ୧୮୬୨ ଜାନୁଆରୀ ୧୬ ତାରିଖରେ ଆତ୍ମସମର୍ପଣ କରିଥିଲେ । ସୁରେନ୍ଦ୍ର ସାଏ ୧୮୬୨ ମଇ ୩ ତାରିଖରେ ମେଜର୍ ଇମ୍ପେଙ୍କୁ ପତ୍ରଦ୍ୱାରା ଜଣାଇ ଥିଲେ ଯେ, ତାଙ୍କୁ ସମ୍ବଲପୁର ରାଜଗାଦି ଦିଆଯାଉ । ସେ ସେହି ପତ୍ରର ଉତ୍ତର ପାଇଥିଲେ ଯେ, ସେ ଆତ୍ମ ସମର୍ପଣ କଲାରୁ ସେ ବିଷୟରେ ବିଚାର ହେବ । ସୁରେନ୍ଦ୍ରସାଏ ଓ ଇମ୍ପେ ସାହେବ ସମ୍ବଲପୁର ସହରରୁ ଦୂରବର୍ତ୍ତୀ ଏକ ନିଭୃତ ସ୍ଥାନରେ ଦେଖାସାକ୍ଷାତ୍ କରିଥିଲେ । ସେତେବେଳେ ପ୍ରବଳ ବୃଷ୍ଟି ହେଉଥିଲା । ଇମ୍ପେ ସାହେବ ସମ୍ମାନର

ସହିତ ସୁରେନ୍ଦ୍ର ସାଏଙ୍କୁ ଅଭିବାଦନ କରିଥିଲେ । ସୁରେନ୍ଦ୍ରସାଏଙ୍କ ପ୍ରତି ଇମ୍ପେ ସାହେବଙ୍କ ଆନ୍ତରିକ ଉଚ୍ଚଧାରଣା ଥିଲା ।

—*०*—

## ବିପ୍ଳବର ଦ୍ୱିତୀୟରୂପ

ଇଂରେଜ ସାମ୍ରାଜ୍ୟର ପ୍ରଧାନ ଶତ୍ରୁ, ଭାରତୀୟ ଜନଜାଗରଣ ପ୍ରାଚୀ-ଗଗନର ପ୍ରଥମ ଅରୁଣ ଚୌହାଣବୀର ସୁରେନ୍ଦ୍ରସାଏଙ୍କୁ ଧରିବା ବ୍ୟାପାରରେ ଇଂରେଜ ସରକାର ଧର୍ମାଧର୍ମ ବିରହିତ ହୋଇ ଯେଉଁ ପୈଶାଚିକ କାଣ୍ଡ ଭିଆଇଥିଲେ, ତାହା ବର୍ଣ୍ଣନା କରି ଲେଖକ ଏହି ଜାତୀୟ ଜାଗରଣାତ୍ମକ କ୍ଷୁଦ୍ରପୁସ୍ତକର କଳେବର କଳୁଷିତ କରିବାକୁ ଦୁଃଖ ବୋଧ କରୁଅଛି । ସୁରେନ୍ଦ୍ର ସାଏ ସେହି ସମୟରେ ଯଦି ଆତ୍ମସମର୍ପଣ କରି ନ ଥାନ୍ତେ, ତେବେ ଏହି ସମ୍ବଲପୁର ଜିଲ୍ଲା ଏକାବେଳକେ ମହାପ୍ରଳୟରେ ଭାସିଯିବା ଅସମ୍ଭବ ନ ଥିଲା । ସୁରେନ୍ଦ୍ରସାଏ ଦେଖିଲେ ଯେ, ନିରପେକ୍ଷ ଗ୍ରାମଗୁଡିକ ଗୋଟି ଗୋଟି ହୋଇ ଶ୍ମଶାନରେ ପରିଣତ ହୋଇ ଯାଉଛି । ଇଂରେଜ ସୈନିକ-ମାନେ ପ୍ରଜାମାନଙ୍କର ଧନ ଜୀବନ ଲୁଟ୍‌ପାଟ୍ କରୁଅଛନ୍ତି, ଶତଶତ ପରିବାର ଏହି ସୁଜଳା ସୁଫଳା ଶସ୍ୟଶ୍ୟାମଳା, ହୀରକ ରାଜ୍ୟ ଛାଡ଼ି ରାଜ୍ୟାନ୍ତରକୁ ଚାଲି ଯାଉ ଅଛନ୍ତି । ଏହି ଲକ୍ଷ୍ମୀଙ୍କ ବିଳାସ ରାଜ୍ୟରେ ମଡ଼କ, ଦୁର୍ଭିକ୍ଷ ମୂର୍ତ୍ତିମାନ୍‌ରୂପେ ଦେଖା ଦେଇଛି ; ତେଣୁ ସେ ସମ୍ବଲପୁରକୁ ଆସନ୍ନ ବିପଦମୁଖରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଆତ୍ମବଳି ଦେବା ପାଇଁ ଚଞ୍ଚଳ ହୋଇ ଯାଇଥିଲେ ।

ସୁରେନ୍ଦ୍ରସାଏଙ୍କ ଆତ୍ମସମର୍ପଣ ଓ ବିଦେଶୀ ସରକାରଙ୍କର ଅନୁଗ୍ରହ ପ୍ରଦର୍ଶନ ତାଙ୍କର ସାତ୍ମ୍ୟ (୧) ହୋଇ ପାରି ନ ଥିଲା । ସେ ଖଣ୍ଡାରେ ଲୋକଦୃଷ୍ଟିରେ ସୁଖୀରୂପେ ପରିଦୃଷ୍ଟ ହେଉଥିଲେ ହେଁ,

(୧) ଆତ୍ମାର ଅନୁକୂଳ । [ବୈଦ୍ୟକଳ୍ପଦ୍ରୁମ]

ତାଙ୍କର ଅନ୍ତରାତ୍ମାରେ ବିଦେଶୀ-ବିଦ୍ୱେଷ-ବହ୍ନି ଅଲକ୍ଷିତ ଭାବରେ ଜଳୁଥିଲା । ତାଙ୍କର ଚିର-ଦୁଃଖ-କ୍ଲିଷ୍ଟ ଆତ୍ମା ସେହି ବନପର୍ବତର ଶାନ୍ତିସୁଖ ପୁନଃ ସମ୍ଭୋଗ କରିବା ସକାଶେ ତାଙ୍କର ଦୁର୍ଜେୟ ମସ୍ତିଷ୍କକୁ ଆନ୍ଦୋଳିତ କରିବାକୁ ଲାଗିଲା । ତେଣେ ଇଂରେଜ ସରକାର ଚୌହାଣକେଶରୀ ସୁରେନ୍ଦ୍ର ସାଏଙ୍କୁ ଖିଣ୍ଡା-ଗୃହ-ଗୁହାରେ ବାନ୍ଧି ଦେଇ ନିଶ୍ଚିନ୍ତ ରହିଥିଲେ । ଡେପୁଟୀ କମିଶନର ମେଜର୍ ଇମ୍ପେଙ୍କ ଧାରଣା ଜନ୍ମି ଯାଇଥିଲା ଯେ, ସୁରେନ୍ଦ୍ର ସାଏ ସୁଦୀର୍ଘକାଳ ଜାତୀୟ ସଂଗ୍ରାମରେ କ୍ଲାନ୍ତ ହୋଇ ବର୍ତ୍ତମାନ ଅବସର ଗ୍ରହଣ କରି ଅଛନ୍ତି । ତେଣୁ ଇଂରେଜ ସରକାର ପ୍ରଜାରଞ୍ଜନ କାର୍ଯ୍ୟରେ ଶାସନକଳକୁ ଲଗାଇ ଦେଲେ । ୧୮୬୩ ଜାନୁଆରୀ ପହିଲାରୁ ସମ୍ବଲପୁର ଜିଲାକୁ କଟକ କମିଶନରୀରୁ କାଢ଼ି ଆଣି ମଧ୍ୟ-ପ୍ରଦେଶସ୍ଥ ଛତିଶଗଡ଼ (ରାୟପୁର) କମିଶନରୀଭୁକ୍ତ କରାଗଲା ଏବଂ ସମ୍ବଲପୁର ଜିଲାରେ ପ୍ରାଥମିକ ଶିକ୍ଷା ଆରମ୍ଭ ହେଲା ।

ଏଣେ ସୁରେନ୍ଦ୍ର ସାଏ ଘରେ ବସି ତାଙ୍କର ଜାତୀୟ ଯୁଦ୍ଧାଭିଯାନର ସଂସ୍କାରରେ ଅଭିନିବିଷ୍ଟ ରହିଥିଲେ । ସେ ଅତୀତ ସଂଘର୍ଷରୁ ବୁଝି ପାରିଥିଲେ ଯେ, ଜନପଦରେ ରହି ଇଂରେଜମାନଙ୍କୁ ଆକ୍ରମଣ କଲେ, ପୁଣି ଇଂରେଜସରକାର ଗ୍ରାମଧ୍ୱଂସ-ଲୀଳା କରିବେ । ତେଣୁ ସେ ଗ୍ରାମମାନଙ୍କ ସମ୍ପର୍କ ଛାଡ଼ି ପାର୍ବତ୍ୟ ଘାଟୀମାନଙ୍କରୁ ଅଭିଯାନ ଚଳାଇବାକୁ ସ୍ଥିର କଲେ । ସେ ୧୮୬୨-୬୩ ମଧ୍ୟରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ସଂଗ୍ରହରେ ବ୍ୟାପୃତ ରହିଥିଲେ । ୧୮୬୩ ଖ୍ରୀଷ୍ଟାବ୍ଦର ଶେଷ ଭାଗରେ ହଠାତ୍ ଦିନେ ସୁରେନ୍ଦ୍ର ସାଏ ଖିଣ୍ଡାଗ୍ରାମରୁ ନିରୁଦ୍ଦିଷ୍ଟ ହେଲେ । ଇଂରେଜ ସରକାର ତାଙ୍କର ଅନୁସନ୍ଧାନ କରୁଁ କରୁଁ ପାର୍ବତ୍ୟ ଘାଟୀମାନଙ୍କରୁ ଆକ୍ରମଣ ହେଉଥିବା ଜାଣିପାରିଲେ । ବିପ୍ଳବୀ ସୈନ୍ୟମାନେ ରାତ୍ରୀରେ ପାର୍ବତ୍ୟ

ଦୁର୍ଗରୁ ବହିର୍ଗତ ହୋଇ ଇଂରେଜସେନାଙ୍କୁ ଆକ୍ରମଣ କରିବା ସଙ୍ଗେ ସଙ୍ଗେ ସରକାରୀ ଅନୁଷ୍ଠାନଗୁଡ଼ିକ ଲୁଣ୍ଠନ ଓ ଅଗ୍ନିସଂଯୋଗ କରି ପ୍ରଭାତ ନୋହୁଣୁଁ ଚାଲି ଯାଇ ପର୍ବତଗୁମ୍ଫାରେ ଆତ୍ମଗୋପନ କରୁଥିଲେ । କେତେକ ସ୍ଥାନରେ ଉଭୟ ପକ୍ଷ ମଧ୍ୟରେ ମୁଖାମୁଖି ଯୁଦ୍ଧ ମଧ୍ୟ ଲାଗିଗଲା । ସୁରେନ୍ଦ୍ରସାଏ ଛଦ୍ମବେଶରେ ଯୁଦ୍ଧ ପରିଚାଳନା କରୁଥିଲେ । ସରକାର ତାଙ୍କର ଅବସ୍ଥାନର ଠିକଣା ନ ପାଇ ବ୍ୟତିବ୍ୟସ୍ତ ହେଲେ । ସେଥିମଧ୍ୟରେ ଭେଡ଼େନରେ ପ୍ରକାଶ୍ୟ ସଂଗ୍ରାମ ଲାଗିଗଲା । ପିତାଙ୍କ ମୃତ୍ୟୁପରେ ଭେଡ଼େନର ନୂତନ ଜମିଦାର ମନୋହରସିଂହ ସୁରେନ୍ଦ୍ର ସାଏଙ୍କ ଦଳଭୁକ୍ତ ହୋଇଥିଲେ ।

ସୁରେନ୍ଦ୍ର ସାଏଙ୍କ ଅବସ୍ଥାନ ପର୍ବତଶୃଙ୍ଗରୁ ଶୃଙ୍ଗାନ୍ତର, ଗୁହାରୁ ଗୁହାନ୍ତର ଥିବା ସମସ୍ୟା ଅବଶ୍ୟ ତାଙ୍କର ଅନୁଗତ ପ୍ରଜାମାନଙ୍କୁ ଜଣାଥିଲା ; କିନ୍ତୁ ଇଂରେଜସରକାରଙ୍କର ଭୟ ଓ ଲୋଭ ପ୍ରଦର୍ଶନ ସତ୍ତ୍ୱେ କେହି କିଛି ନ ଥିଲେ । ସରକାର ଗୁପ୍ତଚର ନିଯୋଗରୁ ବିରତ ନ ଥିଲେ । ଟିକିଏ ଖବର ପାଇଲେ, ସରକାର ସସୈନ୍ୟରେ ଧାଇଁ ଯାଉଥିଲେ ; କିନ୍ତୁ ସୁରେନ୍ଦ୍ର ସାଏ ଭୂତପରି ଅନ୍ତର୍ହିତ ହେଉଥିବା ହେତୁ ନିରାଶ ହୋଇ ସେଠାରୁ ପ୍ରତ୍ୟାବର୍ତ୍ତିତ ହେଉଥିଲେ । ଏହିପରି ଭାବରେ ଖ୍ରୀଷ୍ଟାବ୍ଦ ୧୮୬୩ ମସିହା ପାହି ଯାଇଥିଲା ।

ସୁରେନ୍ଦ୍ରସାଏ ସେଥି ମଧ୍ୟରେ ସେନା ଓ ଅର୍ଥସଂଗ୍ରହ କରିବା ଉଦ୍ଦେଶ୍ୟରେ ଯଶପୁର-ଉଦେପୁର ଆଡ଼କୁ ଯାଉଥିଲେ । ତାଙ୍କ ସଙ୍ଗେ ସିଂହାବଗାର ଗଣେଶ ଉପାଧ୍ୟାୟ ନାମକ ଜଣେ ବ୍ରାହ୍ମଣଙ୍କର ପୂର୍ବହସ୍ତ [୧] ମଧ୍ୟ ଥିଲେ । ମାର୍ଗରେ ହିମଗିରି ନିକଟରେ ଗୋଟିଏ

(୧) ପୁରୁଷୋତ୍ତମ ଓ ପ୍ରସାଦ ।

ଗିରନଦୀ ପଡ଼ିଲା । ସେତେବେଳେ ସେହି କ୍ଷୁଦ୍ର ନଦୀଟି ବଢ଼ିଥିଲା । କିଛିସମୟ ଅପେକ୍ଷା କଲେ, ପାଣି କମିଯିବ ବୋଲି ପରୀକ୍ଷା କରି ସେମାନେ ନଦୀ କୂଳରେ ବସି ରହିଥିଲେ । ଇତିମଧ୍ୟରେ ସନ୍ଧ୍ୟାକାଳ ପହଞ୍ଚି ଯାଇଥିଲା । ସୁରେନ୍ଦ୍ର ସାଏ ଜାଣିପାରିଲେ ଯେ, ତାଙ୍କ ପଛଆଡ଼ରୁ ଇଂରେଜସେନା ଧାଇଁ ଆସୁଛନ୍ତି । ଇଂରେଜ ସେନା ଗୁପ୍ତଚରମାନଙ୍କଠାରୁ ତାଙ୍କ ସମ୍ବାଦ ପାଇ ତାଙ୍କ ପଛେ ପଛେ ଗୋଡ଼ାଇ ଆସୁଥିଲେ । ସୁରେନ୍ଦ୍ରସାଏ ଉପାୟାନ୍ତର ନ ଦେଖି ଜଙ୍ଗଲ ଭିତରକୁ ପଶିଯାଇ ଗୋଟିଏ ଅଁଳା ବୃକ୍ଷରେ ଚଢ଼ି ଲୁଚି ରହିଲେ । ତାଙ୍କ ଦେଖାଦେଖି ବ୍ରାହ୍ମଣ, ଯୁବକଦ୍ୱୟ ମଧ୍ୟ ଗୋଟିଏ ଗୋଟିଏ ବୃକ୍ଷରେ ଶରୀରରକ୍ଷା କରିଥିଲେ । ସୁରେନ୍ଦ୍ର ସାଏ ସମଗ୍ର ରାତ୍ରୀ ଉନ୍ନିଦ୍ର ରହି ଗୋଟାକେତେ ଅଁଳା କୋଳି ଖାଇ ବଡ଼ ଭୋରରୁ ଉଠି ନିକଟବର୍ତ୍ତୀ ଏକ କୋହ୍ଲି-ପଲ୍ଲୀ ଭିତରେ ପଶିଗଲେ । ତାଙ୍କର ଅନୁଚରଦ୍ୱୟ ଆଉ ଏକ କୋହ୍ଲି ପଲ୍ଲୀର ଆଶ୍ରୟ ନେଲେ । କୋହ୍ଲିମାନେ ସୁରେନ୍ଦ୍ରସାଏଙ୍କୁ ଆଗରୁ ଚିହ୍ନିଥିଲେ । ସେମାନେ ସୁରେନ୍ଦ୍ର ସାଏଙ୍କୁ ବଡ଼ ସାବଧାନରେ ଲୁଚାଇ ରଖିଲେ । ବ୍ରାହ୍ମଣ ଦୁଇଭାଇ ମଧ୍ୟ କୋହ୍ଲିମାନଙ୍କର ସାହାଯ୍ୟ ପାଇଥିଲେ ।

ଏଣେ ଇଂରେଜସେନା ସେହି ଗିରନଦୀ କୂଳରେ ତମ୍ବୁ-ପକାଇ ରାତ୍ରୀରେ ଅବସ୍ଥାନ କରିଥିଲେ । ସେମାନେ ସକାଳରୁ ଉଠି ଝାଡ଼-ପାହାଡ଼ରେ ପଶି ସୁରେନ୍ଦ୍ରସାଏଙ୍କୁ ଖୋଜିବାକୁ ଲାଗିଲେ । କୋହ୍ଲି-ପଲ୍ଲୀରେ ପଶି କୋହ୍ଲିମାନଙ୍କୁ ଧମକ୍‌ଚମକ୍ ଦେଲେ । ସେମାନଙ୍କ ଘରତଲାସି ମଧ୍ୟ କଲେ ; କିନ୍ତୁ କୋହ୍ଲି-ମାନଙ୍କର କୌଶଳ ଆଗରେ ଇଂରେଜ ସେନାଙ୍କ ଅନୁସନ୍ଧାନ ବିଫଳ ହୋଇଥିଲା । ତହୁଁ ଇଂରେଜ ସେନା ଯଶପୁର-ଉଦେପୁର

ପଥରେ ଅଗ୍ରସର ହେଲେ । ସୁରେନ୍ଦ୍ର ସାଏ ଗନ୍ତବ୍ୟ ପଥରୁ ଫେରି ତାଙ୍କର ଗିରିଦୁର୍ଗରେ ଆଶ୍ରୟ ନେଲେ । ପରେ ଇଂରେଜ ସରକାର ଉକ୍ତ ସମ୍ବାଦ ପାଇ ବୃଦ୍ଧର ଉପାଧ୍ୟାୟଙ୍କୁ ତାଙ୍କର ଦୁଇ ପୁତ୍ର ଓ ସୁରେନ୍ଦ୍ର ସାଏଙ୍କ ସନ୍ଧାନ ଜଣାଇବା ପାଇଁ ନାନା ଯନ୍ତ୍ରଣା ଦେଲେ । ବୃଦ୍ଧ ମରିବ ରହିବାରେ ତାଙ୍କୁ ତାକିଦ୍ କଲେ ଯେ, ସେ ଯଦି ତାର ଦୁଇ ପୁତ୍ରକୁ ଧରାଇ ନ ଦେବ, ତେବେ ଫାଶୀ ଯାଇବ । ଗଣେଶ ଉପାଧ୍ୟାୟ ଫାଶୀଖୁଣ୍ଟରେ ଝୁଲିଲେ ମଚ୍ଛକେ ପୁଅ ଦ୍ୱୟର ସନ୍ଧାନ କହିଲେ ନାହିଁ । ସୁରେନ୍ଦ୍ର ସାଏଙ୍କ ସହିତ ତାଙ୍କ ପୁତ୍ର ଓ ଭାଇମାନେ ଡେବ୍ରିଗଡ଼ ଶୃଙ୍ଗୋପରି ଦୁର୍ଗରେ ଅବସ୍ଥାନ କରୁଥିଲେ । ମଧ୍ୟେ ମଧ୍ୟେ କୁଞ୍ଜଲ ସିଂହ ଓ କମଲ ସିଂହ ଦାଉ ସେଠାକୁ ଯାଇ ଯୁଦ୍ଧପରିଚାଳନା ବିଷୟରେ ପରାମର୍ଶ କରୁଥିଲେ । ଇଂରେଜ ସରକାର ସୁଦ୍ଧା ସେହି ଆଡ୍‌ଡ଼ାର ସନ୍ଧାନ ପାଇଥିଲେ । ସେତେବେଳେ ଇଂରେଜ ସରକାରଙ୍କ ସୈନ୍ୟବଳ ବଢ଼ି ଯାଇଥିଲା । ଖୋଲାଖୋଲି ଆକ୍ରମଣ କଲେ ମଧ୍ୟ ଜୟଶ୍ରୀ ପାଇବାର ସମ୍ଭାବନା ଥିଲା ; କିନ୍ତୁ ସୁରେନ୍ଦ୍ରସାଏ ସୁଡ଼ଙ୍ଗ ମାର୍ଗରେ ପଳାଇ ଯିବାର ଆଶଙ୍କା ଥିଲା ଏବଂ ସେ ଥରେ ଖସି-ଗଲେ, ପୁଣି ଅନ୍ୟ ପର୍ବତରେ ଆଡ୍‌ଡ଼ା କରିବେ । ଏପରି ଭାବରେ ସୁରେନ୍ଦ୍ରସାଏଙ୍କୁ ଧରିବା ବିପଜ୍ଜନକ ଓ କ୍ଷତିକାରକ । ଏଣୁ ତାଙ୍କ ଆଡ୍‌ଡ଼ାକୁ ସୁଡ଼ଙ୍ଗ ପଥରେ ଗୋପନରେ ଯାଇ ତାଙ୍କୁ ଧରିବାକୁ ହେବ ; କିନ୍ତୁ ସୁଡ଼ଙ୍ଗର ମୁଖ କାହାରିକି ଜଣା ନ ଥିଲା । ଏଣୁ ସରକାର ଘୋଷଣା କଲେ ଯେ, ଯେଉଁ ଲୋକ ସୁରେନ୍ଦ୍ରସାଏଙ୍କୁ ଧରିବା କାର୍ଯ୍ୟରେ ସରକାରଙ୍କୁ ସାହାଯ୍ୟ କରିବ, ସେ ଯଥେଷ୍ଟ ଟଙ୍କା ପୁରସ୍କାର ପାଇବ । ଏ ଘୋଷଣାରେ ଜଣେ ଲୋକ ବାହାରି ସର-କାରଙ୍କୁ ସାହାଯ୍ୟ କରି ଟଙ୍କା ଓ ଜାଗିର ପାଇଥିଲା । ସେହି ଦେଶଦ୍ରୋହୀ—ଜାତିଦ୍ରୋହୀ ଲୋକଟା କିଏ ?

---

# ନିମକ୍‌ହାରାମ୍ ଜାୟଗିର୍ (୧)

ପୁରୀ ଜିଲ୍ଲାରେ ଚିଲିକା ହ୍ରଦ ମଧ୍ୟରେ ପାରିକୁଦ ନାମରେ ଏକ ଦ୍ୱୀପ ଅଛି । ସେହି ଦ୍ୱୀପର ଏକ ଅଂଶର ନାମ ମାଲୁଦ୍ । ଯେଉଁ ସମୟରେ ଶ୍ରୀ ଜଗନ୍ନାଥ ମନ୍ଦିରର ପଣ୍ଡା ପଡ଼ିହାରୀମାନେ ଇଂରେଜ ଜାତିଙ୍କୁ ମାନ୍ଦ୍ରାଜ ପ୍ରଦେଶଭୁକ୍ତ ଗଞ୍ଜାମରୁ ଡାକିଆଣିଥିଲେ, ସେହି ସମୟରେ ଜଣେ ମୁସଲମାନ ସେମାନଙ୍କର ପଥପ୍ରଦର୍ଶକ ଓ ସାହାଯ୍ୟକାରୀରୂପେ ପାରିକୁଦ ଦ୍ୱୀପ ଜାୟଗିର ପାଇଥିଲେ । ସେତେବେଳେ ପାରିକୁଦ ରାଜା ଇଂରେଜ ଜାତିଙ୍କୁ ଘୃଣା କରି ତାଙ୍କ ସହିତ ଦେଖା କରି ନ ଥିଲେ । ଉକ୍ତ ମୁସଲମାନ ଇଂରେଜମାନଙ୍କ-ଠାରେ ଖଚମିଛ ଲଗାଇ ସମଗ୍ର ଦ୍ୱୀପଟା ମାରିନେଇଥିଲେ ; କିନ୍ତୁ ପରେ ପାରିକୁଦ ରାଜା ଇଂରେଜଙ୍କ ସହିତ ସନ୍ଧି କରି ତାଙ୍କ ରାଜ୍ୟ ଫେରି ପାଇଥିଲେ । ଇଂରେଜ ସରକାର ସେହି ମୁସଲମାନଙ୍କୁ ପାରିକୁଦରୁ ଏକ ଅଂଶ—ମାଲୁଦ ପ୍ରଦାନ କରିଥିଲେ । ଲୋକେ ଉକ୍ତ ମାଲୁଦକୁ ନିମକ୍ ହାରାମ ଜାୟଗିର୍ ବୋଲି କହି ଆସୁଅଛନ୍ତି । ଆମ୍ଭ ସମ୍ବଲପୁର ଜିଲ୍ଲାରେ ମଧ୍ୟ ନିମକ୍ ହାରାମ୍ ଜାୟଗିର୍ ନାମରେ ଏକ କ୍ଷୁଦ୍ର ଜାୟଗିର ୧୮୬୮ ମସିହାରୁ ପ୍ରତିଷ୍ଠିତ ହୋଇଅଛି । ତାହା ସମ୍ବଲପୁର ସହରବାସୀ ଦୟାନିଧି ମେହେରଙ୍କୁ ଦିଆଯାଇଥିଲା ।

ଦୟାନିଧି ତନ୍ତୀ ( ଭୁଲିଆ ) ଜାତୀୟ ଲୋକ । ସତ୍ୟା, ଜୀବଧନ ଓ ଭୋଲା ତାହାର ନାମାନ୍ତର । ତାହାର ବ୍ୟବସାୟ ନିଶାଦ୍ରବ୍ୟ ଥିଲା । ସେ ସରକାରଙ୍କ ଘୋଷଣା ଶୁଣି ଇଂରେଜ ସରକାରଙ୍କୁ ଗୋପନରେ ଜଣାଇଲା ଯେ, ସରକାର ତାକୁ ନଗଦ

---

(୧) ଏହି ପ୍ରକରଣରେ ସୁରେନ୍ଦ୍ରସାଏଙ୍କ ଧରାଯିବା ବିବରଣ ରହିଛି ।

ଏକହଜାର ଟଙ୍କା ଦେଲେ, ସେ ସୁରେନ୍ଦ୍ର ସାଏଙ୍କୁ ଧରାଇଦେବ । ସରକାର ତାକୁ ଟ୧୦୦୦୧ ଗୋପନରେ ଗଣିଦେଲେ ।

ଦୟାନିଧି ମେହେର ଅମ୍ବାଭୋନା ଦୁର୍ଗକୁ ଯାଇ ବିପ୍ଳବୀଦଳର ସ୍ୱେଚ୍ଛାସେବକରୂପେ ଯୋଗ ଦେଲା । ସଙ୍ଗେ ସଙ୍ଗେ ନିଜର ବ୍ୟବସାୟ ( ମାଦକଦ୍ରବ୍ୟ ) ମଧ୍ୟ ଚଲାଇଲା । ସେଥିରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲା । ସେ ତାର ବୁଦ୍ଧି କୌଶଳରେ ସୁରେନ୍ଦ୍ରସାଏଙ୍କ ବିଶ୍ୱାସଭାଜନ ହେଲା ଏବଂ ତା' ସହିତ ସୁରେନ୍ଦ୍ରସାଏ ମିତ୍ରତା ସ୍ଥାପନ କଲେ । ସୁରେନ୍ଦ୍ର ସାଏଙ୍କ ହୃଦୟରେ ଏକ ଦୁର୍ବଳତା ଥିଲା ଯେ, ସେ ସମସ୍ତଙ୍କୁ ବିଶ୍ୱାସ କରୁଥିଲେ । ଆତ୍ମବତ୍ ମନ୍ୟତେ ଜଗତ୍ ( ଇତି ଗୃଣକ୍ୟ ) । ସେ ଏହି ସୂତ୍ରରେ ତାଙ୍କଠାକୁ ଯାତାୟାତ କରି ସେହି ଗିରିଦୁର୍ଗର ଗୁପ୍ତପଥ ଦେଖି ପାରିଥିଲା । ଏଥି ମଧ୍ୟରେ ଇଂରେଜ ସରକାରଙ୍କ ଗୁପ୍ତଚରମାନେ ଦୟାନିଧି ମେହେରଠାରୁ ସନ୍ଧାନ ପାଇ ସୁଡ଼ଙ୍ଗର ପ୍ରବେଶ ମୁଖ ଦେଖି ପାରିଥିଲେ । ଏପରି ଭାବରେ କେତେଦିନ କଟିଗଲା । ଦୟାନିଧି ମେହେରର ନିର୍ଦ୍ଦେଶମତେ ସରକାର ଆକ୍ରମଣର ସମୟ ସ୍ଥିର କରିଥିଲେ । ପୂର୍ବରୁ ଏହି ସମୟ କେତେଥର ଭାଙ୍ଗି ଯାଇଥିଲା । କାରଣ ସମସ୍ତ ବିପ୍ଳବୀମାନଙ୍କୁ ଏକସଙ୍ଗେ ଧରିବାର ଆବଶ୍ୟକତା ବୋଧ ହୋଇଥିଲା । ମିତ୍ରଭାନୁ ସାଏ ଗ୍ରେଟନାଗପୁରରୁ (୧) ଫେରି ନ ଥିବା ହେତୁ ଆକ୍ରମଣର ସମୟ ବିଳମ୍ବ ଘଟିଥିଲା । ସେ ସାହାଯ୍ୟ ପାଇଁ ଉକ୍ତ ଅଞ୍ଚଳକୁ ଯାଇଥିଲେ । ମିତ୍ରଭାନୁସାଏ ଫେରି ଆସିଲାରୁ ସମୟ ନିର୍ଦ୍ଧାରିତ ହୋଇଥିଲା । ୧୮୬୪ ଜାନୁଆରି ୨୩ ତାରିଖ ।

(୧) ଗ୍ରେଟନାଗପୁର ଅନ୍ତର୍ଗତ ଖାରୁରାଜକନ୍ୟାଙ୍କୁ ସୁରେନ୍ଦ୍ର-ସାଏ ବିବାହ କରିଥିଲେ ।

ସେହିଦିନ ପୌଷ ପୂର୍ଣ୍ଣିମା ପର୍ବ ଡିଥି ଥିଲା । ରାଜାମାନଙ୍କର ପୁଷ୍ୟାଭିଷେକ ହୋଇଥାଏ । ବିଶେଷତଃ ଆଦିବାସୀ ଜାତିମାନଙ୍କ ପକ୍ଷେ ଏହି ପର୍ବର ଆଧିକ୍ୟ ଦେଖିବାକୁ ମିଳେ । ସେ ଦିନ ଦୟାନିଧି ମେହେର ସୁରେନ୍ଦ୍ରସାଏଙ୍କୁ ଜଣାଇଲା ଯେ, ସେ ପୁଷ ପୁନି ପର୍ବ ପାଳନ କରୁଛି । ତେଣୁ ସମସ୍ତେ ପ୍ରସାଦ ସେବନ କରିବେ । ସୁରେନ୍ଦ୍ର ସାଏ ମିତ୍ରର ନିମନ୍ତ୍ରଣ ଗ୍ରହଣ କରିଥିଲେ । ଦୟାନିଧି ମେହେର ଖାଦ୍ୟପେୟ ସହିତ ଉତ୍କଟ ନିଶାଦ୍ରବ୍ୟ ମିଶାଇଥିଲା । ଭୋକ୍ତାମାନେ "ବିଶ୍ୱାସରେ ବିଷ ଖାଇ" ପ୍ରବଚନ ସାର୍ଥକ କରିଥିଲେ ଭୋଜନାନ୍ତେ ସମସ୍ତେ ଶୋଇବାକୁ ଲାଗିଲେ । କ୍ରମେ କ୍ରମେ ସେହି ନିଶାଦ୍ରବ୍ୟର କ୍ରିୟାରେ ସେମାନେ ଅଚେତନ ହୋଇ ପଡ଼ିଲେ ।

ସୁରେନ୍ଦ୍ର ସାଏଙ୍କୁ ଧରିବା ନିମନ୍ତେ ରାୟପୁର କମିଶ୍ନର କର୍ଣ୍ଣେଲ ବାଲମେନ୍ ଆଗରୁ ସମ୍ବଲପୁରରେ ଅବସ୍ଥାନ କରୁଥିଲେ । କମିଶ୍ନର ସାହେବ ପ୍ରୋଗ୍ରାମମତେ ସମ୍ବଲପୁର ଡେପୁଟି କମିଶ୍ନର ମି: କାମ୍ବର୍ ଲେଜ୍, ଡେପୁଟି ଆଇ. ଜି. ମେଜର୍ ଷ୍ଟୁୟାର୍ଟଙ୍କ ସହିତ ଗୋରାପଲଟନ ଧରି ରାତି ୧୦ଟା ସମୟରେ ଡେବ୍ରିଗଡ଼ ଗୁହା ମୁଖରେ ପହଞ୍ଚି ଘୋଡ଼ାମାନଙ୍କୁ ସେଠାରେ ବାନ୍ଧି ଦେଇ ସୁଡ଼ଙ୍ଗ ବାଟରେ ଗୈରଭିଳ ଗଳି ସୁରେନ୍ଦ୍ରସାଏଙ୍କ ଶୟନ କକ୍ଷରେ ପହଞ୍ଚିଲେ ।

ସେତେବେଳେ ବିପ୍ଳବୀ ସେନାମାନେ ନିଶ୍ଚିନ୍ତ ହୋଇ ଶୋଇ-ଥିଲେ । ପାହାଡ଼ର ଦ୍ୱାରଦେଶସ୍ଥ ପ୍ରହରୀମାନେ ସୁଦ୍ଧା ଶତ୍ରୁ ଆଗମନ କଥା ଜାଣି ପାରିଲେ ନାହିଁ । ସୁଡ଼ଙ୍ଗର ପ୍ରବେଶ ମୁଖ ଘନଲତା-ଗୁଳ୍ମରେ ଆଚ୍ଛନ୍ନ ଥିବା ହେତୁ ସେଠାରେ କେବେ ପ୍ରହରୀ ରଖିବାର ଆବଶ୍ୟକତା ପଡ଼ି ନ ଥିଲା । ଏଣୁ ଉକ୍ତ ଗିରିଦୁର୍ଗ ଚିରନିରାପଦ ହୋଇ ରହିଥିଲା ।

ଇଂରେଜମାନେ ନିଃଶବ୍ଦରେ ପାଦ ଟିପି ଟିପି ସେହି ଘୋର ଅନ୍ଧକାରାଚ୍ଛନ୍ନ ଗିରି-ବିବରରେ ଗଲେ ପର୍ବତଶୃଙ୍ଗୋପରିସ୍ଥ ପାର୍ବତ୍ୟ କକ୍ଷରେ ପ୍ରବେଶ କଲେ । ଯୁଗପତ୍ ୧୭ ଜଣ ବିପ୍ଳବୀନେତାଙ୍କୁ ବାନ୍ଧି ପକାଇଲେ । ସେମାନେ ଉତ୍କଟ ନିଶାରେ ବନ୍ଧନ ସୁଦ୍ଧା ଜାଣି ପାରି ନ ଥିଲେ । ସେତେବେଳେ କାହାରି କାହାରି ଚୈତନ୍ୟ ଆସିଥିଲା; କିନ୍ତୁ ସେମାନେ ବିଷଦ୍ରବ୍ୟର ବହିର୍ଯ୍ୟାରେ ଏରୂପ ଅବସନ୍ନ ହୋଇ ଯାଇଥିଲେ ଯେ ପ୍ରତିକାର କରିବା ଦୂରେ ଥାଉ, କଥା ମଧ୍ୟ କହି ପାରି ନ ଥିଲେ । ଇଂରେଜମାନେ ସେହି ସୁଡ଼ଙ୍ଗ ମାର୍ଗରେ ବନ୍ଦୀ-ମାନଙ୍କୁ ଧରି ପର୍ବତର ପାଦଦେଶରେ ଉପଗତ ହୋଇଥିଲେ ।

ସୁରେନ୍ଦ୍ର ସାଏଙ୍କ ବନ୍ଦୀ ସମସ୍ୟା ନେଇ ଅନେକ କିମ୍ବଦନ୍ତୀ ଶୁଣାଯାଏ; କିନ୍ତୁ ସେସବୁର ସତ୍ୟତାର ପ୍ରମାଣ ମିଳେ ନାହିଁ । ଉକ୍ତ ବିବରଣ ଡେପୁଟି କମିଶ୍ନରଙ୍କ ରିପୋର୍ଟରୁ ପ୍ରମାଣିତ ହୋଇଅଛି । ଡେପୁଟି କମିଶ୍ନର ଚିଫ୍‌କମିଶ୍ନରଙ୍କଠାକୁ ପଠାଇଥିବା ରିପୋର୍ଟର ଅନୁବାଦ ଏଠାରେ ଦିଆଯାଇଛି ।

"ଆମ୍ଭେମାନେ ଯାହା କରିବାକୁ ଯାଉଥିଲୁଁ, ତାହା ଯଦି ସୁରେନ୍ଦ୍ରସାଏ ଆଦୌ ସନ୍ଦେହ କରିଥାନ୍ତେ, ତେବେ କେଉଁଠାକୁ ପଳାଇ ଯାଇଥାନ୍ତେ ଏବଂ ସଙ୍ଗେ ସଙ୍ଗେ ସମଗ୍ର ରାଜ୍ୟରେ ବିପ୍ଳବ-ଅଗ୍ନି ଜଳି ଉଠିଥାନ୍ତା । ଆକ୍ରମଣ କରିବାର ପୂର୍ବମୁହୂର୍ତ୍ତ ପର୍ଯ୍ୟନ୍ତ ଆମ୍ଭେ ଜଣେ ସିପାହୀକୁ ମଧ୍ୟ କିଛି ଜଣାଇ ନ ଥିଲୁଁ । ୨୩ ତାରିଖ ସନ୍ଧ୍ୟାରେ ମି: ବାଲମେନ୍ ଓ ମୁଁ କାର୍ଯ୍ୟକ୍ରମ ଠିକ୍ କଲୁଁ । ରାତି ୧୦ଂ୪୫ା ବେଳେ ଆମ୍ଭପାଖରେ ସମ୍ବାଦ ପହଞ୍ଚିଲା । ମି: ଷ୍ଟୁୟାର୍ଟ, ମି: ବାଲମେନ୍ ଓ ମୁଁ ଦଳେ ସିପାହୀ ନେଇ ରାସ୍ତାରେ ଲୁଚି ଲୁଚି ଗଲୁଁ ଏବଂ ଏହିପରି ଭାବରେ ସୁରେନ୍ଦ୍ରସାଏଙ୍କ ବାସସ୍ଥାନରେ ପହଞ୍ଚିଲୁଁ । ଆମ୍ଭେ ଏକସଙ୍ଗେ ଆକସ୍ମିକ ଭାବରେ ସେମାନଙ୍କୁ ଆକ୍ରମଣ କଲୁଁ ।

× × × ×

ଏତେ କଷ୍ଟରେ ଆମ୍ଭେ ସେମାନଙ୍କୁ ବନ୍ଦୀକରି ପାରିଛୁଁ । ତେଣୁ ସୁରେନ୍ଦ୍ରସାଏ, ତାଙ୍କର ପରିବାର ଓ ଭାଇମାନଙ୍କୁ ଏହି ଜିଲାରୁ ସଙ୍ଗେ ସଙ୍ଗେ ସ୍ଥାନାନ୍ତରିତ କରିବାର ଆବଶ୍ୟକ । ତାଙ୍କର ବଂଶର ଜଣେ ସୁଦ୍ଧା ଏ ଜିଲ୍ଲାରେ ରହିଥିବା ପର୍ଯ୍ୟନ୍ତ ଶାନ୍ତି-ଶୃଙ୍ଖଳା ପ୍ରତିଷ୍ଠା କରିବା ଅସମ୍ଭବ ।”

ଡେପୁଟି କମିଶନର ମିଃ କାମ୍ବର୍‌ଲେଜ୍ ସାହେବ ସେପରି କୌଶଳରେ ସୁରେନ୍ଦ୍ର ସାଏଙ୍କୁ ବନ୍ଦୀକରିବା ପାଇଁ ଅନେକ ଦିନରୁ ଚେଷ୍ଟା କରିଥିଲେ । ସେ ସୁବିଧାରେ ରହିଥିଲେ, ଇଂରେଜ ସରକାରଙ୍କର ଆତତାୟିତା ଘୋଡାଇ ରଖିବା ଉଦ୍ଦେଶ୍ୟରେ ସେ ସୁରେନ୍ଦ୍ର ସାଏ ଆଦିଙ୍କୁ ଧରିବା ବ୍ୟବସ୍ଥା ତାଙ୍କ ରିପୋର୍ଟରେ ଜାଣି-ବୁଝି ଲେଖି ନ ଥିଲେ । ସେଦିନ କମଲସିଂହ ଦାଉ ଓ କୁଞ୍ଜଲସିଂହ ସୁରେନ୍ଦ୍ର ସାଏଙ୍କ ଆଡ୍‌ଡାରେ ନ ଥିଲେ । ପରେ ସେ ଦୁହିଁଙ୍କୁ ଏବଂ ଲୋକନାଥ ଗୌନ୍ତିଆ ଓ ମୃତ୍ୟୁଞ୍ଜୟ ପାଣିଗ୍ରାହିଙ୍କୁ ଏରେଷ୍ଟ କରିଥିଲେ । ସୁରେନ୍ଦ୍ର ସାଏ ଆଦି ବନ୍ଦୀମାନଙ୍କୁ କମିଶନର ସାହେବ ରାତି ଭିତରେ ସମ୍ବଲପୁର ରାଜଧାନୀକୁ ନେଇଯାଇ ଜେଲ ଭିତରେ ଢୁକାଇ ଦେଲେ । ଡେ: କ: ଓ ଡେ: ଆଇ: ଜ: ଦଳେ ସିପାହୀ ଘେନି ଡେବ୍ରିଗଡରୁ ସେହି ରାତିରେ ଅନ୍ୟାନ୍ୟ ବିପ୍ଳବୀ ନେତାମାନଙ୍କୁ ଧରିବା ପାଇଁ ଯାଇଥିଲେ । ସେମାନେ ଦୟାନିଧି ମେହେରଠାରୁ କମଲ ସିଂହ ଦାଉଙ୍କର ବାସସ୍ଥାନର ସନ୍ଧାନ ପାଇଥିଲେ । କମିଶନର ସାହେବ ମଧ୍ୟ କୁଞ୍ଜଲସିଂହ ଓ ତାଙ୍କ ବଡ଼ଭାଇ ହାଣ୍ଡିସିଂହଙ୍କ ଉଦ୍ଦେଶ୍ୟରେ ଅନ୍ୟଦିନ ସକାଳରୁ ବନ୍ଧା ଅଭିମୁଖେ ଚାଲିଥିଲେ । କମିଶନର ବାଲମେନ୍ ରାତି ଥାଉଁ ଥାଉଁ ବନ୍ଧା ଦୁର୍ଗରେ ପହଞ୍ଚି ସନ୍ତର୍ପଣରେ ଦୁର୍ଗ ପ୍ରାଚୀର ଡେଇଁ ଶିକାର ସମ୍ମୁଖରେ ଅକସ୍ମାତ୍ ହାବୋଡ଼ିଗଲେ ।

ହାଣ୍ଟସିଂହ ଅସୁସ୍ଥ ଅବସ୍ଥାରେ ତାଙ୍କ ଭାଇ କୁଞ୍ଜଲ ସିଂହଙ୍କ ସହିତ ବନ୍ଦୀ ଦୁର୍ଗରେ ରହିଥିଲେ । ସେ ଦୁହେଁ ସହଜରେ ବନ୍ଦୀ ହୋଇ-ଥିଲେ । କମଲ ସିଂହ ଦାଉଙ୍କୁ ଡେପୁଟି କମିଶନର ତାଙ୍କର ଜଣେ ବନ୍ଧୁ ଘରରୁ ବାନ୍ଧି ଆଣିଥିଲେ । ସେଆଡ଼େ ଦଳେ ସିପାହି ରମ୍ପେଲ ଯାଇ ଲୋକନାଥ ଗୌନ୍ତିଆଙ୍କୁ ଏରେଷ୍ଟ କରି ଆଣିଥିଲେ । ଏପରି କଳବଳଛଳରେ ବିପ୍ଳବୀ ନେତାମାନଙ୍କୁ ଧରିବାରେ ଇଂରେଜ ସରକାର କୃତକାର୍ଯ୍ୟ ହୋଇଥିଲେ ।

ସୁରେନ୍ଦ୍ରସାଏଙ୍କୁ ଧରିବାର ୧ ବର୍ଷ ପୂର୍ବରୁ ସମ୍ବଲପୁର ଜିଲ୍ଲା ମଧ୍ୟପ୍ରଦେଶ ଭୁକ୍ତ ହୋଇଥିଲା । ତେଣୁ ସେହି ବିଜୟଶ୍ରୀ ରାୟପୁର କମିଶ୍ନର ସାହେବ ଲାଭ କରିଥିଲେ । ଓଡ଼ିଶା କମିଶନରଙ୍କ ଭାଗ୍ୟରେ ସେହି ଲାଭ ଯୁଟି ପାରି ନ ଥିଲା ।

ସୁରେନ୍ଦ୍ର ସାଏ ଆଦିଙ୍କୁ ଏରେଷ୍ଟ କରିବା ସମସ୍ୟା ସରକାରୀ କାଗଜପତ୍ରରେ ଅନ୍ୟ ପ୍ରକାର ଲେଖାଅଛି । ମେଜର ଇମ୍ପେ ୧୮୬୩ ଡିସେମ୍ବର ମାସରେ ଜ୍ୱରାକ୍ରାନ୍ତ ହୋଇ ସମ୍ବଲପୁରରେ ମାନବ-ଲୀଳା ସମ୍ବରଣ କଲେ । ତାଙ୍କ ସ୍ଥାନରେ ମେଜର୍ କାମ୍ବରଲେଜ୍ ସାହେବ ଡେପୁଟି କମିଶନର ହେଲେ । ମୋହନ ସିଂହ ଓ ଦୟାନିଧି ମେହେର ସରକାରଙ୍କର ଗୁପ୍ତଚର ଥିଲେ । ମୋହନ ସିଂହ ରାୟ ବାହାଦୁର ରୂପ ସିଂହଙ୍କର ଜଣେ ଆତ୍ମୀୟ । ସେ ସମ୍ବଲପୁର ପୋଲିସ ବିଭାଗରେ ସବ୍ ଇନ୍ସପେକ୍ଟର କାର୍ଯ୍ୟ କରୁଥିଲେ । ସେ ଦୁହେଁ ଦେଶର ଜନନେତାମାନଙ୍କୁ ଧରାଇ ଦେଇ ଶିଖୀ-ମନାଇଙ୍କ ପରି ଇତିହାସରେ ନାମ ରଖି ଯାଇଅଛନ୍ତି । ମୋହନ ସିଂହ ଇନ୍ସପେକ୍ଟର ପର୍ଯ୍ୟନ୍ତ ଉଠିଥିଲେ ଏବଂ ତାଙ୍କୁ ଏହି କାର୍ଯ୍ୟରେ ଇଂରେଜ ସରକାର ଆଠଶତ ଟଙ୍କା ପୁରସ୍କାର ଦେଇଥିଲେ ।

ପ୍ରଥମ ଥର ସୁରେନ୍ଦ୍ରସାଏ, ଉଦନ୍ତସାଏ, ଧ୍ରୁବସାଏ, ମେଦ୍ଦନୀ-ସାଏ, ମିତ୍ରଭାନୁ ସାଏ, ଧ୍ରୁବସାଏଙ୍କ ଚ୍ଚର ପୁତ୍ର, ଖଗେଶ୍ୱର ଦାଉ ଓ ତାଙ୍କର ଦୁଇଭାଇ, ଧରଣୀଧର ମିଶ୍ର, ଶ୍ରଦ୍ଧାକର ମଲ୍ଲିକଙ୍କୁ ଏରେଷ୍ଟ କରାଯାଇଥିଲା । ପରେ ଜଗବନ୍ଧୁ ହୋତା, ପଦ୍ମନାଭ ଗୁରୁ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, କୁଞ୍ଜଲ ସିଂହ, ହାଥି ସିଂହ ଓ ଲୋକନାଥ ଗୌନ୍ତିଆ ଏରେଷ୍ଟ ହୋଇଥିଲେ ।

ଉକ୍ତ ବନ୍ଦୀମାନଙ୍କୁ ରାଯ଼ପୁର ଜେଲରେ ରଖାଯାଇଥିଲା ଏବଂ ରାଯ଼ପୁର ଡେପୁଟି କମିଶନର ମୋକଦ୍ଦମା ତଦନ୍ତ କରିଥିଲେ । ସେ ସେସନ୍ କୋର୍ଟକୁ ଆସାମୀମାନଙ୍କୁ ପଠାଇ ଦେଇଥିଲେ । ଡେ: କ: ସାହେବ ଧ୍ରୁବସାଏଙ୍କ ପୁତ୍ରମାନଙ୍କୁ ଛାଡ଼ିଦେଲେ ।

ସେସନ୍‌କୋର୍ଟ ସୁରେନ୍ଦ୍ରସାଏ, ଉଦନ୍ତ ସାଏ, ଧ୍ରୁବସାଏ, ମେଦ୍ଦନୀ ସାଏ ଓ ଖଗେଶ୍ୱର ଦାଉଙ୍କୁ ଯାବଜ୍ଜୀବନ ଏବଂ ମିତ୍ରଭାନୁ ସାଏ, ଲୋକନାଥ ଗୌନ୍ତିଆ, ପ୍ରଭାକର ମଲ୍ଲିକ, ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଓ ଜଗବନ୍ଧୁ ହୋତାଙ୍କୁ ଅନ୍ୟ ଏକ ଦଫାରେ ଯାବଜ୍ଜୀବନ କାରାବାସ ଦଣ୍ଡାଦେଶ ଦେଇଥିଲେ । ମୀନକେତନ ଦାଉ, ମୋହନ ଦାଉ, ଧରଣୀଧର ମିଶ୍ର ଓ ପଦ୍ମନାଭ ଗୁରୁଙ୍କୁ ୭ ବର୍ଷ ଲେଖାଏଁ କାରାବାସ ଦଣ୍ଡାଦେଶ ହୋଇଥିଲା । ଜେ. ଏସ୍. କେମ୍ପଲଙ୍କ କୋର୍ଟରେ ଅପିଲ ହୋଇଥିଲା । ଉକ୍ତ କୋର୍ଟ ଅଭିଯୁକ୍ତମାନଙ୍କୁ ଖଲାସ କରିଥିଲେ ; କିନ୍ତୁ ସେମାନେ ପୁଣି ଅନ୍ୟ ଦଫାରେ ଅଭିଯୁକ୍ତ ହେଲେ ।

## ବିଚାର ଓ ଫୈସଲା ସମସ୍ୟା

ସେ କାଳର ଓ ଏ କାଳର ମୋକଦ୍ଦମା ବିଚାରରେ ଆଇନ-କାନୁନଗତ ପାର୍ଥକ୍ୟ ବିଶେଷ ପରିଲକ୍ଷିତ ହୁଏ । ସେତେବେଳେ ମହାରାଣୀଙ୍କ ସାମ୍ରାଜ୍ୟ ରକ୍ଷା ନାମରେ ଏକ ଆଇନ ବଳବତ୍ତର ଥିଲା । ଆସାମୀମାନେ ସେହି ଆଇନର ବଳରେ ଦଣ୍ଡପ୍ରାପ୍ତ ହୋଇଥିଲେ । ବ୍ରିଟିଶ ସରକାର ତାଙ୍କର ସାମନ୍ତ ରାଜାମାନଙ୍କୁ ନିରାପଦରେ ରଖିବା ନାମରେ ଏକ ବିଶେଷ ଆଇନ ଜାରି କରିଥିଲେ । ସେଥିରେ ସାକ୍ଷୀଗୁହା, ଓକିଲ ମୁକ୍ତାର ଓ କାଗଜପତ୍ରର ପ୍ରୟୋଜନ ହେଉ ନ ଥିଲା । ରାଜା ତାଙ୍କ ରାଜ୍ୟରୁ ୨୪ ଘଣ୍ଟା ମଧ୍ୟରେ ରାଜ୍ୟବାସୀ କୌଣସି ପ୍ରଜା ବା ରାଜ୍ୟକୁ ଆସିଥିବା କୌଣସି ଲୋକକୁ ବହିଷ୍କାର କରି ଦେଇ ପାରୁଥିଲେ । ଏ କ୍ଷେତ୍ରରେ ସୁରେନ୍ଦ୍ର ସାଏ ପ୍ରଭୃତି ଅଭିଯୁକ୍ତମାନେ ପୋଲିସ କର୍ତ୍ତୃକ ଆରୋପିତ ଅଭିଯୋଗରୁ ମୁକ୍ତ ହୋଇଥିଲେ ହେଁ ଉକ୍ତ ସାମ୍ରାଜ୍ୟରକ୍ଷା ଆଇନମତେ ଦଣ୍ଡିତ ହୋଇଥିଲେ । ଶେଷରେ ଅନେକ ଆସାମୀ ଛୁଟି ପାଇଥିଲେ । ପଦ୍ମନାଭ ଗୁରୁ ସେମାନଙ୍କ ମଧ୍ୟରେ ଜଣେ ।

ପ୍ରଥମତଃ ଦଣ୍ଡାଦେଶପ୍ରାପ୍ତ ବନ୍ଦୀମାନଙ୍କୁ ରାୟପୁର ଜେଲରେ ରଖାଯାଇଥିଲା ; କିନ୍ତୁ ରାୟପୁର ଓ ସମ୍ବଲପୁର ମଧ୍ୟରେ ନିକଟ ସମ୍ବନ୍ଧ ଥିବା ହେତୁ ନାଗପୁରସ୍ଥ ଆସିରଗଡ଼ (ଅସୁରଗଡ଼) ଜେଲକୁ ନିଆଗଲା । ରାୟପୁର ଜେଲରେ ସୁରେନ୍ଦ୍ର ସାଏଙ୍କ ଭାଇ ଉଦନ୍ତ ସାଏ ମୃତ୍ୟୁଲାଭ କରିଥିଲେ । ଉକ୍ତ ଜେଲରେ ଲୋକନାଥ ଗୌନ୍ତିଆ ଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ମରି ଯାଇଥିବା ସରକାରଙ୍କ ଗେଜେଟିଏରରୁ ଜଣାଯାଏ । ସୁରେନ୍ଦ୍ର ସାଏ ଆଦି ନାଗପୁର ଆସିରଗଡ ଜେଲରୁ ତା ୨୩।୧।୧୮୬୭ ରିଖରେ ଅପିଲ କରିଥିଲେ ; କିନ୍ତୁ ସେମାନଙ୍କର ଅପିଲ ଗଭର୍ଣ୍ଣର ଜେନେରଲ ନାମଞ୍ଜୁର କରିଥିଲେ ।

କଥିତ ହୁଏ ଆସୀରଗଡ଼ ଜେଲରେ ସୁରେନ୍ଦ୍ର ସାଏ ଚକ୍ଷୁଦ୍ୱୟ ହରାଇଥିଲେ ଏବଂ ସୁଦୀର୍ଘ ୨୦ବର୍ଷ କାଳ ନାନା ନିର୍ଯ୍ୟାତନା ଭୋଗ କରିଥିଲେ । ହାୟ ହାୟ ! ୧୮୮୪ ମସିହାରେ ସମ୍ବଲପୁର ଜନତାର ଜାତୀୟ ସମରର ପ୍ରଧାନ ସେନାପତି ଚୌହାଣବୀର ସୁରେନ୍ଦ୍ର ସାଏଙ୍କ ଦେବଦୁର୍ଲ୍ଲଭ ଜୀବନ-ପ୍ରଦୀପ "ଅସୁରଗଡ଼" ଜେଲର ଅନ୍ଧକାରାଚ୍ଛନ୍ନ କକ୍ଷରେ ଚିରକାଳ ସକାଶେ ନିର୍ବାପିତ ହୋଇଗଲା ।

ପିତାଙ୍କ ମୃତ୍ୟୁପରେ ମିହିରଭାନୁ ସାଏଙ୍କୁ ତାଙ୍କ ଶ୍ୱଶୁର ବଣାଇ ରାଜାଙ୍କ ଜାମିନ୍‌ରେ ମୁକ୍ତି ଦିଆଯାଇଥିଲା । ସେ ବଣାଇ ରାଜ-ବାଟୀରେ ୨୩ ବର୍ଷ ଅବସ୍ଥାନ କରି ତାଙ୍କ ରାଣୀ କୃଷ୍ଣପ୍ରିୟା ଦେବୀଙ୍କ ପ୍ରାର୍ଥନାରେ ୧୯୦୭ ମସିହାରେ ସ୍ୱୀୟ ଜନ୍ମଭୂମି ଖିଣ୍ଡା ଗ୍ରାମକୁ ଫେରି ଆସିଥିଲେ । ସେ ଦିନେ ସମ୍ବଲପୁର ସହରରେ ବିଶ୍ରାମ-କରିଥିଲେ । ସମ୍ବଲପୁରର ଅସଂଖ୍ୟ ଜନତା ସେହି ମୁକ୍ତି-ସଂଗ୍ରାମର ସେନାପତିଙ୍କୁ ଦେଖିବାପାଇଁ ଆତୁର ହୋଇଥିଲେ ।

ରମ୍ଭେଲା ସ୍କୁଲର ବିନାପୁଳ ପର୍ବୋତ୍ସବରେ ୧୯୦୭ ମସି-ହାରେ ଏହି କ୍ଷୁଦ୍ର ପୁସ୍ତକର ଲେଖକ ମିହିରଭାନୁ ସାଏଙ୍କୁ ମୃଦଙ୍ଗ-ସ୍କନ୍ଧରେ ଦର୍ଶନ କରିବାର ସୁଯୋଗ ପାଇ ନିଜ ଜୀବନକୁ କୃତାର୍ଥ କରି ପାରିଥିଲା । ସେହି ବର୍ଷ ରମ୍ଭେଲାର "ଗଣେଶ ଯାତ୍ରା"ରେ ପୁରୀ ରଥପର୍ବ ପରି ଭିଡ଼ ହୋଇଥିଲା । ସେହି ୭୮ ବର୍ଷ ବୟସ୍କ ମୃଦଙ୍ଗବାଦକ ବୃଦ୍ଧଙ୍କର ଯୁବକଦୁର୍ଲ୍ଲଭ ଛ'ଫୁଟ ଉଚ୍ଚତା ବିଶିଷ୍ଟ ସଲଖ ସୁନ୍ଦର ଶରୀର, ଶାଳଦଣ୍ଡ ସଦୃଶ ସୁଦୃଢ଼ ବାହୁ ଯୁଗଳ ଓ ଯୁବାସିଂହର ଚକ୍ଷୁସଙ୍କାଶ ସତେଜ ସୁଦୀର୍ଘ ନେତ୍ରଦ୍ୱୟ ଦେଖି ଜନସାଧାରଣ ଚୌହାଣବୀର ସୁରେନ୍ଦ୍ରସାଏଙ୍କ ଜୀବନ୍ତ ପ୍ରତିମୂର୍ତ୍ତିର କଳନା କରି-

ପାରିଥିଲେ । ଲେଖକ ସୁରେନ୍ଦ୍ର ସାଏଙ୍କ ଆତ୍ମାର ପ୍ରତିନିଧିଙ୍କ ସହିତ ବାର୍ତ୍ତାଲାପ କରି ସମ୍ବଲପୁରର ପ୍ରଥମ ଜାତୀୟ ସଂଗ୍ରାମର ଅନେକ ତଥ୍ୟ ସଂଗ୍ରହ କରିବାକୁ ସୁଯୋଗ ପାଇଥିଲା ।

ସୁରେନ୍ଦ୍ର ସାଏଙ୍କ ଅନ୍ୟ ଭାଇ ଧ୍ରୁବ ସାଏଙ୍କୁ ତାଙ୍କର ଶ୍ୱଶୁର ଗାଙ୍ଗପୁର ରାଜା ନିଜର ଜମିନରେ ଆଣି ଖଣ୍ଡେ ଗ୍ରାମ ଦେଇ ରଖିଥିଲେ । କିଛିଦିନ ପରେ ସେ ଉକ୍ତ ଗ୍ରାମରେ ପରଲୋକ ଯାତ୍ରା କରିଥିଲେ ।

ମିତ୍ରଭାନୁ ସାଏ ଅପତ୍ୟ ପାଇଁ ତିନିଗୋଟି ଦାରା ପରିଗ୍ରହ କରିଥିଲେ ; କିନ୍ତୁ ଜେଲଖାନାମାନଙ୍କରେ ବାରମ୍ବାର ଇଞ୍ଜେକ୍‌ସନ୍ ଦେଇ ତାଙ୍କର ସନ୍ତାନୋତ୍ପାଦିକା ଶକ୍ତି ନଷ୍ଟ କରି ଦିଆଯାଇଥିଲା । ସେ ବର୍ମାରୁ ଆସିଲାବେଳେ ସୁଦ୍ଧା ତାଙ୍କୁ ୬୮ ବର୍ଷ ବୟସରେ ଇଞ୍ଜେକ୍‌ସନ୍ ଦେଇ ଛାଡ଼ି ଦିଆ ଯାଇଥିଲା । ଏଥିରୁ ସ୍ପଷ୍ଟ ପ୍ରତିପନ୍ନ ହେଉଛି ଯେ, ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କ ଭାବୀ-ବଂଶଧର-ମାନଙ୍କୁ ସୁଦ୍ଧା ଭୟ କରିଥିଲେ । ସରକାରଙ୍କ ଯତ୍ନରେ ତାହା ମଧ୍ୟ ଘଟିଥିଲା । ମିତ୍ରଭାନୁସାଏ ନିଜ ବୀର୍ଯ୍ୟଜାତ ପୁତ୍ରର ମୁଖାବଲୋକନ-ସୌଭାଗ୍ୟରୁ ବଞ୍ଚିତ ହୋଇ ରାଜପୁର ଜମିଦାର ବଂଶରୁ ଏକ ବାଳକକୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରି ଚୌହାଣବୀର ସୁରେନ୍ଦ୍ର ସାଏଙ୍କ ବଂଶରକ୍ଷା କରିଥିଲେ । ବର୍ତ୍ତମାନ ସେହି ପୋଷ୍ୟପୁତ୍ରଙ୍କ ବଂଶଧର-ମାନେ ଖିଣ୍ଡା ଜାଗିର ଭୋଗ କରୁଅଛନ୍ତି । ଖିଣ୍ଡା ଚୌହାଣ ରାଜ-ବଂଶର ବଂଶାବଳୀ ଦ୍ରଷ୍ଟବ୍ୟ ।

# ସୁରେନ୍ଦ୍ରସାଏଙ୍କ ବ୍ୟକ୍ତିତ୍ୱ

ଚୌହାଣ ରାଜପରିବାରରେ ସୁରେନ୍ଦ୍ର ସାଏ ଜନ୍ମ ପରିଗ୍ରହ କରିଥିଲେ । ତାଙ୍କର ଶାରୀରିକ ଗଠନ ସୁଦ୍ଧା "ଚୌହାଣଚତୁର୍ଭୁଜ" ପ୍ରବଚନର ସମର୍ଥକ ହୋଇଥିଲା । ଜନଶ୍ରୁତିରୁ ଜଣାଯାଏ ଯେ, ସେ "ପଥରଲସା" (ପାଷାଣଜାତ ଦ୍ରବ୍ୟବିଶେଷ) ଖାଇଥିଲେ । ସୁତରାଂ ତାଙ୍କର ଅଙ୍ଗପ୍ରତ୍ୟଙ୍ଗ ଲୌହପରି କଠିନ ଓ ଭାରି ହୋଇଥିଲା । ସେ ଡଙ୍ଗାରେ ବସିଲେ, ଡଙ୍ଗାଟା ବୋଝ ହେତୁ ବୁଡ଼ି ଯାଉଥିଲା । ସେ ତାଙ୍କ ଜାନୁରେ କ'ଣ ଔଷଧୀୟ ଦ୍ରବ୍ୟ ପୂରେଇ ରଖିଥିଲେ । ମହାଭାରତରେ କର୍ଣ୍ଣଙ୍କର ଏକଘ୍ନୀ ଅମୋଘ ଶର ଜାନୁରେ ରଖିଥିବା ଉପାଖ୍ୟାନ ରହିଅଛି । ଦକ୍ଷିଣ ବାହୁରେ ସେ "ଅକାଠ ତାବିଜ୍" (୧) ବାନ୍ଧି ରଖିଥିବା ଦୃଶ୍ୟ ତାଙ୍କର ଫଟୋରେ ଦେଖିବାକୁ ମିଳେ, ଅକାଠ ଧରିଥିଲେ ଅସ୍ତ୍ର ଶସ୍ତ୍ର କାଟି ନ ପାରେ ବୋଲି ସେ କାଳର ଲୋକଙ୍କର ବିଶ୍ୱାସ ଥିଲା । ବ୍ରାହ୍ମଣବୀର ବାଲ୍‌କିଦାଶ ସୁଦ୍ଧା ବାହୁରେ ଅକାଠ ଧାରଣ କରିଥିଲେ । ମୃତ୍ୟୁ ସମୟରେ "ଅକାଠ ତାବିଜ୍" ବାଦ୍ୟମାନ ଘୋଡ଼ାଶାଳ ଉପରେ ଫିଙ୍ଗି ଦେଇଥିଲେ । (୨) ସୁରେନ୍ଦ୍ର ସାଏ ଭୋଗ-ବିଳାସ-ପୂର୍ଣ୍ଣ ରାଜଭବନରେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ଅକାତରରେ ଦୁଃଖ-ଦୈନ୍ୟ ସହ୍ୟ କରିପାରୁଥିଲେ । ତାଙ୍କ

---

(୧) ଚେରମୂଳ ଔଷଧବିଶେଷ । ପୂର୍ବକାଳରେ ଯୋଗୀ ସନ୍ନ୍ୟାସୀମାନେ ତାହା ହିମାଳୟ ପର୍ବତରୁ ଆଣୁଥିଲେ । ବାଲ୍‌କି ଦାଶ ଜଣେ ଯୋଗୀଠାରୁ ଅକାଠ ପାଇଥିଲେ ।

(୨) ବାଲ୍‌କି ଦାଶଙ୍କ ପୌତ୍ର ୰ ଦାମୋଦର ଦାଶଙ୍କଠାରୁ ଏହି ସମ୍ବାଦପ୍ରାପ୍ତ । ବାଲ୍‌କି ଦାଶଙ୍କ ମୃତ୍ୟୁ ସମୟରେ ଦାମୋଦର ଦାଶଙ୍କ ବୟସ ୨୦ ବର୍ଷ ହୋଇଥିଲା ।

ସୁଲଭାଭଯାନ ସମୟରେ ପର୍ବତଶୃଙ୍ଗ, ଗିରି ଗୁହା, ହିଂସ୍ରଜନ୍ତୁ-ପରିପୂର୍ଣ୍ଣ ଅରଣ୍ୟାନୀ ରାଜଭବନ ତୁଲ୍ୟ ହୋଇଥିଲା । ବୃକ୍ଷ ଉପରେ ଉନ୍ନିଦ୍ର ଓ ଅନାହାରରେ ସମଗ୍ର ରାତି ଯାପନ କରିବା ଘଟନା ତାଙ୍କ ଜୀବନରେ ଅନେକ ଦିନ ଘଟିଥିଲା । ସେ କେବଳ ବାଂଶଗଜା ଖାଇ ଓ ଝରଣା ପାଣି ପିଇ ମାସ ମାସ ପର୍ବତ ଶୃଙ୍ଗରେ ରହିଥିଲେ ।

ସୁରେନ୍ଦ୍ର ସାଏଙ୍କ ଜୀବନଚରିତ ରାଣା ପ୍ରତାପ ଓ ଶିବାଜୀଙ୍କର ଜୀବନଚରିତ ସହିତ ତୁଳନା କରାଯାଇପାରେ । ରାଣା ପ୍ରତାପ ପରି ସେ ଦାସତ୍ୱ-ସ୍ୱର୍ଣ୍ଣ-ରତ୍ନ-ହାର ଧାରଣ କରିବା ଅପେକ୍ଷା ସ୍ୱାଧୀନତା ସକାଶେ ଯୁଦ୍ଧ କରି ଲୌହ-ଶୃଙ୍ଖଳ ପିନ୍ଧିବାକୁ ଶ୍ରେୟସ୍କର ମଣିଥିଲେ । ସେଥିପାଇଁ ସେ କାୟକ୍ଳେଶ ପ୍ରତି ଭ୍ରୂକ୍ଷେପ ନ କରି ପ୍ରବଳ ପ୍ରତାପୀ ବ୍ରିଟିଶ୍ ସରକାରଙ୍କ ହାତରୁ ଦେଶର ସ୍ୱାଧୀନତା କାଢ଼ି ଆଣିବା ପାଇଁ ଜୀବନ ଦାନ କରିଥିଲେ । ସୁରେନ୍ଦ୍ର ସାଏଙ୍କ ଯୁଦ୍ଧ ପ୍ରଣାଳୀ ଶିବାଜୀଙ୍କ ଆବିଷ୍କୃତ ଯୁଦ୍ଧ ପ୍ରଣାଳୀର ଦ୍ୱିତୀୟ ସଂସ୍କରଣ ବୋଲି କହିଲେ, କୌଣସି ଅଯୌକ୍ତିକ ହେବ ନାହିଁ । "ଦିଲ୍ଲୀଶ୍ୱରୋ ବା ଜଗଦୀଶ୍ୱରୋ ବା" ଉପାଧିତ ହିନ୍ଦୁଧର୍ମବିଦ୍ୱେଷୀ ମୋଗଲ ସମ୍ରାଟ୍ ଆଓରଙ୍ଗଜେବଙ୍କ କାରାଗାରରୁ ଶିବାଜୀ ଯେପରି କୌଶଳରେ ଖସି ଆସିଥିଲେ, ସୁରେନ୍ଦ୍ର ସାଏ ମଧ୍ୟ ବିଶ୍ୱାସଘାତକ ଲେ ସାହେବଙ୍କ ଜେଲଖାନାରୁ ପଳାଇ ଯାଇ ତାଙ୍କୁ ଉଚିତ ଶିକ୍ଷା ଦେଇଥିଲେ ।

ସୁରେନ୍ଦ୍ର ସାଏ ବେଶି ପାଠଶାଠ ପଢ଼ି ନ ଥିଲେ ସୁଦ୍ଧା ଭଗବତ୍ ଗୀତୋକ୍ତ "ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ" ଧର୍ମନୀତି ବାକ୍ୟ ଭଲରୂପେ ବୁଝି ପାରିଥିଲେ । ଏଣୁ ସେ ପରଧର୍ମୀ ବିଦେଶୀ ଇଂରେଜ ଜାତିକୁ ଭାରତରୁ ତଡ଼ିବା ସକାଶେ ବାଲ୍ୟ ଜୀବନରୁ ହିଁ ପ୍ରଭାବିତ ହୋଇଥିଲେ । ସେ ଶାକ୍ତ ଥିଲେ । ସମ୍ବଲପୁର

ଚୌହାଣ ରାଜବଂଶର ଇଷ୍ଟଦେବୀ ସୋମଲାଈଙ୍କ ପ୍ରତି ସେ ଏକାନ୍ତ ଆସ୍ଥାବାନ୍ ଥିଲେ । ତାଙ୍କର ସେହି ଧର୍ମଭାବ ସମ୍ବନ୍ଧରେ ତାତ୍କାଳୀନ ଭାଟ କବିଙ୍କ ବର୍ଣ୍ଣିତ ସୋମଲାଈ ସ୍ତୁତିରେ ଏକ ସୂଚନା ରହିଅଛି । ଉକ୍ତ ସ୍ତୁତିର ଶେଷ ପଦଟି ନିମ୍ନରେ ଉଦ୍ଧୃତ ହୋଇଅଛି । ଏଥିମଧ୍ୟରୁ ମଧ୍ୟ ଜଣାଯିବ ଯେ, ସେକାଳର ଜନସାଧାରଣ-ସୁରେନ୍ଦ୍ର ସାଏଙ୍କ କୁଶଳ ପାଇଁ ଇଷ୍ଟଦେବୀଙ୍କଠାରେ କପରି ପ୍ରାର୍ଥନା କରଥିଲେ ।

"ସମ୍ବଲପୁର ସହରକେ ମାଝେ । ଚୌହାନ୍ ବଂଶକୋ କରେଗ୍ଭୁମ୍ ତାଜେ । ତେରେ ବିନା ଚୌହାନ୍ ଆନ ନେହିଁ ଭଜେ । ଜୟସିହ ମହାରାଜ ସିହ ପ୍ରୀତି ସିହ (୧) ସୁନ୍ଦର ସିହ ଇନ୍ଦର ଶିଖର ଯୁଗ ଜିଏଁ । ପାଞ୍ଚଜନ ଆନନ୍ଦମେଁ । ଭଣେ ଯଦୁମାଲ ଜେ' ଜେ' ଚଣ୍ଡୀକେ ବନ୍ଦନା ।"

ଉପର୍ଯ୍ୟୁକ୍ତ ସ୍ତୁତି-ବନ୍ଦନା ସୋମଲାଈ ଦେବୀଙ୍କ ପୂଜାରିମାନେ ଅଦ୍ୟାବଧି ପୂଜା ସମୟରେ ପାଠକରି ଆସୁଅଛନ୍ତି ।

ସୁରେନ୍ଦ୍ର ସାଏଙ୍କ ଭାଇମାନେ ତାଙ୍କର ଏକାନ୍ତ ଅନୁରକ୍ତ ଥିଲେ । ଅଗ୍ରଜଙ୍କ ପ୍ରାଣ ପରିବର୍ତ୍ତେ ଉଦନ୍ତ ସାଏ ଓ ଧ୍ରୁବ ସାଏ ଇଂରେଜ-ସରକାରଙ୍କଠାରେ ଆତ୍ମସମର୍ପଣ କରିଥିଲେ । ତାଙ୍କର ଏକମାତ୍ର ପୁତ୍ର ମିତ୍ରଭାନୁ ସାଏ ପିତୃ ପଦାଙ୍କାନୁସରଣ କରିବାକୁ ଅଣୁମାତ୍ର କୁଣ୍ଠିତ ହୋଇ ନ ଥିଲେ । ତାଙ୍କ ଗ୍ରାମବାସୀ ଜନସାଧାରଣ ତାଙ୍କ ଧର୍ମରେ ଦୀକ୍ଷିତ ହୋଇଥିଲେ ।

---

(୧) ଲୋକମୁଖରେ ସୁରେନ୍ଦ୍ରସାଏ ସୁନ୍ଦର ସିହ ନାମରେ କଥିତ । ତଦ୍‌ବତ୍ ଜୟସିଂହ ( ଜୟନ୍ତ ସିଂହ ), ମହାରାଜ ସିହ (ମହାରାଜ ସାଏ), ପ୍ରୀତି ସିହ (ପୃଥ୍ୱୀରାଜ) ପ୍ରଭୃତି ।

ସୁରେନ୍ଦ୍ର ସାଏଙ୍କ ଯେପରି ଶାରୀରିକ ବଳ ଥିଲା, ସେପରି ଆଧ୍ୟାତ୍ମିକ ଶକ୍ତି ମଧ୍ୟ ଥିଲା । ସେ ବନପର୍ବତରେ ଅକ୍ଳେଶରେ ବୁଲି ପାରୁଥିଲେ । ଗୋଟାଏ ରାତିରେ ସେ ଘୋଡ଼ାରେ ଶହ ଶହ ମାଇଲ ଅତିକ୍ରମ କରୁଥିଲେ । ସେ ଏକାନ୍ତ ଆତ୍ମନିର୍ଭରଶୀଳ ଥିଲେ । ତେଣୁ ଆତ୍ମରକ୍ଷା ପାଇଁ ରକ୍ଷକ ବା ଅନୁଚର ନ ନେଇ ପଦବ୍ରଜରେ ଯାତ୍ରା କରୁଥିଲେ । ସୁରେନ୍ଦ୍ର ସାଏ ଯେପରି କୂଟରାଜନୀତିଜ୍ଞ, ସେପରି ରଣ-କୌଶଳୀ ଥିଲେ । ତାଙ୍କପରି ତ୍ୟାଗୀ ବ୍ୟକ୍ତି ଭାରତ ଇତିହାସରେ କ୍ୱଚିତ୍ ଦେଖାଯାନ୍ତି । ସେ ଜଣେ ଐଶୀଶକ୍ତିସମ୍ପନ୍ନ ବ୍ୟକ୍ତି ଥିଲେ । ସେହି ଦେବଶକ୍ତି ବଳରେ ଇଂରେଜ ସରକାରଙ୍କର ଆସନ ଟଳ ଟଳ କରି ଦେଇଥିଲେ । ଯଦି ସରକାର ତାଙ୍କୁ କପଟ କୌଶଳରେ ଧରି ନ ଥାନ୍ତେ, ତେବେ ସେ ଆମରଣ ସ୍ୱାଧୀନତା-ସମର ଚଳାଇ ଥାନ୍ତେ ।

ସୁରେନ୍ଦ୍ର ସାଏଙ୍କ ବ୍ୟକ୍ତିତ୍ୱ ଅତୁଳନୀୟ ଥିଲା । ତାଙ୍କର ମୁଖଶ୍ରୀ ଯେପରି ପ୍ରଭାପୂର୍ଣ୍ଣ ଥିଲା, ବାକ୍ୟ ସୁଦ୍ଧା ସେପରି ପ୍ରଭାବପୂର୍ଣ୍ଣ ଥିଲା । ତାଙ୍କର ବାଗ୍ମିତାରେ ଶତ୍ରୁ ମଧ୍ୟ ଆନୁଗତ୍ୟ ସ୍ୱୀକାର କରୁ-ଥିଲେ । ଇଂରେଜ ଭୟଭୀତ ଜମିଦାର, ଗୌନ୍ତିଆ ଓ ପ୍ରଜାମାନେ ତାଙ୍କ ବାକ୍ୟରେ ଆଶ୍ୱସ୍ତ ହୋଇ ବିପ୍ଳବୀଦଳଭୁକ୍ତ ହୋଇଥିଲେ । ଇଂରେଜ ସରକାରଙ୍କ ସେନା ମଧ୍ୟ ତାଙ୍କ ଦଳରେ ମିଶି ଯାଇଥିଲେ ।

ସୁରେନ୍ଦ୍ର ସାଏ କ୍ଷୁଦ୍ରସେନା ଘେନି ପ୍ରବଳ ବ୍ରିଟିଶ ସେନା ସହିତ ଗରିଲା ଯୁଦ୍ଧ ପ୍ରଣାଳୀରେ ସଂଗ୍ରାମ ଚଳାଇ କୃତକାର୍ଯ୍ୟ ହୋଇଥିଲେ । ତାଙ୍କର ଆକ୍ରମଣ ଧର୍ମମୂଳକ ଥିଲା । ସେ ବିଶ୍ୱାସ-ଘାତୀ ବ୍ରିଟିଶ ଅନୁଗତ ଜମିଦାର ଓ ଗୌନ୍ତିଆମାନଙ୍କୁ ପ୍ରଥମରେ ସାବଧାନ କରି ପରେ ସେମାନଙ୍କୁ ଆକ୍ରମଣ କରିଥିଲେ । ତାଙ୍କର ବିପ୍ଳବର ମୁଖ୍ୟକାରଣ ରାଜସିଂହାସନ ଲାଭ ନ ଥିଲା । ସେ ଆବାଲ୍ୟ

ବିଦେଶୀ ରାଜତ୍ୱର ବିରୋଧୀ ଥିଲେ । ଇଂରେଜ ବଣିକମାନଙ୍କର ରାଜ୍ୟ ପ୍ରତିଷ୍ଠାର ଅଭିସନ୍ଧି ଦେଖି ସେ ତାଙ୍କପ୍ରତି ସଂଗ୍ରାମ ଆରମ୍ଭ କରିଥିଲେ । ସୁରେନ୍ଦ୍ର ସାଏ ମରହଟ୍ଟା-ଇଂରେଜ ସନ୍ଧିର ମର୍ମ ବୁଝି ପାରିଥିଲେ । ତାଙ୍କର ପିତୃପିତାମହମାନଙ୍କ ଦ୍ୱାରା ପ୍ରତିଷ୍ଠିତ "ହୀରା-ଖଣ୍ଡ ସାମ୍ରାଜ୍ୟ"ର ଲୋପ ହେଲା ଦିନରୁ ସେ ସମ୍ବଲପୁରରେ ସ୍ୱଦେଶୀ ରାଜଶାସନ ପୁନଃପ୍ରତିଷ୍ଠାକଲ୍ପେ ବଦ୍ଧପରିକର ହୋଇଥିଲେ । ଇଂରେଜ ସରକାରଙ୍କ କ୍ରୀଡ଼ନକ ରାଜା ମହାରାଜ ସାଏଙ୍କ ମୃତ୍ୟୁପରେ ଇଂରେଜ ସରକାର ଯେ ଫାନ୍ଦ ଖେଳିଥିଲେ, ଅର୍ଥାତ୍ ଏହି ହୀରକ ରାଜ୍ୟକୁ କବଳକରିବା ଉଦ୍ଦେଶ୍ୟରେ ବିଧବା ରାଣୀଙ୍କୁ ସିଂହାସନରେ ବସାଇ ଦେଇଥିଲେ, ସୁରେନ୍ଦ୍ର ସାଏ ନିର୍ଭୟରେ ସେଥିର ପ୍ରତିବାଦ କରିଥିଲେ । ସୁରେନ୍ଦ୍ର ସାଏ ଚୌହାଣ ରାଜସିଂହାସନର ପ୍ରଧାନତମ ଉତ୍ତରାଧିକାରୀ ଥିଲେ ସୁଦ୍ଧା ସ୍ୱାର୍ଥପର ଇଂରେଜ ସରକାର ତାଙ୍କ ନ୍ୟାଯ୍ୟ ଦାବି ଜାଣି ବୁଝି ଉପେକ୍ଷା କରିଥିଲେ । ତାଙ୍କୁ କ୍ଷମତାହୀନ ରାଜସିଂହାସନ ମିଳିଥିଲେ ସୁଦ୍ଧା ସେ ତାହା ଉପେକ୍ଷା କରିଥାନ୍ତେ ; ଏହା ମଧ୍ୟ ଇଂରେଜ ସରକାରଙ୍କର ଅବିଦିତ ନ ଥିଲା । ସୁତରାଂ ସୁରେନ୍ଦ୍ର ସାଏ ପ୍ରକାଶ୍ୟ ଭାବରେ ବିଦେଶୀଶାସନର ମୂଳୋତ୍ପାଟନ କରିବା ଉଦ୍ଦେଶ୍ୟରେ ବିପ୍ଳବର ସୂତ୍ରପାତ କରିଥିଲେ ।

ସୁରେନ୍ଦ୍ର ସାଏଙ୍କ ଯୁଦ୍ଧାଭିଯାନ ଲୁଟ୍‌ପାଟ୍ ନୀତିମୂଳକ ଥିଲା । ଧନମାନଙ୍କଠାରୁ ଧନ ଆଣି ଦୀନମାନଙ୍କୁ ବାଣ୍ଟିଦେବା ରୁଷୀୟ ନୀତି ସେ ସମ୍ବଲପୁରରେ ପ୍ରଥମ ଦେଖାଇ ଦେଇଥିଲେ । ଆଦିବାସୀ ଜନସାଧାରଣ ସୁରେନ୍ଦ୍ର ସାଏଙ୍କୁ ଇଷ୍ଟଦେବତା ବୋଲି ବିଶ୍ୱାସ କରିଥିଲେ । ସେ ଲୁଣ୍ଠିତ ଧନରେ ବିପ୍ଳବୀ ସେନାର ବେତନ ଚଳାଇ ଉଦ୍‌ବୃତ୍ତ ଧନ ଦୁଃଖୀ ଦରିଦ୍ରମାନଙ୍କୁ ବାଣ୍ଟି ଦେଉଥିଲେ । ତାଙ୍କର ଭବିଷ୍ୟତ୍ ପାଇଁ ସେ କପର୍ଦ୍ଦକ ସୁଦ୍ଧା ସଞ୍ଚୟ କରି ରଖି ନ ଥିଲେ ।

ସେ ଯେଉଁ ସମୟରେ ବିପ୍ଳବୀସେନାଙ୍କୁ ବିଦାୟ ଦେଇଥିଲେ, ସେତେବେଳେ ସରକାରଙ୍କୁ ଅର୍ଥ ସାହାଯ୍ୟ ମାଗିଥିଲେ । ଏଥିରୁ ତାଙ୍କର ଆର୍ଥିକ ପରିସ୍ଥିତି ସହଜରେ ଅନୁମେୟ । ବିପ୍ଳବୀ ସେନାମାନଙ୍କ ମଧ୍ୟରେ କେହି କେହି ତାଙ୍କର ଶକ୍ତ ନିଷେଧ ସତ୍ତ୍ୱେ ଲୁଟ୍‌ପାଟ୍ କରୁଥିବା ଜାଣି ପାରିଲେ, ସେମାନଙ୍କୁ ସ୍ୱହସ୍ତରେ ଶକ୍ତ ଦଣ୍ଡ ଦେବାକୁ ଗୁଞ୍ଜୁ ନ ଥିଲେ । ଏଥିରୁ ସହଜରେ ଜଣାଯାଏ ଯେ, ସେ ଅନାଚାର ବା ଅତ୍ୟାଚାରକୁ ପ୍ରଶ୍ରୟ ଦେଇ ନ ଥିଲେ ।

ତାଙ୍କର ଆତ୍ମସମର୍ପଣ ସମସ୍ୟାରେ ସେ ଅବଶ୍ୟ ଛଳନା କରିଥିଲେ । କାରଣ ତାଙ୍କୁ ଧରିବା ବ୍ୟାପାରରେ ଇଂରେଜ ସରକାର ଏ ଜିଲାରେ ଦମନ ନୀତିର ଶେଷ ଅଭିନୟ ଦେଖାଇ ଥିଲେ । ମହାରାଣୀ ଭିକ୍ଟୋରିଆଙ୍କ ଶାନ୍ତି ଘୋଷଣାରୁ କେବଳ ସମ୍ବଲପୁର ଜିଲା ବଞ୍ଚିତ ହୋଇଥିଲା । ଗଭର୍ଣ୍ଣର ଜେନେରାଲ ଲର୍ଡ଼ କ୍ୟାନିଂ ସମ୍ବଲପୁର ରାଜ୍ୟର ଦାବୀ ପୂର୍ଣ୍ଣ ନ କରି ଇଂରେଜ ସରକାରଙ୍କ ସମସ୍ତ ରାଜଶକ୍ତି ସମ୍ବଲପୁର—ବିପ୍ଳବ ଦମନ ସକାଶେ ନିୟୋଗ କରିଥିଲେ ।

ଏହା ଐତିହାସିକମାନଙ୍କ ଦ୍ୱାରା ପ୍ରମାଣିତ ହୋଇଅଛି ଯେ, ଭାରତୀୟ ଜାତୀୟ ଜାଗରଣ ସର୍ବପ୍ରଥମରେ ସମ୍ବଲପୁରରୁ ଏବଂ ସୁରେନ୍ଦ୍ର ସାଏଙ୍କ ମସ୍ତିଷ୍କରୁ ଉଠିଥିଲା । ସିପାହୀବିଦ୍ରୋହାଗ୍ନି ନିର୍ବାପିତ ହେଲାପରେ ସୁଦ୍ଧା ୫ ବର୍ଷ ପର୍ଯ୍ୟନ୍ତ ସେହି ଅଗ୍ନି ସମ୍ବଲପୁରର ବନପର୍ବତରେ ଜଳି ଇଂରେଜ ସରକାରଙ୍କୁ ବିଚଳିତ କରି ଦେଇଥିଲା । ସମ୍ବଲପୁର ରାଜ୍ୟର ବିଶେଷତ୍ୱ ଏହିଠାରେ ଦେଖିବାକୁ ମିଳେ ।

ସୁରେନ୍ଦ୍ର ସାଏଙ୍କ ବିନଶ୍ୱର ସ୍ଥୂଳ ଶରୀର ୧୮୮୪ ଖ୍ରୀଷ୍ଟାବ୍ଦରେ ନାଗପୁର ଆସିରଗଡ଼ସ୍ଥ ଶ୍ମଶାନରେ ପଞ୍ଚଭୂତରେ ମିଳି ଯାଇଥିଲା ;

କିନ୍ତୁ ତାଙ୍କର ଅବିନଶ୍ୱର ସୂକ୍ଷ୍ମଶରୀର (ଆତ୍ମା) ସମ୍ବଲପୁରର ପଞ୍ଚଭୂତରେ ସଞ୍ଚିତ ରହିଅଛି । ୧୯୨୧ ମସିହାରେ ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ବର୍ଜନ ତାଲିକାଭୁକ୍ତ ଛାତ୍ରମାନଙ୍କର ସ୍କୁଲବର୍ଜନନୀତି ସମଗ୍ର ଭାରତବର୍ଷ ମଧ୍ୟରେ ସର୍ବାଗ୍ରେ ସମ୍ବଲପୁର ଜିଲ୍ଲାସ୍କୁଲ ପାଳନ କରିଥିଲା । କଲିକତାର ସୁପ୍ରତିଷ୍ଠିତ ଦୈନିକ ପତ୍ରିକାସମୂହ ସମ୍ବଲପୁର ଛାତ୍ରସମାଜର ସେହି କାର୍ଯ୍ୟର ଭୂୟସୀ ପ୍ରଶଂସାବାଦ କରିଥିଲେ । ଉତ୍କଳମଣି ସ୍ୱର୍ଗୀୟ ଗୋପବନ୍ଧୁ ଦାଶ ତାଙ୍କର ସହକର୍ମୀ ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାଶଙ୍କ ସହିତ ପ୍ରାକୃତିକ ଉତ୍କଳର ଅନ୍ୟତ୍ର ଉପଯୁକ୍ତ କ୍ଷେତ୍ର ନ ଦେଖି ସମ୍ବଲପୁରସ୍ଥ "ବୁଢ଼ାରଜା" ପାହାଡ଼ ଉପରେ ମହାତ୍ମାଗାନ୍ଧୀଙ୍କ ପ୍ରେରିତ ସ୍କୁଲବର୍ଜନ ବୀଜ ବପନ କରିଥିଲେ । ଏହି କ୍ଷୁଦ୍ର ପୁସ୍ତକର ଲେଖକର ମଧ୍ୟମପୁତ୍ର ୮ ଶ୍ରୀବତ୍ସ ୧୪୯ ଜଣ ଛାତ୍ର ସହିତ ବୁଢ଼ାରଜା ପାହାଡ଼ରେ ସଭା କରିଥିଲା । ସେ ଆଉ ସ୍କୁଲକୁ ଫେରି ନ ଥିଲା ।

ଦେଶମିଶ୍ରଣ ଆନ୍ଦୋଳନ ସମୟରେ ସମ୍ବଲପୁରରୁ ସେଥିର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଥିଲା । (୧୯୦୨)

ହୀରାକୁଦ ବନ୍ଧ ଆନ୍ଦୋଳନରେ ସମ୍ବଲପୁର-ନାରୀଶକ୍ତିର ନିଦର୍ଶନ ପରିଦୃଷ୍ଟ ହୋଇଥିଲା । ଏସବୁ ଘଟଣାରୁ ଜଣାଯାଏ ଯେ, ଚୌହାଣବୀର ସୁରେନ୍ଦ୍ର ସାଏଙ୍କ ସୂକ୍ଷ୍ମଶରୀର ସମ୍ବଲପୁର ମାଟି, ପାଣି, ପବନ, ତେଜ ଓ ଆକାଶରେ ପ୍ରଚ୍ଛନ୍ନ ଭାବରେ ରହିଅଛି ଏବଂ ବେଳକାଳ ଉଣ୍ଡି ମୂର୍ତ୍ତିମାନ ରୂପରେ ପ୍ରକାଶିତ ହେଉଅଛି ।

ଚୌହାଣବୀର ସୁରେନ୍ଦ୍ର ସାଏ ମୃତ୍ୟୁ ପୂର୍ବରୁ ନେପୋଲିୟନଙ୍କ ପରି ତାଙ୍କର ମୃତ ଶରୀରର ଉଇଲ୍ କରି ଯାଇଥିଲେ । ତାଙ୍କର ଶବସଂସ୍କାର ଆସିର୍‌ଗଡ଼ ଶ୍ମଶାନରେ ନ କରି ସମ୍ବଲପୁର ମହାନଦୀ

ରାଜଜ୍ଞାନରେ କରିବାକୁ ସେ ଆସିରଗଡ଼ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତାଙ୍କର ପ୍ରୟାଣୋନ୍ମୁଖୀ ଆତ୍ମାର ଆକାଂକ୍ଷା ଜଣାଇ ଦେଇଥିଲେ । କ୍ଷୋଭର ବିଷୟ ଯେ, ଇଂରେଜ ସରକାର ସେହି ବୀର ବନ୍ଦୀଙ୍କ ମୃତଶରୀରକୁ ସୁଦ୍ଧା ଭୂତଜ୍ଞାନରେ ଭୟ କରିଥିଲେ । ସେହି ସମୟରେ ଯୋଗତଃ ସୁରେନ୍ଦ୍ର ସାଏଙ୍କ ଏକମାତ୍ର ସୁପୁତ୍ର ମିତ୍ରଭାନୁ ସାଏ ଓ ଭାଇ ଧ୍ରୁବସାଏ ଆସିରଗଡ଼ ଜେଲରେ ରହିଥିଲେ । ସେମାନେ ବିଶେଷ ଚେଷ୍ଟାକରି ଶବସଂସ୍କାର କରିବାକୁ ଅନୁମତି ପାଇଥିଲେ । ଅଳ୍ପଦିନ ପରେ ମିତ୍ରଭାନୁ ସାଏ ଜାମିନ୍‌ରେ ଜେଲରୁ ମୁକ୍ତିପାଇ ବଣାଇ ଆସି ତାଙ୍କ ପିତାଙ୍କ ଶରୀରର କୁଶପିତୁଳା ଧର୍ମଶାସ୍ତ୍ରମତେ ବ୍ରାହ୍ମଣୀନଦୀ-ଘାଟରେ ଦଗ୍ଧ କରି ପିତାଙ୍କର ଅନ୍ତ୍ୟେଷ୍ଟିକୃତ୍ୟ ସମ୍ପାଦନ କରିଥିଲେ । (୧)

## ବୃଥା ଦୋଷାରୋପ

ପୁରାଣମାନଙ୍କରେ ମଧ୍ୟ ବ୍ୟକ୍ତିବିଶେଷ ପ୍ରତି ବୃଥା ଦୋଷାରୋପର ଅନେକ କାହାଣୀ ପଢ଼ିବାକୁ ଶୁଣିବାକୁ ମିଳେ । ରାଜା ରାମଙ୍କର ରାଜତ୍ୱ ସମୟରେ ସତୀଶିରୋମଣି ସୀତାରାଣୀଙ୍କ ପବିତ୍ର ଚରିତ୍ରରେ ଜଣେ ଧୋବାବୁଢ଼ା ବୃଥା ଦୋଷାରୋପ କରିଥିଲା ଏବଂ କେତେକ କାଣ୍ଡଜ୍ଞାନ-ବିହୀନ ପ୍ରଜା ତାର କଥାକୁ ସମର୍ଥନ କରିଥିଲେ । ରାଜା ରାମ ସଚ୍ଚରିତ୍ରା ରାଣୀଙ୍କୁ ଗର୍ଭବତୀ ଅବସ୍ଥାରେ ଅରଣ୍ୟରେ ନିର୍ବାସିତା କରିଥିଲେ । ଭୁବନବିଖ୍ୟାତ ମହାକବି କାଳିଦାସ ରଘୁବଂଶ ମହାକାବ୍ୟରେ ରାମଚନ୍ଦ୍ରଙ୍କ ମୁଖରେ ପ୍ରକାଶ କରିଥିଲେ ଯେ,

(୧) ଲେଖକ ଉକ୍ତ ବିବରଣ ୧୯୦୭ ମସିହାରେ ମିତ୍ରଭାନୁ ସାଏଙ୍କ ମୁହଁରୁ ଶୁଣିବାକୁ ପାଇଥିଲା ।

"ଲୋକେ କି କରି ନ ପାରନ୍ତି, ସେମାନେ ପୃଥିବୀର ଛାୟାକୁ ଚନ୍ଦ୍ରର କଳଙ୍କ ବୋଲି ବୁଝି ନିଷ୍କଳଙ୍କ ଚନ୍ଦ୍ରପ୍ରତି ଦୋଷାରୋପ କରିଥାଆନ୍ତି ।"

ଆମ୍ଭମାନଙ୍କର ଜନନେତା ସୁରେନ୍ଦ୍ର ସାଏଙ୍କ ନ୍ୟାଯ୍ୟଦାବି ଓ ନ୍ୟାଯ୍ୟ ଆନ୍ଦୋଳନ ଉଡ଼ାଇ ଦେବା ଉଦ୍ଦେଶ୍ୟରେ ସ୍ୱାର୍ଥପର ଇଂରେଜ ସରକାର ତାଙ୍କୁ "ଦସ୍ୟୁ" ରୂପେ ପ୍ରମାଣିତ କରିବାକୁ ଯାଇ ତାଙ୍କର ସୁମହତଚରିତ୍ରରେ ବୃଥା ଦୋଷାରୋପ କରିଥିଲେ ; ଅଥଚ ସେ ଯେ ସମ୍ବଲପୁର ଜାତୀୟ ଆନ୍ଦୋଳନର ପ୍ରଥମ ନେତା-ରୂପେ ଜନସାଧାରଣରେ ପ୍ରତିଷ୍ଠିତ ହୋଇଥିଲେ ଏବଂ ପ୍ରଜାମାନେ ତାଙ୍କୁ ସମ୍ବଲପୁର ରାଜ୍ୟରେ ରାଜା କରିବା ପାଇଁ ବ୍ୟାକୁଳ ହୋଇ-ଥିଲେ, ସେଥିର ପ୍ରମାଣ ସରକାରଙ୍କର କାଗଜ-ପତ୍ରରେ ମଧ୍ୟ ରହିଅଛି ; କିନ୍ତୁ ସତ୍ୟ ଘଟଣାଗୁଡ଼ିକ ଗୋପନ କରି ସରକାରଙ୍କର ଲେଖକମାନେ ଯେ ଅସନ୍ମାର୍ଗରେ ପରିଚାଳିତ ହୋଇଥିଲେ, ସେଥିର ବହୁନିଦର୍ଶନ ମଧ୍ୟ ରହିଅଛି । ଜନତାର ଶକ୍ତି ସେହି ବୃଥା କଳଙ୍କିତ ଜନନେତାଙ୍କ ପୃଷ୍ଠଭାଗରେ ରହିଥିଲା । ଯଦି ବା ସେ ମୁକ୍ତି ଆନ୍ଦୋଳନରେ ସଫଳ ହୋଇ ପାରି ନ ଥିଲେ, ପ୍ରଜାବର୍ଗ ତାଙ୍କୁ ରାଜା କରିବା ସକାଶେ ସ୍ଥାନେ ସ୍ଥାନେ ସଭାସମିତି କରି ଇଂରେଜସରକାରଙ୍କୁ ଜଣାଇଥିଲେ । ସରକାର ପ୍ରଜାମାନଙ୍କର ଅଭିଯୋଗ ଅଗ୍ରାହ୍ୟକରି ତତ୍ପରିବର୍ତ୍ତେ କଠୋରତମ ଦମନନୀତି ବଳରେ ସ୍ୱଦେଶୀ-ଆନ୍ଦୋଳନକାରୀମାନଙ୍କ ଉପରେ ବୃଥା ଦୋଷାରୋପ କରି ସ୍ୱୀୟ ଦୁରଭିସନ୍ଧି ସାଧନ କରିଥିଲେ । "ହୀରାଖଣ୍ଡ ସାମ୍ରାଜ୍ୟ" ଭାଙ୍ଗିଦେବା ସଙ୍ଗେ ସମ୍ବଲପୁର ଜନଶକ୍ତିକୁ ଦୁର୍ବଳ କରିଦେଲେ ଏବଂ ସମ୍ବଲପୁରର ଭାବି ଉତ୍‌ଥାନ ପ୍ରତି

କୁଠାରାଘାତ କରିବାର ବ୍ୟବସ୍ଥା କଲେ । ଆଉରଙ୍ଗଜେବ ଓ ଶିବାଜୀଙ୍କ ଇତିହାସରେ ମଧ୍ୟ ଏହି ଦୃଷ୍ଟାନ୍ତ ଅଛି । ଶିବାଜୀଙ୍କୁ "ପାହାଡ଼ିଆ ମୂଷା" ବୋଲି କୁହାଯାଇଥିଲା ।

ସୁରେନ୍ଦ୍ରସାଏ ଚୌହାଣରାଜାମାନଙ୍କ ପରି ସ୍ୱାଧୀନରାଜ୍ୟ ଗଢ଼ିବାକୁ ଚାହିଁଥିଲେ । ସିପାହୀ ବିଦ୍ରୋହର ମୂଳକାରଣ ରାଜ୍ୟର ଉତ୍ତରାଧିକାରିତ୍ୱ ବୋଲି ପ୍ରକାଶିତ ହୋଇଥିଲା । ସମ୍ବଲପୁର-ବିପ୍ଳବର ମୁଖ୍ୟକାରଣ ସେହି ରାଜ୍ୟ-ଉତ୍ତରାଧିକାରିତ୍ୱ ନୁହେଁ । ତାହା ଗୌଣ କାରଣମାନ । ବିଦେଶୀଶାସନର ଉଚ୍ଛେଦସାଧନ ଓ ଦେଶର ସ୍ୱାଧୀନତା ଆନୟନ ଉକ୍ତ ବିପ୍ଳବର ମୁଖ୍ୟ କାରଣ ଥିଲା । ସେଥିପାଇଁ ବିଦେଶୀ ସରକାର ବିଚଳିତ ହୋଇ ସମ୍ବଲ-ପୁରର ଜାତୀୟ ଆନ୍ଦୋଳନ ପ୍ରତି କଳ୍ପିତ ଦୋଷାରୋପ କରିଥିଲେ । ଚୌହାଣବୀର ସୁରେନ୍ଦ୍ରସାଏ "ଡକାୟତ" ଓ ତାଙ୍କ ଆନ୍ଦୋଳନ "ଡକାୟତି" ବୋଲି ଅଭିହିତ ହୋଇଥିଲା ଏବଂ ସେ ଡକାୟତ-ରୂପେ ଧୃତ ହୋଇଥିଲେ । ସେହି ଡକାୟତଙ୍କର ଭାବି-ବଂଶଧର-ମାନଙ୍କୁ ସୁଦ୍ଧା ଇଂରେଜ ସରକାର ଭୟ କରିଥିଲେ ।

---

## ଭାରତ ଜାତୀୟ ସମରର ଶତବାର୍ଷିକ ଉତ୍ସବ

ଖ୍ରୀଷ୍ଟାବ୍ଦ ୧୮୫୭ ସସିହାରେ ଭାରତରେ ସ୍ୱାଧୀନତା ସମର ଆରମ୍ଭ ହୋଇଥିଲା ବୋଲି ଐତିହାସିକମାନେ ସ୍ଥିର କରିଅଛନ୍ତି । ଏଣୁ ସେହି ଘଟଣାର ସ୍ମୃତି ପାଳନ ପାଇଁ ୧୯୫୭ ମସିହାରେ ପ୍ରଥମ ଶତବାର୍ଷିକ ଉତ୍ସବର ଆୟୋଜନ ଲାଗିଛି । ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତର ସ୍ୱାଧୀନତା ଫେରି ଆସିଛି । ୧୯୫୭ ଅଗଷ୍ଟ ୧୫ ତାରିଖକୁ ସ୍ୱାଧୀନତା ଲାଭର ପ୍ରଥମ ଦଶବର୍ଷ ପୂର୍ତ୍ତିହେବ ।

ଏଣୁ ପ୍ରଥମ ଦଶବାର୍ଷିକ ଉତ୍ସବ ତା' ସଙ୍ଗେ ପାଳିତ ହେବାର ବିଶେଷ ଆୟୋଜନ ହେଉଛି । ଓଡ଼ିଶା ପ୍ରଦେଶ ଉକ୍ତ ଆନ୍ଦୋଳନରେ ଯୋଗ ଦେଇଥିଲା । ଖୋର୍ଦ୍ଧାର ଓଡ଼ିଆ ବୀର ବକ୍‌ସୀ ଜଗବନ୍ଧୁ , ବିଦ୍ୟାଧର ଭ୍ରମରବରରାୟ ଓ ଜୟୀରାଜଗୁରୁ (୧) ମାଣିକୀ ଗଡ଼ର ଦଳବେହେରା, କନିକାର ନାରାୟଣ ପରମଗୁରୁ, କୁଜଙ୍ଗର ବାମଦେବ ପଞ୍ଚକୋଷୀ ଏହି ସ୍ୱାଧୀନତା-ସଂଗ୍ରାମର ନେତା ହୋଇଥିଲେ । ସେମାନଙ୍କ ବ୍ୟତୀତ ଚନ୍ଦନ ହଜୁରୀଙ୍କ ନାମ ଭାରତବ୍ୟାପୀ ହୋଇଥିଲା । ସେ ଝାନ୍‌ସୀ ରାଣୀଙ୍କ ପରାମର୍ଶଦାତା ଥିଲେ । ଚନ୍ଦନହଜୁରୀ, ନାନାସାହେବ, ତାନ୍ତିଆଟୋପୀ ଓ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କୁ ଜାତୀୟ ସଂଗ୍ରାମରେ ନେତୃତ୍ୱ ଦେଇଥିଲେ ।

ଏହା ଅଭ୍ରାନ୍ତ ସତ୍ୟ ଯେ, ସିପାହୀ-ବିଦ୍ରୋହର ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୮୨୭ ଖ୍ରୀଷ୍ଟାବ୍ଦରେ ଆମ୍ଭମାନଙ୍କର ଚୌହାଣବୀର ସୁରେନ୍ଦ୍ର ସାଏ ତାଙ୍କର ଜନ୍ମଭୂମି ଖିଣ୍ଡା ଗ୍ରାମରୁ ସମ୍ବଲପୁର ଜାତୀୟ ସମରରେ ସର୍ବପ୍ରଥମ ଅନୁକୂଳ ଯାତ୍ରା କରିଥିଲେ ଏବଂ ୧୮୬୪ ମସିହା ପର୍ଯ୍ୟନ୍ତ ଉକ୍ତ ସଂଗ୍ରାମ ଚଳାଇଥିଲେ । ସିପାହୀ ବିଦ୍ରୋହର ୧୭ବର୍ଷ ପୂର୍ବରୁ ସମ୍ବଲପୁର ଜାତୀୟ-ସଂଗ୍ରାମର ସେନାପତିମାନେ ଇଂରେଜ ସରକାରଙ୍କର ଦମନମୀତି ବଳରେ ଯାବଜ୍ଜୀବନ ଦଣ୍ଡାଦେଶ ପାଇ ହଜାରୀବାଗ ଜେଲରେ ଆବଦ୍ଧ ରହିଥିଲେ । (୧୮୪୦ ଖ୍ରୀଷ୍ଟାବ୍ଦ) । ସମ୍ବଲପୁର ଜାତୀୟ ସଂଗ୍ରାମର ପ୍ରଥମ ଓ ପ୍ରଧାନ ସେନାପତି ଆମ୍ଭମାନଙ୍କ ଚୌହାଣବୀର ସୁରେନ୍ଦ୍ର ସାଏ । ସୁତରାଂ ବକ୍ଷ୍ୟମାଣ ଶହୀଦପୂଜାମଣ୍ଡପରେ ତାଙ୍କର ପ୍ରଥମ ପୂଜା ସ୍ଥାନ ହେବା

(୧) ସଂଗ୍ରହାନ୍ତରରେ ବିଦ୍ୟାଧର ରାୟଗୁରୁ ।

ନ୍ୟାୟସଙ୍ଗତ ଓ ବିଧେୟ । ବିଶେଷତଃ ଭାରତ ଜାତୀୟ-ସଂଗ୍ରାମ ବନ୍ଦହେଲା ପରେ ମଧ୍ୟ ସେ ୫ ବର୍ଷ ପର୍ଯ୍ୟନ୍ତ ସଂଗ୍ରାମକୁ ବଞ୍ଚାଇ ରଖିଥିଲେ । ସମ୍ବଲପୁରର ଅନ୍ୟାନ୍ୟ ଶହୀଦ-ପାର୍ଶ୍ୱଦେବତାମାନଙ୍କୁ ମଧ୍ୟ ଉକ୍ତ ପୂଜାପୀଠରେ ଆବାହନ କରିବା ଉଚିତ । ଆଶାକରେଁ, ଏହି ଶହୀଦପୂଜାର ଆବାହକମାନେ ଏ ଦିଗରେ ଦୃଷ୍ଟିପାତ କରିବେ ।

ଆଗାମୀ ଶତବାର୍ଷିକ ଉତ୍ସବ ସକାଶେ ଭାରତରେ ଏକ କମିଟି ଗଠିତ ହୋଇଅଛି, ସେଥିର ଉଦ୍ୟୋକ୍ତା ଶ୍ରୀ ଶ୍ରୀମନ୍ ନାରାୟଣ, ଶ୍ରୀ ଜଗଜ୍ଜୀବନ ରାମ ଓ ହାଜିବ ମହମ୍ମଦ ଇବ୍ରାହିମ ପ୍ରଭୃତି ଧନ୍ୟବାଦର ପାତ୍ର । ଉକ୍ତ କମିଟି ସ୍ଥିର କରିଅଛନ୍ତି ଯେ, ଭାରତର ସାଧାରଣ ପାର୍କମାନଙ୍କରେ ଜାତୀୟ ଶହୀଦମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯିବ । ଉକ୍ତ ଉତ୍ସବୋପଲକ୍ଷେ ସ୍ୱତନ୍ତ୍ର ଶତବାର୍ଷିକ ଡାକଟିକଟ୍ ଚଳିବ । ଅତଏବ ଏହି ଉତ୍ସବକୁ ସର୍ବାଙ୍ଗସୁନ୍ଦର କରିବା ପ୍ରୟୋଜନୀୟ ।

ଓଡ଼ିଶା ସରକାର ଉତ୍ସବ ପାଳନର ବିଶେଷ ବ୍ୟବସ୍ଥା କରିବା ଆବଶ୍ୟକ । କାରଣ ଭାରତୀୟ ଜାତୀୟ ସଂଗ୍ରାମର ପ୍ରଥମ ପତାକା ଓଡ଼ିଶା ଉତ୍ତୋଳନ କରିଥିଲା । ବିଶେଷତଃ ସମ୍ବଲପୁର ଜିଲ୍ଲାର ଚୌହାଣବୀର ସୁରେନ୍ଦ୍ର ସାଏ ଅସିହସ୍ତରେ ଆଗକରି ଏହି ଜାତୀୟ ସଂଗ୍ରାମରେ ଝାମ୍ପି ପଡ଼ିଥିଲେ । ଏଣୁ ତାଙ୍କ ପ୍ରତିମୂର୍ତ୍ତି ଖିଣ୍ଡା, ସମ୍ବଲପୁର, କଟକ ଓ ଭୁବନେଶ୍ୱରରେ ସ୍ଥାପିତ ହେବା ଉଚିତ । ଏହାଛଡ଼ା ଶୂରେନ୍ଦ୍ର ସୁରେନ୍ଦ୍ରଙ୍କ ଜୀବନଚରିତ ପୁସ୍ତକ ସମ୍ବଲପୁର ଜିଲ୍ଲାର ଗ୍ରାମେ ଗ୍ରାମେ ସଂରକ୍ଷିତ ହେବା ଆବଶ୍ୟକ । ଯଦ୍ଦ୍ୱାରା ଗ୍ରାମବାସୀ ଜନସାଧାରଣ ସେମାନଙ୍କର ପୂର୍ବ ଉଦ୍ଧାରକଙ୍କୁ ପୂଜା କରି ପାରିବେ ।

ସମ୍ବଲପୁର ଜନସାଧାରଣ ବିଶେଷତଃ ଆଦିବାସୀ ଜାତିମାନେ ବୀର ପୂଜାର ଏକନିଷ୍ଠା ପୂଜକ । ସେଦିନ ହିମଗିରି ଅନ୍ତର୍ଗତ ଅରଣ୍ୟବାସୀ କୋହ୍ଲମାନେ ସୁରେନ୍ଦ୍ର ସାଏ ଓ ତାଙ୍କର ସହଚର ବ୍ରାହ୍ମଣ ଯୁବକ ଦ୍ୱୟଙ୍କୁ ଲୁଚାଇ ରଖି ନ ଥିଲେ, ସୁରେନ୍ଦ୍ର-ଅଭିନୟର ଯବନିକା ସେହି ଅରଣ୍ୟରେ ହିଁ ପଡ଼ି ଯାଇଥାନ୍ତା । ଆଦିବାସୀ ଜାତି ଚିରକାଳ ବୀରପୂଜକ । ସୁରେନ୍ଦ୍ର ସାଏ ଏହି ଆଦିବାସୀ ଜାତୀୟ ସେନା ଦେଇ ଜାତୀୟ ସମରରେ ଯଶସ୍ୱୀ ହୋଇଥିଲେ । (୧)

ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଚାରିତ ଘୋଷଣାରୁ ଜଣାଯାଇଛି ଯେ, ଓଡ଼ିଶା ସରକାର ଜାତୀୟ ସଂଗ୍ରାମ ବିଷୟରେ କବିତା ପ୍ରତିଯୋଗିତା ପାଇଁ ୩ ଗୋଟି ପୁରସ୍କାର ଦେବା ସ୍ଥିର କରିଅଛନ୍ତି । ପ୍ରଥମ ପୁରସ୍କାର ଟ୨୫୦୲, ଦ୍ୱିତୀୟ ପୁରସ୍କାର ଟ୧୫୦୲ ଓ ତୃତୀୟ ପୁରସ୍କାର ଟ୧୦୦୲ ଗଚ୍ଛିତ ଅଛି । "ନାହିଁମାମୁଁଠାରୁ କଣାମାମୁଁ ଭଲ" ପ୍ରବଚନ ନ୍ୟାୟରେ ଏହି ବ୍ୟବସ୍ଥା ଓଡ଼ିଶା ସରକାରଙ୍କ ପକ୍ଷେ ଭଲ ହୋଇଅଛି ।

—*—

(୧) ପୂର୍ବକାଳରେ ସମ୍ବଲପୁର ରାଜ୍ୟର ରାମପୁରଜମିଦାରୀ ଅନ୍ତର୍ଗତ ଲଜକୁରା ଗ୍ରାମରେ ମିଠୁକୁଅଁର ନାମରେ ଜଣେ ବୀର ଗୌନ୍ତିଆ ଥିଲେ । ସେ ଗ୍ରାମରକ୍ଷା ପାଇଁ ଯୁଦ୍ଧ କରି ଶତ୍ରୁହସ୍ତରେ ପ୍ରାଣଦାନ କରିଥିଲେ । ଗ୍ରାମବାସୀମାନେ ତାଙ୍କର ପ୍ରସ୍ତରନିର୍ମିତ ପ୍ରତିମୂର୍ତ୍ତି ରଖି ଇଷ୍ଟଦେବତା ଜ୍ଞାନରେ ଅବଧି ପୂଜାକରି ଆସୁ-ଅଛନ୍ତି ।

(ଲେଖକ ଦ୍ୱାରା ସଂକଳିତ ସମ୍ବଲପୁର ଇତିହାସ ଦର୍ପଣ) ।

## ପରିଶିଷ୍ଟ

ବୀରେନ୍ଦ୍ର ସୁରେନ୍ଦ୍ର ସାଏଙ୍କୁ ପୃଥିବୀପ୍ରସିଦ୍ଧ ମହାବୀର ନେପୋଲିୟନଙ୍କ ସହିତ ତୁଳନା କଲେ ସତ୍ୟର ଅପଳାପ ହେବ ନାହିଁ; ବରଂ ସୁରେନ୍ଦ୍ରଙ୍କ ବ୍ୟକ୍ତିତ୍ୱ ଅନେକାଂଶରେ ନେପୋ-ଲିୟନଙ୍କ ବ୍ୟକ୍ତିତ୍ୱ ଅପେକ୍ଷା ଉଚ୍ଚତର ହୋଇପାରେ । ସୁରେନ୍ଦ୍ର-ସାଏଙ୍କ ଯୁଦ୍ଧନୈପୁଣ୍ୟ ଦେଖି ଇଂରେଜ ସରକାରଙ୍କ ନାମଜାଦା ସେନାପତିମାନେ ମଧ୍ୟ ଚକିତ ହୋଇ ଯାଇଥିଲେ । ଜିଲ୍ଲା ଶାସନକର୍ତ୍ତା, କମିଶ୍ନାରୀ ଶାସନକର୍ତ୍ତା ଓ ପ୍ରଦେଶ ଶାସନକର୍ତ୍ତାଙ୍କଠାରୁ ଦେଶ ଶାସନକର୍ତ୍ତାଙ୍କ ପର୍ଯ୍ୟନ୍ତ ସୁରେନ୍ଦ୍ର ସାଏଙ୍କ ପ୍ରଭାବରେ ବିଚଳିତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ । ସେ ତାଙ୍କର ଜୀବନରେ ରାମାୟଣ ଯୁଗର ଲକ୍ଷ୍ମଣ ବା ମହାଭାରତ ଯୁଗର ଅର୍ଜୁନଙ୍କର ପୁରାଣବର୍ଣ୍ଣିତ ଶୌର୍ଯ୍ୟର ସତ୍ୟତା ପ୍ରମାଣିତ କରିଥିଲେ । ରାମଙ୍କର ଚତୁର୍ଦ୍ଦଶ ବର୍ଷବ୍ୟାପି-ବନବାସ-ଜନିତ ଦୁଃଖ ଓ ଯୁଧିଷ୍ଠିରଙ୍କ ଚତୁର୍ବିଂଶ-ବର୍ଷ ବନବାସ-ଘଟିତ-କଷ୍ଟ ସୁରେନ୍ଦ୍ର ସାଏଙ୍କ ଅଦ୍ଭୁତ ପୌରୁଷ ଆଗରେ ବିପୁଳବୀର୍ଯ୍ୟ-ଦୃପ୍ତ ବ୍ରିଟିଶକେଶରୀଙ୍କ ଗର୍ବ ଖର୍ବୀକୃତ ହୋଇଯାଇଥିଲା । ସେ ଅଳ୍ପ ସଂଖ୍ୟକ ସାମାନ୍ୟ ଅସ୍ତ୍ରଶସ୍ତ୍ର ଧାରୀ ଆଦିବାସୀ ସୈନିକ ଧରି ପ୍ରବଳ ପରାକ୍ରମୀ ଇଂରେଜ ବାହିନୀର ବଜ୍ରନାଦୀ-ତୋପ ମୁଖରେ ଛିଡ଼ା ହୋଇ ଯୁଦ୍ଧ କୌଶଳରେ ଶତ୍ରୁ ପକ୍ଷକୁ ସ୍ତବ୍ଧ ଓ ବିକ୍ଷୁବ୍ଧ କରି ଦେଇଥିଲେ । ତାଙ୍କର ଆତ୍ମୋତ୍ସର୍ଗର ମୂଳ କାରଣ ଥିଲା—ଦେଶକୁ ପରାଧୀନତାରୁ ମୁକ୍ତ କରିବା । ତାତ୍କାଳୀନ ହସ୍ତପଦାବଦ୍ଧ ରାଜପଦ ଲାଭ କରିବା ସକାଶେ ସେ ଲାଳାୟିତ ନ ଥିଲେ । ଇଂରେଜ ସରକାର ତାଙ୍କୁ ସିନେମା-ପ୍ରଦର୍ଶିତ ରାଜା କରି ନ ଥିଲେହେଁ, ସେ ଜନସାଧାରଣଙ୍କର ହୃଦୟ ସିଂହାସନରେ ସାର୍ବଭୌମରୂପେ ଉପବେଶନ କରି ପାରିଥିଲେ ।

ସେହି ଜାତୀୟ ସମ୍ରାଟଙ୍କର ଦେବଦୁର୍ଲ୍ଲଭ ବୀର ପ୍ରତିମୂର୍ତ୍ତିକୁ ଲେଖକ ଜାତୀୟ ସଂଗ୍ରାମର ପ୍ରଥମ ଶତବାର୍ଷିକ ଏବଂ ଭାରତ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ଦଶବାର୍ଷିକ ଉତ୍ସବ ଉପଲକ୍ଷେ ଆଜି ସଭକ୍ତି ଅଭିବାଦନ କରି ଏହି କ୍ଷୁଦ୍ର ପୁସ୍ତିକାର ଉପସଂହାର କରୁଅଛି । ଆଶାକରେଁ, ଦେଶବାସୀ ଜନସାଧାରଣ ସେହି ବୀର ପ୍ରତିମାକୁ ନିଜ ନିଜ ହୃଦୟ-ସିଂହାସନରେ ସ୍ଥାପନ ଓ ନିତ୍ୟ ଅଭିବାଦନ କରି ମାନବ ଜୀବନକୁ କୃତାର୍ଥ କରିବେ । ଇତି ।

ପୁଷପୂନି, ୧୯୫୭, ଜାନୁଆରୀ ୧୩ ତାରିଖ, ବୁଧବାର ।

ଜୟୃହିନ୍ଦ୍

---

**ମନ୍ତବ୍ୟ**—ଲେଖକ ଆଜି "ଚୌହାଣବୀର ସୁରେନ୍ଦ୍ରସାଏ" ପୁସ୍ତକର ପାଣ୍ଡୁଲିପି ଲେଖା ଶେଷ କରି ସେହି ୧୮୬୪, ଜାନୁଆରୀ ୨୩ ତାରିଖ ପୁଷପୂନି ରାତ୍ରୀ ୧୦ ଘଟିକା-ଘଟିତ ଦୁର୍ଘଟନା ସ୍ମରଣ କରୁଅଛି । ସେହି ଅଶୁଭ ମୁହୂର୍ତ୍ତରେ ହିଁ ଆମ୍ଭ ସମ୍ବଲପୁର ଜାତୀୟ ସମରର ନେତାଗଣ ନରାଧମ ବିଶ୍ୱାସଘାତକ ଦୟାନିଧି ମେହେରର ମାୟାଜାଲରେ ପଡ଼ି ଗୁପ୍ତ ଶିକାରୀ ଇଂରେଜ ଦଳଦ୍ୱାରା ବନ୍ଦୀ ହୋଇଥିଲେ । ବୋଧହୁଏ ନିମ୍ନଲିଖିତ ପ୍ରବଚନଟା ସେହି ଦୁର୍ଘଟନାର ସ୍ମୃତି ପାଇଁ ରଚିତ ହୋଇଥିଲା ;—

"କାହାର ପୁଷମାସ । କାହାର ସର୍ବନାଶ ।" (ପ୍ରବଚନ-ତରଙ୍ଗ)

# ବଂଶବୃକ୍ଷାବଳୀ

(ପାଟଣା ଚୌହାଣ ରାଜାଙ୍କ ନାମ ତାଲିକା)

୧ । ରମାଇ ଦେବ(୧) (୧୧୫୯ – ୧୨୧୧)
୨ । ମହାଲିଙ୍ଗ ଦେବ (୧୨୧୧—୧୨୧୭)
୩ । ବତ୍ସରାଜ ଦେବ (୧୨୧୭—୧୨୪୭)
୪ । ବୈଜଳ ଦେବ (ପ୍ରଥମ)- (୧୨୪୭—୧୩୧୧)
୫ । ଭୋଜରାଜଦେବ (୧୩୧୧ – ୧୩୪୫)
୬ । ବୀରମଲ୍ଲଦେବ (୧୩୪୫—୧୩୭୫)
୭ । ପ୍ରତାପରୁଦ୍ର ଦେବ (ପ୍ରଥମ)-(୧୩୭୫ —୧୪୧୪)
୮ । ଭୂପାଳ ଦେବ (୧୪୧୪—୧୪୨୫)
୯ । ନାରସିଂହ ଦେବ (୧୪୨୫—୧୪୫୫)
୧୦ । ବିକ୍ରମାଦିତ୍ୟ ଦେବ (୧୪୫୫—୧୪୮୯) ପ୍ରଥମ
୧୧ । ବୈଜଳ ଦେବ (ଦ୍ୱିତୀୟ) (୧୪୮୯—୧୫୧୯) [ ୨ ]
୧୨ । ବଜ୍ରହୀରାଧର ଦେବ (୧୫୧୯—୧୫୪୯)
୧୩ । ନରସିଂହ ଦେବ (୧୫୪୯—୧୫୬୭) [ ୩ ]
୧୪ । ହମିର ଦେବ (୧୫୬୭—୧୫୭୦)

( ୧ ) ରାମଦେବ, ରାମଚନ୍ଦ୍ରଦେବ । ଚୌହାଣବଂଶର ପ୍ରତିଷ୍ଠାତା ।

( ୨ ) ରାଜା ଦ୍ୱିତୀୟ ବୈଜଳ ଦେବ । ବୈଜଳ କାରିକା ନାମକ ଖଣ୍ଡିଏ ସଂସ୍କୃତ ବ୍ୟାକରଣ ରଚନା କରିଥିଲେ । ସେଥିରେ ତାଙ୍କ ପରିଚୟରେ ଲେଖାଅଛି :—
"ବିକ୍ରମାର୍କତନୟ ନୟଶାସ୍ତ୍ରବେତ୍ତା"—ସେ ନ୍ୟାୟଶାସ୍ତ୍ରବିତ୍ ବିକ୍ରମାଦିତ୍ୟଙ୍କ ପୁତ୍ର ଥିଲେ । ବୁଢ଼ାସମ୍ବରସ୍ଥ ନୃସିଂହନାଥ ମନ୍ଦିର ବୈଜଳ ଦେବ ପ୍ରସ୍ତୁତ କରାଇଥିଲେ ।

[ ୩ ] ନରସିଂହ ଦେବ ତାଙ୍କ ଭାଇ ବଲରାମ ଦେବଙ୍କୁ ପାଟଣା ରାଜ୍ୟର ଅର୍ଦ୍ଧାଂଶ ଭାଗ ଦେଇଥିଲେ ।

୧୫ । ବିଧବା ମହାରାଣୀ (୧୫୬୦—୧୫୬୯)
୧୬ । ହୃଦୟ ନାରାୟଣ ଦେବ (୧୫୬୯—୧୫୮୪) [+]
୧୭ । ପ୍ରତାପ ଦେବ (୧୫୮୫—୧୫୯୦)
୧୮ । ବିକ୍ରମାଦିତ୍ୟ ଦେବ (୧୫୯୦-୧୬୨୧) ଦ୍ୱିତୀୟ
୧୯ । ମୁକୁନ୍ଦଦେବ (୧୬୨୧-୧୬୫୧)
୨୦ । ବଳରାମ ଦେବ (୧୬୫୧-୧୬୫୯)
୨୧ । ହ୍ରୁବେଶ ଦେବ (୧୬୫୯-୧୬୯୧)
୨୨ । ରାଜସିଂହ ଦେବ (୧୬୯୧-୧୭୪୬)
୨୩ । ଚନ୍ଦ୍ରଶେଖର ଦେବ (୧୭୪୬-୧୭୬୨)
୨୪ । ପୃଥ୍ୱୀରାଜ ଦେବ (ପ୍ରଥମ) (୧୭୬୨-୧୭୬୫)
୨୫ । ରାମଚନ୍ଦ୍ର ଦେବ (ଦ୍ୱିତୀୟ) (୧୭୬୪-୧୮୨୦)
୨୬ । ଭୂପାଳ ଦେବ (୧୮୨୦-୧୮୪୮)
୨୭ । ହୀରାବଜ୍ରଧର ଦେବ (୧୮୪୮-୧୮୪୬) [*]
୨୮ । ଶୂରପ୍ରତାପ ଦେବ (୧୮୬୬-୧୮୭୧)
୨୯ । କୋର୍ଟଅଫ୍‌ୱାର୍ଡ଼ସ୍ (୧୮୭୧-୧୮୯୧)
୩୦ । ରାମଚନ୍ଦ୍ର ଦେବ (ତୃତୀୟ) (୧୮୯୩-୧୮୯୫)
୩୧ । ଦଳଗଞ୍ଜନସିଂହ ଦେବ (୧୮୯୫-୧୯୧୦)
୩୨ । ପୃଥ୍ୱୀରାଜ ଦେବ (ତୃତୀୟ) (୧୯୧୦-୧୯୨୪)
୩୩ । ରାଜେନ୍ଦ୍ରନାରାୟଣ ସିଂହଦେବ (୧୯୨୪—

[+] ଏ ସମ୍ବଲପୁରର ୨ୟ ରାଜା । ପ୍ରତାପ ଦେବ ସାବାଳକ ହେବା ପର୍ଯ୍ୟନ୍ତ ପଟଣାରାଜ୍ୟର ଭାର ଗ୍ରହଣ କରିଥିଲେ ।

[*] ଏହି ରାଜା ସୁରେନ୍ଦ୍ରସାଏଙ୍କ ଭାଇ ଉଜ୍ଜ୍ୱଳ ସାଏଙ୍କୁ ଭଗାଇ ଦେଇଥିଲେ ବୋଲି ଇଂରେଜ ସର୍କାର ତାଙ୍କୁ ଏକହଜାର ଟଙ୍କା ଜରିମାନା କରିଥିଲେ । ପରେ ଧରାଇ ଦେବା ହେତୁ ଅର୍ଥଦଣ୍ଡ ଫେରି ପାଇଥିଲେ ।

ରାଜା ଶୂରପ୍ରତାପ ଦେବଙ୍କ ଶାସନ ବିଶୃଙ୍ଖଳା ଦେଖି ଇଂରେଜ ସରକାର ତାଙ୍କୁ ଓ ତାଙ୍କର ଭାଇ ବିଶ୍ୱନାଥ ସିଂହଙ୍କୁ ସମ୍ବଲପୁରରେ ଅଟକବନ୍ଦୀ ସ୍ୱରୂପ ରଖିଥିଲେ । ସମ୍ବଲପୁରରେ ବିଶ୍ୱନାଥ ସିଂହଙ୍କର ଏକପୁତ୍ର ସନ୍ତାନ ଜାତ ହୋଇଥିଲେ । (୧୮୭୨) । ଶୂର ପ୍ରତାପ ଦେବଙ୍କ ପୁତ୍ର ନଥିବା ହେତୁ ସେ ଉକ୍ତ ଶିଶୁଙ୍କୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରିଥିଲେ । ତାଙ୍କର ନାମ ରାମଚନ୍ଦ୍ର ଦେବ । ରାମଚନ୍ଦ୍ର ଦେବ ତାଙ୍କ ରାଣୀଙ୍କୁ ହତ୍ୟାକରି ଆତ୍ମହତ୍ୟା କରିଥିଲେ । ତାଙ୍କର ଏକମାତ୍ର କନ୍ୟା ଥିଲେ । ସେହି ରାଜକୁମାରୀ ଷଡ଼ାଇକଳାର ବର୍ତ୍ତମାନ ରାଣୀ । ପାଟଣାର ବର୍ତ୍ତମାନ ମହାରାଜା ରାଜେନ୍ଦ୍ରନାରାୟଣ ସିଂହ ଦେବ ଉକ୍ତ ରାଜଦମ୍ପତିଙ୍କ ମଧ୍ୟମ ପୁତ୍ର । ପାଟଣାରାଜା ପୃଥ୍ୱୀରାଜ ଦେବ ଷଡ଼ାଇକଳା ପଠାଯାଇ ରାଜେନ୍ଦ୍ରନାରାୟଣଙ୍କୁ ପୋଷ୍ୟ ପୁତ୍ରରୂପେ ଗ୍ରହଣ କରିଥିଲେ । ରାମଚନ୍ଦ୍ର ଦେବଙ୍କ ପରେ ଦଳଗଞ୍ଜନ ସିଂହ ଦେବ ପାଟଣାର ରାଜା ହେଲେ । ସେ ପାଟଣାର ରାଜା ହୀରାବଜ୍ରଧର ଦେବଙ୍କ ତୃତୀୟ ପୁତ୍ର । ରାଜାହୀରା ବଜ୍ରଧର ଦେବ ଶାଳୀଗ୍ରାମ ବରିହାଙ୍କୁ ଧରାଇ ନଦେଲେ ବୋଲି ଇଂରେଜ ସରକାର ତାଙ୍କୁ ଏକହଜାରଟଙ୍କା ଜରିମାନା କରିଥିଲେ । ଶାଳଗ୍ରାମ ବରିହା ସୁରେନ୍ଦ୍ର ସାଏଙ୍କ ବିପ୍ଳବୀଦଳର ସମ୍ପୃକ୍ତ ଥିଲେ ଏବଂ ସୁରେନ୍ଦ୍ରସାଏ ଆଦିଙ୍କ ସହିତ ଦଣ୍ଡିତ ହୋଇଥିଲେ ।

# ସମ୍ବଲପୁର ଚୌହାଣ ରାଜାମାନଙ୍କ ତାଲିକା

| | | |
|---|---|---|
| ପ୍ରଥମ ରାଜା | ବଳରାମ ଦେବ | (ଖ୍ରୀ: ୧୫୫୨–୧୫୮୪) |
| ଦ୍ୱିତୀୟ ରାଜା | ହୃଦୟ ନାରାୟଣ ଦେବ | (ଖ୍ରୀ: ୧୫୮୪–୧୬୧୨) |
| ତୃତୀୟ ରାଜା | ବଳଭଦ୍ର ସାଏ | (ଖ୍ରୀ: ୧୬୧୨–୧୬୩୧) |
| ଚତୁର୍ଥ ରାଜା | ମଧୁକର ସାଏ | (ଖ୍ରୀ: ୧୬୩୨–୧୬୫୮) |
| ପଞ୍ଚମ ରାଜା | ବଳିଆର ସିଂହ | (ଖ୍ରୀ: ୧୬୫୮–୧୬୯୮) |
| ଷଷ୍ଠ ରାଜା | ରତ୍ନସିଂହ | (ଖ୍ରୀ: ୧୬୯୮–୧୬୯୯) |
| ସପ୍ତମ ରାଜା | ଛତ୍ରସାଏ | (ଖ୍ରୀ: ୧୬୯୯–୧୭୪୨) |
| ଅଷ୍ଟମରାଜା | ଅଜିତ ସିଂହ | (ଖ୍ରୀ: ୧୭୪୨–୧୭୬୬) |
| ନବମ ରାଜା | ଅଭୟ ସିଂହ | (ଖ୍ରୀ: ୧୭୬୬–୧୭୭୭) |
| ଦଶମ ରାଜା | ବାଳକ ବଳଭଦ୍ର ସାଏ | (ଖ୍ରୀ: ୧୭୭୭–୧୭୮୨) |
| ଏକାଦଶ ରାଜା | ଜୟନ୍ତ ସିଂହ | (ଖ୍ରୀ: ୧୭୮୨–୧୮୧୮) × |
| ଦ୍ୱାଦଶ ରାଜା | ମହାରାଜ ସାଏ | (ଖ୍ରୀ: ୧୮୧୮–୧୮୨୭) |
| ତ୍ରୟୋଦଶରାଜା | ରାଣୀ ମୋହନ କୁମାରୀ | (ଖ୍ରୀ: ୧୮୨୭–୧୮୩୩) |
| ଚତୁର୍ଦ୍ଦଶ ରାଜା | ନାରାୟଣ ସିଂହ | (ଖ୍ରୀ: ୧୮୩୩–୧୮୪୯) * |

---

× ରାଜା ଜୟନ୍ତସିଂହ ( ଜସ୍ପିତ୍ ସିଂହ ) ଓ ଯୁବରାଜ ମହାରାଜ ସାଏ ୧୮ ବର୍ଷ ପର୍ଯ୍ୟନ୍ତ ମହାରାଷ୍ଟ୍ରମାନଙ୍କ ଦ୍ୱାରା ବନ୍ଦୀ ହୋଇ ଚନ୍ଦାରେ ରହିଥିଲେ । ସେହି ୧୮ ବର୍ଷ ସମ୍ବଲପୁରରେ ମରହଟ୍ଟାମାନଙ୍କ ଦ୍ୱାରା ନିଯୁକ୍ତ ଭୂପସିଂହ ଓ ତାନ୍ତିଆ ଫର୍ଣ୍ଣାବିସ ଶାସନ କରିଥିଲେ ।

* ନାରାୟଣ ସିଂହଙ୍କ ମୃତ୍ୟୁପରେ ସମ୍ବଲପୁର ରାଜ୍ୟ ୧୮୪୯ ଖ୍ରୀଷ୍ଟାବ୍ଦରୁ ୧୯୪୭ ଖ୍ରୀ. ପର୍ଯ୍ୟନ୍ତ ପ୍ରାୟ ଶହେବର୍ଷ ବ୍ରିଟିଶ ଶାସନରେ ରହିଥିଲା ।

# ସୋନପୁର ଚୌହାଣ ରାଜାମାନଙ୍କ ତାଲିକା

| | | |
|---|---|---|
| ୧ମ | ରାଜା ମଦନଗୋପାଳ ସିଂହଦେବ | (୧୫୫୬-୧୬୦୬)+ |
| ୨ୟ | ରାଜା ଲାଲସାଏ ସିଂହଦେବ | (୧୬୦୬-୧୬୩୫) |
| ୩ୟ | ରାଜା ପୁରୁଷୋତ୍ତମ ସିଂହଦେବ | (୧୬୩୫-୧୬୭୩) |
| ୪ର୍ଥ | ରାଜା ରାଜସିଂହ ଦେବ | (୧୬୭୩-୧୭୦୯) |
| ୫ମ | ରାଜା ଅଚଳ ସିଂହ ଦେବ | (୧୭୦୯-୧୭୨୮) |
| ୬ଷ୍ଠ | ରାଜା ଦିବ୍ୟସିଂହଦେବ | (୧୭୨୮-୧୭୬୬) |
| ୭ମ | ରାଜା ଜାରାବର ସିଂହ ଦେବ | (୧୭୬୬-୧୭୬୭) |
| ୮ମ | ରାଜା ଶୋଭସିଂହ ଦେବ | (୧୭୬୭-୧୭୮୧) |
| ୯ମ | ରାଜା ପୃଥ୍ୱୀ ସିଂହ ଦେବ | (୧୭୮୧-୧୮୪୧) |
| ୧୦ମ | ରାଜା ନୀଳାଦ୍ରି ସିଂହ ଦେବ | (୧୮୪୧-୧୮୯୧)* |
| ୧୧ଶ | ରାଜା ପ୍ରତାପରୁଦ୍ର ସିଂହ ଦେବ | (୧୮୯୧-୧୯୦୨) |
| ୧୨ଶ | ରାଜା ବିରୋଦୟ ସିଂହ ଦେବ | (୧୯୦୨-୧୯୩୭) |
| ୧୩ଶ | ରାଜା ସୁଧାଂଶୁଶେଖର ସିଂହ ଦେବ | (୧୯୩୭- ବର୍ତ୍ତମାନ ମହାରାଜା |

---

+ ସୋନପୁରର ପ୍ରଥମ ରାଜା ସମ୍ବଲପୁର ମହାରାଜା ମଧୁକର ସାଏଙ୍କ ତୃତୀୟ ପୁତ୍ର ।

* ରାଜା ନୀଳାଦ୍ରି ସିଂହ ଦେବ ସୁରେନ୍ଦ୍ର ସାଏଙ୍କ ବିପ୍ଳବ ସମୟରେ ଇଂରେଜ ସରକାରଙ୍କୁ ସାହାଯ୍ୟ କରି "ରାଜା ବାହାଦୁର" ଉପାଧି ପାଇଥିଲେ ।

# ବଂଶ ବୃକ୍ଷାବଳୀ

## ସମ୍ବଲପୁର ଚୌହାଣ ରାଜବଂଶ

ବଳରାମ ଦେବ

|

ହୃଦୟ ନାରାୟଣ ଦେବ

|

ବଳଭଦ୍ର ସାଏ | ବନାୟକ ସାଏ (ସିଂହଭୂମି) | ଜୟୀସାଏ (ବରଗଡ଼)

ଘାସୀ ସାଏ (ଧମା) | ମଧୁକର ସାଏ

ବଳିଆର ସିଂହ | ଅନିରୁଦ୍ଧ ସାଏ (ଖିଣ୍ଡା ରାଜପୁର) | ମଦନ ଗୋପାଳ (ସୋନପୁର) | ବଂଶୀ ଗୋପାଳ | (ବାବୁ ଅନନ୍ତ ସାଏ)

ରତ୍ନ ସିଂହ | ବକ୍ରମ ସିଂହ (ବରପାଲି) | ଫତେ ସିଂହ (ସରିଆ)

- ଛତ୍ରସାଏ
  - ଅଜିତ ସିଂହ
  - ନାମ ଜଣାନାହିଁ
    - ବଳଭଦ୍ର ସାଏ (ସମ୍ବଲପୁର ରାଜା)
      - ଅଭୟସିଂହ
      - ପଦ୍ମନସିଂହବାବୁ
      - ଜୟନ୍ତସିଂହ
        - ମହାରାଜ ସାଏ
- ରଘୁନା ସିଂହ [ପଦ୍ମପୁର]
  - ହରବଂଶ ଲାଲ
- ସୁମେର ସିଂହ
  - ଦରିଆର ସିଂହ
    - କେଶରୀ ସିଂହ
      - କୃପାଲ ସିଂହ

—*—

ମନ୍ତବ୍ୟ—ମହାରାଜ ସାଏଙ୍କ ପରେ ବିଧବାରାଣୀ ମୋହନକୁମାରୀ ରାଜଗାଦିରେ ବସିଥିଲେ । ତାଙ୍କୁ ବୃତ୍ତି ଦେଇ ଇଂରେଜମାନେ ନାରାୟଣ ସିଂହ (ବାବୁ)ଙ୍କୁ ରାଜା କଲେ । ତାଙ୍କ ଏକମାତ୍ର କନ୍ୟା ଆଶାକୁମାରୀଙ୍କୁ କଳାହାଣ୍ଡିରାଜା ବିବାହ କରିଥିଲେ ।

## ବରପାଲି ଚୌହାଣ ରାଜବଂଶ

- ବଳିଆର ସିଂହ (ସମ୍ବଲପୁର ୫ମ ମହାରାଜା)
  - ରତ୍ନସିଂହ
  - ବିକ୍ରମ ସିଂହ

ହୃଦୟ ସିଂହ ପ୍ରତାପସିଂହ ଯଶୋବନ୍ତ ସିଂହ ସୁବଳ ବିଶ୍ୱମ୍ଭର

ଲକ୍ଷ୍ମୀଧର ସିଂହ ହରିସିଂହ

ପୀତାମ୍ବର ସିଂହ ଜନାର୍ଦ୍ଦନ ସିଂହ ନାରାୟଣ ସିଂହ ମୀନକେତନ ସିଂହ

ଭବାନୀସିଂହ (ସମ୍ବଲପୁର ଶେଷରାଜା)

ଗଜେନ୍ଦ୍ର ସିଂହ ନରେନ୍ଦ୍ର ସିଂହ

ରାଜେନ୍ଦ୍ର ସିଂହ ନୃପରାଜ ସିଂହ

ପୁରନ୍ଦର ସିଂହ ବୀରମହେନ୍ଦ୍ର ସିଂହ

ବୀର ସୂର୍ଯ୍ୟୋଦୟ ସିଂହ (୧)

ପ୍ରଭାସକୁମାରୀ

—*—

(୧) ବୀର ସୂର୍ଯ୍ୟୋଦୟ ସିଂହଙ୍କ ପରେ ବରପାଲି ଜମିଦାରୀ କୋର୍ଟଓ୍ୱାର୍ଡ଼ସ୍‌ଭୁକ୍ତ ହୋଇଅଛି । କେତେକ ଦାବିଦାରଙ୍କ ଦେଓ୍ୱାନୀ ମୋକଦ୍ଦମା ଚାଲିଛି ।

## ଖିଣ୍ଡା ଚୌହାଣ ରଜବଂଶ

ଅନିରୁଦ୍ଧ ସାଏ [ ସମ୍ବଲପୁର ୪ର୍ଥ ରାଜା ମଧୁକର ସାଏଙ୍କ ୨ୟ ପୁତ୍ର ]

|

ମାଧ ସିଂହ

|

ଦ୍ରୁପସିଂହ

|

ତେଜସିଂହ

|

ଧର୍ମ ସିଂହ — କଲ୍ୟାଣ ସିଂହ — ବଳରାମ ସିଂହ — ମନୋହର ସିଂହ

ଧର୍ମ ସିଂହ

|

ସୁରେନ୍ଦ୍ର ସାଏ — ଉଦନ୍ତ ସାଏ — ଧ୍ରୁବ ସାଏ [୧ ଦେଖ] — ଜାଜ୍ୱଲ ସାଏ [୨ ଦେଖ]

|

ଛବିଲ ସାଏ — ଉଜ୍ଜ୍ୱଳ ସାଏ (୩ ଦେଖ) — ମେଦ୍ଦନୀ ସାଏ*

ଛବିଲ ସାଏ

|

ମିତ୍ରଭାନୁ ସାଏ

|

ଗିରିଧାରୀ ସାଏ [ପୋଷ୍ୟପୁତ୍ର]

|

ଫକୀର ସାଏ

—*—

* ସୁରେନ୍ଦ୍ର ସାଏଙ୍କ କନିଷ୍ଠ ଭାଇ ମେଦ୍ଦନୀ ସାଏ ଅଳ୍ପ-ବୟସରେ କଲେରା ରୋଗରେ ମରିଯାଇଥିଲେ ବୋଲି ଖିଣ୍ଡା

(୧) ଧ୍ରୁବସାଏ (ତାଲବ)

ହରିହର  ବଳଭଦ୍ର + ପରଶୁରାମ ବ୍ରଜମୋହନ ଗରୁଡ଼  ଗୋବିନ୍ଦ

ବିଶ୍ୱନାଥ ଶାଳଗ୍ରାମ  ନରେନ୍ଦ୍ର  ନୃପଲାଲ

+ ବଳଭଦ୍ର

ବୃନ୍ଦାବନ  ରାଜମଣି  ଘନଶ୍ୟାମ ଆଦିତ୍ୟ

ଭୂପାଳ  ମୁଞ୍ଜନ

(୨) ଜାଜ୍ୱଲ ସାଏ (ତଲୱାର)

ଶଙ୍କର  ଟିକ୍‌ନୁ  ଜୟମଙ୍ଗଳ

ହୀର  ଲକ୍ଷ୍ମୀ ବକ୍ତାରସାଏ  ଛତ୍ରସାଏ ନାରାୟଣ ମଦନ  ରଘୁନାଥ

ସମ୍ବାଦରୁ ପ୍ରକାଶ ; କିନ୍ତୁ ସରକାରୀ କାଗଜ ପତ୍ରରୁ ଜଣାଯାଏ ଯେ, ସେ ସୁଦ୍ଧା ବନ୍ଦୀ ହୋଇ ଯାବଜ୍ଜୀବନ କାରାବାସ ଦଣ୍ଡ ପାଇଥିଲେ । ତେବେ ତାଙ୍କର ଶେଷସମସ୍ୟା ସେହି ସରକାରୀ କାଗଜରେ ବିବୃତ୍ତ ହୋଇ ନାହିଁ ।

(୩) ଉଜ୍ଜ୍ୱଳ ସାଏ ( ଧମା )

କାଳାହମିର

ନାଗାର୍ଜ୍ଜୁନ

ଆନନ୍ଦସାଏ

## ରାଜପୁର ଚୌହାଣ ରାଜବଂଶ

ଅନିରୁଦ୍ଧ ସାଏ ( ସମ୍ବଲପୁର ୪ର୍ଥ ରାଜା ମଧୁକରସାଏଙ୍କ ୨ୟ ପୁତ୍ର )

ରାଜସିଂହ

ଦରିଆର ସିଂହ

କୀର୍ତ୍ତିନ ସିଂହ

ସର୍ଦ୍ଦାର ସିଂହ

ବିଜୟ ସିଂହ

ଧନସିଂହ

ଫକୀର ସିଂହ

ଯୁବରାଜ ସିଂହ

ମଧୁକର ସାଏ — ବଳଭଦ୍ର ସାଏ (୧)

ମଧୁକର ସାଏ → ପର୍ଶୁରାମ ସାଏ

ପର୍ଶୁରାମ ସାଏ → ଡମରୁଧର ସାଏ, କୃଷ୍ଣଚନ୍ଦ୍ର ସାଏ [୨], ସୁନ୍ଦର ସାଏ [୩]

ଡମରୁଧର ସାଏ → ଛତ୍ରପତି ସିଂହ, ହରିଶ୍ଚନ୍ଦ୍ର ସିଂହ, ଚେଖିଲାଲ, ବିନୋଦଲାଲ

ଛତ୍ରପତି ସିଂହ → ଯୁଧିଷ୍ଠିର ସିଂହ

(୧) ବଳଭଦ୍ର ସାଏ (ବାରଖଣ୍ଡିଆ ବାବୁ)

ବଳଭଦ୍ର ସାଏ → ଚନ୍ଦ୍ରଭାନୁ ସାଏ

ଚନ୍ଦ୍ରଭାନୁ ସାଏ → ରାଜେନ୍ଦ୍ର, ଗିରିକିଶୋର, ଦଳଗଞ୍ଜନ, ଛତ୍ରାନନ୍ଦ

[୨] କୃଷ୍ଣଚନ୍ଦ୍ର ସାଏ ।

କୃଷ୍ଣଚନ୍ଦ୍ର ସାଏ → ଗିରିଧାରୀଲାଲ, ସୁଦର୍ଶନ ସିଂହ (ଚକୁଳୀ), ଧର୍ମରାଜ ସାଏ

(୩) ସୁନ୍ଦର ସାଏ । ଏହି ବାଳକକୁ ମିତ୍ରଭାନୁ ସାଏ ପୋଷ୍ୟପୁତ୍ର କରିଥିଲେ ।

## ଝାଡ଼ସୁଗୁଡ଼ା ଚୌହାଣ ରାଜବଂଶ

- ଛତ୍ର ସାଏ (ସମ୍ବଲପୁରର ୭ମ ରାଜା
  - ହରବଂଶଲାଲ ( ଛତ୍ରସାଏଙ୍କ ୩ୟ ପୁତ୍ର )
    - ଭବାନୀ ସିଂହ
      - ଭୂପାଲ
        - ଗୋବିନ୍ଦ ସିଂହ (୨)
          - ଜଗନ୍ନାଥ
            - ରାଜେନ୍ଦ୍ର
            - ଗଜେନ୍ଦ୍ର
            - କୃଷ୍ଣଚନ୍ଦ୍ର
            - ଉପେନ୍ଦ୍ର
          - କପିଳନାଥ
          - ଯଦୁନାଥ
    - ନାରାୟଣ (୧)
      - ରଣଜିତସିଂହ
    - ହିପାଲ
      - ଭଗବାନ
    - ଗୋପାଲ
      - କିଷନ୍

(୧) ଏହି ନାରାୟଣ ସିଂହ ରାଣୀ ମୋହନକୁମାରୀଙ୍କ ରକ୍ଷକ ଥିଲେ । ରାଣୀ ତାଙ୍କୁ ସମ୍ବଲପୁର ରାଜଗାଦି ଦେବାପାଇଁ ସିଫାରସ୍ କରିଥିଲେ । ଭାଗ୍ୟଦୋଷରୁ ତାଙ୍କୁ ରାଜ୍ୟ ନ ମିଳି ବରପାଲିଆବାବୁ ନାରାୟଣ ସିଂହଙ୍କୁ ମିଳିଥିଲା ।

(୨) ଗୋବିନ୍ଦ ସିଂହ ସୁରେନ୍ଦ୍ରସାଏଙ୍କ ପ୍ରତିଦ୍ୱନ୍ଦୀ ଥିଲେ । ସେ ସୁରେନ୍ଦ୍ର ସାଏଙ୍କୁ ବନ୍ଧିକରି ନେଇଥିଲେ ; କିନ୍ତୁ ପରେ ତାଙ୍କ ବିପ୍ଳବୀ ଦଳରେ ମିଳିତ ହୋଇଥିଲେ ।

ହରବଂଶଲାଲ      ଯୁଗଳକିଶୋର
|
ଶିବନାରାୟଣ ସିଂହ      ଗୌରୀଶଙ୍କର ସିଂହ

## ସୋନପୁର ଚୌହାଣ ରାଜବଂଶ

ମଧୁକର ସାଏ (ସମ୍ବଲପୁର ୪ର୍ଥ ରାଜା)
|
ମଦନ ଗୋପାଳ
|
ଲାଲ ସାଏ
|
ପୁରୁଷୋତ୍ତମ ସିଂହ
|
ରାଜସିଂହ
|
ଅଚଳ ସିଂହ
|
ଦିବ୍ୟସିଂହ (୧)      ଶୋଭାସିଂହ (୨)
|
ଜଗତ୍ କିଶୋର    ଜୟବର      ପୃଥ୍ୱୀ ସିଂହ
|

ରଘୁନାଥ ସିଂହ (୧)

ବୀର ବାହାଦୁର ସିଂହ — ବୀର ମିହିର ସିଂହ — ବୀର୍ଯ୍ୟମିତ୍ର ସିଂହ

ନୀଳାଦ୍ରି ସିଂହ (୨)

ପ୍ରତାପରୁଦ୍ର ସିଂହ — ବୀରକଳାପ ସିଂହ

ବୀରମିତ୍ରୋଦୟ ସିଂହ — ହୃଦୟ ସିଂହ — ରଣବୀର ସିଂହ — ମହାବୀର ସିଂହ, ଯଶୋବନ୍ତ ସିଂହ

ସୋମଭୂଷଣ — ସୁଧାଂଶୁଶେଖର (ବର୍ତ୍ତମାନ ମହାରାଜା)

ବୀର ପ୍ରତାପ ସିଂହ (ଟୀକାୟତ୍ ଲାଲ)

## ଚନ୍ଦ୍ରପୁର—ପଦ୍ମପୁର ଚୌହାଣ ରାଜବଂଶ

ରତ୍ନସିଂହ (ସମ୍ବଲପୁର ୭ମ ମହାରାଜା)

ରଘୁନାଥ ସିଂହ

ଘନଶ୍ୟାମ ସିଂହ — ମୁକୁନ୍ଦ ସିଂହ

ରାମ ସିଂହ

ନାମ ଜଣାନାହିଁ

ବଳଭଦ୍ର ସାଏ [ସମ୍ବଲପୁର ରାଜା]

## ରାୟ ରୂପ ସିଂହଙ୍କ ବଂଶାବଳୀ

ଭୂପ ସିଂହ

|

ରାୟ ରୂପ ସିଂହ

|

ହରିହର ସିଂହ | ଶ୍ୟାମସୁନ୍ଦର ସିଂହ

ହରିହର ସିଂହ → ଭବାନୀଶଙ୍କର ସିଂହ

**ମନ୍ତବ୍ୟ**—ରାୟ ରୂପ ସିଂହ ସମ୍ବଲପୁର ରାଣୀ ମୁଖ୍ୟପାନ ଦେବୀଙ୍କ ବାଲଭୃତ୍ୟ ରୂପେ ଷଡ଼ାଇକଲାରୁ ଅସିଥିଲେ । ସାମାନ୍ୟ କିରାନୀ କାର୍ଯ୍ୟରୁ ଦେଓ୍ୱାନ ପର୍ଯ୍ୟନ୍ତ ଉଠିଥିଲେ । ସେ ରାୟ ବାହାଦୁର ଉପାଧି ଓ ଚନ୍ଦ୍ରପୁର-ପଦ୍ମପୁର ଜମିଦାରୀ ପାଇଥିଲେ ।

---

## ଭୂପାଳ ସିଂହଙ୍କ ବଂଶାବଳୀ

ଛତସାଏ (ସମ୍ବଲପୁର ୭ମ ମହାରାଜା)

|

ହରିବଂଶଲାଲ (ଝାଡସୁଗୁଡ଼ା)

|

ଭୂପାଳସିଂହ (ରାଣୀ ମୁଖ୍ୟପାନଙ୍କ ଅଙ୍ଗରକ୍ଷୀ)

|

ପରଶୁରାମ ସିଂହ | ଦେଓପାଳ ସିଂହ | ଜୟପାଳ ସିଂହ

|

କନ୍ୟା (ରଣପୁର ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ରାଣୀ)

**ମନ୍ତବ୍ୟ**—ରଣପୁର ରାଜମାତା ବସନ୍ତମଞ୍ଜରୀ ଦେବୀଙ୍କୁ ରଣପୁର ଯୁବରାଜ ବିବାହ କରିଥିଲେ । ସମ୍ପ୍ରତି ବସନ୍ତମଞ୍ଜରୀ ଦେବୀ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗୀୟ ମନ୍ତ୍ରୀ ହୋଇ ଅଛନ୍ତି ।

---

## କୁଲ୍‌ବୀରା ଜମିଦାର ବଂଶ

ଅନନ୍ତ ସାଏ
|
କରୁଣାକର ସିଂହ
|
ଚିନ୍ତାମଣି ସିଂହ
|
ନୃପଲାଲ ସିଂହ
|
ବୀର ମହେନ୍ଦ୍ର ସିଂହ
|
କୁମାର ସାହେବ

---

## ରାମପୁର ଜମିଦାର ବଂଶ

ଦୁର୍ଯ୍ୟୋଧନ ସିଂହ
|
ଦରିଆର ସିଂହ
|

- ବକ୍ତାବର ସିଂହ
  - ବ୍ରଜରାଜସିଂହ
  - ଘାସୀରାମ
  - ସୁରୁବାବୁ

---


## ଲଇଡ଼ା ଜମିଦାର ବଂଶ

- ସମ୍ବର ସିଂହ
  - ଶିବନାଥ ସିଂହ
    - ବୃନ୍ଦାବନ ସିଂହ
      - ବୀରମହେନ୍ଦ୍ର ସିଂହ
        - ଦେବଦୁର୍ଲ୍ଲଭ
          - ପ୍ରଫୁଲ୍ଲକୁମାର ସିଂହ
        - ଅଜିତକୁମାର ସିଂହ
      - ଅଭୟ ସିଂହ
  - ବିଶ୍ୱନାଥ ସିଂହ
  - ବୀରବଳ ସିଂହ

---

## ଗଣେଶ ଉପାଧ୍ୟାୟଙ୍କ ବଂଶ

- ଗଣେଶ




---

**ମନ୍ତବ୍ୟ**—ଗଣେଶ ଉପାଧ୍ୟାୟଙ୍କ ପୁତ୍ର ପୁରୁଷୋତ୍ତମ ଓ ପ୍ରସାଦୀ ସୁରେନ୍ଦ୍ରସାଏଙ୍କ ସହିତ ଯଶପୁର-ଉଦେପୁର ଆଡ଼କୁ ଯାଇଥିଲେ । ହୁମଗିର ଜମିଦାରୀରେ ଇଂରେଜସେନା ହାତରେ ପ୍ରାୟ ଧରାପଡ଼ିଲେଣି । କୋହ୍ଲପାଲରେ ଆତ୍ମରକ୍ଷା କରି ଫେରି ପାରିଥିଲେ । ଇଂରେଜ ସରକାର ଗଣେଶ ଉପାଧ୍ୟାୟଙ୍କୁ ଫାଶୀ ଦେଇଥିଲେ ।

---

# ରେମେଲ୍ ଗୌନ୍ତିଆ ଲୋକନାଥ ପଣ୍ଡାଙ୍କ ବଂଶ

ଅଇଁଠା ପଣ୍ଡା

+ + + + (ଲେଖକ ଦ୍ୱାରା ରଚିତ ରେମେଲ୍ ଚଉତିଶାବଳୀ ପୁସ୍ତିକା ଦ୍ରଷ୍ଟବ୍ୟ)

|

ବାମନ ପଣ୍ଡା

ଲୋକନାଥ ପଣ୍ଡା — କୃଷ୍ଣ ପଣ୍ଡା

ପଦ୍ମଲୋଚନ ପଣ୍ଡା (ପୋଷ୍ୟପୁତ୍ର)

ଅଚ୍ୟୁତାନନ୍ଦ — ସତ୍ୟାନନ୍ଦ — ନିତ୍ୟାନନ୍ଦ — ଗୋକୁଳାନନ୍ଦ — ସଚ୍ଚିଦାନନ୍ଦ

ତ୍ରିବିକ୍ରମ — ସନାତନ — ଶତ୍ରୁଘ୍ନ

**ମନ୍ତବ୍ୟ**—ରେମେଲ୍ ଲେଖକର କର୍ମକ୍ଷେତ୍ର ଥିଲା । ଲେଖକ ସେ ଗ୍ରାମରେ ପ୍ରାୟ ୯ ବର୍ଷ ଶିକ୍ଷକତା କରିଥିଲେ । ଭାରତପ୍ରସିଦ୍ଧ ତୁଲସୀଦାସ କୃତ ରାମାୟଣର ଓଡ଼ିଆ ପଦ୍ୟାନୁବାଦର ଅନୁବାଦ ଲେଖା କାର୍ଯ୍ୟ ରେମେଲରେ ଆରମ୍ଭ ଓ କେତେକ କାଣ୍ଡ ସମାପ୍ତ ହୋଇଥିଲା । ହୀରାକୁଦ ବନ୍ଧରେ ଲେଖକର ସେହି ପ୍ରିୟ ଗ୍ରାମଟି ଜଳସାତ୍ ହୋଇ ଯାଇଛି ।

## ବାଲ୍‌କ ଦାଶଙ୍କ ବଂଶ (କର୍ମବୀର ବାଲ୍‌କଦାଶ ପୁସ୍ତକଦ୍ରଷ୍ଟବ୍ୟ)

ଶମ୍ଭୁ ଦାଶ (ପୁରୀ ବୀରରାମଚନ୍ଦ୍ରପୁର ଶାସନାଗତ)

- ବାଲ୍‌କଦାଶ (ବାଲୁକେଶ୍ୱର ବା ବାଲୁଙ୍କେଶ୍ୱର ଦାଶ)
  - ଗଦାଧର
    - ବିଶ୍ୱେଶ୍ୱର
      - ହରାଧନ (ମହଦା)
        - ଗୋପାଳ
          - ସଦାନନ୍ଦ
          - ଦେବରାଜ
        - ଦୟାନିଧି
          - କୁବେର
            - ପ୍ରହ୍ଲାଦ
              - ନଟବର
        - ମନବୋଧ
          - ବୈକୁଣ୍ଠ
        - ଧନପତି- (୩)
  - ନାରାୟଣ
    - ଦାମୋଦର (ବରଗଡ଼)
      - ଲକ୍ଷପତି (୪)
  - ବୈଦ୍ୟନାଥ (୧)
  - ରାମଚନ୍ଦ୍ର
  - କୃଷ୍ଣଚନ୍ଦ୍ର (୨)— ଡାଳଶ୍ରୀଗିଡ଼ା
    - ବୃନ୍ଦାବନ
      - ଗଜରାଜ
        - ରଘୁ
          - ଗୁଣଧର
        - ଚନ୍ଦୁ
        - ବସନ୍ତ
        - ହରିଶଙ୍କର
      - ମିହରଭାନୁ
        - ପଙ୍କବଣ୍ଠ
          - ଦୀନବନ୍ଧୁ କର
    - କୁଞ୍ଜ
    - କୃପାସିନ୍ଧୁ

(୩) ଧନପତି

- ଭକ୍ତ
- ଶିବ
- ଗଙ୍ଗା

(୪) ଲକ୍ଷପତି

- ସାଧୁ
- ମୁକ୍ତି
- ଲଳିତ
- ରାସ
- ବ୍ରଜ

(୧) ବୈଦ୍ୟନାଥ — ରାମଚନ୍ଦ୍ର (କଣ୍ଟାପାଲି)

- ବୈଦ୍ୟନାଥ
  - ଅଭିମନ୍ୟୁ (ପୋଷ୍ୟପୁତ୍ର)
    - ଶ୍ରୀବତ୍ସ
- ରାମଚନ୍ଦ୍ର (କଣ୍ଟାପାଲି)
  - ପ୍ରଦ୍ୟୁମ୍ନ
    - ଅନିରୁଦ୍ଧ
    - ଲକ୍ଷ୍ମଣ
    - ଶେଷ
  - ବଦନ
  - ମଧୁସୂଦନ
    - ଯୋଗେଶ୍ୱର
  - ଚନ୍ଦ୍ରାମଣି
    - କ୍ଷୀରୋଦ

ମନ୍ତବ୍ୟ—ବାଲ୍କି ଦାଶ ଲେଖକର ବୃଦ୍ଧ ପ୍ରମାତାମହ । ଗଣ୍ଡମାନେ ବାଲ୍କି ଦାଶଙ୍କର ମୁଣ୍ଡକାଟି ଦେଇଥିଲେ । ସମ୍ବଲପୁର ମହାରାଜା ନାରାୟଣ ସିଂହ ବାଲ୍କିଦାଶଙ୍କ ଦୁଇପୁତ୍ର—ନାରାୟଣ ଦାଶ ଓ କୃଷ୍ଣଚନ୍ଦ୍ର ଦାଶଙ୍କୁ ବରଗଡ଼ ନିଷ୍କର ମାଫି ଦେଇଥିଲେ ।

## କାଗଜପତ୍ର

ସିପାହୀବିଦ୍ରୋହ ସମ୍ବାଦ ଇଂଲଣ୍ଡରେ ପହଞ୍ଚିଲା ଦିନ ସେଠାରେ ପଲାସୀ ଯୁଦ୍ଧ ଓ ଅନ୍ଧକୂପହତ୍ୟାର ଶତବାର୍ଷିକ ସ୍ମୃତି ଉତ୍ସବ ପାଳିତ ହେଉଥିଲା । ୧୭୫୭ ଖ୍ରୀଷ୍ଟାବ୍ଦରେ ତଥାକଥିତ ପଲାସୀଯୁଦ୍ଧ ହୋଇଥିଲା । ୧୮୫୭ ଖ୍ରୀଷ୍ଟାବ୍ଦ ଜୁନ ୨୩ ତାରିଖରେ ଇଂଲଣ୍ଡରେ ପଲାସୀଯୁଦ୍ଧ ବିଜୟର ଶତବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହି ସମୟରେ ଭାରତର ବାତାବରଣ ଗୋଟାଏ ଦିଗନ୍ତବ୍ୟାପୀ ବିଦ୍ରୋହର ଜନରବରେ ପରିପୂର୍ଣ୍ଣ ଥିଲା । ଜୁଲାଇ ମାସରେ ମିରଟର ହତ୍ୟାକାଣ୍ଡ ଏବଂ ଦିଲ୍ଲୀପ୍ରତି ବିଦ୍ରୋହୀମାନଙ୍କ ଆକ୍ରମଣର ଦୁଃସମ୍ବାଦ ଇଂଲଣ୍ଡରେ ଅପ୍ରତ୍ୟାଶିତ ଭାବରେ ପହଞ୍ଚି ସମସ୍ତ ଦେଶକୁ କମ୍ପିତ କରି ଦେଇଥିଲା । ଭେସ୍‌ପର ବିଦ୍ରୋହ ବ୍ୟତୀତ ଅନ୍ୟ କୌଣସି ବିଦ୍ରୋହ ଭାରତର ସିପାହୀ ବିଦ୍ରୋହ ତୁଲ୍ୟ ଆକସ୍ମିକ ଗୋଟାଏ ବିରାଟ ସାମ୍ରାଜ୍ୟକୁ ଥରହର କରି ପାରି ନ ଥିଲା ।

ଡେଲହାଉସୀଙ୍କ ଶାସନର ଶେଷକାଳୀନ କାର୍ଯ୍ୟକଳାପ ଅନୁଧାନ କଲେ ଜଣାପଡ଼େ ଯେ, ଅଯୋଧାର ମିଶ୍ରଣ ଦେଶୀୟ ରାଜାମାନଙ୍କ ମନରେ ବିଶେଷ ପ୍ରଭାବ ପକାଇ ଦେଇଥିଲା । ଡେଲହାଉସୀ ବ୍ୟକ୍ତିଗତ ଭାବରେ ଅଯୋଧା ମିଶ୍ରଣର ବିପକ୍ଷରେ ଥିଲେ ; କିନ୍ତୁ ଜଣେ ଦୁର୍ବଳ ଶାସନକର୍ତ୍ତା ଅଯୋଧାର ଶାସକ ଥିଲେ । ସେଥିରେ ଜନସାଧାରଣଙ୍କ ଉପରେ ନାନାବିଧ ଅତ୍ୟାଚାର ହେଉଥିଲା । ଅଯୋଧାର ରାଜାମାନଙ୍କଠାରୁ ଇଷ୍ଟଇଣ୍ଡିଆ କୋମ୍ପାନୀ ଟଙ୍କା ଋଣ କରୁଥିଲେ, ବିପ୍ଳବୀ ପ୍ରଜାମାନଙ୍କ ଅତ୍ୟାଚାରରୁ ରାଜାମାନଙ୍କୁ ରକ୍ଷା କରୁଥିଲେ ଏବଂ ସୈନ୍ୟ ସଂଗ୍ରହ କରିବା ନିମନ୍ତେ ଅଯୋଧାକୁ ପୀଠସ୍ଥାନ କରିଥିଲେ । ୧୮୦୧ ଖ୍ରୀଷ୍ଟାବ୍ଦର ସନ୍ଧି ଅନୁସାରେ କୋମ୍ପାନୀଙ୍କୁ ଅଯୋଧାର ଅର୍ଦ୍ଧାଂଶ ମିଳିଥିଲା । ସେହି ସନ୍ଧିରେ ସର୍ତ୍ତ ରହିଥିଲା, ଇଷ୍ଟଇଣ୍ଡିଆକୋମ୍ପାନୀ ରାଜାମାନଙ୍କୁ ରକ୍ଷା କରିବା ସକାଶେ ସେନା ରଖିବେ । ଲର୍ଡ ଅକଲଣ୍ଡ ସେହି ପ୍ରତିଶ୍ରୁତି ଭଗ୍ନ କରିବାକୁ ଚେଷ୍ଟା କରିଥିଲେ ; କିନ୍ତୁ ତାହା ନିଷ୍ଫଳ ହୋଇଥିଲା । ପ୍ରଥମ ଶିଖ ସମରପରେ ଲର୍ଡ ହାର୍ଡିଂ ଅଯୋଧା ରାଜାଙ୍କୁ ତାକିଦ୍ କରିଦେଲେ ଯେ, କୋମ୍ପାନୀ ଏଣିକି ତାଙ୍କ ରାଜ୍ୟର କୁଶାସନ ବରଦାସ୍ତ କରି ପାରିବେ ନାହିଁ । ଡେଲହାଉସୀ ୧୮୪୮ ଖ୍ରୀଷ୍ଟାବ୍ଦରେ କର୍ଣ୍ଣେଲ ସ୍ଲିମାନଙ୍କୁ ଅଯୋଧାର ଆଭ୍ୟନ୍ତରୀଣ ଅବସ୍ଥା (ଶାସନର) ପୁନର୍ଗଠନ କରିବା ସକାଶେ ପଠାଇଥିଲେ । ସେହି କାର୍ଯ୍ୟ କଷ୍ଟସାଧ୍ୟ ଥିଲା । ୧୮୫୧ ସାଲରେ ସ୍ଲିମାନ ତାଙ୍କ ରିପୋର୍ଟରେ ଲେଖିଥିଲେ ଯେ, ରାଜ୍ୟର ଶାସନ କର୍ତ୍ତୃତ୍ୱ ବ୍ରିଟିଶ ହାତକୁ ନେବା ଛଡ଼ା ଶାନ୍ତିରକ୍ଷାର ଅନ୍ୟୋପାୟ ନାହିଁ । ଡେଲହାଉସୀ ଉକ୍ତ କାର୍ଯ୍ୟ କରିବାରୁ ବିରତ ହେଲେ । ୧୮୫୪ ସାଲରେ ସ୍ଲିମାନ ଇସ୍ତଫା ଦେବାରେ ତାଙ୍କ ସ୍ଥାନରେ ସାର୍ ଜେମସ୍ ଆଉଟ୍-ରାମ ନିଯୁକ୍ତ ହେଲେ । ଆଉଟ୍ରାମ ଅଯୋଧା ମିଶ୍ରଣ

ବିପକ୍ଷରେ ଥିଲେହେଁ, ସ୍ଲିମାନଙ୍କ ରିପୋର୍ଟର ଅନୁସରଣ କଲେ । ସେ ମତ ଦେଲେ ଯେ, ୧୮୦୧ ସାଲର ସନ୍ଧିସର୍ତ୍ତ ଅନୁସାରେ ସ୍ୱିକୃତ କର ସମସ୍ୟାର ଚୂଡ଼ାନ୍ତ ପ୍ରଣାଳୀ ଅନୁଧାବନ କରିବାପାଇଁ କୋମ୍ପାନୀଙ୍କୁ ସମର୍ଥନ କରୁଅଛି । ଆଉଟ୍‌-ରାମଙ୍କ ମତରେ ଦେଶୀୟ ରାଜ୍ୟ ଦୁର୍ବଳ ଓ ଅକ୍ଷମ ରାଜବଂଶଙ୍କ ଅଧିକାରରେ ରଖିବା ଅର୍ଥ ହୁଏତ ୫୦,୦୦୦୦୦ ଲକ୍ଷ ଲୋକଙ୍କୁ ଦୁଃଖଦୁର୍ଦ୍ଦଶାମୁଖରେ ଠେଲିଦେବା । ୧୮୦୧ ସାଲର ସନ୍ଧି ଅନୁସାରେ ଅଯୋଧ୍ୟାର ଶାସନସମ୍ବନ୍ଧୀୟ ବ୍ୟବସ୍ଥା ବ୍ରିଟିଶ ସରକାରଙ୍କ ପରାମର୍ଶମତେ ଦେଶୀୟ ଶାସନକର୍ତ୍ତା କର୍ମଚାରୀମାନଙ୍କ ଦ୍ୱାରା ସମ୍ପନ୍ନ ହେବାର ଚୁକ୍ତି ହୋଇଥିଲା । ସଙ୍ଗେ ସଙ୍ଗେ ରାଜାଙ୍କ କର୍ମଚାରୀମାନଙ୍କ ହାତରୁ ଶାସନରେ ଉନ୍ନତି ବା ସଂସ୍କାରର ଆଶା କରିବା ଅସମ୍ଭବ । ଲର୍ଡଡେଲହାଉସୀଙ୍କ ମତରେ ୧୮୦୧ ସାଲର ସନ୍ଧିକୁ ରଦ୍‌ କରିବା ଆବଶ୍ୟକ । ସୁତରାଂ ରାଜାଙ୍କୁ ନୂଆଁ ସନ୍ଧିପତ୍ରରେ ସ୍ୱାକ୍ଷର କରିବା-ପାଇଁ କୁହାଯିବ । ତାଙ୍କଦ୍ୱାରା ରାଜ୍ୟର ଶାସନଭାର ବ୍ରିଟିଶ ସରକାରଙ୍କୁ ଦେଲେ ବୋଲି ସର୍ତ୍ତକରାଯିବ, ତା' ନ ହେଲେ, ସେ ଇଂରେଜ ସେନାର ସାହାଯ୍ୟଲାଭରୁ ବଞ୍ଚିତ ହେବେ । ଅଯୋଧ୍ୟାରୁ ସୈନ୍ୟ ଅପସାରଣ କରିବା ଅର୍ଥ ଅଯୋଧ୍ୟାର ଅର୍ଦ୍ଧାଂଶ (ଯାହାକି ସୈନ୍ୟ ସାହାଯ୍ୟରେ ପ୍ରତିଦାନ ସ୍ୱରୂପ ମିଳିଥିଲା) ପୁନର୍ବାର ଚାଲିଯିବ । ଏଥିରେ ଡେଲହାଉସୀ ଆଦୌ ମଙ୍ଗିଲେ ନାହିଁ । ତାଙ୍କର ପରାମର୍ଶଦାତା କର୍ମଚାରୀମାନେ ଭିନ୍ନ ମତ ଦେଲେ । ପରିଶେଷରେ କୋର୍ଟ ଅଫ୍‌ ଡାଇରେକ୍ଟର ଗଭର୍ଣ୍ଣର ଜେନେରଲଙ୍କୁ ରାଜ୍ୟ ମିଶାଇ ଦେବା ସକାଶେ ରାଜାଙ୍କୁ ରାଜସ୍ୱ, କ୍ଷମତା ଓ ରାଜପଦରୁ ବଞ୍ଚିତକରି ରାଜା ଓ ତାଙ୍କର ବଂଶଧରମାନଙ୍କୁ ପେନ୍‌ସନ୍‌ ଦେବାର ବ୍ୟବସ୍ଥା କରାଗଲା । ଡେଲହାଉସୀଙ୍କ ଇଚ୍ଛା ଥିଲା ଯେ, ଅଯୋଧ୍ୟାର ଶାସନ

କ୍ଷମତା ବ୍ରିଟିଶ ହାତକୁ ଆଣିବା ; କିନ୍ତୁ ଅଯୋଧ୍ୟାର ରାଜବଂଶକୁ ନିର୍ବାସିତ କରିବାପାଇଁ ସେ ମତ ଦେଇ ନ ଥିଲେ । ୧୮୫୬ ସାଲର ଫେବୃଆରୀ ୭ ତାରିଖରେ ସାର୍ ଜେମସ୍ ଆଉଟ୍‌ରାମଙ୍କ ଦ୍ୱାରା ଅଯୋଧ୍ୟା ବ୍ରିଟିଶ ସାମ୍ରାଜ୍ୟଭୁକ୍ତ ହେଲା । ରାଜାଙ୍କ ସମ୍ପତ୍ତି ନିଲାମ କରି ଦିଆଗଲା । ସୁଶାସନ ପରିବର୍ତ୍ତେ କୋମ୍ପାନୀର ସହକୃତ ସନ୍ଧିରେ ଅନ୍ୟ କିଛି ନ ଥିଲା । ସମଗ୍ର ଭାରତବର୍ଷ ମଧ୍ୟରେ ଅଯୋଧ୍ୟା ରାଜା ଇଂରେଜଙ୍କ ବିଶ୍ୱସ୍ତ ରାଜା ବୋଲି ଖ୍ୟାତି ଲାଭ କରିଥିଲେ । ସେଭଳି ରାଜାଙ୍କ ରାଜ୍ୟ ଏହିପରି କୂଟମୀତିରେ କୋମ୍ପାନୀ ହାତକୁ ଚାଲିଯିବା ଦେଖି ଅନ୍ୟାନ୍ୟ ଦେଶୀୟ ରାଜାମାନେ ଇଂରେଜଜାତିପ୍ରତି ବିଦ୍ୱେଷ ଭାବ ପୋଷଣ କଲେ ଏବଂ କୋମ୍ପାନୀଙ୍କୁ ଘୃଣା ଚକ୍ଷୁରେ ଦେଖିବାକୁ ଲାଗିଲେ ।

ଏହାଛଡ଼ା ଡେଲହାଉସୀଙ୍କ ଭାରତ ଶାସନ ନୀତି ଜନସାଧାରଣଙ୍କର ମନରେ ବିନାଶମୂଳକ ପ୍ରତିକ୍ରିୟା ଜାଗ୍ରତ କରିଦେଲା । ସେତେବେଳେ ଏକ "ହିନ୍ଦୁ ସମ୍ବାଦ" ପ୍ରଚାରିତ ହୋଇଥିଲା । ସେଥିରେ ଲେଖାଥିଲା ଯେ ପଲାସୀ ଯୁଦ୍ଧର ଠିକ୍ ଏକଶତବର୍ଷରେ ଭାରତରେ ବିଦ୍ରୋହ ହେବ । ଦିଲ୍ଲୀର ରାଜପରିବାରଙ୍କ ବୃତ୍ତିଚ୍ଛେଦ, ବେଙ୍ଗଲ ସେନା ବିଭାଗରେ ଅସନ୍ତୋଷ, ସିପାହୀମାନଙ୍କ ଆପତ୍ତି ଅଭିଯୋଗ, ଚର୍ବିନିର୍ମିତ ଟୋଟା, ରାଜାମାନଙ୍କ ପୋଷ୍ୟପୁତ୍ର ଅଗ୍ରାହ୍ୟକରଣ, ରେଳପଥ ବିସ୍ତାର, କେନାଲ ଓ ରାଜପଥ ପ୍ରସ୍ତୁତି, ଟେଲିଗ୍ରାଫ ସ୍ଥାପନ, ବିଧବାବିବାହ ପ୍ରଚଳନ ପ୍ରଭୃତି କାର୍ଯ୍ୟ ଭାରତର ଜନସାଧାରଣଙ୍କର ମନରେ ଇଂରେଜ ଜାତିପ୍ରତି ସନ୍ଦେହ ଓ ବିରକ୍ତି ଜନ୍ମାଇ ଦେଇଥିଲା । ଏସବୁ ପାଶ୍ଚାତ୍ୟ ସଭ୍ୟତାର ନିଦର୍ଶନ ଭାରତର କୃଷ୍ଟିର ବିଲୋପ କରିବ ବୋଲି ଭାରତୀୟ ଜନସାଧାରଣ ଉତ୍ତ୍ୟକ୍ତ ହୋଇଥିଲେ ।

ସମ୍ବଲପୁର ଜନନେତା ସୁରେନ୍ଦ୍ର ସାଏ ଇଂରେଜମାନଙ୍କର ଉପରେ ପ୍ରବଳ ଶତ୍ରୁ ଥିଲେ ଏବଂ ତାଙ୍କୁ ଧରିବା ସକାଶେ ଇଂରେଜ ସରକାର ଉପରେ ଉତ୍କଣ୍ଠିତ ହୋଇଥିଲେ, ଗାରଙ୍ଗଡ଼ ରାଜାଙ୍କର ସନନ୍ଦ ପତ୍ରରୁ ସେଥିର ପରିଚୟ ମିଳେ । ଖ୍ରୀଷ୍ଟାବ୍ଦ ୧୮୬୨-୬୩ରେ ସମ୍ବଲପୁର ଜିଲାରେ ଜାତୀୟ ସମରାନଳ ପ୍ରବଳବେଗରେ ପ୍ରଜ୍ୱଳିତ ହୋଇଥିଲା । ତାତ୍କାଳୀନ ଭାରତ ଶାସନକର୍ତ୍ତା ସମସ୍ତ ବ୍ରିଟିଶଶକ୍ତି ଏହି କ୍ଷୁଦ୍ର ସମ୍ବଲପୁର ଜିଲା ପ୍ରତି ପ୍ରୟୋଗ କରିଥିଲେ । ନାନା-ପ୍ରଦେଶରୁ ବ୍ରିଟିଶ ସେନା ଓ ସେନାନାୟକମାନଙ୍କୁ ସମ୍ବଲପୁରକୁ ଅଣା ଯାଇଥିଲା । ମାନ୍ଦ୍ରାଜୀ ସେନାର ଯୁବକ କପ୍ତାନ୍ ମି: ଇଲିୟଟ୍ ସେନା ସହିତ କଳାହାଣ୍ଡି ମାର୍ଗରେ ସମ୍ବଲପୁରକୁ ଆସୁଥିଲେ । ଦୈବ-ବଶରେ ସେ କଳାହାଣ୍ଡିରେ ଅକସ୍ମାତ୍ ମୃତ୍ୟୁଲାଭ କରିଥିଲେ । ତାଙ୍କର ସଙ୍ଗିମାନେ କଳାହାଣ୍ଡିରେ ମୃତ କପ୍ତାନଙ୍କର କବର ରଖିବା ପାଇଁ କଳାହାଣ୍ଡି ରାଜାଙ୍କୁ ଭୂମି ମାଗିଲେ ; କିନ୍ତୁ ରାଜା ତାଙ୍କ ରାଜ୍ୟର ଭୂମି ଅପବିତ୍ର ହୋଇଯିବ ବୋଲି ସ୍ଥାନ ଦେଲେ ନାହିଁ । ପରେ ଶବ ଘେନି ତାଙ୍କର ଅନୁଚରଗଣ ପାଟଣାରେ ଉପସ୍ଥିତ ହୋଇ ପାଟଣାରାଜାଙ୍କୁ ଜଣାଇଲେ ; କିନ୍ତୁ ପାଟଣା ରାଜା ମଧ୍ୟ ସେମାନଙ୍କ ପ୍ରାର୍ଥନା ଅଗ୍ରାହ୍ୟ କଲେ । ଇଂରେଜମାନେ ପାଟଣାରୁ ଫୁଲଝର, ଫୁଲଝରରୁ ଗାରଙ୍ଗଡ଼ରେ ମିଳି ଗାରଙ୍ଗଡ଼ ରାଜାଙ୍କୁ ସମସ୍ତ ବିବରଣ ଜ୍ଞାପନ କଲେ । ସେହି ସମୟରେ ସଂଗ୍ରାମ ସିଂହ ରାଜା ଥିଲେ । ସେ ତାଙ୍କ ରାଜ୍ୟରେ କବର ପ୍ରତିଷ୍ଠା କରିବା ସକାଶେ ଅନୁମତି ଦେଇଲେ । ଗାରଙ୍ଗଡ଼ ରାଜଧାନୀରୁ ୭ ମାଇଲ ଦୂରବର୍ତ୍ତୀ ସାଲିର ନାମକ ଗ୍ରାମରେ ଏକ ଦୋଆବରେ ଉକ୍ତ କବର ପ୍ରତିଷ୍ଠିତ ହୋଇଅଛି । ଗୋଟିଏ ସ୍ମୃତିସ୍ତମ୍ଭରେ ମି: ଇଲିୟଟଙ୍କର ଜନ୍ମ ଓ ମୃତ୍ୟୁ ତାରିଖ ଅଙ୍କିତ ରହିଅଛି । ଏ ପର୍ଯ୍ୟନ୍ତ ଉକ୍ତ କବର ପାଇଁ

କଲକତାସ୍ଥ ସୋସାଇଟି ବାର୍ଷିକ ମରାମତି ସକାଶେ ଟ ୩୪୯ ପଠାଇ ଆସୁଅଛନ୍ତି । ଶାରଙ୍ଗଡ଼ ରାଜାଙ୍କୁ ତା'ପରେ ବ୍ରିଟିଶ ସରକାର ଯେଉଁ ସନନ୍ଦ ଦେଇଅଛନ୍ତି, ସେଥିରେ ଚାରିଗୋଟି ସର୍ତ୍ତରୁ ଗୋଟିଏ ସର୍ତ୍ତ ରହିଛି ଯେ, ଶାରଙ୍ଗଡ଼ ରାଜା ସୁରେନ୍ଦ୍ର ସାଏଙ୍କୁ ଧରିବା କାର୍ଯ୍ୟରେ ଇଂରେଜ ସରକାରଙ୍କୁ ସାହାଯ୍ୟ କରିଥିବା ହେତୁ ତାଙ୍କୁ ଫ୍ୟୁଡେଟୋରୀ ଚିଫ୍ କ୍ଷମତା ଦିଆଗଲା । ଏ ସମସ୍ୟାରେ ଯେ ଶାରଙ୍ଗଡ଼ ରାଜାଙ୍କ ଇଂରେଜ ଜାତିର ଶବପ୍ରତି ସହାନୁଭୂତି ପ୍ରଦର୍ଶନ ଚ୍ଛନ୍ନ ଭାବରେ ରହିଥିଲା, ତାହା ସହଜରେ ଜଣାପଡ଼େ । ପକ୍ଷାନ୍ତରରେ କେବଳ ସୁରେନ୍ଦ୍ର ସାଏ ଯେ ଇଂରେଜ-ବିଦ୍ୱେଷୀ ଥିଲେ, ତାହା ନୁହେଁ । ଏହି ଇଂରେଜ କବଳ ରାଜ୍ୟମଧ୍ୟରେ ରହି ନ ଦେବାଟା ସେହି ସମୟର କଳାହାଣ୍ଡି ଓ ପାଟଣାରାଜା ଏବଂ ଫୁଲଝର ଜମିଦାରଙ୍କ ଇଂରେଜ-ବିଦ୍ୱେଷ-ମନୋଭାବର ପରିଚୟ ଦେଉଅଛି ।

ସୋନପୁର-ଇତିହାସରୁ ଜଣାପଡ଼େ ଯେ; ସୁରେନ୍ଦ୍ର ସାଏଙ୍କ ବିପ୍ଳବରେ ସୋନପୁର ରାଜା ନୀଳାଦ୍ରି ସିଂହଦେବ ଇଂରେଜ ସରକାରଙ୍କୁ ସାହାଯ୍ୟ କରିଥିବା ହେତୁ "ରାଜାବାହାଦୁର" ଉପାଧି ପାଇଥିଲେ ; କିନ୍ତୁ ନୀଳାଦ୍ରି ସିଂହ ୧୮୪୧ରେ ରାଜା ହୋଇଥିଲେ ଏବଂ ସୁରେନ୍ଦ୍ର ସାଏ ୧୮୪୦ରେ ଧରାଯାଇଥିଲେ । ତେବେ ରାଜା ପୃଥ୍ୱୀ ସିଂହଦେବ ଉକ୍ତ ସାହାଯ୍ୟ କରିଥିବେ ଏବଂ ତାଙ୍କ ପୁତ୍ର ପୁଣ୍ୟ ଫଳ ଭୋଗ କରିଥିବେ ?

---

ସୁରେନ୍ଦ୍ର ସାଏ ଓ ଲୋକନାଥ ପଣ୍ଡା ଏକ ସଙ୍ଗେ ଆସିରଗଡ଼ ଜେଲରେ ବନ୍ଦୀ ହୋଇ ରହିଥିବା ଏବଂ ସେହି ଜେଲରେ ଦୁହେଁ ମାନବଲୀଳା ସମ୍ବରଣ କରିଥିବା ସମ୍ବାଦ ଲେଖକ ରଚ୍ନେଲ୍ଙ୍କରେ

ଶୁଣିଥିଲି । ରମ୍ପେଲର ଭୂତପୂର୍ବ ଗୌନ୍ତିଆ, ଲୋକନାଥ ପଣ୍ଡାଙ୍କ ପୋଷ୍ୟପୁତ୍ର ୭ ପଦ୍ମଲୋଚନ ପଣ୍ଡା ଲେଖକଙ୍କୁ ସୁରେନ୍ଦ୍ର ସାଏ ଓ ଲୋକନାଥ ପଣ୍ଡାଙ୍କ ଫଟୋ ଦେଖାଇ ଉକ୍ତ ମୃତ୍ୟୁ ବିବରଣ କହିଥିଲେ । ଏଣେ ସମ୍ବଲପୁର-ଗେଜଟିଏରରୁ ସଂଗୃହୀତ ସମ୍ବାଦ ସହିତ ଉକ୍ତ ବିବରଣ ମେଳ ଖାଉନାହିଁ । ସେ ଯାହାହେଉ, ଏହା ଐତିହାସିକ ସତ୍ୟ ଯେ, ଉଭୟେ ରାଜଦ୍ରୋହ ଅପରାଧରେ ଯାବଜ୍ଜୀବନ କାରାବାସ ଦଣ୍ଡଭୋଗ କରିଥିଲେ ।

ଅନେକେ ସମ୍ବଲପୁର ଜିଲ୍ଲାର ବିଶେଷତ୍ୱ ଜାଣିବାପାଇଁ ଗୃହାନ୍ତି । ଯେହେତୁ ସମଗ୍ର ଭାରତରେ ରାଜନୀତିକ ବିପ୍ଳବର ଶାନ୍ତି ପଡ଼ିଯାଇଥିବା ସମୟରେ କେବଳ ସମ୍ବଲପୁର ଜିଲ୍ଲାରେ ବ୍ରିଟିଶ-ବିଦ୍ୱେଷ-ବହ୍ନି ପ୍ରବଳ ହୋଇ ଉଠିଥିଲା ଏବଂ ସେହି ବିପ୍ଳବାନଳ ନିର୍ବାପଣ କରିବା ସକାଶେ ଭାରତର ବଡ଼ଲାଟ୍ ସମସ୍ତ ବ୍ରିଟିଶ ଶକ୍ତି ସମ୍ବଲପୁର ପ୍ରତି ପ୍ରୟୋଗ କରିଥିଲେ । ଏହା କେବଳ ସମ୍ବଲପୁରର ବିଶେଷତ୍ୱ ନୁହେଁ ; କାରଣ ସମ୍ବଲପୁର ନାମକରଣ ୪୦୦ ବର୍ଷ ପୂର୍ବେ ନ ଥିଲା । ଏହି ଭୂଖଣ୍ଡ ପୁରାଣପ୍ରଥିତ ଦକ୍ଷିଣ କୋଶଳର ଅନ୍ତର୍ଭୁକ୍ତ । ଦକ୍ଷିଣ କୋଶଳ ରାଜ୍ୟ ପାଟଣା ରାଜ୍ୟକୁ କେନ୍ଦ୍ର କରି ଗଠିତ ହୋଇଥିଲା । ସୋନପୁର, ଖଡ଼ିଆଲ ପ୍ରଭୃତି ରାଜ୍ୟ ପାଟଣାର ଅଂଶ ବିଶେଷ ଥିଲା । ସୁତରାଂ ପ୍ରକୃତ ପକ୍ଷରେ ଏହି ବିଶେଷତ୍ୱର ମୂଳ ଅଧିକାରୀ ଦକ୍ଷିଣ କୋଶଳ । ଦକ୍ଷିଣ କୋଶଳର ବିଶେଷତ୍ୱ ଏହି ଯେ, ଏ ରାଜ୍ୟ କେବେ ମୁସଲମାନ-ମାନେ ହସ୍ତଗତ କରି ପାରି ନଥିଲେ । ଏହା ସମଗ୍ର ଭାରତବର୍ଷ ମଧ୍ୟରେ ଚିରସ୍ୱାଧୀନ ରାଜ୍ୟ ଥିଲା । ଉତ୍କଳରେ ଏହି ଖଣ୍ଡିକହିଁ ହିନ୍ଦୁ-ସ୍ୱାଧୀନତା ରକ୍ଷା କରିବା ସକାଶେ ସମର୍ଥ ହୋଇଥିଲା । ହିନ୍ଦୁଧର୍ମ-ହନ୍ତା ମୁସଲମାନ ସେନାପତି କଳାପାହାଡ଼ର ଶକ୍ତି ସମ୍ବଲପୁରରେ ହିଁ

ପରାସ୍ତ ହୋଇଥିଲା । ସୋମଲାଈ ମନ୍ଦିରରେ ଅଦ୍ୟାପି କଳାପାହାଡ଼ର ମରଣ-ସ୍ମୃତି ସ୍ୱରୂପ ତାହାର ଦେବ-ବିଗ୍ରହ-ଧ୍ୱଂସୀ କୃପାଣ ଓ ତ୍ରିଶୂଳ ରକ୍ଷିତ ହୋଇଅଛି । ସମ୍ବଲପୁରର ଚୌହାଣ ରାଜା ବଳିଆର ସିଂହ ଉତ୍କଳେଶ୍ୱର ମୁକୁନ୍ଦଦେବଙ୍କୁ ସ୍ୱୀୟ ଅଲୌକିକ ଶୌର୍ଯ୍ୟର ପରୀକ୍ଷା ଦେଇ ତାଙ୍କଠାରୁ "ହୀରାଖଣ୍ଡ ଛତ୍ରପତି" ଉପାଧି ଓ "ମେଘାଡ଼ମ୍ବରଛତ୍ର" ସହିତ ଗଜପତି ରାଜକନ୍ୟାଙ୍କୁ ଲାଭ କରିଥିଲେ । ଆମ୍ଭମାନଙ୍କର ଚୌହାଣବୀର ସୁରେନ୍ଦ୍ରସାଏ ସେହି ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ସମ୍ବଲପୁରର ହୀରାଖଣି ଲୋଭରେ ଇଂରେଜ ବଣିକମାନେ ଏ ରାଜ୍ୟ ହସ୍ତଗତ କରିବା ସକାଶେ ଧର୍ମାଧର୍ମ ବିଚାର ନ କରି ଜଣେ ମହାବୀରଙ୍କୁ ମହାଦସ୍ୟୁ ରୂପେ ପ୍ରମାଣିତ କରିଥିଲେ । ଏହାଠାରୁବଳି ସମ୍ବଲପୁରର ବିଶେଷତ୍ୱ ଆଉ କ'ଣ ଥାଇପାରେ ?

---

ନିମ୍ନଲିଖିତ ଇଂରେଜ ରିପୋର୍ଟରୁ ଜଣାଯାଉଛି ଯେ, ଇଂରେଜ-ସରକାର ସୁରେନ୍ଦ୍ରସାଏଙ୍କୁ କିପରି ଭୟ କରୁଥିଲେ ।—

*"The Sambalpur District was, perhaps, the very last District in India in which the embers of the disturbances of 1857 were finally stamped out. In 1857 a rebellion against British authority was raised in Sambalpur by Soorundhar Sahi, a relative of the former Rajah. He had been confined at the instance of the Rajah for some years in the Hazaribagh jail and escaped only in the mutineers."*

ଉକ୍ତ ରିପୋର୍ଟ ମଧ୍ୟପ୍ରଦେଶର ଚିଫ୍ ସେକ୍ରେଟେରୀଙ୍କ ସେକ୍ରେଟେରୀ ଭାରତ ସରକାରଙ୍କ ବୈଦେଶିକ ବିଭାଗକୁ ପଠାଇ-ଥିଲେ । (୨୩।୧।୧୮୭୨)

## ଅନୁବାଦ:—

ସମ୍ବଲପୁର ଜିଲ୍ଲା ବୋଧହୁଏ, ସମଗ୍ର ଭାରତ ବର୍ଷରେ ଶେଷ ଜିଲ୍ଲା, ଯେଉଁଠାରେ କି ୧୮୫୭ ମସିହାର ବିପ୍ଳବ-ବହ୍ନି ସର୍ବଶେଷରେ ନିର୍ବାପିତ ହୋଇଥିଲା । ସମ୍ବଲପୁରର ପୂର୍ବତନ ରାଜାଙ୍କର ଜଣେ ଆତ୍ମୀୟ ସୁରେନ୍ଦ୍ରସାଏ ୧୮୫୭ରେ ଇଂରେଜଙ୍କ ବିପକ୍ଷରେ ଗୋଟିଏ ବିଦ୍ରୋହର ସୂତ୍ରପାତ କରିଥିଲେ । ସେ ରାଜାଙ୍କ ପ୍ରବର୍ତ୍ତନରେ ଧୃତ ହୋଇ ହଜାରିବାଗ ଜେଲରେ ଯାବଜ୍ଜୀବନ ବନ୍ଦୀରୂପେ କେତେକ ବର୍ଷ ( ୧୭ ବର୍ଷ ) ଯାପନ କରିଥିଲେ ଏବଂ ବିଦ୍ରୋହର ପ୍ରଥମ-ଅବସ୍ଥାରେ ମୁକ୍ତି ପାଇଥିଲେ ।

---

ରାୟପୁର ଅଫିସରୁ ପ୍ରାପ୍ତ କେତେକ କାଗଜପତ୍ରରୁ ଜଣାଯାଏ ଯେ, ସୁରେନ୍ଦ୍ରସାଏଙ୍କ ବିପ୍ଳବ ରାୟପୁର ସୀମା ଭିତରକୁ ମଧ୍ୟ ବିସ୍ତୃତ ହୋଇଥିଲା । ସୁରେନ୍ଦ୍ରସାଏ ଖଡ଼ିଆଳର ବନପର୍ବତମାଳାରେ ବିପ୍ଳବ-ବୀଜ ବୁଣିଦେଇଥିଲେ । ଖଡ଼ିଆଳର ମାଣିକଗଡ଼ରେ ବିପ୍ଳବୀମାନେ ଆଶ୍ରୟ ନେଇଥିଲେ । ଖଡ଼ିଆଳର ଚୌହାଣରାଜା କୃଷ୍ଣଚନ୍ଦ୍ରସିଂହ ସୁରେନ୍ଦ୍ର ସାଏଙ୍କୁ ଅର୍ଥ ଓ ଲୋକସାହାଯ୍ୟ କରିଥିଲେ । ଇଂରେଜ ସରକାର ତାହା ଜାଣିପାରି ଖଡ଼ିଆଳ ରାଜାଙ୍କୁ ପତ୍ରଦ୍ୱାରା ସତର୍କ କରିଥିଲେ; କିନ୍ତୁ ଖଡ଼ିଆଳ ରାଜା ତାହା ଅଗ୍ରାହ୍ୟ କରିଥିଲେ । ଖଡ଼ିଆଳ ରାଜା କମିଶ୍ନର ଓ ଚିଫ୍ କମିଶ୍ନର ସାହେବଙ୍କ ସହିତ ସାକ୍ଷାତ୍ ମଧ୍ୟ କରିନଥିଲେ । ବିଦ୍ରୋହ ଦମନ ପାଇଁ କଟକ କମିଶ୍ନର ସାହେବ ୧୮୬୧ ଡ଼ିସେମ୍ବର ମାସରେ ଖଡ଼ିଆଳ ମୁକାମ କରିଥିଲେ

ଏବଂ ସେଠାକୁ ରାଜା ଜମିଦାରମାନଙ୍କୁ ଡକାଇ ଥିଲେ ; କିନ୍ତୁ ଖଡ଼ିଆଳ ରାଜା କମିଶନର ସାହେବଙ୍କ ଦରବାରରେ ଯୋଗ ନ ଦେବା ହେତୁ କମିଶନର ସାହେବ ତାଙ୍କୁ ଟ୧୦୦୦୍ ଜରିମାନା କରିଥିଲେ । ୧୮୬୩ ମସିହାରେ ମଧ୍ୟପ୍ରଦେଶ ଚିଫ୍ କମିଶନର ଖଡ଼ିଆଳକୁ ଆସିଥିଲେ । ଖଡ଼ିଆଳ ରାଜା ତାଙ୍କୁ ସମ୍ମାନ କରି ନ ଥିଲେ । ଖଡ଼ିଆଳ ରାଜାଙ୍କ ବ୍ୟବହାର ନେଇ ସରକାରୀ ମହଲରେ ଆନ୍ଦୋଳନ ଲାଗି ଯାଇଥିଲା ।

---

ଦେଓରୀ ନାମକ ଏକ ଜମିଦାରୀ ରାୟପୁର ଜିଲ୍ଲାରେ ଅବସ୍ଥିତ । ରାୟପୁର ସହରରୁ ପୂର୍ବକୁ ୧୦୦ ମାଇଲ ଓ ରାୟପୁର-ସମ୍ବଲପୁର ରାଜପଥରୁ ଉତ୍ତରକୁ ୧୦ ମାଇଲ ବ୍ୟବଧାନରେ ଦେଓରୀ ଜମିଦାରୀ ବିଦ୍ୟମାନ । ତାତ୍କାଳୀନ ଜମିଦାରଙ୍କ ନାମ ମହାରାଜ ସାଏ । ସେ ବିଞ୍ଝାଲ ଜାତୀୟ । ସୁନା ଖାନର ଜମିଦାର ନାରାୟଣ ସିଂହ ଦେଓରୀ ଜମିଦାରଙ୍କ ପିତୃବ୍ୟ ଥିଲେ । ଉକ୍ତ ନାରାୟଣ ସିଂହ ସୁରେନ୍ଦ୍ର ସାଏଙ୍କ ପକ୍ଷରେ ରହିଥିଲେ । ଉଭୟ ଜମିଦାର ମଧ୍ୟରେ ଘରୁଆ ବିବାଦ ଥିଲା । ଦେଓରୀ ଜମିଦାର ମହାରାଜ ସାଏ ସୁନାଖାନର ଜମିଦାର ନାରାୟଣ ସିଂହଙ୍କୁ ଧରାଇ ଦେଇଥିଲେ । ଇଂରେଜ ସରକାର ସୁନାଖାନ ଜମିଦାର ନାରାୟଣ ସିଂହଙ୍କୁ ଫାଶୀଦେଇ ତାଙ୍କ ଜମିଦାରୀ ଦେଓରୀ ଜମିଦାରଙ୍କୁ ପ୍ରଦାନ କରିଥିଲେ । ଏହି ବ୍ୟାପାରରେ ସୁନାଖାନ ଜମିଦାରୀର କେତେକ ଲୋକ ଦେଓରୀ ଜମିଦାରଙ୍କୁ ହତ୍ୟା କରି ଖଡ଼ିଆଳ ଭିତରକୁ ଚାଲି ଯାଇଥିଲେ । ତେଣେ ଇଂରେଜ ସରକାର ନାରାୟଣ ସିଂହଙ୍କ ପୁତ୍ର ଗୋବିନ୍ଦ ସିଂହ ଓ ତାଙ୍କର କେତେଜଣ ବିଶ୍ୱସ୍ତ ବନ୍ଧୁଙ୍କୁ ନାଗପୁର ଜେଲରେ ବନ୍ଦୀ କରି ରଖିଥିଲେ । ସରକାର ଖଡ଼ିଆଳ, ପାଟଣା, ବୁଢାସମ୍ବର, ବେନ୍ଦ୍ରା ନୂଆଁଗଡ଼ , ଫୁଲଝର, ଶାରଙ୍ଗଡ଼ ପ୍ରଭୃତିର ରାଜାଜମିଦାର-

ମାନଙ୍କୁ ପତ୍ରଦ୍ୱାରା ସାବଧାନ କରାଇ ଦେଇଥିଲେ । ସୁରେନ୍ଦ୍ର ସାଏ କୁଞ୍ଜଲ ସିଂହ (ଫାଶୀଦଣ୍ଡ ପ୍ରାପ୍ତ ସୁନାଖାନ ଜମିଦାରଙ୍କ ଶ୍ୟାଳକ ଓ ଢେଁଷ ଜମିଦାରଙ୍କ ଭ୍ରାତା)ଙ୍କ ନାୟକତ୍ୱରେ ୧୨୦ଜଣ ବିପ୍ଲବୀ ସେନା ସୁନାଖାନକୁ ପଠାଇଥିଲେ । ସେ ସମସ୍ତେ ସୁନାଖାନରୁ ସ୍ଥାନାନ୍ତରକୁ ଚାଲି ଯାଇଥିଲେ । କେବଳ ଜଣେ ଲୋକ କଲେରାରେ ପୀଡ଼ିତ ହେବା ହେତୁ ପଳାଇ ପାରି ନ ଥିଲା । ରାୟପୁର ତହସିଲଦାର ତାକୁ ପଚାରି ତାଙ୍କର ତଦନ୍ତରିପୋର୍ଟ ଲେଖିଥିଲେ । ସୁନାଖାନର ନିହତ ଜମିଦାର ଢେଁଷ ଜମିଦାରଙ୍କ ଜାମାତା ଥିଲେ । ବ୍ରିଟିଶ ସରକାର ଢେଁଷର ପୂର୍ବ ଜମିଦାରଙ୍କୁ ଫାଶୀ ଦେଇଥିଲେ । ସୁରେନ୍ଦ୍ର ସାଏଙ୍କ ପ୍ରେରିତ ବିପ୍ଲବୀ ଦଳ ଖଡ଼ିଆଳ ଭିତରେ ଆତ୍ମଗୋପନ କରିଥିଲେ । ଇଂରେଜ ସରକାର ସେମାନଙ୍କୁ ତଡ଼ି ଦେବାପାଇଁ ଖଡ଼ିଆଳ ରାଜାଙ୍କୁ ନୋଟିସ ଦେଇଥିଲେ । ଖଡ଼ିଆଳ ରାଜା ଉତ୍ତର ଦେଇଥିଲେ ଯେ, ତାଙ୍କ ରାଜ୍ୟରେ ବିପ୍ଲବୀ କେହି ନାହାନ୍ତି । "ସତ୍ୟଂ ବ୍ରୂୟାତ୍ ପ୍ରିୟଂ ବ୍ରୂୟାତ୍, ନବ୍ରୂୟାତ୍ ସତ୍ୟମପ୍ରିୟମ୍" ; ଅର୍ଥାତ୍ ସତ୍ୟ କଥା କହିବ, ପ୍ରିୟ କଥା କହିବ ; କିନ୍ତୁ ଅପ୍ରିୟ ସତ୍ୟକଥା କହିବ ନାହିଁ । ସରକାର ଖଡ଼ିଆଳ ରାଜା କୃଷ୍ଣଚନ୍ଦ୍ର ସିଂହ ଓ ବିନ୍ଦ୍ରା ନୂଆଁଗଡ଼ ରାଜା ଉମରାଓ ସାହଙ୍କଠାରୁ ଗବର୍ଣ୍ଣର ଜେନେରାଲ ଇନ୍ କାଉନ୍‌ସିଲ୍‌ଙ୍କ ବିଶେଷ ନୋଟିସ ଦେଇଥିଲେ । ଉକ୍ତ ରାଜ ଦ୍ୱୟଙ୍କ ଉପରେ ଟ୬୧୯୨୮ ବିଶେଷ କର ଧାର୍ଯ୍ୟ କରାଯାଇଥିଲା । କାରଣ ସେହି ରାଜାମାନେ ବିଦ୍ରୋହ ଦମନ ସକାଶେ ଯଥେଷ୍ଟ ସଂଖ୍ୟକ ସିପାହୀ ରଖି ନଥିଲେ । ଖଡ଼ିଆଳ ରାଜାଙ୍କଠାରୁ ପୂର୍ବୋକ୍ତ ଜରିମାନା ବାବଦରେ ଟ୧୦୦୦୯ ଓ ଶାନ୍ତିରକ୍ଷା ବାବଦରେ ଟ୬୧୯୨୯ ଅସୁଲ କରାଯାଇଥିଲା ।

---

ସରକାରୀ କାଗଜପତ୍ରରୁ ଜଣାଯାଏ ଯେ, ଇଂରେଜ ସରକାର ସୁରେନ୍ଦ୍ର ସାଏଙ୍କ ଦାବି ଓ ଜନସାଧାରଣଙ୍କ ଅଭିମତ ଉପେକ୍ଷା କରି

ସୁରେନ୍ଦ୍ର ସାଏ ଆହ୍ବଙ୍କୁ ସନ୍ତୁଷ୍ଟ କରିବା ସକାଶେ ସାଏ ଭାଇମାନଙ୍କୁ ସେମାନଙ୍କର ଜାଗୀରି ବାହାରେ ବାର୍ଷିକ ବୃତ୍ତିଦାନର ବ୍ୟବସ୍ଥା କରିଥିଲେ । ସେହି ବ୍ୟବସ୍ଥା ଅନୁସାରେ ସୁରେନ୍ଦ୍ର ସାଏ ଟ୧୦୦୦୲, ମିହିରଭାନୁ ସାଏ ଟ୧୦୦୦୲, ଉଦନ୍ତ ସାଏ ଟ ୧୨୦୦୲, ଧ୍ରୁବ ସାଏ ଟ ୧୨୦୦୲; ମେଦ୍ଧମ ସାଏ ଟ ୬୦୦୲ ଓ ଉଜ୍ଜ୍ୱଳ ସାଏଙ୍କ ସନ୍ତାନମାନେ ଟ ୬୦୦୲ ବାର୍ଷିକ ବୃତ୍ତି ପାଇଥାନ୍ତେ । ଏହି ପ୍ରସ୍ତାବ ରାଜା ନାରାୟଣ ସିଂହଙ୍କ ରାଜତ୍ୱ ସମୟରେ ହୋଇଥିଲା । ଗଭର୍ଣ୍ଣର ଜେନେରାଲ ସୁରେନ୍ଦ୍ର ସାଏଙ୍କୁ ଟ ୧୨୦୦୲ ଏବଂ ତାଙ୍କର ଭାଇ-ମାନଙ୍କୁ ଟ ୪୬୦୦୲ ଦେବା ପାଇଁ ମଞ୍ଜୁର କରିଥିଲେ । ଆହୁରି ପ୍ରକାଶ ଯେ, ସମ୍ବଲପୁର ଡେପୁଟି କମିଶନର ମେଜର୍ ଇମ୍ପେଙ୍କ ସୁପାରିସ୍‌ରେ କଟକ କମିଶନର ଆର. ଏନ୍. ସୋର୍ ସୁରେନ୍ଦ୍ର ସାଏଙ୍କୁ ଟ ୬୦୲ ମୂଲ୍ୟର ଖଣ୍ଡେ ଶାଲ୍ ଉପହାର ଦେଇଥିଲେ । ଯେଉଁ ସୁରେନ୍ଦ୍ର ସାଏ ଇଂରେଜ ସରକାରଙ୍କୁ ସାହାଯ୍ୟ କରିଥିଲେ ବୋଲି ଆଗେ ସରକାରଙ୍କ "ଖଏରଖାଏ" ହୋଇଥିଲେ, ସେହି ସୁରେନ୍ଦ୍ର ସାଏ ଯେତେବେଳେ ରାଜଗଦି ପାଇଁ ଦାବି କଲେ ଏବଂ ସେଥିରୁ ବଞ୍ଚିତ ହୋଇ ବିପ୍ଳବ ଆରମ୍ଭ କଲେ, ସେତେବେଳେ ସରକାର ତାଙ୍କୁ "ଦସ୍ୟୁ" ବୋଲି ଘୋଷଣା କରିଥିଲେ । ଧନ୍ୟ ସୁବିଧାବାଦୀ ଇଂରେଜ ସରକାର !

---

ସମ୍ବଲପୁର ଡେପୁଟି କମିଶ୍ନର ମେଜର୍ କମ୍ବର୍ ଲେଜ୍ (୧) ଦସ୍ୟୁନିଧି ମେହେରଙ୍କୁ ଦୁଇଖଣ୍ଡ ଗ୍ରାମ ଓ ଦୁଇହଜାର ଟଙ୍କା ପୁରସ୍କାର

---

(୧) ସମ୍ବଲପୁର—ବଡ ବଜାରରେ କମ୍ବରଲେଜ୍‌ଙ୍କ ନାମରେ ଏକ ହାଟ ବସାଯାଇଥିଲା । କାଳକ୍ରମେ ସେହି ହାଟର ନାମ "କମଲବଜାର" ହୋଇଯାଇଛି । ଏହି ବଜାର ରବିବାର ବସେ । "ଯା ଗୁ ଲିଯା କମଲବଜାର ଲୋକ ଦେଖିବୁ ହଜାର୍ ହଜାର୍ ।"

ଦେବା ଏବଂ ତାର ଆସନ ଇଉରୋପୀୟ ଅଫିସରମାନଙ୍କ ଶ୍ରେଣୀରେ ରଖିବା ପାଇଁ ସିଫାରସ୍ କରିଥିଲେ । ତାକୁ ଜାଗିର ଓ ପୁରସ୍କାର ମିଳିବାରେ ବିଳମ୍ବ ହେବା ହେତୁ ସେ ମଧ୍ୟପ୍ରଦେଶୀୟ ପୋଲିସ ଇନ୍‌ସପେକ୍ଟର ଜେନେରାଲଙ୍କଠାକୁ ଖଣ୍ଡେ ସ୍ମାରକ ପତ୍ର ପଠାଇଥିଲା । ଏହି ସାହେବ ସୁରେନ୍ଦ୍ର ସାଏ ଆଦିଙ୍କୁ ଧରିବା ସମୟରେ ଡେପୁଟି ଇନ୍‌ସପେକ୍ଟର ଜେନେରାଲ ଥିଲେ । ନାମ—ମେଜର୍ ଷ୍ଟୁୟାର୍ଟ । ସେ ସୁରେନ୍ଦ୍ର ସାଏ ଆଦିଙ୍କୁ ଧରିବାରେ କୃତକାର୍ଯ୍ୟ ହୋଇ ଇନ୍‌ସପେକ୍ଟର ଜେନେରଲ ପଦକୁ ଉନ୍ନତି ପାଇଥିଲେ ।

ଦୟାନିଧି ମେହେରର ଦରଖାସ୍ତ ଏଠାରେ ଅବିକଳ ଉଦ୍ଧୃତ ହୋଇଅଛି :—

*"To*

*The Inspector General of Police,*
*Central Provinces, Nagpur,*
*Sambalpur, 10th June, 1865*

*Honoured Sir,*

*In consequence of my rendering the good service in the case of Soorunder Sai, I was permissioned by your Honour to be paid the villages Hootma or Gumar Kuttoo and a reward for the above service; but on my misfortune nothing has been done yet; therefore I solicit the favour of your taking any interest for the above circumstances.*

*I remained Sir,*
*Your most obedient servant*
*Dayanidhi Meher*

*This was endorsed to the Secretary to the Chief Commissioner Central Provinces, by the I. G. as follows:*

20. 6. 65

*My dear Bernard,*

*This is from the Sambalpur spy about whom I wrote officially in No. 1954 dated 6th April last. Has anything been done for him ?"*

*Yours sincerely*
*Taylor*

———

ସରକାରୀ ରିପୋର୍ଟରୁ ଜଣାଯାଏ ଯେ, ଶେଷଥର ଜେଲକୁ ଯିବା ସମୟରେ ସୁରେନ୍ଦ୍ରସାଏଙ୍କ ବୟସ ୫୫ବର୍ଷ ଓ ତାଙ୍କ ପୁତ୍ର ମିତ୍ର-ଭାନୁ ସାଏଙ୍କ ବୟସ ୨୫ ବର୍ଷ ହୋଇଥିଲା । ଏହି ହିସାବ ଅନୁସାରେ ସୁରେନ୍ଦ୍ର ସାଏ ୧୮୦୯ ଖ୍ରୀଷ୍ଟାବ୍ଦରେ ଜନ୍ମିଥିବା ଠିକ୍ । ଯେଉଁମାନେ ତାଙ୍କର ଜନ୍ମ ସାଲ ୧୮୦୩ ଧରିଛନ୍ତି, ସେଥିର ପ୍ରମାଣ କିଛି ନାହିଁ । ପିତା ପୁତ୍ରଙ୍କ ମଧ୍ୟରେ ବୟସର ତାରତମ୍ୟ ୩୦ ବର୍ଷ ଥିଲା । ସୁତରାଂ ମିତ୍ରଭାନୁ ସାଏଙ୍କ ଜନ୍ମ ୧୮୩୯ ଖ୍ରୀଷ୍ଟାବ୍ଦ ।

———

# ନେତାଗଣ

## ସୁରେନ୍ଦ୍ର ସାଏଙ୍କ ଜାତୀୟ ଆନ୍ଦୋଳନରେ ସଂପୃକ୍ତ ନେତାଗଣ (୧)

୧ । ସମ୍ବଲପୁର ଜାତୀୟ ଆନ୍ଦୋଳନରେ ପ୍ରଧାନତମ ଜନନାୟକ ଚୌହାଣବୀର ସୁରେନ୍ଦ୍ରସାଏ । ସେ ସମ୍ବଲପୁର ଜାତୀୟ ଜାଗରଣର ପ୍ରଧାନ ସେନାପତି ଥିଲେ । ସମ୍ବଲପୁର ପ୍ରଜାମାନେ ତାଙ୍କୁ ସମ୍ବଲପୁର ରାଜ୍ୟରେ ରାଜା କରିବା ସକାଶେ ଇଂରେଜ ସରକାରଙ୍କୁ ବାର ବାର ଜଣାଇଥିଲେ । ସ୍ୱାର୍ଥପର ବଣିକ-ଇଂରେଜ ଜାତି ଏହି ହୀରକ ରାଜ୍ୟରୁ ହୀରା ବ୍ୟାପାର କରିବା ଗୂଢ଼ ଉଦ୍ଦେଶ୍ୟ ରଖି ସୁରେନ୍ଦ୍ରସାଏଙ୍କ ଦାବି ଉପେକ୍ଷା କରି ତାଙ୍କୁ ଦସ୍ୟୁରୂପେ ଯାବଜ୍ଜୀବନ କାରାବାସ ଦଣ୍ଡ ଦେଇଥିଲେ ।

୨ । ବଳରାମ ସିଂହ— ଏ ସୁରେନ୍ଦ୍ରସାଏଙ୍କ ପିତୃବ୍ୟ । ଭ୍ରାତୁଷ୍ପୁତ୍ରମାନଙ୍କୁ ସାମରିକ ଶିକ୍ଷା ଦେଇଥିଲେ । ଏ ଜାତୀୟ ଜାଗରଣର ଆଚାର୍ଯ୍ୟରୂପେ ପ୍ରତିଷ୍ଠା ଲାଭ କରିଥିଲେ । ଇଂରେଜ ସରକାର ଏହାଙ୍କୁ ଯାବଜ୍ଜୀବନ କାରାବାସ ଦଣ୍ଡରେ ଦଣ୍ଡିତ କରି ହଜାରୀବାଗ ଜେଲରେ ରଖିଥିଲେ । ସେହି ଜେଲରେ ଏହାଙ୍କ ମୃତ୍ୟୁ ଘଟିଥିଲା ।

୩ । ଉଦନ୍ତ ସାଏ— ସୁରେନ୍ଦ୍ରସାଏଙ୍କ ପିଠିରେ ଉଦନ୍ତ ସାଏଁ ଜାତ ହୋଇଥିଲେ । ଏ ଅଗ୍ରଜଙ୍କ ପରି ଦୁର୍ଦ୍ଦାନ୍ତ ବୀର ଥିଲେ ।

---

(୧) ଲେଖକଙ୍କ ଦ୍ୱାରା ରଚିତ "ସମ୍ବଲ ମନସା"ରୁ ସଂଗୃହୀତ । ଆହୁରି ବହୁତ ନେତାଙ୍କ ନାମ "ସମ୍ବଲ ମନସା" ପୁସ୍ତକରେ ସ୍ଥାନ ପାଇପାରି ନାହିଁ । କାରଣ "ମନସା" ଗଣିତ ସୂତ୍ରାଧୀନ ।

ସୁରେନ୍ଦ୍ର ସାଏ ସ୍ୱୟଂ ବୀର ହୋଇଥିଲେହେଁ, ଉଦନ୍ତ ସାଏଙ୍କ ପରାମର୍ଶ ଓ ପରାକ୍ରମର ଅପେକ୍ଷା କରୁଥିଲେ । ପ୍ରଥମଥର ବନ୍ଧରୁ ଏ ହଜାରୀବାଗ ଜେଲରୁ ସୁରେନ୍ଦ୍ରସାଏଙ୍କ ସହିତ ଆସି ବିପ୍ଳବରେ ଭାଗ ନେଇଥିଲେ ଏବଂ ପୁନଶ୍ଚ ଯାବଜ୍ଜୀବନ କାରାବାସ ଦଣ୍ଡ ପାଇ ରାୟପୁର ଜେଲରେ ଥିଲେ । ରାୟପୁର ଜେଲରେ ଉଦନ୍ତସାଏ ପ୍ରାଣତ୍ୟାଗ କରିଥିଲେ ।

୪ । ଧ୍ରୁବସାଏ—ଉଦନ୍ତ ସାଏଙ୍କ ପିଠିରେ ଧ୍ରୁବସାଏ ଜନ୍ମଗ୍ରହଣ କରିଥିଲେ । ଏହି ଭ୍ରାତୃଭକ୍ତ ବୀର ଓ ଉଦନ୍ତ ସାଏ ଅଗ୍ରଜ ସୁରେନ୍ଦ୍ର ସାଏଙ୍କ ମହାପ୍ରାଣ ବିନମୟରେ ଇଂରେଜ ସର-କାରଙ୍କଠାରେ ଆତ୍ମସମର୍ପଣ କରିଥିଲେ; କିନ୍ତୁ ଇଂରେଜ ସରକାର ସେ ଦୁଇଭାଇଙ୍କ ପ୍ରାର୍ଥନା ଅଗ୍ରାହ୍ୟ କରି ତାଙ୍କୁ ଜେଲରେ ରଖିଥିଲେ । ଧ୍ରୁବ ସାଏ ଯାବଜ୍ଜୀବନ କାରାବାସ ଦଣ୍ଡାଦେଶ ପାଇ ଆସିରଗଡ଼ ଜେଲରେ ୨୦ ବର୍ଷ ରହିଥିଲେ । ସୁରେନ୍ଦ୍ରସାଏଙ୍କ ମୃତ୍ୟୁ ପରେ ତାଙ୍କ ଶ୍ୱଶୁର ଗାଙ୍ଗପୁର ରାଜା ନିଜେ ଜାମିନରେ କାରାମୁକ୍ତ କରି ସ୍ୱରାଜ୍ୟକୁ ନେଇ ତାଙ୍କୁ ଖଣ୍ଡେ ଗ୍ରାମ ଦେଇ ରଖିଥିଲେ । ସେହି ଗ୍ରାମରେ ଧ୍ରୁବସାଏଙ୍କ ମୃତ୍ୟୁ ହୋଇଥିଲା ।

୫ । ଜାଜ୍ୱଲ ସାଏ—ଧ୍ରୁବସାଏଙ୍କ ପିଠିରେ ଜାଜ୍ୱଲ ସାଏ ଜାତ ହୋଇଥିଲେ । ଏହାଙ୍କ ଶୌର୍ଯ୍ୟ ବା ବିପ୍ଳବ ସମ୍ବନ୍ଧରେ କୌଣସି ସମ୍ବାଦ ମିଳେ ନାହିଁ । ବରଂ ସାଏ ଭାଇମାନଙ୍କ ସୁନାମ ଏ ରକ୍ଷା କରି ପାରି ନ ଥିଲେ । ସୁରେନ୍ଦ୍ର ପ୍ରଭୃତିଙ୍କ ଜାୟଗିର ବାଜ୍ୟାପ୍ତ ସମୟରେ ଏ ନିଜ ଭାଗରେ ସନ୍ତୁଷ୍ଟ ନ

ହୋଇ ଶ୍ୱଶୁରଘର (ଗାଙ୍ଗପୁର)ରେ ଆଶ୍ରୟ ନେଇଥିଲେ । ଫଳତଃ ଏ ସୁରେନ୍ଦ୍ରସାଏଙ୍କ ବିପ୍ଳବରେ ଯୋଗ ଦେଇ ନ ଥିଲେ ।

୬ । ଛବିଲ ସାଏ—ଏ ସୁରେନ୍ଦ୍ର ସାଏଙ୍କ ଚତୁର୍ଥ ଭାଇ । କୁଦୋପାଲି ଯୁଦ୍ଧରେ ଏ ଅମାନୁଷିକ ସାହସର ସହିତ ଇଂରେଜ ସେନାର ସମ୍ମୁଖରେ ଯୁଦ୍ଧ କରି ପଳାନ୍ତକ ଅବସ୍ଥାରେ ପଶ୍ଚାଦ୍ଧାବିତ ଶତ୍ରୁମାନଙ୍କ ଗୁଳିରେ ଗ୍ରାମଦାଣ୍ଡରେ ମାରି ପଡ଼ିଥିଲେ । ସୁରେନ୍ଦ୍ର ସାଏ ଭାଇର ମୃତ୍ୟୁ ସମ୍ବାଦ କୁଡ଼ାବଗାରେ ପାଇ ମ୍ରିୟମାଣ ହୋଇ ଯାଇଥିଲେ ; କିନ୍ତୁ ଭ୍ରାତୃହତ୍ୟାର ପ୍ରତିଶୋଧ ପାଇଁ ଅଧିକତର ଶକ୍ତିରେ ଇଂରେଜ ବହିଷ୍କରଣ ନୀତି ଚଳାଇଥିଲେ ।

୭ । ଉଜ୍ଜ୍ୱଳ ସାଏ—ସାଏଭାଇ ଛ'ଭାଇ ମଧ୍ୟରେ ଏ ଶୌର୍ଯ୍ୟବୀର୍ଯ୍ୟରେ ସ୍ୱୀୟ ଉଜ୍ଜ୍ୱଳ ନାମ ସାର୍ଥକ କରିଥିଲେ । ଏ ସାହାଯ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ପାଟଣାରାଜାଙ୍କ ଆଶ୍ରୟ ନେଇଥିଲେ । ଇଂରେଜ ତାଙ୍କ ପଛେ ଲାଗିଥିବା ଜାଣି ପାଟଣା ରାଜା ତାଙ୍କୁ ଭଗାଇ ଦେଇଥିଲେ । ଇଂରେଜ-ସରକାର ସେଥିପାଇଁ ପାଟଣାରାଜାଙ୍କୁ ଟ୧୦୦୦୵ ଜରିମାନା କରିଥିଲେ । ତା'ପରେ ପାଟଣା ରାଜପକ୍ଷ ଉଜ୍ଜ୍ୱଳ ସାଏଙ୍କୁ ଧରାଇ ଦେଇଥିଲେ । ପାଟଣାରାଜା ଜରିମାନା ଟଙ୍କା ଫେରି ପାଇଥିଲେ । ଇଂରେଜ ସରକାର ଗୋପନରେ ଉଜ୍ଜ୍ୱଳ ସାଏଙ୍କୁ ଫାଶୀ ଦେଇଥିଲେ । ସେ ମୃତ୍ୟୁସମୟରେ ପାଟଣାରାଜାଙ୍କୁ ଅଭିଶାପ ଦେଇଥିବା ଜନଶ୍ରୁତି ରହିଅଛି ।

୮ । ଗୋବନ୍ଦ ସିଂହ—ଏ ଝାଡ଼ଶୁଗୁଡ଼ାର ଖରପୋଷଦାର । ସମ୍ବଲପୁର ରାଜା ମହାରାଜ ସାଏଙ୍କ ପରେ ଏ ସମ୍ବଲପୁର ଗାଦି ପାଇଁ ଇଂରେଜ ସରକାରଙ୍କ ଠାରେ ଦାବି କରିଥିଲେ । ତେଣେ ଖିଣ୍ଡା ଖରପୋଷଦାର ସୁରେନ୍ଦ୍ର ସାଏ ନିଜର ଦାବିର ପ୍ରାଧାନ୍ୟ ଦେଖାଇଥିଲେ । ଉକ୍ତ ଉଭୟ ଦାବିଦାର ମଧ୍ୟରେ ବଂଶାବଳି ଓ ଜନସାଧାରଣଙ୍କ ସମର୍ଥନ ଦୃଷ୍ଟିରେ ସୁରେନ୍ଦ୍ର-ସାଏଙ୍କୁ ରାଜା କରିବା ଉଚିତ ଥିଲି ; କିନ୍ତୁ ଇଂରେଜ ସରକାର "ଦ୍ୱୟୋର୍ବିବାଦେ ତୃତୀୟସ୍ୟ ଲାଭ" ପନ୍ଥା ଧରିଥିଲେ । ଗୋବନ୍ଦ ସିଂହ ସୁରେନ୍ଦ୍ରଙ୍କୁ ଇଂରେଜ ସରକାରଙ୍କଠାରେ ଧରାଇ ଦେବାର ଚେଷ୍ଟାରେ ରହିଥିଲେ । ସେ ସୁଯୋଗକ୍ରମେ ସୁରେନ୍ଦ୍ର ସାଏଙ୍କୁ ଧରିଥିଲେ । ସୁରେନ୍ଦ୍ର ସାଏଙ୍କ ମିତ୍ର ବୁଝି ଗୋବନ୍ଦ ସିଂହ ତାଙ୍କର ଦଳଭୁକ୍ତ ହୋଇଥିଲେ । ଇଂରେଜ ସରକାର ତାଙ୍କୁ ସୁରେନ୍ଦ୍ର ସାଏଙ୍କ ଦଳରୁ ବିଚ୍ଛିନ୍ନ କରିବା ଉଦ୍ଦେଶ୍ୟରେ ଜେଲରୁ ଛାଡ଼ି ଦେଇଥିଲେ ଏବଂ ସେ ଗୋଟାଏ ମହାବଳ ବ୍ୟାଘ୍ର ବଧ କରିଥିବା ପୁରସ୍କାର ବାହାନାରେ ତାଙ୍କୁ ତାଙ୍କର ଜାଗୁିରି **ଫେରି** ଦେଇ ନିଷ୍କର କରି ଦେଇଥିଲେ । ସେହି ଦିନରୁ ଗୋବନ୍ଦ ସିଂହ ସୁରେନ୍ଦ୍ର ସାଏଙ୍କ ପକ୍ଷ ଛାଡ଼ି ଦେଇଥିଲେ ।

୯ । ନାରାୟଣ ସିଂହ – ଏ ଝାଡ଼ଶୁଗୁଡ଼ା ଗୋବନ୍ଦ ସିଂହଙ୍କ ପିତୃବ୍ୟ । ଇଂରେଜ ସରକାର ରାଜା ମହାରାଜସାଏଙ୍କ ପରେ ବିଧବାରାଣୀ ମୋହନ କୁମାରୀଙ୍କୁ ରାଜସିଂହାସନରେ ବସାଇବା ବ୍ୟାପାରରେ ସୁରେନ୍ଦ୍ର ସାଏ ପ୍ରକାଶ୍ୟ ଭାବରେ ବିପ୍ଳବ ଆରମ୍ଭ କରିଥିଲେ । କେପ୍ଟେନ୍ ଉଇଲକିନ୍‌ସନ୍ ରାଣୀଙ୍କୁ ବାଧ୍ୟ କରି ବୃତ୍ତି ଦେଇ କଟକକୁ ପଠାଇ ଦେଇଥିଲେ । ରାଣୀ ଝାଡ଼ଶୁଗୁଡ଼ାର

ନାରାୟଣ ସିଂହଙ୍କୁ ( ଏ ରାଣୀଙ୍କ ଗୃହକର ଥିଲେ ) ସମ୍ବଲପୁର ରାଜ୍ୟ ଦେବାପାଇଁ ସିଫାରସ୍ କରଥିଲେ । ସମ୍ବଲପୁରର ରାଜକର୍ମଚାରୀମାନେ ନାରାୟଣ ସିଂହଙ୍କଠାକୁ ଯାଇ ନିଜ ନିଜ ଉଦ୍ଦେଶ୍ୟ ଜଣାଇ ବିଫଳ ହୋଇ ଚୌହାଣବଂଶରୁ ନାରାୟଣ ସିଂହ ନାମରେ ଥିବା ଅନ୍ୟ ଲୋକ ଖୋଜି ଖୋଜି ବଣାଇରେ ଶ୍ୱଶୁର ଗୃହରେ ରହୁଥିବା ଜଣେ ବୃଦ୍ଧ ବାବୁଙ୍କୁ ରାଜା କରାଇବା ପାଇଁ ଖଞ୍ଜି ଆଣିଥିଲେ । ସେ ବରପାଲି ଚୌହାଣ ବଂଶର ଅନ୍ତର ପୁଅ ଥିଲେ । ରାଜା ହେବା ପାଇଁ ଅସ୍ୱୀକାର କରଥିଲେ, କିନ୍ତୁ ଇଂରେଜ ସରକାର ତାଙ୍କୁ ବାଧକର ରାଜା କରଥିଲେ ।

୧୦ । ବଳଭଦ୍ର ସିଂହ ଦାଉ—ଏ ଲକ୍ଷ୍ମଣପୁରର ଗଣ୍ଡଜାତୀୟ ଜମିଦାର ଥିଲେ । ଏ ସୁରେନ୍ଦ୍ର ସାଏଙ୍କ ପୂର୍ବ ବନ୍ଧୁ । ତାଙ୍କର ଧନୁଶରଧାରୀ ଏକ ବଳିଷ୍ଠ ସେନା ଥିଲେ । ଏ ସୁରେନ୍ଦ୍ର ସାଏଙ୍କ ବିପ୍ଳବୀ ଦଳରେ ସର୍ବପ୍ରଥମ ଯୋଗ ଦେଇଥିଲେ । ସୁରେନ୍ଦ୍ର ସାଏ ଲକ୍ଷ୍ମଣପୁରର ସେନା ସାହାଯ୍ୟରେ ବାରପାହାଡ଼ ଉପରେ ଗୋଟିଏ ଦୁର୍ଗମ ଦୁର୍ଗ ପ୍ରସ୍ତୁତ କରି ସେଠାରେ ବିଶ୍ରାମ କରୁଥିଲା ସମୟରେ ଇଂରେଜ ସେନା ହଠାତ୍ ଆକ୍ରମଣ କରଥିଲେ । ବଳଭଦ୍ର ସିଂହ ଦାଉ ସେଠାରେ ନିହତ ହୋଇଥିଲେ ଏବଂ ସୁରେନ୍ଦ୍ର ସାଏ ଗୁରୁତର ଆହତ ହୋଇ ଖସି ଯାଇଥିଲେ ।

୧୧ । ରାୟ ରୂପସିଂହ—ଏ ନାରାୟଣ ସିଂହଙ୍କ ରାଣୀ ଷଡ଼ାଇକଳା ରାଜକେମା ମୁଖ୍ୟପାନ ଦେବୀଙ୍କ ବାଲଭୃତ୍ୟରୂପେ ଆସି ପ୍ରଥମତଃ କରଣିକାର୍ଯ୍ୟରେ ନିଯୁକ୍ତ ହୋଇ ଇଂରେଜ ସରକାରଙ୍କୁ ସାହାଯ୍ୟ କରି ଦେଓ୍ୱାନ ଓ ପରେ ସମ୍ବଲପୁର ଜିଲ୍ଲା କଚେରୀର ପ୍ରଧାନ ଅଫିସର ହୋଇଥିଲେ । ଇଂରେଜ

ସରକାର ତାଙ୍କୁ "ରାୟ ବାହାଦୁର" ଉପାଧି ଦେଇ ଚନ୍ଦ୍ରପୁର-ପଦ୍ମପୁର ଜମିଦାରୀ ୪୦ବର୍ଷ କଣ୍ଟରେ ଦେଇଥିଲେ । କଣ୍ଟ ପରେ ଉକ୍ତ ଜମିଦାରୀ ତାଲୁକଦାରୀ ହକରେ ରହିଲା ।

୧୨ । କୁଅଁରସିଂହ --ଏ ଜାତୀୟ ଆନ୍ଦୋଳନରେ ବହାର ପ୍ରଦେଶର ଜଣେ ପ୍ରଧାନ ନେତା ଥିଲେ । ସିପାହୀ ବିଦ୍ରୋହରେ ନେତୃତ୍ୱ ଗ୍ରହଣ କରିଥିଲେ । ହଜାରୀବାଗ ଜେଲଖାନା ଭାଙ୍ଗି ସୁରେନ୍ଦ୍ର ସାଏ ପ୍ରଭୃତିଙ୍କୁ ମୁକ୍ତ କରିଦେଇଥିଲେ ଏବଂ ଜାତୀୟ ଆନ୍ଦୋଳନ ଚଳାଇବାପାଇଁ ସୁରେନ୍ଦ୍ର ସାଏଙ୍କୁ ଅସ୍ତ୍ରଶସ୍ତ୍ର ସାହାଯ୍ୟ କରିଥିଲେ । କୁଅଁର ସିଂହ ଆରା-ଜଗଦୀଶପୁରର ଜମିଦାର ଥିଲେ ।

୧୩ । ଛକଡ଼ି ମହାପାତ୍ର—ଏ ଜଣେ ଗଞ୍ଜାମ ଅଞ୍ଚଳର ଲୋକ । ଇଂରେଜ ସରକାରଙ୍କ ମାନ୍ଦ୍ରାଜୀ ସେନା ବିଭାଗରେ ସିପାହୀ-ରୂପେ ନିଯୁକ୍ତ ହୋଇ ସୁବେଦାର ପର୍ଯ୍ୟନ୍ତ ଉନ୍ନତି ପାଇଥିଲେ । ସୁରେନ୍ଦ୍ରସାଏ ହଜାରୀବାଗ ଜେଲରୁ ଫେରି ପ୍ରାୟ ୧୪୦୦୦ ସେନା ସହିତ ସମ୍ବଲପୁରସ୍ଥ ଇଂରେଜ ଦୁର୍ଗ ଅବରୋଧ କରିଥିଲେ । ସେହି ସମୟରେ କେପ୍‌ଟେନ୍ ଲେ ସାହେବ ସମ୍ବଲପୁର ଜିଲାର ଶାସନକର୍ତ୍ତା ଥିଲେ । ସେ ସମ୍ମୁଖ ଯୁଦ୍ଧରେ ସୁରେନ୍ଦ୍ରସାଏଙ୍କ ସମ୍ମୁଖୀନ ହେବାକୁ ସାହସୀ ନ ହୋଇ କପଟରେ ସୁବେଦାର ଛକଡ଼ି ମହାପାତ୍ରଙ୍କ ସାହାଯ୍ୟରେ ତାଙ୍କୁ ଆପଣା ବଙ୍ଗଳାକୁ ଡକାଇ ନେଇ ବନ୍ଦୀ କରିଥିଲେ । ଛକଡ଼ି ମହାପାତ୍ର ଇଂରେଜ ଜାତିର ଏହିପରି ବିଶ୍ୱାସଘାତକତାରେ ଅନୁତପ୍ତ ଓ ମିୟମାଣ ହୋଇ ସୁରେନ୍ଦ୍ରସାଏଙ୍କୁ ଜେଲରୁ ମୁକ୍ତ କରାଇଦେଇ ଆତ୍ମହତ୍ୟା କରିଥିଲେ । ( ୧୮୫୭ ଅକ୍ଟୋବର ୩୧ ) ।

୧୪ । କମଲ ସିଂହ ଦାଉ—ଏ ଲକ୍ଷ୍ମଣପୁରର ନହର ଜମିଦାର ବଳଭଦ୍ର ସିଂହ ଦାଉଙ୍କର ଜ୍ୟେଷ୍ଠପୁତ୍ର । ଏ ସୁରେନ୍ଦ୍ରସାଏଙ୍କ ବିପ୍ଲବୀ ସେନାର ସେନାପତିରୂପେ ତାଙ୍କୁ ପ୍ରାଣପଣ ସାହାଯ୍ୟ କରିଥିଲେ । ଇଂରେଜସରକାରଙ୍କ ଘୋଷଣାରେ ବିପ୍ଲବୀ ଜମିଦାର ଓ ଗୌନ୍ତିଆମାନେ ସରକାରଙ୍କ ଶରଣାଗତ ହୋଇଥିଲେ ; କିନ୍ତୁ କମଲ ସିଂହ ଦାଉ ଓ ଘେଁସର ନହର ଜମିଦାରଙ୍କ ମଧ୍ୟମ ପୁତ୍ର କୁଞ୍ଜଲ ସିଂହ ସୁରେନ୍ଦ୍ରସାଏଙ୍କ ପକ୍ଷ ଛାଡ଼ି ନ ଥିଲେ । ସେମାନେ ସ୍ପଷ୍ଟ ଉତ୍ତର ଦେଲେ ଯେ, ସୁରେନ୍ଦ୍ରସାଏଙ୍କୁ ରାଜଗାଦି ନ ଦେଲେ, ସମ୍ବଲପୁରର ବିପ୍ଲବ ବନ୍ଦ ହେବ ନାହିଁ । ସୁରେନ୍ଦ୍ରସାଏଙ୍କ ଆତ୍ମସମର୍ପଣ ପ୍ରସ୍ତାବରେ ଉକ୍ତ ବନ୍ଧୁଦ୍ୱୟ ସୁରେନ୍ଦ୍ରସାଏଙ୍କ ପ୍ରାଣରକ୍ଷା କରିବା ଉଦ୍ଦେଶ୍ୟରେ ନିଜେ ଆତ୍ମସମର୍ପଣ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ।

୧୫ । ସୁରେନ୍ଦ୍ରସାଏଙ୍କୁ ସାହାଯ୍ୟ କରିବା ହେତୁ ଇଂରେଜ ସରକାର ଘେଁସ ଜମିଦାରଙ୍କୁ ଫାଶୀ ଦେଇଥିଲେ । ତାଙ୍କର ତିନିପୁତ୍ର ମଧ୍ୟରେ କୁଞ୍ଜଲ ସିଂହ ମଧ୍ୟମ । ସେ ବିପ୍ଲବୀ ସେନାର ନେତୃତ୍ୱ ଗ୍ରହଣ କରିଥିଲେ । କୁଞ୍ଜଲ ସିଂହ ସୁରେନ୍ଦ୍ର ସାଏଙ୍କ ଅଙ୍ଗରକ୍ଷକ ରୂପେ ରହିଥିଲେ । ତାଙ୍କ ଜ୍ୟେଷ୍ଠଭାଇ ହାଟି(ହଟେ) ସିଂହ ମଧ୍ୟ ବିପ୍ଲବରେ ଯୋଗ ଦେଇଥିଲେ । ହାଟି ସିଂହ ଅସୁସ୍ଥ ହୋଇ ତାଙ୍କ ଭାଇ କୁଞ୍ଜଲ ସିଂହଙ୍କ ସହିତ ବନ୍ଦା ଦୁର୍ଗରେ ରହିଥିଲେ । ସୁରେନ୍ଦ୍ରସାଏ ଆଦିଙ୍କୁ ଧରିବା ଦିନ କୁଞ୍ଜଲ ସିଂହ ଓ କମଲ ସିଂହ ଦାଉ ବାରପାହାଡ଼ ଦୁର୍ଗରେ ନ ଥିଲେ । କମିଶନର ବାଲ୍‌ମେନ୍ ସାହେବ ବନ୍ଦାଦୁର୍ଗକୁ ଯାଇ ହାଟିସିଂହ ଓ କୁଞ୍ଜଲ ସିଂହଙ୍କୁ ବନ୍ଦୀ କରି ନେଇଥିଲେ । ଡେ. କ. କମ୍ବରଲେଜ୍ ସାହେବ କମଲ ସିଂହ ଦାଉଙ୍କୁ ତାଙ୍କର ଏକ ବନ୍ଧୁ ଘରରୁ ଏରେଷ୍ଟ କରି ନେଇଥିଲେ ।

୧୬। ହାଟିସିଂହ —ଏ ଘେଁସର ମହତ ଜମିଦାରଙ୍କର ବଡ଼ପୁଅ। ପିତାଙ୍କ ଫାଶୀଦଣ୍ଡରେ ହାଟିସିଂହ ଓ ତାଙ୍କର ଦୁଇଭାଇ ସୁରେନ୍ଦ୍ରସାଏଙ୍କ ଦଳଭୁକ୍ତ ହୋଇଥିଲେ। ସିଙ୍ଘରଘାଟୀ ହାଟିସିଂହ ଓ ତାଙ୍କ ଭାଇ କୁଞ୍ଜଲ ସିଂହଙ୍କ ନେତୃତ୍ୱରେ ଥିଲା। ହାଟିସିଂହ ମହାନଦୀ ପଥରେ ଯାତାୟାତ କରୁଥିବା ଇଂରେଜ-ମାନଙ୍କର ଯୁଦ୍ଧୋପକରଣ ପ୍ରଭୃତି ଲୁଟି ପାହାଡ଼ ଦୁର୍ଗରେ ଜମା କରୁଥିଲେ। କେପ୍‌ଟେନ୍ ସେକ୍‌ସ୍‌ପିୟର୍ ମାନ୍ଦ୍ରାଜୀସେନା ଓ ଅଶ୍ୱାରୋହୀସେନା ସହିତ ସିଙ୍ଘର ଘାଟୀରେ ପହଞ୍ଚି ପାହାଡ଼ ପାଦରେ ତୋପ ଖଞ୍ଜି ପାହାଡ଼ ଉପରକୁ ଗୋଳା ବର୍ଷଣ କରିଥିଲେ। ବିପ୍ଳବୀ ସେନା ପଥରତଳେ ଲୁଚିରହିଥିବା ହେତୁ ସେମାନଙ୍କ ଅଧିକ କ୍ଷତି ହୋଇ ନ ଥିଲା। ଦୈବାତ୍ ତୋପ-ଗୋଳାରେ ଖଣ୍ଡେ ପଥର ଛିଡ଼ି ହାଟିସିଂହଙ୍କ ଗୁଣ୍ଡିରେ ବାଜିଲା। ହାଟିସିଂହଙ୍କୁ ମୂର୍ଚ୍ଛିତ ହୋଇ ପଡ଼ିଯିବା ଦେଖି ଖଇରସିଲ ଭୋଇ ନାମକ ଜଣେ ବିପ୍ଳବୀ ତାଙ୍କୁ ଗୁମ୍ଫା ଭିତରକୁ ନେଇ ଲୁଚାଇ ରଖିଥିଲା। ହାଟିସିଂହଙ୍କ ମୁଣ୍ଡ ପାଇଁ ଇଂରେଜ ସରକାର ଘୋଷଣା କରିଥିଲେ। କେନ୍‌କେନ ନାମକ ଜଣେ ଲୋକ ଗୋଟାଏ ମୃତଲୋକର ମୁଣ୍ଡ କାଟିନେଇ କମିଶ୍ନର ସାହେବଙ୍କୁ ଦେଖାଇ ପାଞ୍ଚପାଲି ଗ୍ରାମ ପୁରସ୍କାର ପାଇଥିଲା।

୧୭। ବୈରିସିଂହ —ଏ ଘେଁସ ଜମିଦାରଙ୍କ ସାନପୁଅ। ସୁରେନ୍ଦ୍ରସାଏ ଏହାଙ୍କ ଜିମା କେତେକ ପାର୍ବତୀୟ ଦୁର୍ଗ ଦେଇଥିଲେ। ଏ ଅନେକ ଯୁଦ୍ଧରୁ ଖସି ଆସିଥିଲେ ଏବଂ ଇଂରେଜ ପକ୍ଷର ବହୁ କ୍ଷତି କରିଥିଲେ। ୧୮୬୦ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଖରସଲ (କନକବୀର) ଦୁର୍ଗ ଅବରୋଧ କରି ସେଠା ଜମି-

ଦାରଙ୍କୁ ଫାଶୀ ଦେଲେ । ତା' ପରେ ଭେଡ଼ନ (ବସାଇକେଲା) ଚଡ଼ାଉ କରି ଯୁବକ ଜମିଦାରଙ୍କୁ ତାଙ୍କ ପିତାଙ୍କ ପରି ଫାଶୀଖୁଣ୍ଟରେ ଝୁଲାଇ ଦେଲେ । ସେଠାରୁ ଫେରିଲା ମାର୍ଗରେ ବୈରାଗୀ ସିଂହଙ୍କୁ ଧରି ପାରି ତାଙ୍କୁ ମଧ୍ୟ ଫାଶୀ ଦେଲେ ।

୧୮ । ମିତ୍ରଭାନୁ ସାଏ—ଏ ସୁରେନ୍ଦ୍ର ସାଏଙ୍କ ଏକମାତ୍ର ପୁତ୍ର । ସୁରେନ୍ଦ୍ରସାଏ ହଜାରୀବାଗକୁ ଗଲା ସମୟରେ ଏକବର୍ଷର ଶିଶୁ ମିତ୍ରଭାନୁସାଏ ତାଙ୍କ ମାମୁଁ ଘରେ ରହିଥିଲେ । ସରକାର ସନ୍ଧାନ ପାଇବାରୁ ରାଜବାଟୀରୁ ତାଙ୍କୁ ବିନା ଦୋଷରେ ପ୍ରାୟ ୧୬ ବର୍ଷ ବୟସରେ ଏରେଷ୍ଟ କରି ଯାବଜ୍ଜୀବନ କାରାବାସ ଦଣ୍ଡାଜ୍ଞା ଦେଇ ହଜାରୀବାଗ ଜେଲକୁ ପଠାଇ ଦେଇଥିଲେ । ସିପାହୀବିଦ୍ରୋହ ଘଟନାରେ ମିତ୍ରଭାନୁ ସାଏ ମୁକ୍ତହୋଇ ବିପ୍ଳବରେ ଯୋଗ ଦେଇଥିଲେ ଏବଂ ଦଣ୍ଡପ୍ରାପ୍ତ ହୋଇ ନାଗପୁର ଆସିରଗଡ଼ରେ ଆବଦ୍ଧ ରହିଥିଲେ । ସୁରେନ୍ଦ୍ରସାଏଙ୍କ ମୃତ୍ୟୁପରେ ୧୮୮୪ ମସିହାରେ ତାଙ୍କ ଶ୍ୱଶୁର ବଣାଇରାଜା ଜୁଆଁଇ ମିତ୍ରଭାନୁସାଏଙ୍କୁ ନିଜ ଜାମିନରେ ଆଣି ବଣାଇ ରାଜବାଟୀରେ ରଖିଥିଲେ । ବଣାଇ ରାଜା ତାଙ୍କୁ ଇନ୍ଦ୍ରମଣିପୁର ନାମକ ଖଣ୍ଡେ ଗ୍ରାମ ଦେଇଥିଲେ । ଖ୍ରୀ: ୧୯୦୬ ମସିହାରେ ମିତ୍ରଭାନୁସାଏ ତାଙ୍କର ରାଣୀ କୃଷ୍ଣ-ପ୍ରିୟାଙ୍କ ଦରଖାସ୍ତରେ ନିଜ ଜନ୍ମଭୂମି ଖିଣ୍ଡାକୁ ୬୮ ବର୍ଷ ବୟସରେ ଫେରିଆସିଥିଲେ । ସେ ପୁତ୍ର ପାଇଁ ସେହି ବୟସରେ ଦ୍ୱିତୀୟ ଦାର ଗ୍ରହଣ କରି ନିଃସନ୍ତାନହେବା ହେତୁ ରାଜପୁର ଜମିଦାର ବଂଶରୁ ଜଣେ ବାଳକକୁ ପୋଷ୍ୟପୁତ୍ର

ଗ୍ରହଣ କରିଥିଲେ । (୧) ଏ ପୁସ୍ତକର ଲେଖକ ତାଙ୍କୁ ରମ୍ପେଲରେ ଦେଖିବା ଓ ତାଙ୍କ ସହିତ ବାର୍ତ୍ତାଳାପ କରିବା ସୁଯୋଗ ପାଇଥିଲି ।

୧୯ । ଗଣେଶ ଉପାଧ୍ୟାୟ—ଏ ସିଂହାବଗା ଗ୍ରାମବାସୀ ଜଣେ ନଗହ ବୃଦ୍ଧବ୍ରାହ୍ମଣ । ତାଙ୍କର ଦୁଇଟି ପୁଅ (ପୁରୁଷୋତ୍ତମ ଓ ପ୍ରପାଦ୍ଧି) ସୁରେନ୍ଦ୍ରସାଏଙ୍କ ସହଚର ଥିଲେ । ଇଂରେଜ-ସରକାର ସମ୍ବାଦ ପାଇ ଉକ୍ତ ବୃଦ୍ଧଙ୍କୁ ପୁତ୍ରମାନଙ୍କ ସନ୍ଧାନ ଜଣାଇବା ପାଇଁ ତାକିଦ୍ କରି ଦେଇଥିଲେ ; କିନ୍ତୁ ସେ ପୁତ୍ରଦ୍ୱୟ ଓ ସୁରେନ୍ଦ୍ରସାଏଙ୍କ ସନ୍ଧାନ କିଛି କହିଲେ ନାହିଁ । ଇଂରେଜ ସରକାର ତାଙ୍କୁ ସେହି ଅପରାଧରେ ଫାଶୀ ଦେଇ-ଥିଲେ । ତାଙ୍କ ବଂଶଧରଗଣ ସିଂହାବଗା ଗ୍ରାମଟି ନିଷ୍କର ଭୋଗ କରି ଆସୁ ଅଛନ୍ତି ।

୨୦ । ଲୋକନାଥ ଗୌନ୍ତିଆ—ଏ ରମ୍ପେଲ, ଅଡ଼ାପଲି, କୁମ୍ଭାରବନ୍ଧ ପ୍ରଭୃତି ଗ୍ରାମର ଗୌନ୍ତିଆ ଥିଲେ । ସୁରେନ୍ଦ୍ରସାଏଙ୍କ ପକ୍ଷ ଛାଡ଼ିବା ପାଇଁ ଇଂରେଜ ସରକାର ଏହାଙ୍କୁ ୧୯ ଗୋଟି ଗ୍ରାମ ଅଧା ରାଜସ୍ୱରେ ଦେଇଥିଲେ । ଏ ସୁରେନ୍ଦ୍ରସାଏଙ୍କ ପକ୍ଷ ଛାଡ଼ି ନ ଥିଲେ । ସୁରେନ୍ଦ୍ରସାଏ ପ୍ରଭୃତି ଧରାଯିବା ସମୟରେ ଇଂରେଜଙ୍କ ପୋଲିସ ଏହାଙ୍କୁ ତାଙ୍କ ଘରଠାରୁ ଏରେଷ୍ଟ କରି ନେଇଥିଲେ । ଏ ମଧ୍ୟ ଯାବଜ୍ଜୀବନ କାରାବାସ ଦଣ୍ଡା-ଦେଶ ପାଇ ରାୟପୁର ଜେଲରେ ରହିଥିଲେ । ସେଠାରେ ଏହାଙ୍କର ମୃତ୍ୟୁ ହୋଇଥିଲା ।

---

(୧) ମିତ୍ରଭାନୁ ସାଏ ୧୯୨୭—ଅକ୍ଟୋବରରେ ଖିଣ୍ଡାରେ ମାନବଲୀଳା ସମ୍ବରଣ କରିଥିଲେ ।

୬୧ । ମୃତ୍ୟୁଞ୍ଜୟ ପାଣିଗ୍ରାହୀ—ଏ ଅର୍ଡ଼ାଗ୍ରାମର ଗୌନ୍ତିଆ ଥିଲେ ଏବଂ ସୁରେନ୍ଦ୍ରସାଏଙ୍କ ବିପ୍ଳବୀ ଦଳରେ ଯୋଗ ଦେଇଥିଲେ । ପୋଲିସ ଏହାଙ୍କୁ ଅର୍ଡ଼ାରୁ ଏରେଷ୍ଟ କରି ନେଇଥିଲେ । ଏ ମଧ୍ୟ ସୁରେନ୍ଦ୍ରସାଏ ପ୍ରଭୃତିଙ୍କ ସହିତ ରାୟପୁର ଜେଲରେ ରହିଥିଲେ ଏବଂ ସେହି ଜେଲରେ ତାଙ୍କର ଦେହାନ୍ତ ହୋଇଥିଲା ।

୬୨ । ପଦ୍ମନ ବା ପଦ୍ମନାଭ ଗୁରୁ—ଏ ସମ୍ବଲପୁର ଗୁରୁବଂଶୀୟ ଥିଲେ । ସୁରେନ୍ଦ୍ରସାଏଙ୍କ ସହିତ ଧୃତ ଓ ଦଣ୍ଡପ୍ରାପ୍ତ ହୋଇଥିଲେ । ମୁଦ୍ଦାଲମାନେ ଯେ ଅପିଲ କରିଥିଲେ, ଏ ସେମାନଙ୍କ ମଧ୍ୟରୁ ଅପିଲରେ ଖଲାସ ପାଇଥିଲେ । ସୁରେନ୍ଦ୍ର-ସାଏଙ୍କ ଅପିଲ ନାମଞ୍ଜୁର ହୋଇଥିଲା ।

୬୩ । ମଧୁ ଗୌନ୍ତିଆ—ଏ ଲୋଇସିଂହା ଜମିଦାରୀର ଜଣେ ଗୌନ୍ତିଆ ଥିଲେ । ଲୋଇସିଂହା ଜମିଦାର ସୁରେନ୍ଦ୍ରସାଏଙ୍କ ଦଳଭୁକ୍ତ ହୋଇ ନ ଥିଲେ । ଉକ୍ତ ଜମିଦାରୀର ଜନସାଧାରଣ ସୁରେନ୍ଦ୍ରସାଏଙ୍କ ବିପ୍ଳବରେ ବିଶେଷ ଭାବରେ ଯୋଗ ଦେଇଥିଲେ । ବିପ୍ଳବୀମାନେ କଟକରୁ ଆଗତ ଇଂରେଜ ସେନାଙ୍କୁ ରେଢ଼ାଖୋଲ ଜଙ୍ଗଲରେ ବ୍ୟତିବ୍ୟସ୍ତ ଓ କ୍ଷତିଗ୍ରସ୍ତ କରିଥିଲେ । ସେମାନେ ହଠାତ୍ ଇଂରେଜ ସେନାଙ୍କୁ ଆକ୍ରମଣ କରି ଯୁଦ୍ଧୋପକରଣ ଲୁଟି ନେଉଥିଲେ । କଟକ କମିଶ୍ନର ମଧ୍ୟ ସେହି ବିପ୍ଳବୀମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଡାକ୍ତର ମୁର୍ ନାମକ ଜଣେ ଇଂରେଜ କଟକରୁ ଆସୁଥିଲା ସମୟରେ ରେଢ଼ାଖୋଲ ଜଙ୍ଗଲରେ ବିପ୍ଳବୀମାନଙ୍କର ହାବୋଡ଼ରେ ପଡ଼ି ପ୍ରାଣ ହରାଇଥିଲେ । ରେଢ଼ାଖୋଲ ରାଜା ଇଂରେଜମାନଙ୍କର ତାଡ଼ନାରେ ଉକ୍ତ ମଧୁ ଗୌନ୍ତିଆଙ୍କୁ ଧରି ଫାଶୀ ଦେଇ "ଖୈରଖାଇ" ହୋଇଥିଲେ ।

୨୪ । ବାଲ୍କ ଦାଶ—ବାଲୁକେଶ୍ୱର ବା ବାଲୁଙ୍କେଶ୍ୱର ଦାଶ । ଏହାଙ୍କର ପିତାଙ୍କ ନାମ ଶମ୍ଭୁଦାଶ । ଶମ୍ଭୁଦାଶ ପୁରୀ ବ୍ରାହ୍ମଣ ଶାସନ ବୀରରାମଚନ୍ଦ୍ରପୁରରୁ ସପରିବାର ସମ୍ବଲପୁର ଅଞ୍ଚଳକୁ ଆସିଥିଲେ । ସେ ପ୍ରଥମତଃ ସୋନପୁର-ବିନକାରେ ରହିଥିଲେ । ସେଠାରେ ତାଙ୍କର ପତ୍ନୀ ମାରି ପଡ଼ିଥିଲେ । ପିତାପୁତ୍ର ସେଠାରୁ ସମ୍ବଲପୁର ରାଜ୍ୟ ଭିତରକୁ ଯାଇଥିଲେ ଏବଂ ଦନ୍ତାନଦୀ କୂଳବର୍ତ୍ତୀ କଳାପାଣି ଗ୍ରାମର ଗୌନ୍ତିଆଙ୍କ ଆଶ୍ରୟ ନେଇଥିଲେ । ସମ୍ବଲପୁର-ପଟ୍ଟଲପାରରେ ବର୍ଗୀ ଅତ୍ୟାଚାର ସମୟରେ ମରହଟ୍ଟା ଦସ୍ୟୁମାନେ କଳାପାଣିରୁ ତରୁଣ ଯୁବକ ବାଲ୍କ ଦାଶଙ୍କୁ ହରଣଚାଲ୍ କରି ନାଗପୁରକୁ ନେଇ ଯାଇ ତାଙ୍କୁ ମହିଷୀଗୋଠର ରକ୍ଷକ କରିଥିଲେ । ସେ କେତେକ ବର୍ଷ ସେଠାରେ ରହି ବାରଶହ ମହିଷୀ ଧରି ପଳାଇ ଆସିଥିଲେ । ସେ ସବୁ ମହିଷୀ ରାଜା ମହାରାଜ ସାଏଙ୍କୁ ଭେଟି ଦେଇଥିଲେ । ରାଜା ତାଙ୍କୁ ଧର୍ମପୁତ୍ର ରୂପେ ଗ୍ରହଣ କରିଥିଲେ । ବାଲ୍କଦାଶ ରାଜାନୁଗ୍ରହ ଓ ନିଜର କର୍ମବଳରେ ୯୬ ଖଣ୍ଡ ଗ୍ରାମ ଦଖଲ ଓ ପ୍ରଚୁର ଅର୍ଥ ଉପାର୍ଜନ କରିଥିଲେ । ତାଙ୍କର ୪ ଭାର୍ଯ୍ୟାଙ୍କ ଗର୍ଭଜାତ ୫ ଗୋଟି ପୁତ୍ର ଥିଲେ । ଗଣ୍ଡମାନେ ବାଲ୍କ ଦାଶଙ୍କ କଣ୍ଟାପାଲି, ତାଲଶ୍ରୀଗିଡ଼ା ଓ ତୋରାସ୍ଥ ଘର ଓ ଗୋଦାମ ପୋଡ଼ିଦେଇ ତୋରାରେ ତାଙ୍କ ମୁଣ୍ଡ କାଟିଥିଲେ । ସୁରେନ୍ଦ୍ରସାଏଙ୍କ ନୀତି ବାଲ୍କ ଦାଶ ସମର୍ଥନ କରିଥିଲେ । ସେ ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଅତ୍ୟାଚାରୀ ଗଣ୍ଡମାନଙ୍କୁ ଦମନ କରିବା କାର୍ଯ୍ୟରେ ହସ୍ତକ୍ଷେପ କରିଥିଲେ । ସୁରେନ୍ଦ୍ରସାଏ ହଜାରୀବାଗ ଜେଲରେ ରହିଥିବା ସମୟରେ—ରାଜା ନାରାୟଣ ସିଂହଙ୍କ ରାଜତ୍ୱ ସମୟରେ

ପାହାଡ଼ଶ୍ରୀଗିଡ଼ା ଜମିଦାର ସୁଯୋଗ ପାଇ ବାଲ୍‌କ ଦାଶଙ୍କ ଘରମାନ ଆକ୍ରମଣ କରିଥିଲା ଏବଂ ତାଙ୍କର ମୁଣ୍ଡ କାଟି ନେଇଥିଲା । ରାଜା ନାରାୟଣ ସିଂହ ବାଲ୍‌କ ଦାଶଙ୍କ ଦୁଇପୁଅ (ନାରାୟଣ ଦାଶ ଓ କୃଷ୍ଣଚନ୍ଦ୍ର ଦାଶ)ଙ୍କୁ ବରଗଡ଼ ଗ୍ରାମ ନିଷ୍କର ଜାଗିରି ସ୍ୱରୂପ ଦେଇଥିଲେ । ( ଲେଖକ ଦ୍ୱାରା ରଚିତ ଓ ପ୍ରକାଶିତ "କର୍ମବୀର ବାଲ୍‌କଦାଶ" ପୁସ୍ତକ ଦ୍ରଷ୍ଟବ୍ୟ) ।

୨୫ । ଦୟାନିଧି ମେହେର —ଏ ନିମକ୍‌ହାରାମର ଅନ୍ୟାନ୍ୟ ନାମ—ସତ୍ୟା, ଭୋଲା ଓ ଜୀବଧନ । ଏ ତନ୍ତୀ (ଭୁଲିଆ) ଜାତୀୟ, ସମ୍ବଲପୁର ସହରବାସୀ । ନିଶାଦ୍ରବ୍ୟ ବିକ୍ରୟ ଏହାର ବ୍ୟବସାୟ ଥିଲା । ଏ ଏକହଜାର ଟଙ୍କା ସରକାରଙ୍କଠାରୁ ପାଇ ସୁରେନ୍ଦ୍ରସାଏ ପ୍ରଭୃତି ଜାତୀୟ ନେତାଗଣଙ୍କୁ ଧରାଇ ଦେଇ ନିର୍ଘୃଣ୍ୟ ବିଶ୍ୱାସଘାତକତାର ଦୃଷ୍ଟାନ୍ତ ରଖିଯାଇଛି । ଇଂରେଜ ସରକାର ଏହାକୁ ତବଲା ଗ୍ରାମ ସହିତ ଆଠ ଶତ ଟଙ୍କା ପୁରସ୍କାର ଦେଇଥିଲେ ।

୨୬ । ଜୟସିଂହ ଦଳନାୟକ—ଏ ଜଣେ ଲଇଡ଼ା ଗ୍ରାମବାସୀ ପ୍ରଜା । ସୁରେନ୍ଦ୍ରସାଏଙ୍କ ବିପ୍ଳବରେ ଯୋଗ ଦେଇଥିଲା । ଝିରଘାଟୀ ଯୁଦ୍ଧରେ ୧୪୦୦ଜଣ ବିପ୍ଳବୀ ସେନା ମଧ୍ୟରୁ ପ୍ରାୟ ଏକ ହଜାର ଜଣ ଇଂରେଜ ପକ୍ଷର ତୋପ ଗୋଳାରେ ପ୍ରାଣ ହରାଇଥିଲେ । ଆତ୍ମରକ୍ଷା ପାଇଁ ଗହ୍ୱର ନ ଥିଲା । ବିପ୍ଳବୀ ସେନା ଶର, ବର୍ଚ୍ଛା ଓ ଖଣ୍ଡା ଧରି ସମ୍ମୁଖ ଯୁଦ୍ଧରେ ପ୍ରାଣୋତ୍ସର୍ଗ କରିଥିଲେ । ଉଦନ୍ତ ସାଏ ଅବଶିଷ୍ଟ ସେନା ସହିତ ଗୁପ୍ତପଥରେ ପଳାଇ ଯାଇଥିଲେ । ମେଜର୍ ବେଟସ୍ ପର୍ବତ ଉପରକୁ ଉଠି ଦେଖିଲେ ଯେ, ସ୍ତୂପାକାର ଶବ ରାଶିରେ ସେହି ସ୍ଥାନ ପୂର୍ଣ୍ଣ ହୋଇଥିଲା । ସେ ଶବ ଯାଞ୍ଚ କରିଥିଲେ;

କିନ୍ତୁ ସୁରେନ୍ଦ୍ର ବା ଉଦନ୍ତଙ୍କର ଶବ ପାଇଲେ ନାହିଁ । ସେ ବିଫଳ ହୋଇ କ୍ରୋଧରେ କେତେଗୁଡ଼ାଏ ଶବର ମୁଣ୍ଡ କାଟି ବୃକ୍ଷ ଶାଖାମାନଙ୍କରେ ଝୁଲାଇ ରଖି ସେ ସ୍ଥାନରୁ ଚାଲି ଯାଇଥିଲେ । କେତେକ ମୁମୂର୍ଷୁ ବିପ୍ଳବୀ ଶବସ୍ତୂପରେ ଚାପା ପଡ଼ିଥିଲେ । ଜୟସିଂହ ଦଳନାୟକ ସେମାନଙ୍କ ମଧ୍ୟରେ ଜଣେ । ସେ ଇଂରେଜ ସେନାପତିର ସେହି ପୈଶାଚିକ କାଣ୍ଡ ଦେଖିଥିଲା । ଦଳନାୟକ ତିନି ଦିନ ପର୍ଯ୍ୟନ୍ତ ଶବସ୍ତୂପ ଭିତରେ ପଡ଼ି ଘୁଷୁଡ଼ି ଘୁଷୁଡ଼ି ପର୍ବତରୁ ତଳକୁ ଓହ୍ଲାଇଥିଲା । ସେ ସୁରେନ୍ଦ୍ର ସାଏଙ୍କୁ ଇଂରେଜ ସେନାପତିର ଉକ୍ତ ପାଶବିକ କାଣ୍ଡ କହିଥିଲା ।

୨୭ । ଧର୍ମସିଂହ—ଏ ବୀରେନ୍ଦ୍ର ସୁରେନ୍ଦ୍ରସାଏଙ୍କ ପିତା । ଏ ସାତ ପୁତ୍ର ଓ ଏକ କନ୍ୟା ଲାଭ କରିଥିଲେ । ଏ ଜଣେ ଧର୍ମପରାୟଣ ଓ ଶାନ୍ତପ୍ରକୃତିକ ବ୍ୟକ୍ତି ଥିଲେ ।

୨୮ । ରମାଇଦେବ—ରାମଦେବ ବା ରାମଚନ୍ଦ୍ରଦେବ । ଏ କୋଶଳର ଚୌହାଣ ରାଜବଂଶର ପ୍ରଥମ ପୁରୁଷ । ଖଡ଼ିଆଳ, ସମ୍ବଲପୁର, ସୋନପୁର, ବରପାଲି, ଖିଣ୍ଡା, ରାଜପୁର ଓ ଝାରଶୁଗୁଡ଼ା ଚୌହାଣମାନେ ରମାଇଦେବ (ପାଟଣାର ପ୍ରଥମ ଚୌହାଣ ରାଜା) ଙ୍କର ବଂଶଧର । ଏ ପାଟଣାରୁ "ଆଠମଲ୍ଲିକ" ଶାସନର ଉଚ୍ଛେଦ କରି ଚୌହାଣ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହାଙ୍କ ମାତା ଗଡ଼ସମ୍ବର ରାଜ୍ୟରୁ ଆସି ପାଟଣାରାଜ୍ୟାନ୍ତର୍ଗତ ରାମୋଡ଼ଗଡ଼ ଜମିଦାରଙ୍କ ଗୃହରେ ଆଶ୍ରୟ ନେଇଥିଲେ । ତାଙ୍କୁ ପାଟଣା ରାଜପୁରୋହିତ ଆପଣା ଘରକୁ ନେଇ ଯାଇ-ଥିଲେ । ତାଙ୍କର ପ୍ରତିଷ୍ଠିତ ବେଦୀ ପାଟଣାଗଡ଼ରେ ଅଛି ଏବଂ ପାଟଣା ରାଜାମାନେ ସେହି ବେଦୀରେ ଅଭିଷେକ କାର୍ଯ୍ୟ ସାଧନ କରି ଆସୁଅଛନ୍ତି ।

୨୯ । ବଳିଆର ସିଂହ—ଏ ହୀରାଖଣ୍ଡ ସାମ୍ରାଜ୍ୟର ପ୍ରତିଷ୍ଠାତା । ପୁରୀ ଗଜପତି ମୁକୁନ୍ଦଦେବ ଏହାଙ୍କ ଶୌର୍ଯ୍ୟର ପରିଚୟ ପାଇ ଏହାଙ୍କୁ "ହୀରାଖଣ୍ଡଛତ୍ରପତି" ଉପାଧି ଓ "ମେଘାଡ଼ମ୍ବର ଛତ୍ର" ସହିତ ସ୍ୱୀୟ ଭଗ୍ନୀଙ୍କୁ ପ୍ରଦାନ କରିଥିଲେ । ଏ ସମ୍ବଲପୁର ଚୌହାଣ ରାଜବଂଶର ଶ୍ରେଷ୍ଠତମ ରାଜା ଥିଲେ ।

୩୦ । ପୃଥ୍ୱୀରାଜ—ଏ ଭାରତର ଶେଷ ସ୍ୱାଧୀନ ହିନ୍ଦୁ ସମ୍ରାଟ୍ । ଏ ତାଙ୍କ ମାତାମହ ଅନଙ୍ଗପାଳଙ୍କ ପରେ ଦିଲ୍ଲୀସିଂହାସନ ଲାଭ କରିଥିଲେ । କୋଶଳର ପାଟଣା ଚୌହାଣ ରାଜବଂଶ ଗଡ଼-ସମ୍ବର ଚୌହାଣବଂଶୀୟ । ପୃଥ୍ୱୀରାଜ ଆଜମିର ଚୌହାଣ ରାଜବଂଶରୁ ଦିଲ୍ଲୀକୁ ଯାଇଥିଲେ । ଏଣୁ ତାଙ୍କୁ ପାଟଣା ଚୌହାଣ ବଂଶର ପୂର୍ବପୁରୁଷ ବୋଲି କୁହାଯାଇଅଛି । କାନ୍ୟକୁବ୍ଜ ପତି ଜୟଚନ୍ଦ୍ରର ପରଶ୍ରୀକାତରତା ଓ ପ୍ରତିହିଂସାପରାୟଣତାର ସୁଯୋଗରେ ଆଫଗାନ ବାଦ୍‌ଶାହ ମହମ୍ମଦ ଘୋରୀ ଭାରତ ଆକ୍ରମଣ କରି କପଟ ମୈତ୍ରୀ ଦେଖାଇ ଏହାଙ୍କୁ ବନ୍ଦୀ ଓ ହତ୍ୟାକରିଥିଲେ । ପୃଥ୍ୱୀରାଜଙ୍କ ପତନ ଦିନରୁ ୭୫୪ ବର୍ଷ ପର୍ଯ୍ୟନ୍ତ ଭାରତର ସ୍ୱାଧୀନତା-ସୂର୍ଯ୍ୟ ଅସ୍ତମିତ ହୋଇଥିଲା । ଜନଜାଗରଣର ଫଳରେ ମହାତ୍ମାଗାନ୍ଧୀଙ୍କଦ୍ୱାରା ୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତର ସ୍ୱାଧୀନତା-ସୂର୍ଯ୍ୟ ପୁନରୁଦିତ ହୋଇଅଛି ।

୩୧ । ମାଳାମ୍ବର ସିଂହ ଦାଉ— ଏ ଲକ୍ଷ୍ମଣପୁର ଜମିଦାର କମଳ ସିଂହ ଦାଉଙ୍କର ଭାଇ ଓ ସୁରେନ୍ଦ୍ରସାଏଙ୍କ ବିପ୍ଳବୀ ସେନାର ଅନ୍ୟତମ ସେନାପତି ଥିଲେ ।

—୦—

ମୁଦ୍ରାକର— ଶ୍ରୀ ଚିନ୍ତାମଣି ମିଶ୍ର, ନବଜୀବନ ପ୍ରେସ, କଟକ-୨

# ଶୁଦ୍ଧିପତ୍ର

| ପୃଷ୍ଠାଙ୍କ | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୨ | ୧୭ | ପଠାଉଥିଲେ | ପଠାଇଥିଲେ |
| ୭ | ୪ | ଅପୁତ୍ରିକ | ଅପୁତ୍ରକ |
| ୮ | ୨୨ | ଚନ୍ଦ୍ରପାଣି ମିଶ୍ର | ଗଙ୍ଗାଧର ମିଶ୍ର |
| ୯ | ୧୭ | ଗୃଜତ୍ୱ | ରାଜତ୍ୱ |
| ୧୧ | ୮ | ଭଇଜାଜାଙ୍ଗାପୁ | ଭଇନାଜାଙ୍ଗାପୁ |
| ୧୧ | ୯ | ଭଇଜା | ଭଇନା |
| ୧୨ | ୨ | ସଜି | ସଂଜ |
| ୧୪ | ୨ | ବାର୍ଦ୍ଧା | ଖର୍ଦ୍ଧା |
| ୧୪ | ୩ | ବାର୍ଦ୍ଧାକୁ | ଖର୍ଦ୍ଧାକୁ |
| ୧୬ | ୧୬ | ସମ୍ରାଜ୍ୟ | ସାମ୍ରାଜ୍ୟର |
| ୨୦ | ୧ | ଦୁର୍ଗକରେ | ଦୁର୍ଗବରେ |
| ୨୨ | ୯ | ଗ୍ରୌହାଣ | ଚୌହାଣ |
| ୨୨ | ୧୫ | ଗ୍ରୌହାଣ | ଚୌହାଣ |
| ୨୩ | ୨୩ | ରାଧଧାନୀର | ରାଜଧାନୀର |
| ୨୫ | ୧୫ | ଚୌହାଣୀ ବୀର | ଚୌହାଣବୀର |
| ୨୫ | ୧୯ | "ହୀରାଖଣ୍ଡ ସାମ୍ରାଜ୍ୟର" | "ହୀରାଖଣ୍ଡ ସାମ୍ରାଜ୍ୟ"ର |
| ୨୭ | ୨୧ | ରହିଅଛନ୍ତି | ରହିଅଛି |
| ୨୯ | ୧୨ | ପାକ | ପାବ |
| ୩୧ | ୧୮ | କଉଡ଼ | କରଡ଼ |

| ପୃଷ୍ଠାଙ୍କ | ପଂକ୍ତି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୩୧ | ୨୧ | କଉଡ଼ | କରଡ଼ |
| ୩୪ | ୨୦ | ଦମ୍ପତିଙ୍କର | ଦମ୍ପତ୍ତିଙ୍କର |
| ୩୭ | ୨୪ | ରଘୁନଥ | ରଘୁନାଥ |
| ୩୯ | ୭ | ଗଣ୍ଡମାରୁ | "ଭଣ୍ଡମାରୁ" |
| ୩୯ | ୧୮ | ଦେଇଥିଲେ | ନେଇଥିଲେ |
| ୪୨ | ୨୧ | ସସ୍ଥ | ସଏ |
| ୪୩ | ୪ | ଗୁମ୍‌ନର୍‌ହା | ଗୁମ୍‌ଦର୍‌ହା |
| ୪୪ | ୨୦ | ଅପୁତ୍ରିକ | ଅପୁତ୍ରକ |
| ୪୫ | ୨୦ | ମାତାମହଙ୍କୁ | ମାତାମହଙ୍କ |
| ୪୭ | ୪ | ମହାରାଜା | ମହାରାଜ |
| ୪୯ | ୧୧ | ପ୍ରଜ୍ଜ୍ୱଳିତ | ପ୍ରଜ୍ୱଳିତ |
| ୫୩ | ୨୦ | ଘାଟରେ | ଘାଟିରେ |
| ୫୭ | ୨୨ | ଅପୁତ୍ରିକ | ଅପୁତ୍ରକ |
| ୭୧ | ୧ | ଧାସ | ଆସ |
| ୯୭ | ୩ | ବୃଦ୍ଧର | ବୃଦ୍ଧ |
| ୯୮ | ୧୭ | ମେହେରଙ୍କୁ | ମେହେରଙ୍କ |
| ୧୨୯ | ୨ | ରଘୁନା ସିଂହ | ରଘୁନାଥ ସିଂହ |
| ୧୪୫ | ୧୩ | ରଖିବେବେ | ରଖିବେ |